# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୨୬/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, June 26/2019 | ★★★★

୪୫ଶ ଭାଗ ୨୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ଦବଙ୍ଗ ୩'ରେ ସୋନାକ୍ଷୀ**

'ଦବଙ୍ଗ ୩'ରେ ତ୍ରିକୋଣୀୟ ପ୍ରେମ ନାହିଁ ବୋଲି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ପ୍ରକାଶ କରିଛନ୍ତି।

୦୭

୧୪

**ଫିଞ୍ଚଙ୍କ ଶତକ**

ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଅଧିନାୟକ ଆରୋନ୍ ଫିଞ୍ଚ୍ ଚଳିତ ଆଇସିସି ବିଶ୍ୱକପ୍ ଟୁର୍ନାମେଣ୍ଟରେ ତାଙ୍କର ଦ୍ୱିତୀୟ ଶତକ ଇଂଲଣ୍ଡ ବିପକ୍ଷରେ ହାସଲ କରିଛନ୍ତି।



■ ବିଦ୍ୟୁତ୍ ମରାମତି ଇଞ୍ଜିନ ସହ ଧକ୍କା

# ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ, ୩ ମୃତ



ବିଦ୍ୟୁତ୍ ମରାମତି ଇଞ୍ଜିନ୍ ସହ ଧକ୍କା ପରେ ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ ଲାଗିଥିବା ନିଆଁ ।

**ରାୟଗଡା ଅଫିସ୍, ୨୫।୬**

■ ୪ କର୍ମଚାରୀ ସସ୍‌ପେଣ୍ଡ

■ କୋରାପୁଟ-ରାୟଗଡା ରେଳ ରୁଟ୍‌ରେ ଟ୍ରେନ ଚଳାଚଳ ବନ୍ଦ

ରାୟଗଡା ଜିଲା ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନ ମଧ୍ୟରେ ମଙ୍ଗଳବାର ଘଟିଛି ମର୍ମନ୍ତୁଦ ରେଳ ଦୁର୍ଘଟଣା। ହାଓଡା-ଜଗଦଳପୁର ସମଲେଶ୍ୱରୀ ଏକ୍ସପ୍ରେସ ଓ ଏକ ବିଦ୍ୟୁତ୍ ଲାଇନ୍ ମରାମତି ଟ୍ରେନ ମଧ୍ୟରେ ହୋଇଛି ଧକ୍କା। ଦୁର୍ଘଟଣା ପରେ ଉଭୟ ଟ୍ରେନର ଇଞ୍ଜିନରେ ନିଆଁ ଲାଗିଯିବାରୁ ୩ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଟେକ୍ନିସିଆନ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲାର କେ. ସୁରେଶ, ରାୟଗଡ଼ାର ବରିଷ୍ଠ ସେକ୍ସନ ବିଦ୍ୟୁତ୍ ଇଞ୍ଜିନିୟର ସାଗର ଓ ବିଦ୍ୟୁତ୍ ଟେକ୍ନିସିଆନ ଗୌରୀ ନାଇଡୁ। ଦୁର୍ଘଟଣା ପରେ କୋରାପୁଟ-ରାୟଗଡା ରେଳ ରୁଟ୍‌ରେ ସମସ୍ତ ଟ୍ରେନ ଚଳାଚଳ ବନ୍ଦ ରହିଛି। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ କେଉଟଗୁଡ଼ା ଓ ସିଙ୍ଗାପୁର ରୋଡ଼ ୪ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ସେମାନେ ହେଲେ କେଉଟଗୁଡ଼ା ଷ୍ଟେଶନ ମାଷ୍ଟର ଏସ୍. ଟପ, ଏଲ୍. ସନ୍ତୋଷ, ସିଙ୍ଗାପୁର ରୋଡ ସୁପରିଣ୍ଟେଣ୍ଡେଣ୍ଟ ଭୁବନୀ ପ୍ରଧାନ ଓ କ୍ୟାବିନ୍ ଇନ୍‌ଚାର୍ଜ ଶେଖର ଗୁପ୍ତା। ଘଟଣାସ୍ଥଳରେ ରେଳପଥର ଉଚ୍ଚପଦସ୍ଥ ଅଧିକାରୀମାନେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। କେବଳ ଇଞ୍ଜିନରେ ନିଆଁ ଲାଗିଥିବାରୁ ଏହାକୁ ଯାତ୍ରୀଙ୍କ ବଗିଠାରୁ ସମ୍ପୂର୍ଣ୍ଣ ଅଲଗା କରି ଦିଆଯାଇଛି। ଘଟଣାସ୍ଥଳରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି।

ଅପରାହ୍ନ ୪ଟା ୧୫ରେ ସମଲେଶ୍ୱରୀ ଏକ୍ସପ୍ରେସ ରାୟଗଡା ଷ୍ଟେଶନ୍‌ରୁ ବାହାରିଥିଲା। ଏହାପରେ ସିଙ୍ଗାପୁର ରୋଡ ଷ୍ଟେଶନ୍‌ରେ ଅଟକି ଜଗଦଳପୁର ଅଭିମୁଖେ ଯାତ୍ରା କରିଥିଲା। ହେଲେ ସମଲେଶ୍ୱରୀ ଏକ୍ସପ୍ରେସକୁ ଯେଉଁ ଲାଇନ୍‌ରେ ଛଡାଯାଇଥିଲା ସେହି ଲାଇନ୍‌ରେ ହିଁ ୪୦ମିନିଟ୍ ପୂର୍ବରୁ ଏକ ମରାମତି ଟ୍ରେନ୍‌କୁ ଛଡାଯାଇଥିଲା। ଉକ୍ତ ଟ୍ରେନ ସିଙ୍ଗାପୁର ରୋଡ ଷ୍ଟେଶନ୍‌ରୁ ରେଳ ଧାରଣା ବିଦ୍ୟୁତ୍ ମରାମତି ପାଇଁ ଯାଇଥିଲା। ସେଥିରେ ଜଣେ ଡ୍ରାଇଭର, ଜଣେ ସହାୟକ ସହକାରୀ ଡ୍ରାଇଭର ଓ ୫ଜଣ ବିଦ୍ୟୁତ୍ ମରାମତି କର୍ମଚାରୀ ଥିଲେ। କର୍ମଚାରୀମାନେ ରେଳଧାରଣାରେ ବିଦ୍ୟୁତ୍ କାମ କରୁଥିବା ବେଳେ ଅଙ୍ଗୁର ଗାଁ ନିକଟରେ ସମଲେଶ୍ୱରୀ ଏକ୍ସପ୍ରେସ ଦ୍ରୁତଗତିରେ ଆସି ତାକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ମରାମତି ଟ୍ରେନ ଓ ଅନ୍ୟାନ୍ୟ ବଗି କିଛି ଦୂର ପର୍ଯ୍ୟନ୍ତ ଠେଲି ହୋଇ ଚାଲିଯାଇଥିଲା। ଏହାପରେ ସମଲେଶ୍ୱରୀ ଇଞ୍ଜିନ ଏବଂ ମରାମତି ଟ୍ରେନ ଲାଇନ୍‌ଚ୍ୟୁତ ହୋଇଯାଇଥିଲା। ଲାଇନ୍‌ଚ୍ୟୁତ ହେବାର ମାତ୍ର କେଇ ମିନିଟ୍ ମଧ୍ୟରେ ଶର୍ଟସର୍କିଟ ଘଟି ଅଗ୍ନିକାଣ୍ଡ ହୋଇଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ, ଉଭୟ ଟ୍ରେନର ଇଞ୍ଜିନ ଜଳି ଛାରଖାର ହୋଇଯାଇଛି। ଦୀର୍ଘସମୟ ପର୍ଯ୍ୟନ୍ତ ଏହି ନିଆଁ ଲାଗି ରହିଥିଲା। ଖବରପାଇ ରାୟଗଡା ଓ କୋଲନରାରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୀର୍ଘ ଏକ ଘଣ୍ଟାରୁ ଅଧିକ ସମୟ ପରେ ନିଆଁ ଆୟତ୍ତକୁ ଆସିଥିଲା। ଧକ୍କା ହେବା ଯୋଗୁ ମରାମତି ଟ୍ରେନରେ ଥିବା ୩ ଜଣ କର୍ମଚାରୀ ସେଥିରେ ଚାପି ହୋଇଯାଇଥିଲେ। ସମଲେଶ୍ୱରୀ ଟ୍ରେନରେ ଯାତ୍ରା କରୁଥିବା ଶତାଧିକ ଯାତ୍ରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଥିଲେ। ଦୁର୍ଘଟଣା ପରେ ଅଧିକ ଭୟଭୀତ ହୋଇପଡିଥିଲେ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ ଯାତ୍ରୀ। ଅନ୍ୟ ଯୁବ ଯାତ୍ରୀମାନେ ସେମାନଙ୍କୁ ଟ୍ରେନରୁ ଓହ୍ଲାଇବାରେ ସହାୟତା କରିଥିଲେ। ଯାତ୍ରୀମାନେ ଅଟୋରିକ୍ସା ଓ ବସ୍ ଯୋଗେ ରାୟଗଡା ଆସିଥିଲେ। ସୂଚନା ମିଳିବାପରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଶ୍ରବଣ ବିବେକ ଏମ୍. ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନଙ୍କ ସହିତ ପୋଲିସ, ସିଆର୍‌ପିଏଫ୍ ଯବାନ୍ ଯାଇ ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ରେଳ ବିଭାଗ ପକ୍ଷରୁ ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନ୍ ମାଷ୍ଟରଙ୍କୁ ନିଲମ୍ବନ କରାଯାଇଛି। ଏଣେ ବିଶାଖପାଟଣା ଡିଆର୍‌ଏମ୍ ଚେତନ ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନକାରୀ ଟିମ୍ ରାତିରେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସେହିଭଳି କୋଲକତାରୁ ରେଲୱେ ସୁରକ୍ଷା କମିଶନରଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନ ଟିମ୍ ଆସୁଥିବା ସୂଚନା ମିଳିଛି। ଟ୍ରେନରେ ପ୍ରାୟ ୩୦୦ଜଣ ଯାତ୍ରୀ ରହିଥିବା ଜଣାଯାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବିଳମ୍ବରେ ରିଲିଫ୍ ଟ୍ରେନ୍ ପହଞ୍ଚିବା ପରେ ସମଲେଶ୍ୱରୀ ଟ୍ରେନର ସମସ୍ତ ବଗିକୁ ଇଞ୍ଜିନରୁ ଅଲଗା କରାଯାଇ ରାୟଗଡା ଅଣାଯାଇଥିଲା। ଅନ୍ଧାର ହେବା ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଥିବା ପରିଲକ୍ଷିତ ହୋଇଥିଲା। ଅପରପକ୍ଷରେ ରେଳ ବିଭାଗ ଭୁଲ ସିଗ୍ନାଲ ଦେଇ ସମଲେଶ୍ୱରୀ ଏକ୍ସପ୍ରେସକୁ ଛାଡିବା ଯୋଗୁ ଦୁର୍ଘଟଣା ଘଟିଥିବା ଜଣାଯାଇଛି। ଅନ୍ୟପଟେ ଦୁର୍ଘଟଣା ପରେ କୌଣସି ରେଳ କର୍ମଚାରୀଙ୍କ ଦର୍ଶନ ମିଳି ନ ଥିଲା। ଅତି ନିକଟରେ ରାୟଗଡା ଷ୍ଟେଶନ୍ ଥିବା ସତ୍ତ୍ୱେ ଦୁର୍ଘଟଣା ରିଲିଫ୍ ଟ୍ରେନ ଘଟଣାସ୍ଥଳକୁ ପଠାଯାଇ ନ ଥିଲା। ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କର ଉଚିତ୍ ଚିକିତ୍ସା କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ରାୟଗଡ଼ା ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଯୋଡ଼ାରେ ନାବାଳିକାଙ୍କୁ ଗଣବଳାତ୍କାର

**ଯୋଡ଼ା, ୨୫।୬(ଡି.ଏନ.ଏ.)**

■ ଥାନାରେ ୬ ଅଟକ, ତଦନ୍ତ ଜାରି

■ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

କେନ୍ଦୁଝର ଜିଲା ଯୋଡ଼ା ସହରରେ ସୋମବାର ସନ୍ଧ୍ୟାରେ ଘଟିଯାଇଛି ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ୬ରୁ ଊର୍ଦ୍ଧ୍ୱ ଯୁବକ ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ପୀଡ଼ିତା ନାବାଳିକା ଗୁରୁତର ଅବସ୍ଥାରେ ଏବେ ଟାଟା ଷ୍ଟିଲ ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏଭଳି ଅପରାଧ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଛି। ସମସ୍ତ ଅଭିଯୁକ୍ତମାନେ ନାବାଳକ ବୋଲି ସନ୍ଦେହ କରାଯାଉଛି। ମଙ୍ଗଳବାର ପୋଲିସ ଘଟଣାର ତଦନ୍ତ କରି ୬ଜଣଙ୍କୁ ସନ୍ଦେହରେ ଥାନାରେ ଅଟକ ରଖିଛି।

ବଡ଼ବିଲ ଏସଡିପିଓ ଦିଲୀପ କୁମାର ବାଗ ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି ଯେ, ସୋମବାର ସନ୍ଧ୍ୟାରେ ନାବାଳିକା ଜଣକ ସ୍ଥାନୀୟ ଲକ୍ଷ୍ମୀ ପଡ଼ିଆ ନିକଟସ୍ଥ ରାସ୍ତାକଡ଼ରେ ଠିଆ ହୋଇ ତାଙ୍କର ଜଣେ ବନ୍ଧୁଙ୍କ ସହିତ ଗପୁଥିଲେ। ସ୍ଥାନୀୟ ଅଞ୍ଚଳର ୬ରୁ ୭ଜଣ ଯୁବକ ସେମାନଙ୍କୁ ପ୍ରେମୀଯୁଗଳ ବୋଲି ସନ୍ଦେହ କରି ପଚରାଉଚରା କରି ଯୁବକଙ୍କୁ ଏକ ଗଛରେ ବାନ୍ଧି ପକାଇ ମାରଧର କରିଥିଲେ। ଘରକୁ ଯାଇ ପରିବାର ଲୋକଙ୍କୁ ଡାକି ନ ଆଣିଲେ ନାବାଳିକାଙ୍କୁ ଛଡ଼ାଯିବ ନାହିଁ ବୋଲି ସେମାନେ କହିଥିଲେ। ଏଥିରେ ନାଚାର ହୋଇ ଯୁବକ ଜଣକ ନାବାଳିକାଙ୍କୁ ଛାଡ଼ି ତାଙ୍କ ମାମୁଙ୍କୁ ଡାକି ଆଣିବାକୁ ଚାଲି ଯାଇଥିଲେ। ଏହାପରେ ଅଭିଯୁକ୍ତମାନେ ନାବାଳିକାଙ୍କୁ ରାସ୍ତା ପାର୍ଶ୍ୱ ଜଙ୍ଗଲକୁ ନେଇ ଗଣବଳାତ୍କାର କରିଥିଲେ। ପୀଡ଼ିତା ଚେତା ହରାଇ ବସିବାରୁ ସେମାନେ ତାଙ୍କୁ ଛାଡ଼ି ପଳାଇଯାଇଥିଲେ। ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ବିଳମ୍ବିତ ରାତିରେ ସେମାନେ ଲକ୍ଷ୍ମୀପଡ଼ିଆ ନିକଟ ରାସ୍ତାଠାରୁ ଅନତିଦୂରରେ ଏହି ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡ଼ିରହିଥିବା ଦେଖି ପାଣି ଛାଟି ଚେତା ଫେରାଇବା ପରେ ଘରକୁ ନେଇଆସିଥିଲେ। ଅବସ୍ଥା ଗୁରୁତର ହେବାରୁ ଭୋର ସମୟରେ ପୀଡ଼ିତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ପ୍ରାଥମିକ ତଦନ୍ତ ବେଳେ ପୋଲିସକୁ ଏହି ସୂଚନା ମିଳିଥିବା ଏସଡିପିଓ କହିଛନ୍ତି।

ସୋମବାର ରାତିରେ ଘଟିଥିବା ଗଣବଳାତ୍କାର ଘଟଣା ମଙ୍ଗଳବାର ସକାଳେ ପ୍ରଚାରିତ ହେବାପରେ ସହରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏକ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ବିଭିନ୍ନ ଦିଗକୁ ତର୍ଜମା କରି ତଦନ୍ତ ଆରମ୍ଭ କରିଥିଲା। ପରେ ଲକ୍ଷ୍ମୀପଡ଼ିଆ ଅଞ୍ଚଳର ୬ଜଣଙ୍କୁ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ଧରିଆଣି ଥାନାରେ ଅଟକ ରଖି ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି। ପୀଡ଼ିତାଙ୍କ ପରିବାର ଗଣବଳାତ୍କାର ଘଟଣା ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୧୦୦/୧୯)ରୁଜୁ କରିଥିବା ଏସଆଇ ସୁନୀଲ ସୋରେନ ସୂଚନା ଦେଇଛନ୍ତି। ପୀଡ଼ିତାଙ୍କ ଶାରୀରିକ ଓ ମାନସିକ ସ୍ଥିତି ଭଲ ନ ଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ବର୍ତ୍ତମାନ ସେ କୌଣସି ପ୍ରତିକ୍ରିୟା ଦେବା ସ୍ଥିତିରେ ନାହାନ୍ତି। ଚିକିତ୍ସା ପରେ ସୁସ୍ଥ ହେଲେ ତାଙ୍କ ବୟାନ ରେକର୍ଡ କରାଯିବ। ଅନ୍ୟପକ୍ଷରେ ଥାନାରେ ଅଟକ ଥିବା ଅଭିଯୁକ୍ତମାନେ ନାବାଳକ ବୋଲି ସନ୍ଦେହ କରାଯାଉଥିବାରୁ ସେମାନଙ୍କ ବୟସ ପ୍ରମାଣପତ୍ର ଯାଞ୍ଚ କରାଯାଉଛି ବୋଲି ପୋଲିସ କହିଛି।

**ଜଗତ୍‌ସିଂହପୁରରେ ହେବ ପ୍ଲାଷ୍ଟିକ୍ ପାର୍କ**
........୧୩........

**ଆସିବ ଜାତୀୟ ନୀତି କର୍ମଚାରୀଙ୍କ ଭଳି ସୁବିଧା ପାଇବେ ଘରୋଇ ସହାୟକ**
........୧୩........

■ ବିଏସ୍‌କେୱାଇ

## ମହିଳାଙ୍କ ବାର୍ଷିକ ସ୍ୱାସ୍ଥ୍ୟ ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସହାୟତା ମିଳିବ। ପୂର୍ବରୁ ଏହି ସୁବିଧା ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଓଡ଼ିଶା ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ପ୍ରାରମ୍ଭରେ ମଙ୍ଗଳବାର ରାଜ୍ୟପାଳ ଗଣେଶୀ ଲାଲଙ୍କ ଅଭିଭାଷଣରୁ ଏହା ଜଣାପଡିଛି। ବିଏସ୍‌କେୱାଇ ଆରମ୍ଭ ବେଳେ ମହିଳାଙ୍କ ପାଇଁ ୫ ଲକ୍ଷ ଟଙ୍କାର ବାର୍ଷିକ ସହାୟତା ରଖାଯାଇଥିଲା। ହେଲେ ମାଲକାନଗିରିର ଜନୈକ ମହିଳା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ମହିଳାଙ୍କ ସ୍ୱାସ୍ଥ୍ୟ ସହାୟତା ରାଶି ବୃଦ୍ଧି କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅନୁରୋଧ ପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରାଇଥିଲେ।

ସୂଚନାଯୋଗ୍ୟ, ବିଏସ୍‌କେୱାଇରେ ଅନ୍ୟମାନଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବାର ନିୟମ ରହିଛି। ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ। ରାଜ୍ୟ ସରକାରଙ୍କ ଏହା ଏକ ନିଜସ୍ୱ ଯୋଜନା। ଅନୁରୂପଭାବେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ରହିଛି। ହେଲେ ଏହି ଯୋଜନା ଓଡ଼ିଶାରେ ଏଯାବତ୍ ଲାଗୁ ହୋଇନାହିଁ। ନିକଟରେ କେନ୍ଦ୍ର -ରାଜ୍ୟର ପ୍ରଶାସନିକ ଅଧିକାରୀ ଉଭୟ ଯୋଜନା ସମ୍ମିଶ୍ରଣ ନେଇ ପ୍ରାଥମିକ ଆଲୋଚନା କରିଛନ୍ତି।


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ଆସନ୍ତା ୪୪ ବର୍ଷ ପରେ

**ଆଜିର ମନ୍ତବ୍ୟ**

"ଜୟ୍ ଶ୍ରୀରାମ କହିବାକୁ କାହାକୁ ବାଧ କରିବା ଅନୁଚିତ।
—ମୁଖ୍‌ତାର ଅବ୍ବାସ ନକ୍‌ଭୀ, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

୨୦୧୫-୧୭ ମଧ୍ୟରେ ଯଥାକ୍ରମେ ୨.୩୩ ଲକ୍ଷ, ୪.୨୭ ଲକ୍ଷ ଏବଂ ୪.୯୫ ଲକ୍ଷ ଲୋକ ଚିକିତ୍ସା ଲାଗି ବିଦେଶରୁ ଭାରତ ଆସିଛନ୍ତି।
– କେନ୍ଦ୍ର ଟ୍ୟୁରିଜିମ୍ ମନ୍ତ୍ରଣାଳୟ

# ସ୍ୱାସ୍ଥ୍ୟ ସୂଚକାଙ୍କ: ତଳକୁ ଖସିଲା ଓଡ଼ିଶା

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

**ନୀତି ଆୟୋଗ ରିପୋର୍ଟ**

■ ୧୮ରୁ ୧୯ ସ୍ଥାନକୁ ଆସିଲା

■ କେରଳ ପ୍ରଥମ

■ ବିହାର, ୟୁପି ସବୁଠୁ ପଛରେ

ଜାତୀୟ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶା ତଳକୁ ଖସିଛି। ଦେଶର ୨୧ଟି ବଡ଼ ରାଜ୍ୟକୁ ନେଇ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ନୀତି ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା କ୍ରମାଙ୍କରେ ଚଳିତ ବର୍ଷ ଓଡ଼ିଶା ୧୯ ସ୍ଥାନରେ ରହିଛି। ଗତବର୍ଷ ରାଜ୍ୟ ୧୮ ସ୍ଥାନରେ ରହିଥିଲା। ନୀତି ଆୟୋଗଙ୍କ 'ହେଲ୍‌ଦି ଷ୍ଟେଟ୍‌ସ, ପ୍ରୋଗେସିଭ୍ ଇଣ୍ଡିଆ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶନ ପରେ ଏହା ଜଣାପଡିଛି। ଏହି ସଂସ୍କରଣରେ ୨୦୧୫-୧୬(ମୂଳବର୍ଷ)ରୁ ୨୦୧୭-୧୮(ରେଫେରେନ୍ସ ବର୍ଷ) ଆର୍ଥିକ ବର୍ଷକୁ ବିଚାରକୁ ନିଆଯାଇଛି। ଏହି ବର୍ଷଗୁଡିକରେ ଓଡ଼ିଶା ସ୍ୱାସ୍ଥ୍ୟ ସୁବିଧାରେ କୌଣସି ଉନ୍ନତି ଦେଖାଇ ନ ଥିବା ଉଲ୍ଲେଖ କରାଯାଇଛି। ରାଜ୍ୟର ଇନ୍‌କ୍ରିମେଣ୍ଟାଲ ପ୍ରଦର୍ଶନ ବିୟୁକ୍ତାତ୍ମକ -୩.୪୬ ରହିଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ବିଭାଗ ଓ ରାଜ୍ୟ ପ୍ରଶାସନ ମିଳିତଭାବେ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ହେଲେ ଏହାର କୌଣସି ପ୍ରଭାବ ଏତେଟା ଫଳପ୍ରଦ ହେଉ ନ ଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି।

କେରଳ ଏହି ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଆନ୍ଧ୍ରପ୍ରଦେଶ ଦ୍ୱିତୀୟ ଏବଂ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଓଡ଼ିଶା ପଛକୁ ବିହାର ଓ ୟୁପି ରହିଥିବା ଜଣାପଡିଛି। କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ସ୍ୱାସ୍ଥ୍ୟ ସୂଚକାଙ୍କରେ ୨୩ଟି ଦିଗକୁ ବିଚାରକୁ ନିଆଯାଇଥିଲା। ହରିୟାଣା, ରାଜସ୍ଥାନ ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟ ଇନ୍‌କ୍ରିମେଣ୍ଟାଲ ପ୍ରଦର୍ଶନରେ ଉତ୍ତମ ପ୍ରଦର୍ଶନ କରିଥିବା ଜଣାପଡିଛି। ୨୦୧୮ ଫେବୃୟାରୀରେ ପ୍ରଥମଥର ପାଇଁ ଏହା ତାଲିକା ପ୍ରକାଶ ପାଇଥିଲା ; ଯେଉଁଥିରେ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ୨୦୧୪-୧୫କୁ ମୂଳବର୍ଷଭାବେ ନିଆଯାଇଥିଲା। ସେହିପରି ୨୦୧୫-୧୬କୁ ରେଫେରେନ୍ସ ବର୍ଷ ଭାବେ ନିଆଯାଇଥିଲା। ସେହିପରି ଛୋଟ ରାଜ୍ୟଗୁଡ଼ିକ ମଧ୍ୟରେ ମିଜୋରାମ ପ୍ରଥମ ସ୍ଥାନରେ ରହିଥିବାବେଳେ ତ୍ରିପୁରା ଓ ମଣିପୁର ସ୍ଥିତିରେ ଦ୍ରୁତ ଅଗ୍ରଗତି ପରିଲକ୍ଷିତ ହୋଇଥିବା ଦର୍ଶାଯାଇଛି। ସିକିମ ଓ ଅରୁଣାଚଳ ପ୍ରଦେଶ ସ୍ୱାସ୍ଥ୍ୟସୂଚୀରେ ତଳକୁ ଖସିଛନ୍ତି। କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ଚଣ୍ଡିଗଡ଼ ଶୀର୍ଷରେ ରହିଛି। କେନ୍ଦ୍ର ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ଲାଗି ଜିଡିପିର ୨.୫% ଏକ୍ଷେତ୍ରରେ ବିନିଯୋଗ କରିବା ଲାଗି ନୀତି ଆୟୋଗ ସଦସ୍ୟ ବିନୋଦ କୁମାର ମତ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଓ ବିଶ୍ୱବ୍ୟାଙ୍କର ପ୍ରାଦ୍ୟୋଗିକ ସହାୟକଙ୍କ ମିଳିତ ସହଯୋଗରେ ଏହି ରିପୋର୍ଟ ପ୍ରକାଶ କରାଯାଇଛି।

■ କଟକ-ଭୁବନେଶ୍ୱରରେ ଚାଲିବ ମେଟ୍ରୋ ଟ୍ରେନ

# ସ୍ମାର୍ଟସିଟି ରୂପ ନେବ ୫ ମହାନଗର

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ସ୍ମାର୍ଟ ସିଟି ଭୁବନେଶ୍ୱର ଓ ଐତିହ୍ୟ ସହର କଟକ ମଧ୍ୟରେ ଚାଲିବ ମେଟ୍ରୋ ଟ୍ରେନ। ରାଜ୍ୟ ସରକାର ଏକଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ମୁହଁରେ କୁହାଇଛନ୍ତି। ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନରେ ମଙ୍ଗଳବାର ପ୍ରଥମ ଦିନ ରାଜ୍ୟପାଳ ନିଜ ଅଭିଭାଷଣରେ କହିଛନ୍ତି ଯେ, ମେଟ୍ରୋ ରେଳସେବା ଯୋଗାଇଦେବାକୁ ସରକାର ଉଦ୍ୟମ କରିବେ। ତେବେ ଏହା କେବେ ସୁଦ୍ଧା ଆରମ୍ଭ ହେବ ସେ ନେଇ ସେ ନିଜ ଅଭିଭାଷଣରେ କିଛି ସ୍ପଷ୍ଟ କରିନାହାନ୍ତି। ମେଟ୍ରେ ରେଳ ପାଇଁ ଅନେକ ଦିନରୁ ପ୍ରୟାସ ଜାରି ରହିଛି। ଏ ନେଇ ସର୍ଭେ କାର୍ଯ୍ୟ ମଧ୍ୟ ହୋଇଥିଲା। ପୁଣିଥରେ ମେଟ୍ରୋ ରେଳ ସେବା ଯୋଗାଇ ଦେବାକୁ ସରକାର ମନ ବଳାଇଛନ୍ତି। ଏଥିସହିତ ରାଜ୍ୟ ସରକାର ମହାନଗର ନିଗମ, ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳର ବିକାଶ ଉପରେ ଆଗାମୀ ୫ ବର୍ଷ ମଧ୍ୟରେ ଅଧିକ ଫୋକସ କରିବେ। ଜଳ ନିଷ୍କାସନ ଠାରୁ ଆରମ୍ଭ କରି ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଓଡ଼ିଶା 'ସ୍ମାର୍ଟସିଟିଜ୍ ମିଶନ'ରେ ୫ ମହାନଗର ତଥା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରକୁ ସ୍ମାର୍ଟସିଟି ରୂପେ ବିକଶିତ କରାଯିବ। ବିଜୁ ଏକ୍ସପ୍ରେସ ୱେ ଦ୍ୱାରା ଓଡ଼ିଶାର ଉତ୍ତରରୁ ଦକ୍ଷିଣକୁ ଏବଂ ପୂର୍ବରୁ ପଶ୍ଚିମକୁ ସଂଯୋଗ କରାଯିବ। ଏଥିସହିତ ପୁରୀ ସହରକୁ ଏକ ବିଶ୍ୱ ଐତିହ୍ୟ ନଗରୀ ରୂପେ ବିକଶିତ କରାଯିବ। ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡିକୁ ରାସ୍ତା ସଂଯୋଗ କରାଯାଇ ପଥପାର୍ଶ୍ୱ ଜନସୁବିଧା କେନ୍ଦ୍ର ସୃଷ୍ଟି କରାଯିବ। ପର୍ଯ୍ୟଟନର ବିକାଶ ପାଇଁ ପ୍ରତି ଜିଲାରେ ଜିଲା ପର୍ଯ୍ୟଟନ ପରିଷଦ ଗଠନ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି।

**ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ**



■ ବିଶ୍ୱ ଐତିହ୍ୟ ନଗରୀ ଭାବେ ବିକଶିତ ହେବ ପୁରୀ

■ କଲେଜ, ୟୁନିଭରସିଟିରେ ଛାତ୍ରୀଛାତ୍ରଙ୍କୁ ମିଳିବ ମାଗଣା ୱାଇଫାଇ

■ ଛାତ୍ରୀଛାତ୍ରଙ୍କ ପାଇଁ ଗଠନ ହେବ ମେଧାବୃତ୍ତି ପରିଷଦ

■ ମହିଳା ଏସ୍‌ଏଚ୍‌ଜିକୁ ୫ ହଜାର କୋଟି ଟଙ୍କାର କାର୍ଯ୍ୟ ମିଳିବ

ସେହିପରି ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସରକାର ବିନା ସୁଧରେ ଶିକ୍ଷା ଋଣ ଯୋଗାଇ ଦେବେ। ଅବଶିଷ୍ଟ ୧୨୪ଟି ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏଥିସହିତ ରାଜ୍ୟର ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ, କଲେଜ ଓ ୟୁନିଭରସିଟିରେ ସରକାର ମାଗଣା ୱାଇଫାଇ ସେବା ଯୋଗାଇ ଦେବେ। ହାଇସ୍କୁଲଗୁଡ଼ିକରେ ଆଇଟି ପରୀକ୍ଷାଗାର ସ୍ଥାପନ କରାଯିବ। ସାମାଜିକ-ଅର୍ଥନୈତିକ ଭିତ୍ତିରେ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରିବାକୁ ଏକ ମେଧାବୃତ୍ତି ପରିଷଦ ଗଠନ ହେବ ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ମହିଳାମାନେ ଅଧିକ ଭୋଟ ଦେଇଥିବାରୁ ରାଜ୍ୟ ସରକାର ସେମାନଙ୍କୁ ଅଧିକ ସଶକ୍ତ କରିବାକୁ ଭରପୂର ପ୍ରୟାସ କରିବେ। ମିଶନ ଶକ୍ତି ଅଧୀନରେ ମହିଳା ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ)ଗୁଡ଼ିକ ଯେଭଳି ୫ ହଜାର କୋଟି ଟଙ୍କାର ସରକାରୀ କାମ ପାଇବେ ତାହା ସରକାର ସୁନିଶ୍ଚିତ କରିବେ। ଏଥିସହିତ ଏସ୍‌ଏଚ୍‌ଜିଗୁଡ଼ିକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ। ମିଶନ ଶକ୍ତି ପାଇଁ ଏକ ପୃଥକ୍ ବିଭାଗ ଗଠନ କରାଯିବ। ଗ୍ରାମପଞ୍ଚାୟତ, ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ମହାସଂଘ ଗଠନ ଏବଂ ପ୍ରତି ପଞ୍ଚାୟତ ଓ ଜିଲା ସଦର ମହକୁମାରେ ମିଶନ ଶକ୍ତି ଭବନ ନିର୍ମାଣ କରିବାକୁ ସରକାର ଯୋଜନା କରିଛନ୍ତି। ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରସ୍ତାବକୁ ଆଗକୁ ନେବାକୁ ଉଦ୍ୟମ କରାଯିବ ବୋଲି ରାଜ୍ୟପାଳ ଅଭିଭାଷଣରେ କହିଛନ୍ତି।

■ ୫ ବର୍ଷରେ ୫% ଦାରିଦ୍ର୍ୟ ହ୍ରାସ ଲକ୍ଷ୍ୟ

■ ଗୃହ ଆରମ୍ଭରୁ ହଟ୍ଟଗୋଳ, କଂଗ୍ରେସର କକ୍ଷତ୍ୟାଗ

ପୃଷ୍ଠା ୫


NECC NATIONAL EGG CO-ORDINATION COMMITTEE | 25.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 111 | 172 | 182 |
| BLS | 111 | 172 | 182 |
| ANG | 109 | 170 | 180 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers



୧୯ ମାସ ଧରି ଜାରି ରହିଥିବା ଜରୁରିକାଳୀନ ପରିସ୍ଥିତି ଭାରତୀୟ ଇତିହାସର ସବୁଠୁ ଅନ୍ଧକାରମୟ ସମୟ ଥିଲା। ସେତେବେଳେ କଂଗ୍ରେସ କ୍ଷମତାରେ ରହିବା ପାଇଁ ଗଣତନ୍ତ୍ରକୁ ହତ୍ୟା କରିଥିଲା।
- ଜେ.ପି. ନଡ୍ଡା, ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ



# ଏକଚ୍ଛତ୍ରବାଦୀ ମାନସିକତା ଗଣତନ୍ତ୍ରକୁ ବିପଦ

**ନୂଆଦିଲ୍ଲୀ, ୨୫।୬**

ଏକଚ୍ଛତ୍ରବାଦୀ ମାନସିକତା ଗଣତନ୍ତ୍ରର ସଫଳତା ଲାଗି ବିପଦ ସୃଷ୍ଟି କରିଥାଏ। ଇମର୍ଜେନ୍ସି ଲଗାଇ ସରକାର ନିଜ ଲୋକଙ୍କୁ ଜେଲ୍ ପଠାଇ ନିର୍ଯାତନା ଦେବା ଅନୁଚିତ। ଏହା ଅଦାଲତଙ୍କ କାମ, ସେ ହିଁ ଜେଲ୍ କିମ୍ବା ବେଲ୍ ଲାଗି ନିର୍ଦ୍ଦେଶ ଦେଇପାରିବେ। ୧୯୭୫ ମସିହା ଜୁନ୍ ୨୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଲଗାଇଥିବା ଜରୁରିକାଳୀନ ପରିସ୍ଥିତିର ୪୪ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ ଏଭଳି ମତ ରଖି କଂଗ୍ରେସ କାର୍ଯ୍ୟଧାରାକୁ ସମାଲୋଚନା କରିଛନ୍ତି। ଦଳ କ୍ଷମତାରେ ରହିବା ଲାଗି ରାତାରାତି ଇମର୍ଜେନ୍ସି ଲଗାଗଲା। ସମ୍ବିଧାନରୁ ଗଣତନ୍ତ୍ର ଶବ୍ଦକୁ ଦଳିମକଚି ଦିଆଗଲା। ଏନେଇ କାହାରି ମତାମତ ନିଆଗଲା ନାହିଁ। ଲୋକ ସଭା ନିର୍ବାଚନ ପରେ ୧୩୦ କୋଟି ଲୋକଙ୍କ ରାୟ ଗଣତନ୍ତ୍ର ସପକ୍ଷରେ ଆସିଥିଲା। ଶେଷରେ ଗଣତନ୍ତ୍ର ଏକଚ୍ଛତ୍ରବାଦୀ ମାନସିକତା ଉପରେ ବିଜୟ ଲାଭ କଲା। ଗୃହରେ ଅଟଳ ବିହାରୀ ବାଜପେୟୀ, ନରସିଂହ ରାଓ କିମ୍ବା ମନମୋହନ ସିଂଙ୍କ ଭଳି ବରିଷ୍ଠ ନେତାଙ୍କ କାର୍ଯ୍ୟ ସଫଳତା ବିଷୟରେ କଂଗ୍ରେସ ନେତାଙ୍କ ମୁହଁରୁ ପଦେ କଥା କେବେ ଶୁଣିବାକୁ ମିଳୁ ନ ଥିବା ମୋଦି କହିଛନ୍ତି। ଗୃହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ଉପରେ ମତରଖି ମୋଦି ଏଭଳି କଂଗ୍ରେସକୁ କଟୁ ସମାଲୋଚନା କରି କହିଛନ୍ତି।

ଭାରତର ବିକାଶକୁ ଆମେ ପ୍ରାଥମିକତା ଦେଇଆସିଛୁ। ଦୁର୍ନୀତି ବିରୋଧରେ ଆମର ଲଢ଼େଇ ଜାରି ରହିଛି। ଦୋଷୀଙ୍କୁ କେବଳ ଅଦାଲତ ହିଁ ଦଣ୍ଡ ଦେବ ବୋଲି ମୋଦି ଏହି ଅବସରରେ କହିଛନ୍ତି। କଂଗ୍ରେସ ସମାଲୋଚନା ଛାଡ଼ି ଗଠନମୂଳକଭାବେ ଦେଶ ବିକାଶ କଥା ଚିନ୍ତା କରିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ଅଧୀର ରଞ୍ଜନଙ୍କ ମନ୍ତବ୍ୟକୁ ନେଇ ମୋଦି କହିଥିଲେ ଯେ, ଆଇନର ଶାସନ ମୋ ସରକାରରେ ଚାଲିଛି। କେହି ଦୁର୍ନୀତି କଲେ, ଅଦାଲତ ସେମାନଙ୍କୁ ଦଣ୍ଡିତ କରିବ। ସରକାର ଲୋକଙ୍କ ସହ ରହି ଗଣତନ୍ତ୍ରିକ ଧାରା ବଜାୟ ରଖି ବିକାଶ କ୍ଷେତ୍ରକୁ ପ୍ରଶସ୍ତ କରିବ ଓ ଏଥିଲାଗି ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ମୋଦି ଲୋକ ସଭାରେ କହିଛନ୍ତି।



ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ପାର୍ଲାମେଣ୍ଟ ପରିସରରେ ତୃଣମୂଳ କଂଗ୍ରେସ ଏମ୍‌ପି ମିମି ଚକ୍ରବର୍ତ୍ତୀ ଓ ନୁସ୍‌ରତ୍ ଜହାନ୍।

## ଜୟ ଶ୍ରୀରାମ ନ କହିବାରୁ

# ମଦ୍ରାସା ଶିକ୍ଷକଙ୍କୁ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗିଦେଲେ

**କୋଲକାତା, ୨୫।୬ (ଆଇଏଏନ୍ଏସ୍)**

ପଶ୍ଚିମବଙ୍ଗର ଜଣେ ମଦ୍ରାସା ଶିକ୍ଷକ 'ଜୟ ଶ୍ରୀରାମ' ନ କହିବାରୁ ତାଙ୍କୁ ମାଡ଼ ମରାଯିବା ସହ ଚଳନ୍ତା ଟ୍ରେନ୍ ଆଗରେ ଚାପି ଦିଆଯାଇଛି।

ଝାଡ଼ଖଣ୍ଡର ୨୨ ବର୍ଷୀୟ ତବ୍‌ରେଜ୍ ଅନ୍‌ସାରୀଙ୍କୁ 'ଜୟ ଶ୍ରୀରାମ' ଓ 'ଜୟ ହନୁମାନ' କହିବାକୁ ବାଧ୍ୟକରି ୧୮ ଘଣ୍ଟା ଧରି ପିଟିପିଟି ମାରିଦେବା ପରେ ପଶ୍ଚିମବଙ୍ଗରେ ପୁଣିଥରେ ଜଣେ ସଂଖ୍ୟାଲଘୁଙ୍କ ଉପରେ ଅନୁରୂପ ଭାବେ ଆକ୍ରମଣ ହୋଇଛି। ୨୪ ପ୍ରଗଣା ଜିଲାର ୨୬ ବର୍ଷୀୟ ଶିକ୍ଷକ ହାଫିଜ୍ ମହମ୍ମଦ ଶାହରୁଖ୍ ହାଲ୍‌ଦାରଙ୍କ ଅଭିଯୋଗ ହେଲା, ସେ ଗତ ଗୁରୁବାର ଟ୍ରେନ୍‌ରେ କ୍ୟାନିଂରୁ ହୁଗୁଳି ଯାଉଥିବାବେଳେ ତାଙ୍କ ନିକଟକୁ କେତେଜଣ ଯୁବକ ଆସିଥିଲେ। ସେମାନେ ତାଙ୍କୁ ଜୟ ଶ୍ରୀରାମ କହିବାକୁ ବାଧ୍ୟ କରିଥିଲେ। ହାଲ୍‌ଦାର ମନା କରିବାରୁ ସେମାନେ ତାଙ୍କୁ ମାଡ଼ ମାରିବା ସହ ପାର୍କ ସର୍କସ୍ ଷ୍ଟେଶନରେ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗି ଦେଇଥିଲେ। ଏଥିରେ ହାଲଦାର ଆହତ ହୋଇଛନ୍ତି। ସେ ବାଲିଗଞ୍ଜ ଜିଆର୍‌ପିଏସ୍‌ରେ ସୋମବାର କେତେଜଣ ଅଜ୍ଞାତ ବ୍ୟକ୍ତିଙ୍କ ନାମରେ ଏତଲା ଦେଇଛନ୍ତି।

## ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଇମର୍ଜେନ୍ସି ବେଳେ ଜେଲ୍ ଯାଇଥିବା ବ୍ୟକ୍ତିଙ୍କୁ ମିଳିବ ପେନ୍‌ସନ

**ମୁମ୍ବାଇ, ୨୫।୬:** ଇମର୍ଜେନ୍ସି ସମୟରେ ଗିରଫ ହୋଇ ଜେଲ୍ ଯାଇଥିବା ବ୍ୟକ୍ତିଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଇ ସେମାନଙ୍କୁ ସମ୍ମାନିତ କରାଯିବ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କହିଛନ୍ତି। ବିଧାନସଭାରେ ପ୍ରଶ୍ନକାଳ ସମୟରେ ସେ କହିଛନ୍ତି ଯେ, ବିନା ଦୋଷରେ ଗିରଫ ହୋଇ ବହୁ ଲୋକ ଚାକିରି ହରାଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଏବେ ଗରିବ। ତେଣୁ ସେମାନଙ୍କୁ ପେନ୍‌ସନ ଯୋଗାଇ ଦିଆଯିବ ବୋଲି ସରକାର ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି। ଏଥିଲାଗି ୩,୨୬୭ ଆବେଦନକୁ ଗ୍ରହଣ କରାଯାଇଛି। ଏହାକୁ ଜିଲାପାଳଙ୍କ ନେତୃତ୍ୱରେ ଗଠିତ କମିଟି ତଦାରଖ କରିବା ପରେ ବିଚାର କରାଯିବ। ଏହି ପେନ୍‌ସନ ଲାଗି ୪୨ କୋଟି ଟଙ୍କାର ବଜେଟ୍ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଇମର୍ଜେନ୍ସି ବେଳେ ମାସେ ଜେଲ୍ ଯାଇଥିବା ବ୍ୟକ୍ତିଙ୍କୁ ମାସିକ ୫ ହଜାର ଟଙ୍କା ଓ ମାସାଧିକ କାଳ ଜେଲ୍ ଯାଇଥିବା ବ୍ୟକ୍ତିଙ୍କୁ ମାସିକ ୧୦ ହଜାର ଟଙ୍କାର ପେନ୍‌ସନ ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଜେଲରେ ରହି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ମାସିକ ୨,୫୦୦ରୁ ୫୦୦୦ ଟଙ୍କା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୋଦିଙ୍କ ଉପରେ ବର୍ଷିଲେ ଦିଦି

# ଗତ ୫ ବର୍ଷ ଥିଲା ସୁପର ଇମର୍ଜେନ୍ସି

**କୋଲକାତା, ୨୫।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ(ଦିଦି) ବର୍ଷିବା ସହ ଗତ ୫ ବର୍ଷର ଶାସନକାଳ ସୁପର ଇମର୍ଜେନ୍ସି ଥିଲା ବୋଲି ସମାଲୋଚନା କରି କହିଛନ୍ତି। ପଶ୍ଚିମବଙ୍ଗରେ ଭାଜପା-ଟିଏମ୍‌ସି ବାକ୍‌ଯୁଦ୍ଧ ଓ ହିଂସା ବଢୁଥିବାବେଳେ ଦେଶର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ସୁରକ୍ଷା ଦିଆଯିବାର ଆବଶ୍ୟକତା ରହିଛି ବୋଲି ମମତା କହିଛନ୍ତି। ଭାଜପା ସରକାରରେ ଲୋକେ ଅସହାୟତା ଅନୁଭବ କରୁଥିବା ସେ ଅଭିଯୋଗ କରିଛନ୍ତି। ୧୯୭୫ ମସିହା ଜୁନ୍ ୨୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ୨୧ ମାସ ପର୍ଯ୍ୟନ୍ତ ଜରୁରିକାଳୀନ ପରିସ୍ଥିତି ଲାଗୁକରିଥିଲେ। ଦେଶ ଏବେ ଏହାର ୪୪ତମ ବର୍ଷପୂର୍ତ୍ତି ପାଳନ କରୁଛି। ଇତିହାସରୁ ଆମକୁ ବହୁକଥା ଶିଖିବାକୁ ପଡ଼ିବ ବୋଲି ମମତା ଏହି ଅବସରରେ କହିଛନ୍ତି। ମମତାଙ୍କ ଏହି ଟୁଇଟ୍ ବିରୋଧରେ ମୁହଁ ଖୋଲିଛନ୍ତି ଭାଜପା ନେତା ପ୍ରକାଶ ଜାଭ୍‌ଡେକର। ବେଙ୍ଗଲରେ ଏବେ ଜରୁରିକାଳୀନ ପରିସ୍ଥିତିଠାରୁ ସ୍ଥିତି କମ୍ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ମମତାଙ୍କ ଶାସନକାଳରେ ହିଂସାକାଣ୍ଡ ଘଟୁଛି। ସେ ଠିକ୍‌ଭାବେ ସରକାର ଚଳାଇ ପାରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଗଣତନ୍ତ୍ରର ସୁରକ୍ଷା ସହ ସମସ୍ତଙ୍କ ବିଶ୍ୱାସ ଓ ବିକାଶକୁ ନେଇ ଭାଜପା ନେତୃତ୍ୱାଧୀନ ସରକାର ଚାଲିଛି ବୋଲି ଜାଭଡେକର କହିଛନ୍ତି। ଭାଜପା ନେତା ଅର୍ଜ୍ଜୁନ ସିଂ ମଧ୍ୟ ନିର୍ବାଚନ ପରଠାରୁ ପଶ୍ଚିମବଙ୍ଗ ହିଂସା ଥମିବାର ନାଁ ନେଉନାହିଁ ବୋଲି କହିଛନ୍ତି।



# ସ୍ୱାମୀ ସତ୍ୟମିତ୍ରାନନ୍ଦ ଗିରିଙ୍କ ପରଲୋକ

**ଡେରାଡୁନ, ୨୫।୬(ପି.ଟି.)**

ଭାରତମାତା ଜନହିତ ଟ୍ରଷ୍ଟର ମୁଖ୍ୟ ତଥା ବିଶିଷ୍ଟ ସନ୍ଥ ସ୍ୱାମୀ ସତ୍ୟମିତ୍ରାନନ୍ଦ ଗିରି ମହାରାଜ ମଙ୍ଗଳବାର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ। ତାଙ୍କୁ ୮୭ ବର୍ଷ ହୋଇଥିଲା। କିଛିଦିନ ହେଲା ସେ ସ୍ଥାନୀୟ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ ବୋଲି ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ସ୍ୱାମୀ ଅବଧେଶାନନ୍ଦ ଗିରି ମହାରାଜ ପ୍ରକାଶ କରିଛନ୍ତି। ବୁଧବାର ହରିଦ୍ୱାରସ୍ଥିତ ରାଘବ କୁଟିରରେ ତାଙ୍କୁ ସମାଧି ଦିଆଯିବ। ତାଙ୍କ ବିୟୋଗ ଆଧାତ୍ମିକ ଜଗତ ପାଇଁ ଏକ ବଡ କ୍ଷତି ବୋଲି ବହୁ ରାଜନୈତିକ ଓ ଧର୍ମୀୟ ନେତାମାନେ ପ୍ରକାଶ କରିଛନ୍ତି। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।



# ଆଜିଠୁ ଶାହଙ୍କ ଦୁଇଦିନିଆ କଶ୍ମୀର ଗସ୍ତ

**ନୂଆଦିଲ୍ଲୀ, ୨୫।୬**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ବୁଧବାରଠାରୁ ଦୁଇଦିନିଆ କଶ୍ମୀର ଗସ୍ତରେ ଯାଉଛନ୍ତି। କେନ୍ଦ୍ରମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କୌଣସି ରାଜ୍ୟକୁ ଶାହଙ୍କ ଏହା ପ୍ରଥମ ଗସ୍ତ। ଆତଙ୍କବାଦ ବିରୋଧରେ ଏନଡିଏ ଗ୍ରହଣ କରିଥିବା 'ଜିରୋ ଟଲେରାନ୍ସ' ନୀତି ବଜାୟ ରହିବ ବୋଲି ଶାହ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଶାହ ଜମ୍ମୁ-କଶ୍ମୀର ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଲାଗି ମନବଳାଇଛନ୍ତି। ସେ ଏଥିଲାଗି ଏକ ଆୟୋଗ ଗଠନ କରି ଏହାର ଅନୁଧ୍ୟାନ କରିବା ଯୋଜନାରେ ଅଛନ୍ତି। ଜନସଂଖ୍ୟା, ଭୂଖଣ୍ଡକୁ ଏଥିଲାଗି ବିଚାରକୁ ନିଆଯାଇ ଚୂଡ଼ାନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।







# ଗୁଣିଆ ସନ୍ଦେହ, ଖଣ୍ଡାରେ ହାଣି ବୃଦ୍ଧଙ୍କୁ ହତ୍ୟା

## ଥାନାରେ ହତ୍ୟାକାରୀଙ୍କ ଆତ୍ମସମର୍ପଣ

**ପୁରୁଷୋତ୍ତମପୁର,୨୫ା୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଧୋବାଡି ପାଟପୁର ଗ୍ରାମରେ ମଙ୍ଗଳବାର ଜଣେ ବୃଦ୍ଧଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ସେ ହେଲେ ସେହି ଗ୍ରାମର କୃଷ୍ଣ ଚନ୍ଦ୍ର ପ୍ରଧାନ (୬୦)। ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଧୋବାଡି ପାଟପୁର ଗ୍ରାମର ମୁରଲି ପ୍ରଧାନ ହିଞ୍ଜିଳି ଥାନାକୁ ଯାଇ ଆତ୍ମସମର୍ପଣ କରିଛନ୍ତି। ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ ଓ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛନ୍ତି। ଅଭିଯୁକ୍ତ ମୁରଲିଙ୍କୁ ପୋଲିସ ହିଞ୍ଜିଳି ଥାନାରୁ ପୁରୁଷୋତ୍ତମପୁର ଥାନାକୁ ଆଣି ତଦନ୍ତ ଚଳାଇଛି। ଏନେଇ ନଂ.୧୪୨/୧୯ରେ ହତ୍ୟା ମାମଲା ରୁଜୁ ହୋଇଛି।

ଏସ୍‌ଡିପିଓ ସେଠୀଙ୍କ ସୂଚନା ଅନୁଯାୟୀ, ମୁରଲି ଓ କୃଷ୍ଣଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି କୌଣସି କାରଣକୁ ନେଇ ଶତ୍ରୁତା ଲାଗି ରହିଥିଲା। କୃଷ୍ଣଙ୍କୁ ହତ୍ୟା କରିବାକୁ ମୁରଲି ସୁଯୋଗ ଖୋଜୁଥିଲେ। ମଙ୍ଗଳବାର ସକାଳେ କୃଷ୍ଣ ଗ୍ରାମଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା ନିଜ ବିଲକୁ ଧାନ ବିହନ ବୁଣିବାକୁ ଯାଇଥିଲେ। ସୁଯୋଗ ଅପେକ୍ଷାରେ ଥିବା ମୁରଲି ସୋରିନାଳ ନିକଟସ୍ଥ ଏକ ଅମରିଲଟା ବୁଦା ଭିତରେ ଖଣ୍ଡାଧରି ଛକି ରହିଥିଲେ। କୃଷ୍ଣ ବିହନ ବୁଣିସାରି ସେହିବାଟ ଦେଇ ଫେରିବାବେଳେ ବୁଦାରୁ ବାହାରି ମୁରଲି ଖଣ୍ଡାରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କୃଷ୍ଣଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରୁ ୫ କିମି ଦୂର ହିଞ୍ଜିଳିକାଟୁ ଥାନାକୁ ଯାଇ ମୁରଲି ଆତ୍ମସମର୍ପଣ କରିଥିଲେ। ଘଟଣାର ଅଧିକ ତଦନ୍ତ ଚାଲିଛି, ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଏସ୍‌ଡିପିଓ ସେଠୀ କହିଛନ୍ତି।

ପ୍ରାୟ ୯ବର୍ଷ ତଳେ ମୁରଲିଙ୍କ ବିବାହିତ ଝିଅଙ୍କର ମୃତ୍ୟୁ ହୋଇଥିଲା। କୃଷ୍ଣ ଗୁଣିଗାରେଡି କରି ଝିଅକୁ ମାରିଦେଇଥିବା ମୁରଲି ସନ୍ଦେହ କରି ଏକ ଖଣ୍ଡା ତିଆରି କରି କୃଷ୍ଣଙ୍କୁ ମାରିବାକୁ ଯୋଜନା କରିଥିଲେ। କୃଷ୍ଣ ଏହା ଜାଣିପାରି ଗାଁ ଛାଡି ବାହାରକୁ ଚାଲିଯାଇଥିଲେ। କିଛିଦିନ ତଳେ କୃଷ୍ଣ ଗ୍ରାମକୁ ଫେରିଥିଲେ। ଗ୍ରାମକୁ ଫେରିବାର କିଛିଦିନ ପରେ ପୁଣି ମୁରଲିଙ୍କ ସ୍ତ୍ରୀଙ୍କ ଦେହ ଖରାପ ହୋଇଥିଲା। କୃଷ୍ଣ ଗୁଣିଗାରେଡି କରୁଥିବା ସନ୍ଦେହ କରି ମୁରଲି ତାଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଜଣାପଡିଛି।


www.lpu.in

LOVELY PROFESSIONAL UNIVERSITY

ThinkBIG

Transforming Education Transforming India

UNBEATABLE PLACEMENTS

From Google to Microsoft, LPU Students are working with top brands at packages of over ₹ 1 crore




APPLICATIONS OPEN FOR PROGRAMMES AFTER 10TH, 12TH, GRADUATION & POST GRADUATION IN

B.Tech./ B.Tech. (Hons.)
Integrated B.Tech.-M.Tech.
Integrated B.Tech.-MBA
- Electronics & Communications Engg. (ECE)
- Computer Science & Engg. (CSE)
- Information Technology (IT)
- Mechanical Engineering (ME)
- ME- Mechatronics
- Aerospace Engineering
- Automobile Engineering (AE)
- Civil Engineering (CE)
- Electrical Engineering (EE)
- Electrical & Electronics Engg. (EEE)
- Biotechnology (BT)*
- Food Technology*
- Biomedical Engineering (BE)*
- Chemical Engineering (CHE)
- Petroleum Engineering

M.Tech. [Full Time]

MBA/ MBA (Hons.)
BCA/ MCA
BBA/ B.Com./ M.Com.
B.Sc. (Biotech/ Microbio.)
B.Sc./ M.Sc. (Hotel Mgmt.)
B.Sc. (Hons.) Agriculture
B.Sc/ M.Sc. (Botany/ Zoology)
B.A., LL.B. (Hons.)/ LL.M.
B.Sc. (Design - Multimedia)
B.Design (Multimedia)
B.Arch./ B.Plan.
B.Sc. (Design - Fashion)
B.Design/M.Design (Fashion)
B.Sc. (Hons.) Economics
B.Ed./ B.P.Ed./ M.Ed.
B.A./ BFA/ M.A. (Fine Arts)

B.Pharm./ M.Pharm.
BPT/ B.Sc. (MLT)
B.Pharm./ M.Pharm. (Ayurveda)
B.Sc./M.Sc. (Forensic Sciences)
B.Sc./ M.Sc. (Film & TV Prod.)
B.Design (Product & Industrial)
B.Design (Interior & Furniture)
B.Sc./ M.Sc. (Chem./ Phy./ Maths)
B.Sc. (Hons.) Food Tech.
M.Sc. (Biotech./ Microbiology)
M.Sc. (Hons.) Biochemistry
M.Sc. (Enviornmental Sciences)
BPA (Music Vocal/ Theatre/ Music Tabla)
B.A. (Hons.)/ M.A. (Psychology/ History/ English/ Sociology/ Pol. Science)
M.Sc. Geography/ B.Lib./ M.Lib.

ADMISSION TO PH.D. PROGRAMMES ALSO OPEN. For details, refer university website www.lpu.in

LAST DATE OF ADMISSION WITH SCHOLARSHIP
30th JUNE 2019

Scholarships SCHOLARSHIP OF UPTO ₹ 3 LAKH PER STUDENT

Meet our Counsellors in Odisha | Time: 10 AM to 7 PM | Toll Free : 1800-102-4052

| | | |
|---|---|---|
| BHUBANESWAR | The Presidency, 1471/A, Nayapalli Ph: 09875912783 | 26-30 June |

LOVELY PROFESSIONAL UNIVERSITY (LPU), Jalandhar-Delhi G.T. Road, Phagwara, Punjab
admissions@lpu.co.in | SMS LPU to 53030 | Toll Free: 1800-102-4052 SUNDAY OPEN


## ୱାର୍ଲ୍ଡ କପ୍ ବେଟିଂ

# ୩୧ ଲକ୍ଷ ଟଙ୍କା ଜବତ, ୨ ଗିରଫ

**ରାଉରକେଲା ଅଫିସ,୨୫। ୬**

କ୍ରିକେଟ ୱାର୍ଲ୍ଡ କପ୍ ପାଇଁ ରାଉରକେଲା ସହରରେ ଚାଲିଥିବା ବେଟିଂ ଓ ଏଥିରେ ଲକ୍ଷାଧିକ ଟଙ୍କା ବାଜି ଲାଗୁଥିବା ଏବେ ଲୋକ ଲୋଚନକୁ ଆସିଛି। ଏ ନେଇ ପୂର୍ବରୁ ଅଭିଯୋଗ ଶୁଣା ଯାଉଥିଲା। ହେଲେ ସୋମବାର ରାତିରେ ପ୍ଲାଣ୍ଟସାଇଟ ଥାନା ପୋଲିସ ଚଢାଉ କରି ସ୍ଥାନୀୟ ଜନତା ନିବାସ ଗଳିରୁ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାଗରମଲ ଅଗ୍ରୱାଲ(୫୮) ଏବଂ ସୁନୀଲ ସିଂଘଲ(୩୮)। ସେମାନଙ୍କଠାରୁ ନଗଦ ୩୧ଲକ୍ଷ ୧୭ ହଜାର ୫୭୦ ଟଙ୍କା ସହ ୧୭ଟି ମୋବାଇଲ, ଗୋଟିଏ ଏଲଇଡି ଟିଭି ଜବତ କରାଯାଇଛି।

ରାଉରକେଲା ଏସ୍‌ପି ସାର୍ଥକ ଷଡଙ୍ଗୀ ସୂଚନା ଦେଇଛନ୍ତି ଯେ ୱାର୍ଲ୍ଡ କପ ବେଟିଂ ନେଇ ପୋଲିସ ପାଖରେ ପୂର୍ବରୁ ସୂଚନା ରହିଥିଲା। ସେହି ଆଧାରରେ ଯାଞ୍ଚ ଜାରି ରହିଥିଲା। ପୋଲିସ ଟିମ୍ ଜନତା ନିବାସ ଗଳି ଉପରେ ନଜର ରଖିଥିଲେ। ସେହି ଅନୁସାରେ ଜନତା ନିବାସ ଗଳିରେ ରହୁଥିବା ଅଗ୍ରୱାଲଙ୍କ ଘର ଉପରେ ଚଢାଉ କରାଯାଇଥିଲା। ତାଙ୍କ ଘରୁ ୩୧ ଲକ୍ଷ ୧୭ ହଜାର ୫୭୦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ତେବେ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ କେଉଁ ସ୍ଥାନରୁ ଖେଳ ପରିଚାଳିତ ହେଉଛି ସେ ନେଇ ଅନୁସନ୍ଧାନ ଜାରି ରହିଛି। ଆବଶ୍ୟକ ପଡିଲେ ପୋଲିସ ଟିମ୍ ରାଜ୍ୟ ବାହାରକୁ ଯାଇ ଯାଞ୍ଚ କରିବ। ଗିରଫ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଯାଞ୍ଚ କରାଯିବ ବୋଲି ଷଡଙ୍ଗୀ କହିଛନ୍ତି।



ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ଟଙ୍କା, ମୋବାଇଲ ଏବଂ ଏଲଇଡି ଟିଭି।


Dr. M.G.R.
EDUCATIONAL AND RESEARCH INSTITUTE
DEEMED TO BE UNIVERSITY
(An ISO 9001 : 2015 Certified Institution)
University with Graded Autonomy Status
Periyar E.V.R. High Road, Maduravoyal, Chennai-95. Tamilnadu. India.

B.TECH. - "SPOT ADMISSION-2019"

SALIENT FEATURES
- 33 years of Excellence in Educational Services
- Within heart of Chennai City
- University with Multi-Faceted Programmes
- Better Placement Opportunities
- More Focus on skill Development
- Flight Duration maximum 2 hours from your town
- Only 8 kms from Central Railway Station
- Only 10 kms from Chennai Airport
- Attractive Scholarship for all Spot Admission Students
- Candidate should be accompanied by parent
- Consultants are not welcome

Date: 26.06.2019 to 02.07.2019
Venue: Hotel Middleton, Plot No. 313, District Centre, Niladri Vihar Rd, Beside Reliance Fresh, District Center, Chandrasekharpur, Bhubaneswar, Odisha 751016
Time: 9.30 am to 7.30 pm

Ph: 9600686861 / 9840249254


# ୩ ମେଡିକାଲ କଲେଜକୁ ୧୦୦ ସିଟ୍‌ରେ ନାମଲେଖା ପାଇଁ ଅନୁମତି

**ଭୁବନେଶ୍ୱର,୨୫ା୬(ବ୍ୟୁରୋ):** ରାଜ୍ୟର ୩ ମେଡିକାଲ କଲେଜକୁ ଚଳିତ ଶିକ୍ଷାବର୍ଷ ପାଇଁ ଆଉ ୧୦୦ ସିଟ୍‌ରେ ନାମଲେଖା ନିମନ୍ତେ ଅନୁମତି ମିଳିଛି। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନାମଲେଖା ନିମନ୍ତେ ଅନୁମତି ଦେଇଛି। ଉକ୍ତ ୩ ମେଡିକାଲ କଲେଜ ହେଲା, ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ, କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ। ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ୨୫ଟି ଲେଖାଏ ସିଟ୍ ମିଳିଥିବା ବେଳେ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜକୁ ୫୦ ସିଟ୍‌ରେ ନାମଲେଖା ପାଇଁ ଅନୁମତି ମିଳିଛି। ତେବେ ଏ ସବୁ ଇକୋନୋମିକାଲି ୱିକର ସେକ୍ସନସ୍(ଇଡବ୍ଲ୍ୟୁଏସ୍) ସଂରକ୍ଷିତ ସିଟ୍।


JOINTLY DEVELOPED BY GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org

ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |


## ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ

# ୧ କୋଟି ୮୪ଲକ୍ଷ ୬୬ ହଜାର ଟଙ୍କାର ସମ୍ପତ୍ତି ଠାବ

**ବାଲେଶ୍ୱର ଅଫିସ/ ଉଦଳା,୨୫ା୬(ଡି.ଏନ.ଏ.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି କ୍ଷୁଦ୍ର ଜଳସେଚନ ବିଭାଗର ମୟୂରଭଞ୍ଜ ଜିଲା ଉଦଳା ଉପଖଣ୍ଡର ସହକାରୀ ଯନ୍ତ୍ରୀ ନୀଳକଣ୍ଠ ପାତ୍ରୀ। ମଙ୍ଗଳବାର ଭିଜିଲାନ୍ସର ୫ଟି ଟିମ୍ କାର୍ଯ୍ୟାଳୟ ସମେତ ଏକକାଳୀନ ୫ଟି ସ୍ଥାନରେ ଚଢାଉ କରି ୧ କୋଟି ୮୪ ଲକ୍ଷ ୬୬ ହଜାର ଟଙ୍କାର ସମ୍ପତ୍ତି ଠାବ କରିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ମିସ୍ କେସ୍ (ନଂ. ୫/୧୯) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶରେ ସହକାରୀ ଯନ୍ତ୍ରୀଙ୍କର ବାଲେଶ୍ୱର ସହର ନେଳିଆବାଗସ୍ଥିତ ଘର, ତାମୁଳିଆ ଫାଟକ ନିକଟରେ ଫ୍ଲାଟ୍, ମିର୍ଜାପୋଖରୀ ନିକଟସ୍ଥ ଶ୍ୱଶୁରଘର ଏବଂ ଉଦଳା ଅଫିସରେ ଏକକାଳୀନ ଭାବେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ପରେ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ୭ଲକ୍ଷ ୪୩ହଜାର ଟଙ୍କାର ଏଲ୍‌ଆଇସି ବଣ୍ଡ, ବିଭିନ୍ନ ବ୍ୟାଙ୍କରେ ଥିବା ୧୬ଲକ୍ଷ ୩୯ହଜାର ଟଙ୍କା ଡିପୋଜିଟ୍‌ର ବ୍ୟାଙ୍କ ପାସ୍‌ବୁକ୍, ପୁତୁରା ନାଁରେ ଥିବା ୩ଲକ୍ଷ ୯୭ହଜାର ଟଙ୍କାର ବ୍ୟାଙ୍କ ପାସ୍‌ବୁକ୍, ମ୍ୟୁଚୁଆଲ୍ ଫଣ୍ଡରେ ୯ଲକ୍ଷ ୩୫ହଜାର ଟଙ୍କାର ନିବେଶ କାଗଜପତ୍ର, ପୋଷ୍ଟାଲରେ ଡିପୋଜିଟ୍ ଥିବା ୯ଲକ୍ଷ ଟଙ୍କାର ପାସ୍‌ବୁକ୍, ଦୁଇଚକିଆ ଓ ଚାରିଚକିଆ ଯାନର ମୂଲ୍ୟ ୫ଲକ୍ଷ ୨୬ହଜାର, ୧୧ଲକ୍ଷ ୭୭ହଜାର ଟଙ୍କାର ସୁନାଗହଣା, ୨ଲକ୍ଷ ୨୦ହଜାର ଟଙ୍କାର ଘରୋଇ ଆସବାବପତ୍ର ସହିତ ନଗଦ ୪୯ହଜାର ଟଙ୍କା ଜବତ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ନିର୍ମାଲ୍ୟ ମହାନ୍ତି, ଡିଏସ୍‌ପି ଏସ୍.କେ. ସନ୍ତରା, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ଓ ମାନସୀ ଜେନା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଉଦଳା କ୍ଷୁଦ୍ର ଜଳସେଚନ ଉପଖଣ୍ଡ ସହକାରୀ ନିର୍ବାହୀଯନ୍ତ୍ରୀ ଭାବେ ନୀଳକଣ୍ଠ ପ୍ରାୟ ୩ମାସ ପୂର୍ବରୁ ବାଲେଶ୍ୱର ଜିଲା ବନ୍ୟା କାର୍ଯ୍ୟାଳୟରୁ ଆସି ଅସ୍ଥାୟୀ ଭାବେ ଉଦଳା କାର୍ଯ୍ୟାଳୟ ଦାୟିତ୍ୱରେ ଥିଲେ। ଉଦଳାସ୍ଥିତ କାର୍ଯ୍ୟାଳୟରେ ଚଢାଉ କରିଥିବା ଭିଜିଲାନ୍ସ ଟିମ୍‌ରେ ଇନ୍ସପେକ୍ଟର ଲକ୍ଷ୍ମୀନାରାୟଣ ମୁଖୀ, ସବଇନ୍ସପେକ୍ଟର ନମିତା ନାଏକଙ୍କ ସମେତ ୭ଜଣ କର୍ମଚାରୀ ସାମିଲ ଥିଲେ।


Sambalpur University
Institute of Information Technology
ADMISSION: 2019-20
Advt. No.: 698/SUIIT Dated: 25/06/2019

SUIIT has been established in the year 2010 by Sambalpur University with the approval of Govt. of Odisha as a Constituent Autonomous Institution.

SUIIT WELCOMES
ALL OJEE COUNSELING—2019 PARTICIPANTS

SUIIT, invites you for pursuing B. Tech programmes both in Regular and Lateral Entry in:

1. B. Tech in CSE – 90 seats + 12* (Lateral)
2. B. Tech in ECE – 60 seats + 12* (Lateral)
3. B. Tech in EEE – 60 seats + 12* (Lateral)

(* Excluding existing 3rd semester regular vacancies)

JEE Main / OJEE rank holders – 2019, can participate in web based counseling and prefer SUIIT as their choice. One can come to SUIIT to avail the facility for registration.

FOR DETAIL INFORMATION ON SUIIT
Visit: www.suiit.ac.in

FOR WEB BASED COUNSELLING
Visit: www.ojee.nic.in

Contact:
Dr. S. Jena, HOD, CSE&A – 8247679467,
Mrs. S. Kar, HOD, ECE – 9439657668, Dr. A. Panda, HOD, EEE – 9337347538

Email: admin.office@suiit.ac.in/director@suiit.ac.in Director, SUIIT

JOIN SUIIT AND START A CREATIVE CAREER






ଉପସ୍ଥାପନ କରାଯାଉଛି
ସ୍ପେଶାଲ୍ ଗୋଲ୍ଡ ଲୋନ୍
ଆମ ପିଲାପିଲିଙ୍କ ଶିକ୍ଷାଗତ ପ୍ରୟୋଜନକୁ ପୂରାକରିବାରେ ସହାୟକ ନିମନ୍ତେ ।

ଗ୍ରାମ୍ ପ୍ରତି ₹2231* (PL - Scheme) AS ON 25-06-2019

ସୁଧହାର କେବଳ 1% ପ୍ରତି ମାସ ବାର୍ଷିକ ସୁଧହାର 12%

- 1% ସୁଧହାର ପ୍ରତି ମାସ ନିମନ୍ତେ (ଧନ ଶକ୍ତି ସ୍କିମ, ବାର୍ଷିକ ସୁଧହାର 12%* ମାସିକ ସୁଧ ପଇଠ ସାପେକ୍ଷ)
- 6 ମାସ ଏବଂ 1 ବର୍ଷ ଋଣ ଅବଧି ଯୋଜନା ମଧ୍ୟ ଉପଲବ୍ଧ ।
- ଆପଣଙ୍କ ସ୍ୱର୍ଣ୍ଣର ସମ୍ପୂର୍ଣ୍ଣ ବୀମା ସୁରକ୍ଷା ।
- ଅଧିକ ଜାଣିବା ନିମନ୍ତେ ଆପଣଙ୍କ ନିକଟତମ ମଣପ୍ପୁରମ୍ ଶାଖା କିମ୍ବା ଆମ ୱେବ୍‌ସାଇଟ୍ www.manappuram.com ଲଗ୍ ଅନ୍ କରନ୍ତୁ ।

9.90%* ସୁଧହାର ସହିତ ବ୍ୟବସାୟୀମାନଙ୍କ ପାଇଁ ଏକ ବିଶେଷ ଯୋଜନା (ଜିଏଲ୍-ବିଏଲ୍)
ଶନିବାର ଦିନ ଆମେ ସମ୍ପୂର୍ଣ୍ଣ ଦିନ କାର୍ଯ୍ୟକରୁ ।
ନିୟମିତ ଅନ୍ତରାଳରେ ମାସିକ ସୁଧ ପରିଶୋଧ କରି 50% ପର୍ଯ୍ୟନ୍ତ ରିହାତି ପାଆନ୍ତୁ ।

OGL Online Gold Loan
ଆପଣ ଘରେ ବସି, କିମ୍ବା ଅଫିସ୍‌ରେ ଥାଇ, ଗୋଲ୍ଡ ଲୋନ୍ ପାଇବା ସହିତ ରିନ୍ୟୁଅଲ୍ ଏବଂ ସୁଧ ପରିଶୋଧର ସୁବିଧା ! 24x7

ମଣପ୍ପୁରମ୍ ଗୋଲ୍ଡ ଲୋନ୍
MANAPPURAM FINANCE LIMITED

Call : 9338205697 Toll Free : 1800 420 22 33 24x7 SMS : GHELP to 56070

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆୟୁଷ୍ମାନ
ପରିବାରବର୍ଗ


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜେଲରେ ପାଟଣାଗଡ଼ ବିଧାୟକ ଅସୁସ୍ଥ

■ ଡାକ୍ତରଖାନାରେ ଭର୍ତ୍ତି
■ କନିଷ୍ଠ ଯନ୍ତ୍ରୀ ଉଠବସ୍ ଘଟଣାରେ ଜେଲ ଯାଇଥିଲେ

**ପାଟଣାଗଡ଼, ୨୫।୬ (ଡି.ଏନ.ଏ.)**

କନିଷ୍ଠ ଯନ୍ତ୍ରୀ ଉଠବସ୍ ଘଟଣାରେ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ପାଟଣାଗଡ ବିଧାୟକ ସରୋଜ ମେହେର ମଙ୍ଗଳବାର ଅସୁସ୍ଥ ହୋଇପଡ଼ିଛନ୍ତି। ଜେଲରୁ ତାଙ୍କୁ ପାଟଣାଗଡ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇ ଅଂଶୁଘାତ କକ୍ଷରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟା ୭ଟାରେ ଜେଲରେ ଥିବା ବିଧାୟକ ମେହେର ଛାତି ଏବଂ ବାମ ହାତରେ ଯନ୍ତ୍ରଣା ଅନୁଭବ କରିଥିଲେ । ଏନେଇ ଜେଲ କର୍ତ୍ତୃପକ୍ଷଙ୍କୁ କହିବା ପରେ ତାଙ୍କୁ ତୁରନ୍ତ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯିବା ବ୍ୟବସ୍ଥା କରାଯାଇଥିଲା । ପାଟଣାଗଡ ଚିକିତ୍ସାଳୟକୁ ଅଣାଯିବା ପରେ ଡାକ୍ତର କେ. ଏସ. କୁମାର ଏବଂ ଡାକ୍ତର ହେମନ୍ତ କୁମାର ମେହେର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି


ସରୋଜ ମେହେର

ତୁରନ୍ତ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ । ଅଂଶୁଘାତ କକ୍ଷରେ ବିଧାୟକଙ୍କୁ ଭର୍ତ୍ତି କରିବା ପରେ ସାଲାଇନ୍ ଲଗାଯାଇଥିଲା।

ଗମ୍ଭାରୀ ଗାଁରେ ନିମ୍ନମାନର ରାସ୍ତା କାମ ତଦାରଖ ବେଳେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବିଚ୍ ରାସ୍ତାରେ ସର୍ବସମ୍ମୁଖରେ ଉଠବସ୍ କରିବା ଘଟଣାରେ ବିବାଦୀୟ ହୋଇପଡିଥିବା ପାଟଣାଗଡ ବିଧାୟକ ମେହେରଙ୍କୁ ବଲାଙ୍ଗୀର ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଥିଲା । ପାଟଣାଗଡ ଅତିରିକ୍ତ ଜିଲାଦୌରା ଜଜ୍ (ଏଡିଜେ)ଙ୍କ ଆବାସିକ ଅଫିସରେ ବିଧାୟକଙ୍କୁ ହାଜର କରାଯାଇଥିଲା। ଏହି ଘଟଣାକୁ ନେଇ ବିଧାୟକ ମେହେରଙ୍କୁ ୧ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତରେ ରହିବାକୁ ଏଡିଜେ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସୋମବାର ଅପରାହ୍ନରୁ ବିଧାୟକ ମେହେର ପାଟଣାଗଡ ଉପ କାରାଗାରରେ ରହିଥିଲେ।

## ଖାଦ୍ୟ ନିଗମ କର୍ମଚାରୀ ସଂଘ ପକ୍ଷରୁ ୫,୫୫,୦୦୦ ଟଙ୍କାର ସହାୟତା

**ଭୁବନେଶ୍ୱର, ୨୫।୬ (ବ୍ୟୁରୋ)**

ଭାରତୀୟ ଖାଦ୍ୟ ନିଗମ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ମଙ୍ଗଳବାର ୫,୫୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ବାତ୍ୟା ଫନୀ କ୍ଷତିଗ୍ରସ୍ତଙ୍କ ସହାୟତା ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। କର୍ମଚାରୀ ସଂଘ ପକ୍ଷରୁ ଏହାର ପ୍ରତିଷ୍ଠାତା ଘନଶ୍ୟାମ ଜେନା ଓ ଅତିରିକ୍ତ ସାଧାରଣ ସମ୍ପାଦକ ତନ୍ମୟ ଜେନା ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏସମ୍ପର୍କିତ ଚେକ୍ ପ୍ରଦାନ କରିଥିଲେ।




## ୧୦୧ କଲେଜରେ ହେବ ସ୍ମାର୍ଟ କ୍ଲାସ୍ ରୁମ୍

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ସନ୍ଦେହ ଦୂର କରିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଚଳିତ ଶିକ୍ଷାବର୍ଷରୁ କଲେଜରେ ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସ୍ ରୁମ୍‌ରେ ପାଠ ପଢ଼ିବେ। ସେଥିପାଇଁ କଲେଜଗୁଡ଼ିକୁ ପ୍ରୋଜେକ୍ଟର, ଅଡିଓ ଭିଜୁଆଲ୍ କିଟ୍, କ୍ୟାମେରା ଭଳି ଅତ୍ୟାଧୁନିକ ଟେକ୍ନୋଲୋଜିରେ ପ୍ରସ୍ତୁତ କରାଯାଉଛି। ରାଜ୍ୟର ୧୦୧ ଡିଗ୍ରୀ କଲେଜକୁ ଏହିଭଳି ଭାବେ ପ୍ରସ୍ତୁତ କରାଯିବ। ୧୩୫ ସ୍ମାର୍ଟ କ୍ଲାସ୍ ରୁମ୍ ହେବ, ଯେଉଁଠାରେ ପ୍ରବୀଣ ଓ ଅଭିଜ୍ଞ ଅଧ୍ୟାପକମାନେ ଅତ୍ୟାଧୁନିକ ଶୈଳୀରେ ଶିକ୍ଷାଦାନ କରିବେ। ଅଧ୍ୟାପକଙ୍କ ଲେକ୍ଚର ସବୁ ରେକର୍ଡ ହୋଇ ରହିବ, ଯାହାକୁ ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ର ଦେଖି ଡାଉଟ୍ କ୍ଲିୟର କରିପାରିବେ। ଏହାସହ ସବୁ କ୍ଲାସ୍ ରୁମ୍ ପାଇଁ କମନ୍ ଡାଟା ବେସ୍ ରହିବ। ରାଜ୍ୟର ଯେକୌଣସି ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଛାତ୍ରୀଛାତ୍ର ବସିଲେ ଏହାକୁ ଆକ୍ସେସ କରିପାରିବେ। ସ୍ମାର୍ଟ କ୍ଲାସ୍ ରୁମ୍ ଲାଗି କଲେଜ ପିଛା ପ୍ରାୟ ୭ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କଲେଜଗୁଡ଼ିକରେ ସ୍ମାର୍ଟ୍ କ୍ଲାସ୍ ରୁମ୍ ବ୍ୟବସ୍ଥା କରାଯାଉଛି। ଏହାର ଅନୁଧ୍ୟାନ ଲାଗି ଉଚ୍ଚ ଶିକ୍ଷା ବିଭାଗ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଟିମ୍ ଭେରିଫିକେଶନ ପରେ କ୍ଲାସ୍ ରୁମ୍ ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୪ ସ୍ମାର୍ଟ କ୍ଲାସ୍ ରୁମ୍ ପ୍ରସ୍ତୁତ ହୋଇସାରିଲାଣି। ସେପଟେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବାରେ ସ୍ମାର୍ଟ କ୍ଲାସ୍ ରୁମ୍ ଉପଯୋଗୀ ବୋଲି କଲେଜ କର୍ତ୍ତୃପକ୍ଷ ଆଶା ରଖିଛନ୍ତି ଏବଂ ଛାତ୍ରୀଛାତ୍ର ମଧ୍ୟ ଏହାକୁ ନେଇ ଉତ୍ସାହିତ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ଅଷ୍ଟମସ୍ଥ ବୃହସ୍ପତିଙ୍କ ଦୃଷ୍ଟି ଆପଣଙ୍କ ଯାତ୍ରା, ପରିବାର, ଯାନବାହନ ପାଇଁ ସମସ୍ୟା ସୃଷ୍ଟି କରିବ। ବୁଧ ଓ ବୃହସ୍ପତି ସମ୍ପର୍କରୁ ଶ୍ରମିକ କିମ୍ବା କଞ୍ଚାମାଲର ଅଭାବ ଜନିତ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ । ଅବଶ୍ୟ ସଭାସମିତି, ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହିନ ପାରେ।

**ବୃଷ**
ଅଷ୍ଟମାଧିପତିଙ୍କ ଶୁକ୍ରଙ୍କ ପ୍ରତି ଦୃଷ୍ଟି ସ୍ୱାସ୍ଥ୍ୟ ସମସ୍ୟାଜନିତ ବନ୍ଧୁମିଳନ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ବାଧ୍ୟ ହେବେ। ସାଧାରଣ କଥାକୁ କେନ୍ଦ୍ର କରି ସମ୍ପର୍କରେ ବୈରମନୋଭାବ, ଜମିଜମା କାରବାରରେ କଳହ କିମ୍ବା ସହକର୍ମୀଙ୍କ ସହ ତର୍କବିତର୍କର ସମ୍ମୁଖୀନ ହେବେ। ପ୍ରତିଦ୍ୱନ୍ଦ୍ୱିତା ହେତୁ ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ।

**ମିଥୁନ**
ଆଜିର ଗ୍ରହସ୍ଥିତି ଅନୁଯାୟୀ ପରିବାରରେ ସ୍ୱାସ୍ଥ୍ୟହାନି ବ୍ୟସ୍ତ ବିବ୍ରତତାର କାରଣ ହୋଇପାରେ। ତଥାପି ଅସୁବିଧାରେ ଥିଲେ ମଧ୍ୟ ନିଜ ପରିସରର ଲୋକମାନଙ୍କ ସାହାଯ୍ୟରୁ କୌଣସି କାମ ଅଟକିବ ନାହିଁ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ । ବନ୍ଧୁମିଳନ, ସଭାସମିତିରେ ଅଗ୍ରଗତି ଘଟିବ।

**କର୍କଟ**
ଆଜି ଶୁକ୍ର ଓ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଦିନଟିରେ ଭୋଗ ବିଳାସ, କଳା ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ଓ ମଉଜ, ମଜଲିସ୍ ସକାଶେ ମନ ବଳାଇବେ। ରବି ଓ ରାହୁଙ୍କ କୁପ୍ରଭାବରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ବ୍ୟବସାୟ,ବାଣିଜ୍ୟରେ ଉନ୍ନତି ଘଟିବ।

**ସିଂହ**
ସମସ୍ୟା ଲାଗି ରହିଲେ ମଧ୍ୟ ଆପଣ ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିପାରନ୍ତି। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଜଟିଳ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ ବିପନ୍ନ କରିବ । ଏକାଦଶସ୍ଥ ବଳବାନ୍ ରାହୁ ସହ ରବି ହେତୁ ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ । ପ୍ରଶାସନିକ ସ୍ତରରେ ସଫଳତା ଲାଭ କରିବେ।

**କନ୍ୟା**
ଅଷ୍ଟମାଧିପତି ମଙ୍ଗଳ ଏକାଦଶ ଭାବରୁ ଧନଭାବକୁ ପ୍ରଭାବିତ କରୁଥିବାରୁ ଅର୍ଥ କିମ୍ବା ବିବାଦୀୟ ମନ୍ତବ୍ୟ ଜନିତ ସମସ୍ୟା ଆସିପାରେ। କୌଣସି କଥାକୁ ଠିକ୍ ଭାବେ ବିଚାର ନ କରି ଓ ଭୁଲ୍ ନିଷ୍ପତ୍ତି ନେଇ ପରେ ଅନୁତାପ କରିପାରନ୍ତି। ଅବଶ୍ୟ ବୃହସ୍ପତିଙ୍କ ସୁପ୍ରଭାବ ବାଣିଜ୍ୟରେ ଉନ୍ନତି ଘଟାଇବା ସହ ଆଲୋଚନାକୁ ଅମୀମାଂସିତ ରଖିପାରେ।

**ତୁଳା**
ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ରୋଗ, ଋଣ ଓ ଶତ୍ରୁତା ହେତୁକ କାର୍ଯ୍ୟହାନି ଜନିତ ଚିନ୍ତିତ କରାଇପାରେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧିକୁ ସନ୍ଦେହ କରି ଘରେ ବିଭିନ୍ନ ପ୍ରକାରର କଥା ଶୁଣିବାକୁ ପଡିପାରେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ହାନି କାରଣରୁ କାମ କରିବା ପାଇଁ ନିସ୍ପୃହତା ଅନୁଭବ କରିପାରନ୍ତି।

**ବିଛା**
ଭାଗ୍ୟଭାବସ୍ଥ ମଙ୍ଗଳଙ୍କ ପ୍ରତି ଗୁରୁଦୃଷ୍ଟି ସୁସମ୍ପର୍କ ବୃଦ୍ଧିରେ ସହାୟକ ହୋଇପାରିବ । ତଥାପି ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପଛରୁ ଗୋଡ ଟାଣି ପାରନ୍ତି। ଫଳତଃ ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପାରେ। ନିର୍ମାଣ, ପରିବହନ, ଜମିଜମା କାମରେ ବନ୍ଧୁଙ୍କ ସାହାଯ୍ୟ ପାଇବେ।

**ଧନୁ**
ଚନ୍ଦ୍ରଙ୍କ କେନ୍ଦ୍ରରେ ଚାରୋଟି ପାପଗ୍ରହ ପରିବାର ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ବିଶେଷ ଭାବେ ଆଶା କରୁଥିବା ଦିଗରୁ ଅର୍ଥ ଓ ଆବଶ୍ୟକୀୟ ସହଯୋଗ ଆଶା ଭଙ୍ଗୁର ହୋଇଯିବ। ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ପୂର୍ବଶତ୍ରୁତାକୁ ନେଇ ପଡୋଶୀମାନେ ଅସୁବିଧା ସମୟରେ ପାଖ ମାଡିବେ ନାହିଁ।

**ମକର**
ଅନୁକୂଳ ଗ୍ରହ ପ୍ରଭାବରୁ ଆଶା ପୂରଣ ହେବା ସହ ନୂତନ କର୍ମାରମ୍ଭ ପ୍ରୀତିଦାୟକ ହୋଇପାରେ। କିନ୍ତୁ କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ଓଲଟା ଫଳ ପାଇବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ। ଏକ ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ**
ଚନ୍ଦ୍ର ଓ ଶୁକ୍ରଙ୍କ ଶୁଭ ସଂସ୍ଥାନ ଆପଣଙ୍କ ଆଜିର ଜୀବନଯାତ୍ରାକୁ ଆନନ୍ଦ ଦାୟକ କରିବ। ବଳହୀନ ମଙ୍ଗଳ ଯୋଗୁ ସାହାଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବାକୁ ପଡିପାରେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ଓ ସାଧାରଣ କଥାକୁ ଅସାଧାରଣ ଭାବେ ଚିନ୍ତା କରିବେ। ବ୍ୟବସାୟରେ ସଫଳତା ହାସଲ କରିପାରନ୍ତି।

**ମୀନ**
ପଡ଼ୋଶିନୀଙ୍କ ସହାନୁଭୂତି ପାଇବେ। କିନ୍ତୁ ପରିବାର ସ୍ଥାନରେ ପାପଗ୍ରହଜନିତ ପାରିବାରିକ ସମସ୍ୟାରୁ ମୁକ୍ତି ମିଳିବା କଷ୍ଟକର ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଆଷାଢ଼ କୃଷ୍ଣ ନବମୀ ବୁଧବାର, ଜୁନ୍ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ରାଶିନକ୍ଷତ୍ର-ରେବତୀ/ମୀନ, କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୬।୫୦ମି. ଗତେ ଘ.୮।୨୯ମି. ମଧ୍ୟେ, ଘ.୩।୦୫ମି. ଗତେ, ଘ.୪।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ.୬।୫୦ମି. ମଧ୍ୟେ ଘ.୧୦।୦୮ମି. ଗତେ, ଘ.୧।୪୭ମି. ମଧ୍ୟେ ଅମୃତବେଳା । ଦିବା ଘ.୧୧।୪୯ମି. ଗତେ ଘ.୧।୨୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

ଦୁଇଟି ସନ୍ତାନ ଥିବା 45 age widower groom ପାଇଁ bride ଆବଶ୍ୟକ। 9861136268. D-64976

ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣେ 30 ବର୍ଷୀୟ ବଙ୍ଗୀୟ ବ୍ରାହ୍ମଣ ଯୁବକଙ୍କ ନିମନ୍ତେ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9583365361, 6372494361 D-13095

**GROOM WANTED**

48 years, 168cms graduation community organizer, Government of Jharkhand, looking for a job/business young man or issueless widower. 7377689793 D-63777

Beautiful Kandara girl 1987, Diploma, serving Bhubaneswar (early marriage) 9439493111. D-66153

43 ବର୍ଷ Khandayata HDFC Bank ରେ clerk (29,000) ଝିଅ ପାଇଁ job/ business man proposal. (Caste no bar). 8895458810. D-13092

Suitable match for a Bengali girl 35 M.Pharma working in Bangalore, 8249578969. D-13094

Wanted Doctor, Govt. Officer, Bank Officer groom for beautiful Brahmin girl 1991, 5'5" serving Bank Manager, Bangalore. "SUNASANSAR"- 9937512659. D-66707

Divorcee bride teacher 34, Engineer 39+ (caste-no-bar). Contact: 7873374269. D-66498

Now Matrimonial ads. only on Wednesday & Sunday
Book 1 Get 1 FREE

2BHK living, dining, Pujaroom newly renovated family accommodation at BDA Colony, Baramunda (Near Ruchika Market) 9980400668, 8018115416. D-13090

2BHK independent house for family at Bajaranga Vihar, Patia, Bhubaneswar. 9556985544. D-64978

3BHK ground floor Rs. 12000/- for family, service holder near Patia Xavier School. 9658197163. D-61055




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674-2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754. D-66576

Ayurvedic full body massage ladies/ gents smart experts therapist. 9114697517. D-66906

Summer special mesmerizing offer expert therapeutic refreshing massage appointment. 9668374480. D-66579




**SALE**

Indigo ECS-LS, 2015 Model Diesel white, excellent condition private use. 7381711711. D-65657




**SALE**

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 6370292040. D-66395

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡି. 90,000 ବିକ୍ରି। Contact: 8908492594. D-12707

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66907

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

**Developed residential demarcated plot at Hanspal, Nakhara, Rudrapur, DPS, Dadhichi, Balianta and Satyabhamapur, immediate registration and construction: 7978375354.** D-13085

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-13113

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ.୨୧୦/-ରେ। ବିବାହ ଶୁଭେଚ୍ଛା ଟ.୨୧୦/- (ଫଟୋ ସହ) ଏବଂ ଟ.୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

Gharabari yellowzone stitiban plot available at Malipada mainroad 500 meters from SUM Hospital, DAV School, Bhubaneswar 1600/- sqft. 9777063609. D-66152

Plot near Dhauli 1700 sqft infront of New bus stand sqft 900/-. 9938503178. D-13115

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

Bhubaneswar ସନ୍ନିକଟ Pitapalli ଛକଠାରେ 40', 30', 60' road, electric pole, possession plot ମାତ୍ର 6,60,000/- ମିଳୁଅଛି। 9439101373/7750068828. D-13131

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

ଭୁବନେଶ୍ୱର ହଂସପାଳ ଅଟଳା, ରଙ୍ଗବଜାରରେ ଘରବାରି ବାଉଣ୍ଡାରୀ ପ୍ଲଟ ବିକ୍ରି ହେବ- 8093465134, 9668194157. D-66497

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୫୦/- ଟଙ୍କା। Contact: 7609987767. D-59931




Ladies hostel at Nayapalli DAV/ PNB Bank side. 9438490107, 9937345300. D-66910

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit before the Notary Public, Bhubaneswar. I Shakh Mousim, S/o- Shakh Hakim resident Dhamtari, Chhatisgarh declare that Shakh Mousim and Shaik Masim is one & same person. I shall be known as Shakh Mousim for all purposes. D-61918

By virtue an affidavit No.-25 before Executive Magistrate, Bhubaneswar Dt.30-05-19 I declare that my name has been changed from Sonali Patnaik to Sonali Mohanty.Henceforth I shall be known as Sonali Mohanty for all purposes. D-67001

By an affidavit before the Notary Rourkela, I Meshak Bara, Village: Kuarmunda, Dist: Sundargarh declared that in my son Praveen Bara's 10th class pass certificate and marksheet my wife's name has been mentioned as Praden Bara instead of Parden Bara. That both the names stands for one and same person. D-13143


**ନିରୁଦ୍ଦିଷ୍ଟ**



ନାମ: ରେସ୍ମା ବେଗମ୍ (କାଜଲ), (୨୦), ପିତା: ଏମ୍.ଡି.କମର ଅଲ୍ଲି, ଖୋର୍ଦ୍ଧା, ଜଟଣୀ, ଗତ ୨୧।୦୬।୨୦୧୯ ୬ ଘଟିକା ସମୟରେ ଘରୁ ବାହାରି ଚାଲିଯାଇଥିଲେ। ସେ ମାନସିକ ରୋଗୀ ଅଟନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। 8599801361, 8328801151. ଧ-୧୩୧୨୯

## ବିଧାନସଭାରେ ଶୋକ

**ଭୁବନେଶ୍ୱର,୨୫ା୬(ବ୍ୟୁରୋ):** ବିଧାନସଭାର ପୂର୍ବତନ ସଦସ୍ୟ ଏବଂ ପୂର୍ବତନ ସିଆର୍‌ପିଏଫ୍ କନଷ୍ଟେବଲଙ୍କ ବିୟୋଗରେ ଗୃହରେ ମଙ୍ଗଳବାର ଶୋକପ୍ରକାଶ କରାଯାଇଛି। ଅଧିବେଶନ ଆରମ୍ଭରେ ରାଜ୍ୟପାଳ ଅଭିଭାଷଣ ରଖିଥିଲେ। ଏହା ପରେ ପୂର୍ବାହ୍ନ ୧୧ଟା ୨୫ ମିନିଟ୍‌ରେ ଗୃହରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବତନ ମନ୍ତ୍ରୀ ବେଦ ପ୍ରକାଶ ଅଗ୍ରୱାଲ, ଗଙ୍ଗାଧର ପ୍ରଧାନ, ବିଧାନସଭାର ପୂର୍ବତନ ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ଚନ୍ଦ୍ରସେଣା ନାୟକ, ପରୀକ୍ଷିତ କର୍ଣ୍ଣ ଏବଂ ସିଆର୍‌ପିଏଫ୍‌ର ପୂର୍ବତନ କନଷ୍ଟେବଲ ପ୍ରସନ୍ନ କୁମାର ସାହୁ, ମନୋଜ କୁମାର ବେହେରା, ରାଷ୍ଟ୍ରୀୟ ରାଇଫଲ୍‌ସର ପୂର୍ବତନ ନାଏକ ଅଜିତ୍ କୁମାର ସାହୁଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ସେ ଦିବଂଗତ ସଦସ୍ୟ ଓ ଯବାନମାନଙ୍କ ସ୍ମୃତିଚାରଣ କରିବା ସହିତ ସେମାନଙ୍କ ସଂକ୍ଷିପ୍ତ ଜୀବନୀ ବିଷୟରେ ଉଲ୍ଲେଖ କରିଥିଲେ। ଏଥିସହିତ ପରଲୋକଗତ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବା ସହିତ ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ସମର୍ଥନ କରିବା ସହିତ ସ୍ୱର୍ଗତ ସଦସ୍ୟ ଓ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର, ସିପିଆଇ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ବିଧାନସଭାର ସ୍ୱର୍ଗତ ସଦସ୍ୟ ଓ ଦେଶ ପାଇଁ ପ୍ରାଣବଳି ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ୨୮ ମିନିଟ ଧରି ଗୃହରେ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

## ସୂଚନା ଓ ଲୋକସମ୍ପର୍କ ବିଭାଗରେ ନୂତନ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

### ଅଧିକାରୀମାନେ ଦକ୍ଷ ଓ ପ୍ରତିବଦ୍ଧ ହେବାକୁ ପରାମର୍ଶ

**ଭୁବନେଶ୍ୱର,୨୫ା୬(ବ୍ୟୁରୋ):** କାର୍ଯ୍ୟକ୍ଷେତ୍ରରେ ଶୃଙ୍ଖଳା ଓ ଅନୁରାଗ ଦ୍ୱାରା ଅଧିକାରୀମାନେ ବିଶେଷ ଦକ୍ଷ ଓ ପ୍ରତିବଦ୍ଧ ହୋଇପାରିବେ। ସେଥିପାଇଁ କର୍ମସଂସ୍କୃତି, ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକଭାବେ ମଙ୍ଗଳବାର ଦାୟିତ୍ୱ ନେଇଥିବା କୃପାସିନ୍ଧୁ ମିଶ୍ର ଏହି ପରାମର୍ଶ ଦେଇଛନ୍ତି। ପୂର୍ବାହ୍ନରେ ପ୍ରଶାସକ ମିଶ୍ରଙ୍କୁ ବିଭାଗୀୟ ବରିଷ୍ଠ ପଦାଧିକାରୀ ତଥା କର୍ମଚାରୀମାନେ ଲୋକସମ୍ପର୍କ ଭବନଠାରେ ସ୍ୱାଗତ ଜଣାଇଥିଲେ। ଅପରାହ୍ନରେ ଅଧିକାରୀ ତଥା କର୍ମଚାରୀମାନଙ୍କର ଏକ ବୈଠକରେ ସେ ଅଧକ୍ଷତା କରିଥିଲେ। ବୈଠକରେ ସେ କହିଛନ୍ତି, ବିଭାଗର କାର୍ଯ୍ୟକ୍ରମ ସୁଦୂରପ୍ରସାରି ହୋଇପାରୁଛି। ଅଧିକାରୀମାନେ ସ୍ୱଚ୍ଛତା, ଦକ୍ଷତା ଓ ସାଧୁତା ବଜାୟ ରଖି ଉତ୍ତମ ପ୍ରଶାସନର ସୁଫଳକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ। ଅଧିକାରୀମାନେ ବୈଷୟିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ, ସମନ୍ୱିତ ଆଦାନପ୍ରଦାନ ଓ ଅଭିଜ୍ଞତାର ଉପଲବ୍ଧି ଆଧାରରେ ଅଧିକ କ୍ରିୟାଶୀଳ ଓ ତତ୍ପର ହେବା ପାଇଁ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ନୂତନ ନିର୍ଦ୍ଦେଶକଙ୍କୁ ସ୍ୱାଗତ ଜଣାଇବା ସହିତ ବିଭାଗର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ ଓ ବରିଷ୍ଠ ସୂଚନା ଅଧିକାରୀ ସୂର୍ଯ୍ୟରଞ୍ଜନ ମହାନ୍ତି ମଧ ବକ୍ତବ୍ୟ ରଖିଥିଲେ। ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ମଧ ମଞ୍ଚାସୀନ ଥିଲେ। ଏହି ବୈଠକରେ ଉପଶାସନ ସଚିବ ଦୁର୍ଗା ପ୍ରସାଦ ମହାରଣା, ଉପଶାସନ ସଚିବ ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ, ସୂଚନା ଅଧିକାରୀ ତଥା ବିଭିନ୍ନ ପ୍ରଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ।





ମଙ୍ଗଳବାର ବିଧାନସଭାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ପ୍ରବେଶ କରୁଛନ୍ତି।

# ଗୃହ ଆରମ୍ଭରୁ ହଟ୍ଟଗୋଳ

- କଂଗ୍ରେସର କକ୍ଷତ୍ୟାଗ
- ବୁଧବାର ଯାଏ ମୁଲତବୀ

**ଭୁବନେଶ୍ୱର,୨୫ା୬(ବ୍ୟୁରୋ)**

ଭାଜପା ଓ ବିଜେଡି ମଧ୍ୟରେ ଥିବା ଖୋଲା ବୁଝାମଣା ଏବଂ ବିରୋଧୀ ଦଳ ନେତା ଘୋଷଣା ପ୍ରସଙ୍ଗକୁ ନେଇ ମଙ୍ଗଳବାର ବିଧାନସଭାରେ ହଟ୍ଟଗୋଳ ହୋଇଛି। ବିରୋଧୀ ଦଳ ନେତାଙ୍କ ନାମ ଘୋଷଣା କରା ନ ଯାଇ ବାଚସ୍ପତି ତାଙ୍କୁ ଭାଷଣ ଦେବାକୁ କିପରି ଅନୁମତି ଦେଲେ ଏବଂ ମୁଖ୍ୟ ସଚେତକ ତାଙ୍କୁ ଧନ୍ୟବାଦ ଦେବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ । ଏହି ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସର ସଦସ୍ୟମାନେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ବିଧାନସଭାରେ ହଲାପଟା କରିଛନ୍ତି। କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ କିଛି ସମୟ ପାଇଁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। କେଉଁଥିପାଇଁ ଗୃହରେ ବାଚସ୍ପତି ବିରୋଧୀ ଦଳ ନେତାଙ୍କ ନାମ ଘୋଷଣା କଲେ ନାହିଁ, ତାହାର ଜବାବ ଦିଆଯାଉ। ସର୍ବଦଳୀୟ ବୈଠକ ଡାକି ଏ ବିଷୟରେ ଆଲୋଚନା କରନ୍ତୁ। ଏହା ପରେ ଗୃହ ଚାଲିବ । ଏଭଳି ଜିଦ୍‌ରେ ଅଡ଼ିବସି କଂଗ୍ରେସ ସଦସ୍ୟମାନେ ଗୃହରେ ପ୍ରବଳ ପାଟିତୁଣ୍ଡ କରିଥିଲେ।

ରାଜ୍ୟପାଳଙ୍କ ଅଭିଭାଷଣ ପରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ରମେଶ ଜେନା, ମହମ୍ମଦ ମୋକିମଙ୍କ ସମେତ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବିରୋଧୀ ଦଳ ନେତାଙ୍କ ନାମ କାହିଁକି ଘୋଷଣା କରାଗଲା ନାହିଁ ବୋଲି ବାଚସ୍ପତିଙ୍କୁ ଇଙ୍ଗିତକରି ଗୃହର ମଧ୍ୟଭାଗକୁ ଆସି ପାଟିକଲେ। ବିଜେଡି, ଭାଜପା ଭାଇଭାଇ ସ୍ଲୋଗାନ ଦେଇ ଗୃହରେ ହଟ୍ଟଗୋଳ କରିଥିଲେ। ନରସିଂହ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କୁ କଡ଼ା ସମାଲୋଚନା କରିଥିଲେ। ବିରୋଧୀ ଦଳ ନେତାଙ୍କ ନାମ ଘୋଷଣା ନ କରି ବାଚସ୍ପତି ଗୃହର ପରମ୍ପରା ଭଙ୍ଗ କରିବା ସହିତ ବୈଠକକୁ ସ୍ଥଗିତ ରଖି ଏ ସମ୍ପର୍କରେ ଆଲୋଚନା ହେଉ ବୋଲି ଦାବି କରିଥିଲେ। ତେବେ ବାଚସ୍ପତି କଂଗ୍ରେସର ଦାବିକୁ ଗ୍ରହଣକରି ନ ଥିଲେ। ଏ ବିଷୟରେ ପରେ ଆଲୋଚନା କରିବା ବୋଲି କହିଥିଲେ। ଏହି ପ୍ରସଙ୍ଗକୁ ନେଇ ଗୃହରେ କିଛି ସମୟ ନାରାବାଜି କରିବା ପରେ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। କଂଗ୍ରେସ ଦଳର ଅନୁପସ୍ଥିତିରେ ବାଚସ୍ପତି ଗୃହ ପରିଚାଳନା କରିବା ସହିତ ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ରାଜ୍ୟପାଳ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିବା ପାଇଁ କହିଥିଲେ। ଏଥିସହିତ ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟପରିଚାଳନା ନିୟମାବଳୀର ନିୟମ ୧୫-ଏ ଅନୁଯାୟୀ ବିଧାନସଭାର ଗତ ଅଧିବେଶନ ଠାରୁ ରାଜ୍ୟପାଳଙ୍କ ସମ୍ମତି ଲାଭ କରିଥିବା ବିଲ୍‌ଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ବିଧାନସଭା ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବାଚସ୍ପତି ଅଧିଷ୍ଠାତା ମଣ୍ଡଳୀଙ୍କ ନାମ ଘୋଷଣାକରି ଗୃହକୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଏହି ପ୍ରସଙ୍ଗରେ ଗୃହ ବାହାରେ ଭାଜପାର ବରିଷ୍ଠ ନେତା ଜୟନାରାୟଣ ମିଶ୍ର କହିଛନ୍ତି ଯେ, ଆମେ ମୁଖ୍ୟ ବିରୋଧୀ ଦଳର ଦାୟିତ୍ୱ ଠିକ୍ ଭାବେ ତୁଲାଇବୁ । କଂଗ୍ରେସ ବିରୋଧୀ ଦଳ ନେତା ବିଜେଡିରେ ମିଶିଛନ୍ତି। କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ଅନୁପସ୍ଥିତିରେ ଗୃହ ପରିଚାଳନାକୁ ନରସିଂହ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପ୍ରକୃତ ବିରୋଧୀ ଦଳ ଅନୁପସ୍ଥିତିରେ ଗୃହ ଚାଲିଲା କେମିତି। ବିରୋଧୀ ଦଳ କହିବାର ଅଧିକାର ଭାଜପାର ନାହିଁ। ସାରା ଭାରତରେ ଭାଜପା, ବିଜେଡି ଇତିହାସ ସୃଷ୍ଟି କରିଛନ୍ତି। ଉଭୟ ଦଳ ମଧ୍ୟରେ ଭିତିରିଆ ବୁଝାମଣା ରହିଛି। ମିଳିତ ଭାବେ କାର୍ଯ୍ୟ କରୁଥିବା ନେଇ ଉଭୟ ଦଳ ବିଧିବଦ୍ଧ ଘୋଷଣା କରି ନ ଥିଲେ ମଧ ବିଜେଡି ସମର୍ଥନରେ ଭାଜପାକୁ ଗୋଟିଏ ରାଜ୍ୟ ସଭା ଆସନ ମିଳିଛି। ଏଥିରୁ ସ୍ପଷ୍ଟ ଯେ, ଭାଜପା ଗୃହରେ ପ୍ରକୃତ ବିରୋଧୀ ଦଳ ନୁହେଁ। ଏହା ସରକାରୀ ଦଳର ବୋଲି ନରସିଂହ କହିଛନ୍ତି।



## ଜିଲା ଚିଠି
### ନୟାଗଡ଼

## ଚାଷଜମିକୁ ମିଳୁନି ଜଳ

ଶିଳ୍ପବିହୀନ ନୟାଗଡ଼ ଜିଲାରେ ଥିବା ଚାଷଜମିକୁ ଜଳ ମିଳୁନି। ଜିଲା ଦେଇ ମହାନଦୀ, କୁସୁମୀ, ଡାହୁକା, କୁଆଁରିଆ, ଦୁଆଣ୍ଟ, ଲୁଣିଝରା ଆଦି ନଦୀ ପ୍ରବାହିତ ହେଉଥିଲେ ମଧ ଯେପରି ଭାବେ ଜମିକୁ ଜଳସେଚନ ହେବା କଥା ତାହା ହୋଇପାରିନାହିଁ। ଫଳରେ କେବଳ ଖରିଫ ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ଚାଷଜମି ପଡ଼ିଆ ପଡୁଛି; ଯାହାଦ୍ୱାରା ଜିଲା କୃଷକମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରୁନାହିଁ। ନିର୍ବାଚନ ସମୟରେ ବିଭିନ୍ନ ଦଳର ନେତାମାନେ ଚାଷଜମିକୁ ଜଳସେଚନ ବନ୍ଦୋବସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦିଅନ୍ତି। ହେଲେ ନିର୍ବାଚନ ପରେ ସମସ୍ତେ ଭୁଲିଯାଆନ୍ତି। ଜିଲାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି। ମୋଟ ଜମି ପରିମାଣ ୧ ଲକ୍ଷ ୩୪ ହଜାର ହେକ୍ଟର ହୋଇଥିବାବେଳେ ସେଥିରୁ ଖରିଫ ଋତୁରେ ୧ ଲକ୍ଷ ୧ ହଜାର ୨୦୦ ଓ ରବି ଋତୁରେ ୯୩,୨୨୦ ହେକ୍ଟର ଜମିରେ ଚାଷ କରାଯାଏ। ସମୁଦାୟ ଜମି ମଧ୍ୟରୁ ମାତ୍ର ୨୬,୪୪୩ ହେକ୍ଟର ଜମିରେ ସରକାରଙ୍କ ପକ୍ଷରୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ସମସ୍ତ ଜମିର ଏହା ମାତ୍ର ୧୯.୭୩ ପ୍ରତିଶତ। ନୟାଗଡ଼ କ୍ଷୁଦ୍ରଜଳସେଚନ ବିଭାଗ ଜିଲାର ୮ ବ୍ଲକରେ ୧୪୭ ପ୍ରକଳ୍ପ କରି ୨୫,୪୧୮ ହେକ୍ଟର ଜମିକୁ ଜଳସେଚନ ବନ୍ଦୋବସ୍ତ କରିଛି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଜିଲାରେ ୩ଟି ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ କରାଯାଇଛି। ବୁଢ଼ାବୁଢ଼ିଆଣୀ ପ୍ରକଳ୍ପ ଓଡ଼ଗାଁ ବ୍ଲକରେ ୪୨୯୦ ହେକ୍ଟର, କୁଆଁରିଆ ପ୍ରକଳ୍ପ ଦଶପଲ୍ଲା ଓ ନୂଆଗାଁ ବ୍ଲକରେ ୩୭୮୦ ହେକ୍ଟର ଏବଂ ଡାହୁକା ପ୍ରକଳ୍ପ ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକରେ ୨୨୭୮ ହେକ୍ଟର ଜମି ଏହିଭଳି ମୋଟ ୧୦,୩୪୮ ହେକ୍ଟର ଜମିକୁ ଜଳସେଚନ କରୁଛି। ଆଶ୍ଚର୍ଯ୍ୟର କଥା ହେଉଛି ଏହି ୩ଟି ପ୍ରକଳ୍ପ ପାଇଁ ୨୦୦୭ ମସିହାଠାରୁ ପାଣି ପଞ୍ଚାୟତ ନିର୍ବାଚନ କରାଯାଉନାହିଁ। ଫଳରେ ଏହି ପ୍ରକଳ୍ପଗୁଡ଼ିକ କିପରି କାର୍ଯ୍ୟକ୍ଷମ ହେଉଥିବ ତାହା ସହଜରେ ଅନୁମେୟ। ଅନ୍ୟପକ୍ଷରେ କ୍ଷୁଦ୍ର ଜଳସେଚନ ଓ ଜଳସମ୍ପଦ ବିଭାଗ ଯେଉଁ ପରିମାଣ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଥିବା କହୁଛନ୍ତି କୃଷି ବିଭାଗ ତଥ୍ୟ ସହିତ ଏହାର ତାଳମେଳ ରହୁନାହିଁ। କୃଷି ବିଭାଗ କହିବା କଥା ଦୁଇ ବିଭାଗ ଯେଉଁ ପ୍ରକଳ୍ପ କରୁଛନ୍ତି ତା'ର ତାଲିକା ଦେଉନାହାନ୍ତି। ଅନୁରୂପ ଭାବେ ଉଭୟ ବିଭାଗ ପକ୍ଷରୁ ହୋଇଥିବା ପ୍ରକଳ୍ପର ମରାମତି ପାଇଁ ପ୍ରତିବର୍ଷ ଟଙ୍କା ମଞ୍ଜୁର ହେଉଥିଲେ ସୁଦ୍ଧା କିଭଳି ବିନିଯୋଗ ହେଉଛି ତାହା ତଦନ୍ତ ସାପେକ୍ଷ। ଚାଷୀମାନଙ୍କ ଜମିକୁ ଜଳ ନ ଯିବା ଘଟଣା ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନୈତିକ ବ୍ୟକ୍ତିବିଶେଷଙ୍କ ଇଚ୍ଛାଶକ୍ତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲାରେ ଜଳସେଚନ ବ୍ୟବସ୍ଥା ସୁଦୃଢ଼ ପାଇଁ ୧୯୭୬ ମସିହାରେ ଦଶପଲ୍ଲାର ମଞ୍ଜାରି ଗାଁ ନିକଟ ମାଇ ଓ ଡାବଲଦେଇ ପାହାଡ ପାଦଦେଶରେ ବୃହତ୍ତଙ୍ଗ ଜଳସେଚନ ପ୍ରକଳ୍ପ କରାଯିବା ପାଇଁ ସର୍ଭେ ହୋଇଥିଲା। ଏହା ଦ୍ୱାରା ଜିଲାର ୨୩,୩୩୦ ହେକ୍ଟର ଜମିକୁ ଜଳସେଚନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏହି ଯୋଜନା ଜିଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି।

– ରଞ୍ଜନ କୁମାର ପ୍ରଧାନ

## ଗଠନ ହେଲା ୭ ଜଣିଆ ଅଧିଷ୍ଠାତା ମଣ୍ଡଳୀ

**ଭୁବନେଶ୍ୱର,୨୫ା୬(ବ୍ୟୁରୋ):** ବିଧାନସଭା ପରିଚାଳନା ପାଇଁ ୭ ଜଣିଆ ଅଧିଷ୍ଠାତା ମଣ୍ଡଳୀ ଗଠନ କରାଯାଇଛି। ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅଧିଷ୍ଠାତା ମଣ୍ଡଳୀ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ଦେବୀପ୍ରସାଦ ମିଶ୍ର, ପ୍ରଫୁଲ୍ଲ କୁମାର ସାମଲ, ଅଶ୍ୱିନୀ ପାତ୍ର, ସ୍ନେହାଙ୍ଗିନୀ ଛୁରିଆ, ପ୍ରଶାନ୍ତ ମୁଦୁଲି, ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ସନ୍ତୋଷ ସିଂ ସାଲୁଜା। ବାଚସ୍ପତିଙ୍କ ଅନୁପସ୍ଥିତିରେ ଏହି ଅଧିଷ୍ଠାତା ମଣ୍ଡଳୀ ଗୃହକାର୍ଯ୍ୟ ପରିଚାଳନା କରିବେ।

# ୫ ବର୍ଷରେ ୫% ଦାରିଦ୍ର୍ୟ ହ୍ରାସ ଲକ୍ଷ୍ୟ

- ୫ ବର୍ଷରେ ୧୫ ଲକ୍ଷ ଯୁବତୀ ଯୁବକ କୁଶଳୀ ହେବେ
- ଗଠନ ହେବ ଅଣୁ, କ୍ଷୁଦ୍ର କଲ୍ୟାଣ ବୋର୍ଡ
- ଆହୁରି ଖୋଲିବ ଆହାର କେନ୍ଦ୍ର

**ଭୁବନେଶ୍ୱର, ୨୫ା୬(ବ୍ୟୁରୋ)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ବିଧାନସଭାରେ ଅଭିଭାଷଣ ଦେବାବେଳେ ଏକ ନୂତନ, ସଶକ୍ତ ଓଡ଼ିଶା ଗଠନର ଆହ୍ୱାନ ଦେଇଛନ୍ତି। ଏଥିସହିତ ରାଜ୍ୟ ସରକାର ଗତ ମେ ୩ ତାରିଖରେ ବାତ୍ୟା ଫନୀର କିଭଳି ମୁକାବିଲା କଲେ, ସ୍ୱଚ୍ଛ ଦୁର୍ନୀତିମୁକ୍ତ, ଲୋକାଭିମୁଖୀ ପ୍ରଶାସନ ପାଇଁ କିଭଳି ପ୍ରଶଂସା ସାଉଁଟୁଛନ୍ତି ସେ ସବୁକୁ ନିଜର ସଂକ୍ଷିପ୍ତ ଭାଷଣରେ ବଖାଣିଥିଲେ। ମହିଳା ସଶକ୍ତୀକରଣଠାରୁ ଆରମ୍ଭ କରି ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ସାମାଜିକ ସୁରକ୍ଷା, ଯୁବତୀ ଯୁବକଙ୍କ ନିଯୁକ୍ତି, ଗମନାଗମନ ସୁବିଧା, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, କୃଷି, ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ସରକାର କିଭଳି ଆଗକୁ ମାଡ଼ି ଚାଲିଛନ୍ତି ତାହାର ଗୋଲାପି ଚିତ୍ର ଆଙ୍କିଛନ୍ତି। ଏଥିସହିତ ଆଗାମୀ ୫ ବର୍ଷରେ ସରକାର କରିବାକୁ ଯାଉଥିବା ବିକାଶର ରଙ୍ଗିନ ସ୍ୱପ୍ନ ଦେଖାଇଛନ୍ତି।

ମଙ୍ଗଳବାର ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଜାତୀୟ ସଙ୍ଗୀତ ଗାନ ପରେ ରାଜ୍ୟପାଳ ଗୃହରେ ନିଜର ଅଭିଭାଷଣ ରଖିଛନ୍ତି। ଅଭିଭାଷଣ ରଖିବା ପୂର୍ବରୁ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ପରଲୋକଗତ ଲୋକ ସଭା ସଦସ୍ୟ ଲଡୁକିଶୋର ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ହରିହର କରଣ, ପୂର୍ବତନ ସଦସ୍ୟ ପ୍ରିୟନାଥ ଦେବ, ପୂର୍ବତନ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲ, ପୂର୍ବତନ ସଦସ୍ୟ ଗଙ୍ଗାଧର ପ୍ରଧାନ, ଦ୍ୱିତୀକୃଷ୍ଣ ପଣ୍ଡା, ଚନ୍ଦ୍ରସେଣା ନାୟକ ଓ ପରିକ୍ଷିତ କର୍ଣ୍ଣଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ରାଜ୍ୟବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପ୍ରତିବଦ୍ଧତା ସହିତ ପାଳନ କରିବା ପାଇଁ ରାଜ୍ୟ ସରକାର ଶପଥ ଗ୍ରହଣ କରିବା ପରେ ତୁରନ୍ତ ମନ୍ତ୍ରୀ ପରିଷଦ ବୈଠକ ଡକାଇଥିଲେ। ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଅଗ୍ରାଧିକାର ଭିତ୍ତିରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ସମସ୍ତ କୃଷକ ଓ ଭୂମିହୀନ କୃଷି ଶ୍ରମିକଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏଥିସହିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ। ଆସନ୍ତା ୫ବର୍ଷ ମଧ୍ୟରେ ଦାରିଦ୍ର୍ୟ ହାର ୫% କମାଇବାକୁ ଲକ୍ଷ୍ୟ ରଖାଯାଇଛି। ମେକ୍ ଇନ୍ ଓଡ଼ିଶା ଅଭିଯାନରେ ୬ଟି ପ୍ରମୁଖ କ୍ଷେତ୍ରରେ ୩୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ର ଜରିଆରେ ୧.୫ ଲକ୍ଷ ଅତି କୁଶଳୀ ବୃତ୍ତିଧାରୀ ସୃଷ୍ଟି କରାଯିବ। ସ୍କିଲ୍‌ଡ ଇନ୍ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡରେ ପରିଣତ କରି ଆସନ୍ତା ୫ ବର୍ଷ ମଧ୍ୟରେ ୧୫ ଲକ୍ଷ କୁଶଳୀ ଯୁବତୀ ଯୁବକ ସୃଷ୍ଟି କରାଯିବ। ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ରାଜ୍ୟ ସରକାର ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀ କଲ୍ୟାଣ ବୋର୍ଡ ସ୍ଥାପନ କରିବେ। ପୂଜକ, ନାପିତ, ରଜକଙ୍କ ପରି ପାରମ୍ପରିକ ଜୀବିକାରେ ଥିବା ଲୋକମାନଙ୍କ ପାଇଁ ଏକ କଲ୍ୟାଣ ବୋର୍ଡ ଗଠନ କରି ଆସନ୍ତା ୫ ବର୍ଷ ଭିତରେ ସମସ୍ତଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବେ। ହକି କ୍ରୀଡ଼ାର ବିକାଶ ପାଇଁ ସୁନ୍ଦରଗଡ଼ ଜିଲାର ସମସ୍ତ ୧୭ଗୋଟି ବ୍ଲକରେ ଖେଳପଡ଼ିଆରେ ଉନ୍ନତମାନର ଆଷ୍ଟ୍ରୋଟର୍ଫ ବିଛାଯିବ। ରାଜ୍ୟର ୧୧୪ଟି ସ୍ଥାନରେ ବହୁମୁଖୀ ଅତ୍ୟାଧୁନିକ ସହରାଞ୍ଚଳ ଛାତ୍ରାବାସ ନିର୍ମାଣ ହେବ। ଆଗାମୀ ୫ ବର୍ଷ ମଧ୍ୟରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ପଞ୍ଜୀକୃତ କରି ବିଭିନ୍ନ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ଟଙ୍କିକିଆ ଚାଉଳ ଯୋଜନା ଜାରି ରଖିବା ସହିତ ଅଧିକ 'ଆହାର କେନ୍ଦ୍ର' ଖୋଲିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଆସନ୍ତା ୩ ବର୍ଷ ମଧ୍ୟରେ ୫ଟି ନୂତନ ସରକାରୀ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଶେଷ କରିବା ସହିତ ଖାଲି ପଦବୀ ପୂରଣ କରାଯିବ ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି।

## ରେଳଯାତ୍ରୀଙ୍କ ସୁରକ୍ଷାକୁ ନେଇ ଡିଜିପିଙ୍କ ବୈଠକ

# କିନ୍ନରଙ୍କ ଉପରେ କଟକଣା, ଧରାହେବେ ଲୁଟେରା

**ଭୁବନେଶ୍ୱର, ୨୫ା୬(ବ୍ୟୁରୋ)**

ବିଗତ କିଛିଦିନ ହେବ ରେଳଷ୍ଟେଶନରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। କିନ୍ନର ଓ ଲୁଟେରା ଗ୍ୟାଙ୍ଗ୍ ଉତ୍ପାତ କରୁଛନ୍ତି। ଟ୍ରେନ୍ ଯାତ୍ରୀମାନେ ଷ୍ଟେଶନ ସମେତ ବାହାରେ ମଧ ଆକ୍ରମଣ, ଲୁଟ୍ ଓ ଚୋରିର ଶିକାର ହେଉଛନ୍ତି। ତେଣୁ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ମଙ୍ଗଳବାର ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଡିଜିପି କ୍ୟାମ୍ପ୍ ଅଫିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ବୈଠକରେ ଆର୍‌ପିଏଫ୍ ଆଇଜି ରାଜା ରାମ, ରେଲ୍‌ୱେ ଏଡିଜି ପ୍ରାଣବନ୍ଧୁ ଆଚାର୍ଯ୍ୟଙ୍କ ସମେତ ଜିଆର୍‌ପି ଓ ଆରପିଏଫ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ରେଲ୍‌ୱେ ସୁରକ୍ଷାକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ତେବେ କିନ୍ନରଙ୍କ ଉପରେ କଟକଣା ଲାଗୁ କରାଯିବା ସହ ଲୁଟେରାଙ୍କୁ ସାବାଡ଼ ପାଇଁ କେତେକ ନିଷ୍ପତ୍ତି ହୋଇଛି।

ଟ୍ରେନ୍‌ରେ କିନ୍ନରମାନେ ମନଇଚ୍ଛା ପ୍ରବେଶ କରି ଯାତ୍ରୀଙ୍କୁ ଟଙ୍କା ମାଗୁଛନ୍ତି। ଟଙ୍କା ନ ମିଳିଲେ ଖରାପ ବ୍ୟବହାର କରୁଛନ୍ତି। ଏପରିକି ପରିବାର ସହ ଯାଉଥିବା ଯାତ୍ରୀଙ୍କୁ ଅଶ୍ଳୀଳତା ପ୍ରଦର୍ଶନ କରିବା ସହ ଆକ୍ରମଣ କରୁଛନ୍ତି। ବାହାରୁ ଆସୁଥିବା ଯାତ୍ରୀଙ୍କ ମନରେ ରାଜ୍ୟ ପ୍ରତି ଏହା ଭିନ୍ନ ଭାବନା ସୃଷ୍ଟି କରୁଛି। ତେଣୁ ଷ୍ଟେଶନକୁ କିନ୍ନରମୁକ୍ତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। କିନ୍ନରମାନେ ଯେପରି ଷ୍ଟେଶନ ନ ଆସିବେ ସେଥିଲାଗି ଆର୍‌ପିଏଫ୍, ଜିଆର୍‌ପି ଓ ସ୍ଥାନୀୟ ପୋଲିସ ପ୍ରାଥମିକ ସ୍ତରରେ ସେମାନେ ରହୁଥିବା ବସ୍ତିକୁ ଯିବେ। କିନ୍ନରଙ୍କ ଘରକୁ ଘର ଯାଇ ଷ୍ଟେଶନ ନ ଆସିବାକୁ ବୁଝାଇବେ। ଯଦି ସେମାନେ ନ ବୁଝନ୍ତି ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।



- ଷ୍ଟେଶନକୁ ନ ଆସିବାକୁ କିନ୍ନରଙ୍କୁ ବୁଝାଇବ ପୋଲିସ
- ନିଶାଦିଆ ଲୁଟେରା, ପେସାଦାର ଅପରାଧୀଙ୍କୁ ଚିହ୍ନଟ ପାଇଁ ଟିମ୍ ଗଠନ
- ନିଶା ଔଷଧ ଦେଉଥିବା ଦୋକାନୀ, ଅଟୋ ଡ୍ରାଇଭର ବି ଧରାହେବେ

ଏହାସହ ଭୁବନେଶ୍ୱର ରେଳଷ୍ଟେଶନରେ ନିଶାଦିଆ ଲୁଟେରାଙ୍କ ଉତ୍ପାତ ଯାତ୍ରୀ ଓ ପୋଲିସର ଚିନ୍ତା ବଢ଼ାଇ ଦେଇଛି। ନିଶାଦିଆ ଲୁଟେରାଙ୍କୁ ସାବାଡ ପାଇଁ ବୈଠକରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଜିଆର୍‌ପି ଓ ଆରପିଏଫ୍ ଅଧିକାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିବା ନିଶାଦିଆ ଲୁଟେରାଙ୍କର ଏକ ତାଲିକା କରିବେ। ସେମାନଙ୍କ ସହ ଲିଙ୍କ୍‌ରେ ଥିବା ଔଷଧ ଦୋକାନ ଓ ଅଟୋ ଡ୍ରାଇଭରଙ୍କୁ ମଧ ଚିହ୍ନଟ କରାଯାଇ ଗିରଫ କରାଯିବ। ଆହୁରି ମଧ ଷ୍ଟେଶନରେ ଲୁଟ, ଚୋରି ଓ ଡକାୟତି କରୁଥିବା ପେସାଦାର ଅପରାଧୀଙ୍କ ଉପରେ ମଧ ଆଲୋଚନା କରାଯାଇଥିଲା। ପେସାଦାର ଅପରାଧୀଙ୍କୁ ଚିହ୍ନଟ ପାଇଁ ଆର୍‌ପିଏଫ୍ ଓ ଜିଆର୍‌ପି ଇନ୍ସପେକ୍ଟରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ତାଲିକା କରି ପେସାଦାର ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯିବ। ସେହିଭଳି ସନ୍ଦିଗ୍ଧଙ୍କ ଉପରେ ମଧ ନଜର ରଖାଯିବ। ଅନେକ ସମୟରେ ସନ୍ଦିଗ୍ଧମାନେ ବ୍ୟାଗରେ ବିସ୍ଫୋରକ ସାମଗ୍ରୀ ଟ୍ରେନରେ ନେଉଥିବା ନଜିର ରହିଛି। ତେଣୁ ଯାତ୍ରୀଙ୍କ ବ୍ୟାଗ୍ ଯାଞ୍ଚକୁ କଡାକଡା କରାଯିବ। ଯେଉଁମାନଙ୍କ ଉପରେ ସନ୍ଦେହ ହେବ ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯିବା ସହ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବ।

ତେବେ ପୂରା ସୁରକ୍ଷା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସହ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ଖୋଲାଯିବ। ଉକ୍ତ ଗ୍ରୁପ୍‌ରେ ବିଭିନ୍ନ ଅପରାଧୀଙ୍କ ଫଟୋ ସହ ତଥ୍ୟ ଦିଆଯିବ। ପ୍ରତିମାସରେ ରେଲ୍‌ୱେ ଏସ୍‌ପି ଏବଂ ଡିଭିଜନାଲ ସିକ୍ୟୁରିଟି କମିଶନରଙ୍କୁ ନେଇ ଏକ ବୈଠକ ବସି ଅପରାଧ ନିୟନ୍ତ୍ରଣ ଓ ଅନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହେବ ବୋଲି ରେଲ୍‌ୱେ ଏଡିଜି ପ୍ରାଣବନ୍ଧୁ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଗକୁ ରଥଯାତ୍ରା ଥିବାରୁ ବାହାର ରାଜ୍ୟରୁ ପୁରୀକୁ ଆସିବାକୁ ଥିବା ଯାତ୍ରୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେପରି ସେମାନେ ଆକ୍ରମଣ ଓ ଚୋରିର ଶିକାର ନ ହେବେ, ଟ୍ରେନ୍‌କୁ ଅପେକ୍ଷା କରିବା ବା ଯାତ୍ରାରେ ସୁରକ୍ଷାଜନିତ ସମସ୍ୟାରେ ନ ପଡିବେ ତାହା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଯାତ୍ରୀଙ୍କ ପାଇଁ ଷ୍ଟେଶନରେ ପାନୀୟ ଜଳ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି।

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ



# ଆସନ୍ତା ୪୪ ବର୍ଷ ପରେ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୪୪ ବର୍ଷ ତଳେ ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ସେତେବେଳେ ବିରୋଧୀ ତାଙ୍କ ଶାସନକୁ 'କଳା ଶାସନ' ଭାବେ ଅଭିହିତ କରିଥିଲେ। ଜନସାଧାରଣଙ୍କ ସ୍ୱାଧୀନତାଠାରୁ ଆରମ୍ଭ କରି ଗଣମାଧ୍ୟମର କଣ୍ଠରୋଧ କରାଯାଇଥିବାରୁ ତାହା ଦେଶବାସୀଙ୍କୁ ଅତିଷ୍ଠ କରିଥିଲା। ୨୫ ଜୁନ୍ ୧୯୭୫ରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବା ଦିନଠାରୁ ପରବର୍ତ୍ତୀ ଶାସକ ଇନ୍ଦିରା ଓ କଂଗ୍ରେସକୁ ନିନ୍ଦା କରିଚାଲିଛନ୍ତି। ସେହି କ୍ରମରେ ଦେଖିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ଦିନକୁ ମନେପକାଇ ଜରୁରିକାଳୀନ ପରିସ୍ଥିତିକୁ ପ୍ରତିରୋଧ କରିଥିବା ନେତାମାନଙ୍କୁ ସେମାନଙ୍କ ଅଦମ୍ୟ ସାହସ ପାଇଁ ଅଭିବାଦନ ଜଣାଇଛନ୍ତି। ଏକଚ୍ଛତ୍ରବାଦ ମନୋବୃତ୍ତିକୁ ଭାରତୀୟ ଗଣତାନ୍ତ୍ରିକ ଲୋକନୀତି ସଫଳତାର ସହ ପ୍ରତିହତ କରିପାରିଛି ବୋଲି ମୋଦି କହିଛନ୍ତି। ଅନୁରୂପ ଭାବେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ୨୫ ଜୁନ୍ ୧୯୭୫ରେ ପ୍ରକାଶିତ ଏକ ଖବରକାଗଜର କ୍ଲିପିଙ୍ଗ୍‌କୁ ସୋସିଆଲ ମିଡିଆରେ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଦିନ ରାଜନୈତିକ ସ୍ୱାର୍ଥ ସାଧନ ଲାଗି ଦେଶର ଗଣତନ୍ତ୍ରକୁ ହତ୍ୟା କରାଯାଇଥିଲା। ୧୯୭୫ ମସିହା ପରେ ଜନ୍ମ ନେଇଥିବା ପିଢ଼ି ସେତେବେଳକାର ପରିସ୍ଥିତିକୁ ଅନୁଭବ କରି ନ ଥିବାରୁ ଏବେ ସେ ବିଷୟରେ ପଢ଼ି ବା ଶୁଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। କାରଣ ଜରୁରିକାଳୀନ ପରିସ୍ଥିତି କ୍ଷମତାକୁ ଜାବୁଡ଼ି ଧରିବା ଲାଗି ଅଭିପ୍ରେତ ଥିଲା।

ଏବେକା ସମୟକୁ ଦେଖିବା। ଗତ କିଛି ବର୍ଷ ହେବ ଭାରତରେ ଏକ ଅଦେଖା ଜରୁରିକାଳୀନ ପରିସ୍ଥିତି ଲାଗୁ ହୋଇ ଚାଲିଛି ବୋଲି ଅନେକେ ମତ ଦେଉଛନ୍ତି। ଜାତି, ଧର୍ମ, ଭାଷା, ଖାଦ୍ୟପେୟ, ପୋଷାକ ପରିଚ୍ଛଦ, ବିଚାର, ବୌଦ୍ଧିକ ପରିପ୍ରକାଶ ଆଦି ବିଭିନ୍ନ କ୍ଷେତ୍ରରେ ଅସହିଷ୍ଣୁତା କାୟାବିସ୍ତାର କରିଛି। ସରକାରଙ୍କ ନକାରାତ୍ମକ କାର୍ଯ୍ୟକୁ ବିରୋଧ କରୁଥିବା ବ୍ୟକ୍ତି ଦେଶଦ୍ରୋହୀ ହୋଇଯାଉଥିବା ବେଳେ ସମର୍ଥନକାରୀ ବାହାବା ପାଉଛନ୍ତି। ଭାରତୀୟଙ୍କ ସୌନ୍ଦର୍ଯ୍ୟ ଏହାର ବିବିଧତାରେ ବାରି ହୋଇପଡ଼େ। ହେଲେ ସେହି ଚିନ୍ତାଧାରାକୁ ହତ୍ୟା କରାଯିବା ଲାଗି ସବୁ ଦିଗରୁ ଉଦ୍ୟମ ହେଉଥିବାର ନଜିର ବାରମ୍ବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ସ୍ଥିତିକୁ ଅନିଷା କଲେ ଗୋଟିଏ ସପ୍ତାହରେ ଘଟିଥିବା ଦୁଇଟି ଘଟଣା ସାମ୍ନାକୁ ଆସୁଛି। ୨୨ ଜୁନ୍‌ରେ ଝାଡ଼ଖଣ୍ଡର ଷଢ଼େଇକଳା ଖରସୁଆଁ ଜିଲାରେ ଶତାଧିକ ଗ୍ରାମବାସୀଙ୍କ ମାଡ଼ରେ ମୁସଲ୍‌ମାନ ଯୁବକ ତବ୍‌ରୋଜ୍ ଅନ୍‌ସାରି ପ୍ରାଣ ହରାଇଥିଲେ। ଚୋରି ସନ୍ଦେହରେ ଉକ୍ତ ଯୁବକଙ୍କୁ ଧରିନିଆଯାଇ 'ଜୟ ଶ୍ରୀରାମ' କହିବା ଲାଗି ବାଧ୍ୟ କରାଯିବା ପରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଥିଲା। ୨୪ ଜୁନ୍‌ରେ ପୁଣି 'ଜୟ ଶ୍ରୀରାମ' ସ୍ଲୋଗାନ୍ ଦେବାକୁ କୋଲକାତାର ଜଣେ ମଦ୍ରାସା ଶିକ୍ଷକଙ୍କୁ ଟ୍ରେନ୍ ଭିତରେ କେତେ ଜଣ ବାଧ୍ୟ କରିଥିଲେ। ତାହା ସେ ନ କହିବାରୁ ତାଙ୍କୁ ଟ୍ରେନ୍ ତଳକୁ ଠେଲି ଦିଆଯାଇଥିବା ଖବର ପ୍ରକାଶ ପାଇଛି। ଯଦି ନିକଟ ଅତୀତକୁ ଲକ୍ଷ୍ୟ କରାଯାଏ, ଉତ୍ତରପ୍ରଦେଶ ଦାଦ୍ରିର ମହମ୍ମଦ ଅଖଲାଖଙ୍କ ହତ୍ୟାଠାରୁ ହେତୁବାଦୀ ନରେନ୍ଦ୍ର ଅଚ୍ୟୁତ ଡାଭଲକର ଓ ଲେଖିକା ଗୌରୀ ଲଙ୍କେଶଙ୍କ ମୃତ୍ୟୁଯାଏ ଅସହିଷ୍ଣୁତାର ଅନେକ ଉଦାହରଣ ମିଳିବ।

ଗୋଟିଏ ପଟେ ଧର୍ମଭିତ୍ତିକ ହିଂସା ବ୍ୟାପୁଥିବା ବେଳେ ହିନ୍ଦୀକୁ ଦେଶବ୍ୟାପୀ ପ୍ରଚଳନ ଲାଗି ମସୁଧା ଆଜିର ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ବିଚଳିତ କରିବା ସ୍ୱାଭାବିକ। ଭାଷା ହେଉଛି ସଂସ୍କୃତିର ମୂଳ ଆଧାର। ଓଡ଼ିଶାରେ ନିଜ ଭାଷା ପ୍ରତି ପ୍ରେମ ଜନ୍ମାଇଲା ଭଳି ନେତୃତ୍ୱ, ଉଭୟ ରାଜନୈତିକ ଓ ସାଂସ୍କୃତିକ, ଚେର ଧରି ନ ଥିବାରୁ ଏହି ରାଜ୍ୟରେ ହିନ୍ଦୀର ଆକ୍ରମଣ ପ୍ରତି ଅଧିକାଂଶ ନାଗରିକ ସଚେତନ ହୋଇପାରୁ ନାହାନ୍ତି। ଓଡ଼ିଆଙ୍କ ଦୁର୍ବଳ ଭାଷା ପ୍ରେମ ଏହି ରାଜ୍ୟର ଐତିହ୍ୟକୁ ଧ୍ୱଂସ କରିଦେବାର ସବୁ ଆଶଙ୍କା ସୃଷ୍ଟି ହେଉଛି। ତାମିଲନାଡୁ ଭଳି ରାଜ୍ୟରେ ହିନ୍ଦୀ ପ୍ରତି ବିରୋଧ ଯୋଗୁ ଏହି ଦେଶରେ ଆଜି ପର୍ଯ୍ୟନ୍ତ ଭାଷାର ଭାରସାମ୍ୟ ବଜାୟ ରହିଛି। କିନ୍ତୁ ସବୁ ସମୟରେ ତାହା ତିଷ୍ଠି ରହିପାରିବ ବୋଲି କହିବା କଷ୍ଟକର। ଓଡ଼ିଆଙ୍କ ଓଡ଼ିଆପ୍ରୀତି ସୃଷ୍ଟି ହୋଇ ନ ଥିବା ପଛରେ ଏହି ଜାତିର ହୀନମନ୍ୟତା ମୂଳ କାରଣ।

ଶାସନରେ ଯାହା ସର୍ବଗ୍ରାହ୍ୟ ହୋଇ ନ ଥାଏ, ତାହା ସମାଲୋଚନାଯୋଗ୍ୟ। ଏହି ଚିନ୍ତାଧାରାରୁ ଖିଅ ଟାଣି ତର୍ଜମା କରାଗଲେ ସ୍ୱାଧୀନ ମତପୋଷଣ କରୁଥିବା ବ୍ୟକ୍ତି ବର୍ତ୍ତମାନର ଶାସକଙ୍କ ବିରୋଧରେ ଅଭିଯୋଗ ଆଣିବା ସ୍ୱାଭାବିକ। ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୪୪ବର୍ଷ ପରେ ଯଦି ସେତେବେଳକାର ଶାସକଙ୍କୁ ଭୁଲ କାର୍ଯ୍ୟ ପାଇଁ ଗାଳି ଦିଆଯାଇପାରୁଛି, ଏବେ ଯେଉଁମାନେ ତ୍ରୁଟି କରୁଛନ୍ତି ଭବିଷ୍ୟତ ପିଢ଼ି ମଧ୍ୟ ସେମାନଙ୍କୁ ସମାନ ଦୃଷ୍ଟିରେ ଦେଖିବାରୁ କେହି ବାରଣ କରିପାରିବେ ନାହିଁ। ଏଠାରେ ମନେରଖିବାକୁ ହେବ ଯେ, 'ଇତିହାସ' ସବୁବେଳେ ପୂର୍ବର କାଳଖଣ୍ଡକୁ ଦର୍ଶାଇ ନ ଥାଏ। ଆଜିର ମଣିଷ ଯେଉଁ କାର୍ଯ୍ୟ କରୁଛି, ତାହା ଇତିହାସ ସୃଷ୍ଟି କରିବାର ଅଙ୍ଗ ପାଲଟିଯାଉଛି। ସେଥିପାଇଁ ଆଜିର ପ୍ରତ୍ୟେକଟି ନିଷ୍ପତ୍ତି ଓ ପଦକ୍ଷେପ ଯେଉଁ ଇତିହାସରେ ଲିପିବଦ୍ଧ ହେଉଛି, ତାହା ସମ୍ଭବତଃ ୪୪ ବର୍ଷ ଏବଂ ଅଧିକ ସମୟ ପରେ ଆଲୋଚନାର ବିଷୟ ହେବ। ସେତେବେଳକାର ସଚେତନ ନାଗରିକ ଆଜିର କାର୍ଯ୍ୟର ଭଲ କିମ୍ବା ଭେଲର ଗଭୀରତାକୁ ମାପିପାରିବେ। ସେଥିପାଇଁ ଆମ ସମସ୍ତଙ୍କୁ ପ୍ରତ୍ୟେକ ପଦକ୍ଷେପ ପ୍ରତି ସଚେତନ ରହିବା ଆବଶ୍ୟକ।

# କଂଗ୍ରେସ ପ୍ରତ୍ୟାଖ୍ୟାତ କାହିଁକି



ନେତାଜୀ ଅଭିନନ୍ଦନ

ସପ୍ତଦଶ ଲୋକ ସଭା ନିର୍ବାଚନରେ କଂଗ୍ରେସର ଦୁର୍ଦ୍ଦଶା ନେଇ ଚର୍ଚ୍ଚା ଓ ବିତର୍କର ଅନ୍ତ ନାହିଁ। କଂଗ୍ରେସର ଦୟନୀୟ ସ୍ଥିତି ପାଇଁ ଅନେକେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ଦାୟୀ କରୁଥିବାବେଳେ ଆଉ କେତେକେ ଦଳର ଆଭ୍ୟନ୍ତରୀଣ କନ୍ଦଳ ଓ ସାଙ୍ଗଠନିକ ଦୁର୍ବଳତାକୁ ଦୋଷ ଦେଉଛନ୍ତି। ଦଳର ଶକ୍ତି ଓ ସାମର୍ଥ୍ୟ ସମୟକ୍ରମେ ବଢ଼ିପାରେ ବା କମିପାରେ, ହେଲେ ଦଳ ଯଦି ଅପାଂକ୍ତେୟ ହୋଇପଡ଼େ, ଏକ ପ୍ରକାର ନିଜର 'ଅସ୍ତିତ୍ୱ' ହରେଇବସେ, ତା'ହେଲେ ତାହା ନା ଦଳ ପାଇଁ ଶୁଭଙ୍କର ହେବ ନା ଦେଶ ପାଇଁ।

ନିର୍ବାଚନରେ ବିପର୍ଯ୍ୟୟ ପାଇଁ ନିଜକୁ ଦାୟୀକରି ରାହୁଲ ଗାନ୍ଧୀ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ସଭାପତି ପଦରୁ ଇସ୍ତଫା ଦେଲେ। ତାଙ୍କ ମା' ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ସର୍ବସମ୍ମତିକ୍ରମେ ଇସ୍ତଫାକୁ ପ୍ରତ୍ୟାଖ୍ୟାନ କଲେ। ସୋନିଆ ପୁଅ ରାହୁଲଙ୍କ ଦକ୍ଷ ଓ ସାହସିକ ନେତୃତ୍ୱକୁ ପ୍ରଶଂସା କରିବା ସହ ତାଙ୍କୁ ନିରଙ୍କୁଶ କ୍ଷମତା ଦେବା ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ, ଯାହା ବେଶ୍ ଉତ୍ସାହର ସହ ଗୃହୀତ ହୋଇଥିଲା। ବୈଠକ ପରେ ରାହୁଲ କ୍ଷୋଭ ପ୍ରକାଶ କଲେ ଯେ, ଦଳର କିଛି ବରିଷ୍ଠ ନେତା ଓ ମୁଖ୍ୟମନ୍ତ୍ରୀ ଦଳ ଉପରେ ଚାପ ପ୍ରୟୋଗ କରି ସେମାନଙ୍କ ପୁଅମାନଙ୍କୁ ଟିକେଟ ଦେବାରୁ ଦଳ ଏପରି ଦୁର୍ଦ୍ଦଶା ଭୋଗିଲା। ତାଙ୍କର ଏ କ୍ଷୋଭ ଯେତିକି ଆଶ୍ଚର୍ଯ୍ୟଜନକ ଥିଲା, ସେତିକି ମଧ୍ୟ ଆମୋଦଦାୟକ ଥିଲା। କାରଣ ଏଭଳି କ୍ଷୋଭ ପ୍ରକାଶ କଲାବେଳେ ରାହୁଲ ଭୁଲିଗଲେ ଯେ, ତାଙ୍କର ରାଜନୈତିକ ଉତ୍ଥାନ ଏବଂ ଦଳର ସଭାପତି ପଦ ମଣ୍ଡନ ପଛରେ ତାଙ୍କର ରାଜନୈତିକ ଦକ୍ଷତା ଓ 'ପାରିବାପଣିଆ'ର କୌଣସି ଅବଦାନ ନ ଥିଲା, ଏକମାତ୍ର ଅବଦାନ ଥିଲା ତାଙ୍କ ନାମ ସଂଯୁକ୍ତ ସାଙ୍ଗିଆର।

ରାହୁଲ ୨୦୦୪ରେ ଆମେଥିରୁ ଲୋକ ସଭା ନିର୍ବାଚନ ଜିତି ସାଂସଦ ହେବାର ସୌଭାଗ୍ୟ ପ୍ରାପ୍ତ ହେଲେ। ତାଙ୍କ ପୂର୍ବରୁ ଆମେଥିର ସାଂସଦ ଥିଲେ ମା' ସୋନିଆ ଗାନ୍ଧୀ ଏବଂ ସୋନିଆଙ୍କ ପୂର୍ବରୁ ରାହୁଲଙ୍କ ବାପା ରାଜୀବ ଗାନ୍ଧୀ। ରାଜୀବଙ୍କ ପୂର୍ବରୁ ଏହି ଆସନର ପ୍ରତିନିଧିତ୍ୱ କରୁଥିଲେ ତାଙ୍କ ଭାଇ ସଞ୍ଜୟ। ସେ ଦୃଷ୍ଟିରୁ ଆମେଥି ଏକ ପ୍ରକାର ଗାନ୍ଧୀ ପରିବାରର ପାରିବାରିକ ସିଟ୍ ଥିଲା। ୨୦୦୭ରେ ରାହୁଲଙ୍କୁ ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଲା ଏବଂ ଛାତ୍ର ଓ ଯୁବକଂଗ୍ରେସର ଦାୟିତ୍ୱ ଦିଆଗଲା। ୨୦୧୩ରେ ରାହୁଲ ବନିଲେ କଂଗ୍ରେସର ଉପସଭାପତି। ତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏ ପଦବୀ ସୃଷ୍ଟି କରାଗଲା। ୨୦୦୯ରୁ ୨୦୧୪ ଭିତରେ ପଞ୍ଚଦଶ ଲୋକ ସଭାର ସାଂସଦ ଭାବେ ରାହୁଲ ଗୋଟିଏ ବି ପ୍ରଶ୍ନ ପଚାରି ନ ଥିଲେ। ସବୁଠୁ ଖରାପ ପ୍ରଦର୍ଶନକାରୀ ପାଞ୍ଚଜଣ ସାଂସଦଙ୍କ ଭିତରେ ରାହୁଲଙ୍କ ନାମ ଥିଲା। ଲୋକ ସଭାର ଅଧାରୁ ଅଧିକ ବୈଠକରେ ସେ ଯୋଗ ଦେଇ ନ ଥିଲେ। ସାଂସଦ ପାଣ୍ଠିରୁ ମାତ୍ର ପଚାଶ ପ୍ରତିଶତ ହିଁ ସେ ଖର୍ଚ୍ଚ କରିଥିଲେ ଆମେଥିର ବିକାଶ ପାଇଁ। ସାଂସଦ ଭାବରେ ଏଭଳି ପ୍ରଦର୍ଶନ ସତ୍ତ୍ୱେ ତାଙ୍କୁ ଉପସଭାପତିର ମୁକୁଟ ମିଳିଲା। ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ସପ୍ତଦଶ ଲୋକ ସଭା ନିର୍ବାଚନ ଲଢ଼ି ଇତିହାସରେ ସର୍ବନିମ୍ନ ୪୪ଟି ଆସନ ପାଇଲା। ହେଲେ ଦଳର ସଭାପତି ହେବାରେ କୌଣସି ପ୍ରତିବନ୍ଧକ ନ ଥିଲା। ଗାନ୍ଧୀ ପରିବାରର ଷଷ୍ଠ ସଦସ୍ୟ ଭାବରେ ରାହୁଲ ୨୦୧୭ରେ କଂଗ୍ରେସର ସଭାପତି ପଦ ଅଳଙ୍କୃତ କଲେ। ନିଜର ରାଜନୈତିକ ଦକ୍ଷତା, କୌଶଳ ବା ବୁଦ୍ଧିମତ୍ତା ପାଇଁ ନୁହେଁ, କେବଳ ଗାନ୍ଧୀ ପରିବାରର ଦାୟାଦ ଭାବରେ କଂଗ୍ରେସ ଦଳର ସଭାପତି ମୁକୁଟ ପିନ୍ଧିଥିବା ରାହୁଲ ଅନ୍ୟ ନେତାମାନଙ୍କ ଉପରେ 'ବଂଶବାଦ'ର ଆରୋପ ଲଗାଇବା ଯେତିକି ହାସ୍ୟାସ୍ପଦ, ସେତିକି ନିନ୍ଦନୀୟ।

ଭାରତ ବର୍ତ୍ତମାନ ବିଶ୍ୱର ତରୁଣତମ ଦେଶ। ଆସନ୍ତା ବର୍ଷ ବେଳକୁ ପ୍ରତି ଭାରତୀୟର ହାରାହାରି ଆୟୁ ହୋଇଥିବ ୨୯ ; ପ୍ରତି ତିନି ଜଣରେ ଜଣେ ହୋଇଥିବ ତରୁଣ। ଭାରତର ତରୁଣମାନେ ଚାହାନ୍ତି ଗୁଣାତ୍ମକ ଶିକ୍ଷା, ଦକ୍ଷତାର ବିକାଶ, ଜ୍ଞାନ–ବିଜ୍ଞାନ–ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅତ୍ୟାଧୁନିକ କୌଶଳ ହାସଲ କରିବା, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଉ ଭାରତୀୟ ଭାବରେ ସମଗ୍ର ବିଶ୍ୱରେ ସମ୍ମାନ ଓ ମର୍ଯ୍ୟାଦା। ମୋଦି ସରକାର ତରୁଣ ଭାରତର ଏଇସବୁ ଆକାଂକ୍ଷାର ପରିପୂରଣ ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। 'ସ୍କିଲ୍ ଇଣ୍ଡିଆ', 'ଡିଜିଟାଲ୍ ଇଣ୍ଡିଆ', 'ଷ୍ଟାର୍ଟଅପ୍ ଇଣ୍ଡିଆ' ଭଳି ଅଭିନବ ଯୋଜନାମାନ ଆରମ୍ଭ କରାଯାଇଛି। ମୋଦିଙ୍କ ଅର୍ଥନୈତିକ ନୀତିରେ ଅନେକ ତ୍ରୁଟି ଓ ବିସଙ୍ଗତି ଥାଇପାରେ, କିନ୍ତୁ ବିରୋଧୀ ଦଳର ନେତା ଭାବରେ ରାହୁଲ କୌଣସି ବିକଳ୍ପ ଯୋଜନା ଲୋକଙ୍କ ସାମ୍ନାରେ ରଖିନାହାନ୍ତି। ତାଙ୍କର ବହୁଳ ପ୍ରଚାରିତ 'ନ୍ୟାୟ' ଯୋଜନା କିଛି ନୁହେଁ, ପାଶ୍ଚାତ୍ୟ–ପ୍ରଭାବିତ ଏକ ପ୍ରକାର ବେକାରି ଭତ୍ତା ବ୍ୟବସ୍ଥା, ଗରିବମାନଙ୍କୁ ଚିରକାଳ ଗରିବ ରଖିବାର ସୁବିଧାବାଦୀ ରାଜନୈତିକ ଚାଲ୍। 'ତରୁଣ ଭାରତ' ମାସକୁ କେଇ ହଜାର ସରକାରୀ ହାତଟେକା ଚାହେଁନି, ସ୍ୱାଭିମାନର ସହ ମୁଣ୍ଡଟେକି ନିଜ ଗୋଡ଼ରେ ଠିଆ ହେବାକୁ ଚାହେଁ। ଇନ୍ଦିରାଙ୍କ କଂଗ୍ରେସ ୧୯୭୧ରେ 'ଗରିବୀ ହଟାଓ' ସ୍ଲୋଗାନ୍ ଦେଇ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ୧୯୭୧ରୁ ୨୦୧୪– ଏଇ ୪୪ ବର୍ଷ ଭିତରେ କଂଗ୍ରେସ ଦେଶକୁ ଶାସନ କରିଛି ପାଖାପାଖି ୩୭ ବର୍ଷ। ଏ ଭିତରେ ଦାରିଦ୍ର୍ୟ କେତେ କମିଛି, କେତେ କର୍ମନିଯୁକ୍ତି ସୃଷ୍ଟି ହୋଇଛି ଆଉ କେତେ ଭିତ୍ତିଭୂମି ନିର୍ମାଣ ହୋଇଛି? ତେଣୁ 'ତରୁଣ ଭାରତ' ଏ ନିର୍ବାଚନରେ କେବଳ କଂଗ୍ରେସର ବଂଶବାଦକୁ ପ୍ରତ୍ୟାଖ୍ୟାନ କରିନି, ତା' ସହ ରାହୁଲଙ୍କର ପଶ୍ଚାତ୍‌ମୁଖୀ, ପୁରୁଣାକାଳିଆ, ଦେବାଳିଆ ଅର୍ଥନୈତିକ ଆଦର୍ଶ ଓ ଯୋଜନାକୁ ମଧ୍ୟ ପାଦରେ ଏଡ଼େଇ ଦେଇଛି।

'ଚୌକିଦାର ଚୋର୍ ହେ' ଥିଲା ରାହୁଲଙ୍କ ନିର୍ବାଚନୀ ଯୁଦ୍ଧ–ସ୍ଲୋଗାନ୍। ଲୋକଙ୍କ କାଠଗଡ଼ାରେ ମୋଦିଙ୍କୁ ଦୁର୍ନୀତିଗ୍ରସ୍ତ ସାବ୍ୟସ୍ତ କରି ନିଜ ଦଳ ସପକ୍ଷରେ ଭୋଟ ସାଉଁଟିବା ଥିଲା ତାଙ୍କ ଉଦ୍ଦେଶ୍ୟ। ଏଇ ସ୍ଲୋଗାନ୍ ରାହୁଲଙ୍କ ପାଇଁ ଭୋଟ ଆଣିବା ବଦଳରେ ଦଳର ଭୋଟ କାଟିବାରେ ବେଶି ସାହାଯ୍ୟ କଲା। ମନମୋହନଙ୍କ ଅଧିନାୟକତ୍ୱରେ କୋଇଲା ଦୁର୍ନୀତି, ଖଣି ଦୁର୍ନୀତି, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦୁର୍ନୀତି, ୨ଜି ସ୍ପେକ୍ଟ୍ରମ୍ ଦୁର୍ନୀତି ସଂଘଟିତ ହେଲାବେଳେ ରାହୁଲ କାହିଁକି ନୀରବ ଥିଲେ? ମନମୋହନ ସରକାର–ପ୍ରଣୀତ 'ଅଫିସ୍ ଅଫ୍ ପ୍ରଫିଟ୍' ବିଲ୍‌କୁ ଚିରି ଡଷ୍ଟବିନ୍‌ରେ ଫିଙ୍ଗି ଦେବାର ସାହସ ଦେଖେଇଥିବା ରାହୁଲଙ୍କୁ 'ସର୍ଦ୍ଦାର ଚୋର୍ ହେ' ସ୍ଲୋଗାନ ଦେବାରୁ କିଏ ରୋକିଥିଲା? ରବର୍ଟ ଭଦ୍ରାଙ୍କ ନାମରେ ଜମି ହଡ଼ପ ଓ ଅନ୍ୟାନ୍ୟ ସାଂଘାତିକ ଦୁର୍ନୀତି ମାମଲାମାନ ରୁଜୁ ହୋଇଛି। ନିଜେ ରାହୁଲ ମା' ସୋନିଆଙ୍କ ସହ ନ୍ୟାଶନାଲ୍ ହେରାଲ୍ଡ ମାମଲାରେ ଅଭିଯୁକ୍ତ ଅଛନ୍ତି। ବୋଫର୍ସ ଦୁର୍ନୀତି ଏବଂ ଭୋପାଳ ଗ୍ୟାସ୍ ଦୁର୍ଘଟଣାର ମୁଖ୍ୟ ଅଭିଯୁକ୍ତ ଆଣ୍ଡରସନ୍‌ଙ୍କୁ ଭାରତରୁ ଖସେଇ ନେଇଯିବା ମାମଲା ଏବେ ବି ଦେଶବାସୀଙ୍କ ସ୍ମୃତିରେ ସତେଜ ଅଛି। ସେ ଦୃଷ୍ଟିରୁ ନୀତିନିଷ୍ଠତାର ପ୍ରମାଣ ଦେଇଥିବା ନରେନ୍ଦ୍ର ମୋଦିଙ୍କୁ ଚୋର–ଡକାୟତ କହି ଗାଳି ଦେବା ଦେଶବାସୀ ହଜମ କଲେନି ; ରାହୁଲଙ୍କ ଅପରିପକ୍ୱତାର ଶାସ୍ତି ମିଳିଲା କଂଗ୍ରେସ ଦଳକୁ।

ଏ ଏକବିଂଶ ଶତାବ୍ଦୀର ନୂଆ ଭାରତ। ଏ ଭାରତ ସୁରକ୍ଷା ଚାହେଁ, ସମୃଦ୍ଧି ଚାହେଁ, ବିଶ୍ୱ ସମୁଦାୟରେ ସମ୍ମାନ ଚାହେଁ, ସ୍ୱାଭିମାନର ସହ ଆଗକୁ ବଢ଼ିବାକୁ ଚାହେଁ। ରାହୁଲ ଓ ତାଙ୍କ ନେତୃତ୍ୱରେ କଂଗ୍ରେସ ଭାରତ ସହ ନିଜକୁ 'ସଂଯୁକ୍ତ' କରିପାରିନାହାନ୍ତି ବା 'ସଖ୍ୟ' ସ୍ଥାପନ କରିପାରି ନାହାନ୍ତି। ଯେ ପର୍ଯ୍ୟନ୍ତ ରାହୁଲଙ୍କ କଂଗ୍ରେସ ଭାରତୀୟଙ୍କ ଆଶା, ଆକାଂକ୍ଷା, ସ୍ୱପ୍ନ ସହ ଚେତନାଗତ ସ୍ତରରେ ନିଜକୁ ଯୋଡ଼ିପାରି ନାହିଁ, ସେ ପର୍ଯ୍ୟନ୍ତ ଭାରତରେ କଂଗ୍ରେସର ଭାଗ୍ୟୋଦୟ ସମ୍ଭବ ନୁହେଁ।

ମୋ–୯୦୪୦୦୦୩୧୨୩

# ଭିନ୍ନ ପ୍ରକାର ପୁନଃଚକ୍ରୀକରଣ



ଡ. ଚିନ୍ତାମଣି ପଣ୍ଡା

ଶ୍ରୀମନ୍ଦିରର ଆନନ୍ଦ ବଜାରରେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଦୈନ୍ୟ ଅଙ୍ଗଭଙ୍ଗୀ ପ୍ରଦର୍ଶନ ପୂର୍ବକ ଅତ୍ୟନ୍ତ ଆକୁଳ ଚିତ୍ତରେ ଭୋଜନାର୍ଥୀମାନଙ୍କୁ ନିଜର କ୍ଷୁଧା ନିବେଦନ କରୁଥାନ୍ତି। ଦୟାବିଗଳିତ ହୋଇ ଜନୈକ ସହୃଦୟ ବ୍ୟକ୍ତି ଅନ୍ନବ୍ୟଞ୍ଜନ ଦାନରେ ନିଜର ବଦାନ୍ୟତା ପ୍ରକାଶ କରନ୍ତେ ବୁଭୁକ୍ଷୁ ଜଣକ ସହସା ଅନେକ ଯୁଗର କ୍ଷୁଧାକୁ ନିବାରଣ କରିବା ଢଙ୍ଗରେ ଭୋଜନରେ ମଜ୍ଜିଗଲେ। କିନ୍ତୁ ଏ କ'ଣ! ଦାତାଙ୍କ ଅଲକ୍ଷ୍ୟରେ କିଛି ବ୍ୟଞ୍ଜନ ଭର୍ତ୍ତି ପ୍ରସାଦ କୁଡୁଆକୁ ଗଣ୍ଠିଲି ଭିତରେ ଲୁଚାଇ ରଖିଲେ। ଆମେ ଭାବିଲୁ ବୋଧହୁଏ ତାଙ୍କ ପରିବାରର କ୍ଷୁଧାର୍ତ୍ତମାନଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ। କିନ୍ତୁ କେତେ ମୁହୂର୍ତ୍ତ ପରେ ପୁନଶ୍ଚ ପୂର୍ବୋକ୍ତ ସ୍ଥାନରେ ଦଣ୍ଡାୟମାନ ହୋଇ 'ହା ଅନ୍ନ' 'ହା ଅନ୍ନ' ଚିତ୍କାର କଲେ। କିଛି ସମୟ ପରେ ବାଳକଟିଏ ତାଙ୍କଠୁ ଗଣ୍ଠିଲିରେ ସାଇତା କୁଡୁଆଗୁଡ଼ିକୁ ନେଇ ନିର୍ଦ୍ଦିଷ୍ଟ ପିଣ୍ଡିଟିଏ ଉପରେ ବିକ୍ରି ହେଉଥିବା ମହାପ୍ରସାଦ ସହ ମିଶାଇଦେଲା ନୂତନ ଗରାଖଙ୍କ ଉପଯୋଗ ନିମନ୍ତେ। ଘଟଣାଟି ପ୍ରତ୍ୟହ ଉକ୍ତ ଅଞ୍ଚଳରେ ଘଟୁଥିବା ଏକ ସାଧାରଣ ଦୃଶ୍ୟରେ ପରିଣତ ହୋଇଯାଇଥିବାରୁ କାହାର ଏଥିପ୍ରତି ନିଘା ନାହିଁ। କିନ୍ତୁ ପ୍ରକାରାନ୍ତରେ ଖାଦ୍ୟର ଏପ୍ରକାର ପୌନଃପୁନିକ ଉପଯୋଗକୁ ଆମେ ଭିନ୍ନ ପ୍ରକାର ରିସାଇକ୍ଲିଙ୍ଗ ବା ପୁନଃଚକ୍ରୀକରଣ କହିପାରିବା କି ନାହିଁ?

କେବଳ ସେତିକି ନୁହଁ, ଧର୍ମପୀଠଗୁଡ଼ିକରେ ଦାନ କରାଯାଉଥିବା ବସ୍ତ୍ର, ପୁଷ୍ପ ଓ ଅନ୍ୟାନ୍ୟ ଦ୍ରବ୍ୟସବୁ ମଧ୍ୟ ଏପରି ଢଙ୍ଗରେ ପୁନର୍ବିନିଯୋଗ ହୋଇଥାଏ। ପର୍ବପର୍ବାଣି କିମ୍ବା ସାମାଜିକ ଅନୁଷ୍ଠାନ ଯଥା ବିବାହ, ବ୍ରତ ଇତ୍ୟାଦିରେ ପୂଜକଙ୍କଠାରୁ ଆମେ ଏକ ଲମ୍ବା ତାଲିକା ପାଇଥାଉ। ତାଙ୍କର ଏକ ନିର୍ଦ୍ଦିଷ୍ଟ ଦୋକାନ ସହିତ ସହବନ୍ଧନ ଥାଏ। ତେଣୁ ସେହିଠାରୁ ପୂଜା ସାମଗ୍ରୀ କିଣିଲେ ବଳକା ସାମଗ୍ରୀ ଫେରାଇ ପୁରୋଧା ଲାଭାନ୍ୱିତ ହେଉଥିବାର ଅନୁଭବ କରିଛୁ। ବେଳେ ବେଳେ ନନାମାନେ ନିଜ ତରଫରୁ ଅନେକ ପୂଜା ସାମଗ୍ରୀ ଯୋଗାଡ଼ କରି ଦେଇଥାନ୍ତି, ଯଥା ମାଟିପାତ୍ର, ପଇତା, ଗାମୁଛା ଇତ୍ୟାଦି, ଯାହାର ମୂଲ୍ୟକୁ ଦକ୍ଷିଣା ସହିତ ଯୋଡ଼ା ଯାଇଥାଏ। ଏସବୁ ଦ୍ରବ୍ୟ ଯଜମାନ ମଧ୍ୟ କିଛି ଶସ୍ତାରେ ପାଇ ଖୁସି ହୋଇଥାଏ। କିନ୍ତୁ ଜାଣିପାରେନା ଏହା ଅନ୍ୟ ଏକ ପୂଜାର ଉଦ୍‌ବୃତ୍ତ ସାମଗ୍ରୀ ବୋଲି। ପ୍ରତ୍ୟେକ କ୍ଷେତ୍ରରେ ଆମକୁ ଆବଶ୍ୟକ ଉପକରଣ ନାଁରେ ଯେଉଁ ଚିଠାଟି ଧରାଇଦିଆଯାଏ, ତହିଁରୁ ଅନେକ ଯେ ଅନାବଶ୍ୟକ ତଥା ସ୍ୱେଚ୍ଛାକୃତ ଭାବେ ଦିଆଯାଇଥାଏ ଏହା କହିବା ବାହୁଲ୍ୟ ମାତ୍ର।

କାଠମିସ୍ତ୍ରିଠାରୁ ଆରମ୍ଭ କରି ରଙ୍ଗମିସ୍ତ୍ରି ପର୍ଯ୍ୟନ୍ତ ସମସ୍ତେ ଏହିପରି ଲମ୍ବା ତାଲିକା ଦେଇଥାନ୍ତି। ଏକ ନିର୍ଦ୍ଦିଷ୍ଟ ଦୋକାନ ସହିତ ସଲାସୁତୁରା କରି ଗରାଖମାନଙ୍କୁ ସେଠାରୁ କିଣିବାକୁ ପ୍ରରୋଚିତ କରିଥାନ୍ତି। ଫଳରେ ବିକ୍ରି–ଖର୍ଦ୍ଦି ଉପରେ ମୁନାଫା ସହିତ ବଳକା ଜିନିଷ ଫେରାଇ ମଧ୍ୟ ଦୁଇ ପଇସା ହାତଚିକ୍କଣ କରିଥାନ୍ତି, ଯାହାକୁ ମଜୁରି ବାଦ୍ ଉପୁରି ବୋଲି ଭାବିପାରିବା। ବୈଦ୍ୟୁତିକ ସରଞ୍ଜାମ ସଜାଡୁଥିବା କାରିଗରଟିଏ ଯେଉଁ ଚିଠାଟି ଆମକୁ ମରାମତି ପରେ ଧରାଇଥାଏ, ସେଥିରୁ କେତୋଟି ଜିନିଷ କାମରେ ବ୍ୟବହୃତ ହୋଇଛି ତାହା ଜାଣିବା ଆମ ସାଧ ବାହାରେ। ସ୍ୱର୍ଣ୍ଣକାରଟିଏ ବ୍ରୋଞ୍ଜମିଶା ଚୁଡ଼ିରେ ୫୦ ଭାଗ ସୁନା ଅଛି ବୋଲି କହିଲେ ବି ଆମେ ବିଶ୍ୱାସରେ ହଁ ଭରିଥାଉ। ଠିକ୍ ସେହିପରି ସରକାରୀ କିମ୍ବା ବେସରକାରୀ ସେବା କ୍ଷେତ୍ରରେ ନିୟୋଜିତ ଗାଡ଼ିଚାଳକଗଣ ତେଲଟାଙ୍କି ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି। ବଳକା ତେଲର ପୁନଃଚକ୍ରୀକରଣ ନିମନ୍ତେ।

ଏ ସବୁରୁ ଦ୍ୱିତୀଶ୍ୱର ଡାକ୍ତରମାନେ ମଧ୍ୟ ବାଦ୍ ପଡନ୍ତିନି। ଗ୍ଲୋଭ୍‌ସଠାରୁ ଆରମ୍ଭକରି ଗଜ୍ କନା ପର୍ଯ୍ୟନ୍ତ ସାମଗ୍ରୀର ଏକ ଲମ୍ବା ଚିଠା ରୋଗୀର ସମ୍ପର୍କୀୟଙ୍କୁ ଧରାଇ ଏକ ନିର୍ଦ୍ଦିଷ୍ଟ ଔଷଧ ଦୋକାନର ଠିକଣା ବତାଇ ଦେଇଥାନ୍ତି। କାରଣ ଅସ୍ତ୍ରୋପଚାର ପରେ ଅନେକ ବଳକା ସାମଗ୍ରୀ ପୁଣି ସେଠାକୁ ଫେରସ୍ତ ଯିବ, ଅବଶ୍ୟ ରୋଗୀ କିମ୍ବା ତା' ସମ୍ପର୍କୀୟଙ୍କ ଅଗୋଚରରେ। ସେହିପରି ଠିକାଦାର ପାଖରେ କାମ କରୁଥିବା ମୁନ୍‌ସୀଟିଏ ରଡ ଖଣ୍ଡିଏ କି ସିମେଣ୍ଟ କେତେ ବସ୍ତା ବଳାଇ ତାକୁ ଅନ୍ୟ ବ୍ୟକ୍ତିଙ୍କୁ କିମ୍ବା କବାଡିଆକୁ ବିକ୍ରି କରି କିଛି ରୋଜଗାର କରିଥାଏ। କିନ୍ତୁ ଚମକପ୍ରଦ କଥା ହେଲା ଯାତ୍ରା ପାର୍ଟିଗୁଡ଼ିକରୁ ମିଳୁଥିବା ମାଗଣା ଅନୁମତିପତ୍ର (ଫ୍ରି ପାସ୍)କୁ ଅଧା ମୂଲ୍ୟରେ ଲୋକଙ୍କୁ ବିକି ଲବ୍ଧ ଅର୍ଥରେ ଭୋଜିଭାତ କରିବା ନଜିର ମଧ୍ୟ ସାମ୍ନାକୁ ଆସେ। ଯଦି ଶିକ୍ଷିତ ବ୍ୟକ୍ତିମାନେ ସମାଜରେ ଏପରି ପୁନଃଚକ୍ରୀକରଣ କରନ୍ତି ତେବେ ଜରି ଗୋଟାଳି ପିଲାଏ ବା ପଛାନ୍ତେ କାହିଁକି? ସେମାନେ ଅଇଁଠା ପତ୍ରରୁ ଉପର ଜରିଟି କାଢ଼ି କିମ୍ବା ବ୍ୟବହୃତ ପାଣିବୋତଲ, କପ୍, ଚାମଚ ଇତ୍ୟାଦିକୁ ସଂଗ୍ରହ କରି ଧୋଇଧାଇ ପୁନଶ୍ଚ ବଜାରରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ରିସାଇକ୍ଲିଙ୍ଗ ପାଇଁ ଦେଇଆସନ୍ତି କିଛି ଉପାର୍ଜନ ଆଶାରେ। ଅତି ଆଶ୍ଚର୍ଯ୍ୟର କଥା, ଶବ ଦାହ ପରେ ମଶାଣିରୁ ସଂଗୃହୀତ ଅଙ୍ଗାରକୁ ଧୋଇ ଶୁଖେଇ କମାରଶାଳକୁ ବିକ୍ରି କରିବାକୁ ମଧ୍ୟ କିଛି ଲୋକ ବେଉସା କଲେଣି। ଆମେ ଦୁଃଖୀରଙ୍କିଙ୍କୁ ଦାନ କରୁଥିବା କମ୍ବଳ, ପଲିଥିନ କିମ୍ବା ସରକାରୀ ତାଲିମ ପରେ ମିଳୁଥିବା ସିଲାଇ ମେଶିନ କି ସ୍କୁଲରୁ ମିଳୁଥିବା ମାଗଣା ସାଇକେଲ ସବୁ ବଜାରରେ ଉପଲବ୍ଧ ହୁଏ। ଆଉ ମାଗଣାରେ ମିଳୁଥିବା ଚାଉଳ, ଚିନି, କିରୋସିନ ବା ଏଥିରୁ ବାଦ୍ ପଡନ୍ତା କିପରି? ତେଣୁ ସାଧାରଣ ଜନତାଙ୍କ ଆଖିରେ ଧୂଳିଦେଇ ଯିଏ ଯେତେ ପ୍ରକାରରେ ବ୍ୟବହୃତ ସାମଗ୍ରୀକୁ ପୁନଶ୍ଚ ବିକ୍ରି କରିପାରିଲା ସେ ସେତେ ଲାଭ କରିବ। ଅତଏବ ଆଜିର ଯୁଗରେ ଖାଲି ବର୍ଜ୍ୟବସ୍ତୁର ପୁନଃଚକ୍ରୀକରଣ କରାଯାଉନାହିଁ ବରଂ ଆମ ଅଲକ୍ଷ୍ୟରେ ବ୍ୟବହୃତ ବସ୍ତୁର ମଧ୍ୟ ସୁପରିଚାଳନା ନାମରେ ଯେଉଁ ଚକ୍ରୀକରଣ କରାଯାଉଛି ତାହା ଆମ ଉନ୍ନତ ବୁଦ୍ଧିର ପରିଚାୟକ ନୁହେଁ କି?

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ,
ଭୁବନେଶ୍ୱର, ମୋ–୯୪୩୭୧୮୫୧୭୫

## ଏଇ ଭାରତରେ

ଆମ ଦେଶର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିନୀତି ଓ ପରମ୍ପରାକୁ ଆଧାର କରି ଝିଅପୁଅଙ୍କ ବାହାଘର କରାଯାଏ। ବାହାଘର ପାଇଁ କନ୍ୟାଘରକୁ ବର ଆସିଥିବାବେଳେ ବରଯାତ୍ରୀଙ୍କୁ କାଦୁଅ ବୋଳାଯାଇ ସ୍ୱାଗତ କରାଯିବା ଘଟଣା ନିଆରା ନିଶ୍ଚୟ। ତେବେ ଛତିଶଗଡ଼ର ମାଝିଂ ଜନଜାତି ସମାଜରେ କନ୍ୟା ପକ୍ଷ ବରଯାତ୍ରୀଙ୍କୁ କାଦୁଅ ବୋଳି ସ୍ୱାଗତ କରିଥାନ୍ତି। ବିବାହ ଉତ୍ସବରେ ବରଯାତ୍ରୀଙ୍କୁ ଭଲ ସ୍ୱାଦିଷ୍ଟ ଖାଦ୍ୟପେୟ ଦେଇ ଆପ୍ୟାୟିତ କରାଯାଏ। ଏହାକୁ ଦେଖିବାକୁ ଲୋକେ ରୁଣ୍ଡ ହୁଅନ୍ତି। ଚାଷଜମିର ଚିକିଟା ମାଟିରେ ପାଣି ମିଶାଇ କାଦୁଅ ପ୍ରସ୍ତୁତ କରାଯାଏ। ଏହାକୁ ବରଯାତ୍ରୀଙ୍କ ଦେହରେ ବୋଳାଯାଏ। ଏହି ପରମ୍ପରାକୁ ଏଠାରେ ବୀରତ୍ୱର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ମେନପାଟ ଅଞ୍ଚଳରେ ରହୁଥିବା ମାଝିଂ ଜନଜାତି ସମ୍ପ୍ରଦାୟ ଏହି ପରମ୍ପରାକୁ ଅତି ପୁରାତନ କାଳରୁ ଜାରି ରଖିଛନ୍ତି। ଉକ୍ତ ସମ୍ପ୍ରଦାୟରେ ୧୨ଟି ଗୋତ୍ର ରହିଛି। ତେବେ ମଇଁଷି ଓ ଶୁଆ ଗୋତ୍ର ମଧ୍ୟରେ ବିବାହ ଉତ୍ସବକୁ ଅତି ଆଡ଼ମ୍ବର ସହକାରେ ପାଳନ କରାଯାଏ।

## ୨୫ ବର୍ଷ ତଳେ ଧରିତ୍ରୀ

୨୬ ଜୁନ୍ ୧୯୯୪

- ପାର୍ଲାମେଣ୍ଟରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ପୂର୍ବରୁ ଜାପାନ ପ୍ରଧାନମନ୍ତ୍ରୀ ସୁଟୋମୁ ହାଟାଙ୍କ ଇସ୍ତଫା।
- ବିହାରର ରାଜଧାନୀ ପାଟନା ନିକଟବର୍ତ୍ତୀ ବୁଢ଼ୀଗଣ୍ଡକ ନଦୀରେ ଏକ ନୌକା ଦୁର୍ଘଟଣା ଘଟି ୭୨ ଜଣଙ୍କର ମୃତ୍ୟୁ।

## ଚିରନ୍ତନୀ

ନ ଭୁଲି ପଥ କେସନ ପୁଣି
ଅଜଣା ଦେଶେ ଆସିଲ ଚାଲି
ଶୀତ ବରଷା ନ ମାନି ତୁମେ
ଏ କି ମଉନ ବେଶରେ ଖାଲି।
ହେ ନିଜଭୁଲା! କେସନ କହ
ନ ଭୁଲ ପଥ ବନ ରାଇଜେ?
ଅନ୍ଧାରି ଏହି କଣ୍ଟକ ପଥେ
ଜନ ପରାଣୀ ନାହିଁ କାହିଁ ଯେ!
(ନିଜଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଢେଙ୍କାନାଳ ବିଦ୍ୟୁତ୍ ଲାଇନର ନବୀକରଣ

ମହାଶୟ,

ବେଶ୍ କିଛି ବର୍ଷ ତଳେ ଢେଙ୍କାନାଳଠାରୁ ଭାପୁର ପର୍ଯ୍ୟନ୍ତ ୩୩ କେ.ଭି. ଲାଇନ ଟଣାଯାଇଥିଲା। ତାହା ଘରୋଇ ଚାଷଜମି, ଖାଲିଜମି, ସରକାରୀ ଜମି ଓ ଜଙ୍ଗଲ ଦେଇ ଯାଇଛି। ଅନେକ ସ୍ଥାନରେ ଉଚ୍ଚ କରିବାକୁ ସିମେଣ୍ଟ ଖୁଣ୍ଟ ଉପରେ ଲୁହାଖଣ୍ଡ ଯୋଡାଯାଇଛି। ଏ ଲାଇନରେ ବିଜୁଳି ବିଭ୍ରାଟ ହେଲେ ଜମିରେ ଫସଲ ଥିବା ସମୟରେ ଚାଷୀମାନେ ମରାମତିରେ ଅସହଯୋଗ କରୁଛନ୍ତି। ଜଙ୍ଗଲ ମଧ୍ୟରେ ମରାମତି କାମ କରିବା କଷ୍ଟଦାୟକ ଓ ସମୟସାପେକ୍ଷ। ବର୍ଷାଦିନ କଥା ନ କହିବା ଭଲ। ଏବେ ପୁଣି ହାତୀଙ୍କ ପ୍ରତି ବିଜୁଳି ବିପଦ ଲାଗିରହିଛି। ଠିକ୍ ସମୟରେ ମରାମତି ନ ହେଲେ ଲୋକମାନେ ବିଦ୍ୟୁତ୍ କାଟ୍‌ର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ସବୁ ଅସୁବିଧାର ସମାଧାନ ପାଇଁ ଏ ଲାଇନ (୩୩ କେଭି)ର ନବୀକରଣ କରାଯିବା ଦରକାର। ଆସିଥିବା ନୂଆ ଉଚ୍ଚ ଖୁଣ୍ଟି ବ୍ୟବହାର କରି ଢେଙ୍କାନାଳ–ଭାପୁର ମୁଖ୍ୟ ରାସ୍ତା କଡ଼ଦେଇ ବିଦ୍ୟୁତ୍ ସରବରାହ କରାଗଲେ ଭଲ ହୁଅନ୍ତା।

ଇଂ. ଶିବନାରାୟଣ ପଟ୍ଟନାୟକ, ଭାପୁର, ଢେଙ୍କାନାଳ

### ଜବରଦଖଲ ଉଚ୍ଛେଦ ହେଉ

ସରକାରୀ କିମ୍ବା ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାରୀ ଜାଗାକୁ ଜବରଦଖଲ କରି ଦୋକାନ, ବେପାର, ଗାଡ଼ି ପାର୍କିଂ ଆଦି କରିବା ଯୋଗୁ ଯାତାୟାତରେ ସମସ୍ୟା ଦେଖାଯାଉଛି। ଦୀର୍ଘ ସମୟ ଧରି ରାସ୍ତାରେ ଗାଡି ରଖିବା ମଧ୍ୟ ଅନୁଚିତ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

### ନିମ୍ନମାନର ରାସ୍ତା କାମ ପାଇଁ ଶାସ୍ତି

ନିମ୍ନମାନର କାର୍ଯ୍ୟ ପାଇଁ ଯନ୍ତ୍ରୀଙ୍କୁ ଉଠ୍‌ବସ୍ କଲେ ବିଧାୟକ, ଏହା ନିଶ୍ଚୟ ବେନିୟମ କାର୍ଯ୍ୟ। ତେବେ ଏଭଳି ନିମ୍ନମାନର କାର୍ଯ୍ୟ ହେଉଛି କାହିଁକି? ବିଚରା ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଦଣ୍ଡ ଦେଲେ ବଡ଼ପଣ୍ଡାମାନେ କୁଆଡେ ଯିବେ? ଉକ୍ତ ନେତା ବା ତାଙ୍କ ଚାମଚାମାନେ ରାସ୍ତା କାମରୁ ଭାଗ ପାଇନାହାନ୍ତି ବୋଲି ଏପରି କଲେ କି? ବର୍ତ୍ତମାନ କେବଳ ସମ୍ପୃକ୍ତ ବିଧାୟକଙ୍କୁ କାଠଗଡ଼ାକୁ ନ ଟାଣି ରାସ୍ତାକାମ ନିମ୍ନମାନର ହେଉଥିଲା କି ନାହିଁ, ତାହାର ତଦନ୍ତ ହେବା ଦରକାର।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁପ୍ରିମକୋର୍ଟରେ କଂଗ୍ରେସକୁ ଝଟକା

ନୂଆଦିଲ୍ଲୀ,୨୫।୬(ପି.ଟି.)

ଗୁଜରାଟର ୨ ରାଜ୍ୟ ସଭା ଆସନରେ ଗୋଟିଏ ଦିନରେ ଭିନ୍ନ ଭିନ୍ନ ଭାବେ ଉପନିର୍ବାଚନ କରାଇବାକୁ ନିର୍ବାଚନ କମିଶନ (ଇସି) ନେଇଥିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କଂଗ୍ରେସ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲା ଆବେଦନର ଶୁଣାଣି ସୁପ୍ରିମକୋର୍ଟ କରିବେ ନାହିଁ। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ଦର୍ଶାଇ ଏଥିରେ ହସ୍ତକ୍ଷେପ କରିବାକୁ ଅଦାଲତ ମନାକରିଦେଇଛନ୍ତି। ତେବେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ ଓ ସ୍ମୃତି ଇରାନୀ ଲୋକ ସଭାକୁ ନିର୍ବାଚିତ ହେବା ପରେ ଖାଲି ପଡ଼ିଥିବା ଦୁଇ ରାଜ୍ୟ ସଭା ଆସନରେ ଭୋଟ ଶେଷ ହେବା ପରେ ଗୁଜରାଟ କଂଗ୍ରେସ ଫଳାଫଳ ନେଇ ହାଇକୋର୍ଟରେ ଏକ 'ନିର୍ବାଚନ ପିଟିଶନ' ଦାଏର କରିପାରିବ ବୋଲି ଶୀର୍ଷ ଅଦାଲତ ଅନୁମତି ଦେଇଛନ୍ତି।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଗୁଜରାଟର ଗାନ୍ଧୀନଗର ଆସନକୁ ଏବଂ ନେତା ସ୍ମୃତି ଇରାନୀ ଉତ୍ତରପ୍ରଦେଶର ଅମେଠି ଆସନକୁ ନିର୍ବାଚିତ ହୋଇଛନ୍ତି। ଉଭୟେ ଗୁଜରାଟରୁ ଉଚ୍ଚ ସଦନରେ ପ୍ରତିନିଧିତ୍ୱ କରୁଥିବାବେଳେ ଇସ୍ତଫା ଦେବା ପରେ ସେଠାରେ ଜୁଲାଇ ୫ରେ ଉପନିର୍ବାଚନ ହେବାକୁ ଯାଉଛି। ଏଥିଲାଗି ମଙ୍ଗଳବାର ନାମାଙ୍କନପତ୍ର ଦାଖଲର ଶେଷଦିନ ଥିଲା। ଇସିଙ୍କ କହିବା ହେଲା ଶାହଙ୍କୁ ମେ ୨୩ରେ ଓ ଇରାନୀଙ୍କୁ ୨୪ ତାରିଖରେ ବିଜୟୀ ଘୋଷଣା କରାଯାଇଥିଲା। ତେଣୁ ଉଭୟ ଆସନ ପାଇଁ ନିର୍ବାଚନ ଗୋଟିଏ ଦିନରେ କିନ୍ତୁ ଭିନ୍ନ ଭିନ୍ନ ଭାବେ ଅନୁଷ୍ଠିତ ହେବ। ଅମ୍‌ରେଲିର କଂଗ୍ରେସ ବିଧାୟକ ପରେଶଭାଇ ଧନାନୀ

**ଗୁଜରାଟର ୨ ରାଜ୍ୟ ସଭା ଆସନରେ ଭିନ୍ନ ଭାବେ ହେବ ଉପନିର୍ବାଚନ**



(ଗୁଜରାଟ ବିଧାନସଭାର ବିରୋଧୀ ଦଳ ନେତା)ଙ୍କ ପକ୍ଷରୁ ଓକିଲ ତଥା ରାଜ୍ୟ ସଭା ସଦସ୍ୟ ବିବେକ ତନ୍‌ଖା ପିଟିଶନ ଦାଏର କରିଥିଲେ। ଏହାକୁ ସମ୍ବିଧାନର ଅନୁଚ୍ଛେଦ ୧୪ର ଉଲ୍ଲଂଘନ ଏବଂ ଅସାମ୍ବିଧାନିକ, ଅବମାନନା ଓ ବେଆଇନ ବୋଲି ଦର୍ଶାଇ ରଦ୍ଦ କରିବା ପାଇଁ ସେ ଦାବି କରିଥିଲେ। ଉକ୍ତ ପିଟିଶନ ଶୁଣାଣିଯୋଗ୍ୟ ନୁହେଁ ବୋଲି ସୋମବାର ଇସି ସତ୍ୟପାଠ ଦାଖଲ କରିଥିଲେ।

ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଥରେ ପ୍ରକାଶ ପାଇଗଲେ ସେଥିରେ ହସ୍ତକ୍ଷେପ କରାଯାଇପାରିବ ନାହିଁ ବୋଲି ଇସିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଯୁକ୍ତି ବାଢ଼ିଥିଲେ।

ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ବି.ଆର୍. ଗଓ୍ୱଇଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅଦାଲତ ସେଥିରେ ହସ୍ତକ୍ଷେପ କରନ୍ତି ନାହିଁ। ଏହି ପରିପ୍ରେକ୍ଷୀରେ ଖଣ୍ଡପୀଠ ସୁପ୍ରିମକୋର୍ଟଙ୍କ ଏ ସଂକ୍ରାନ୍ତ ପୂର୍ବ କେତେକ ରାୟକୁ 'ଅତ୍ୟନ୍ତ ସ୍ପଷ୍ଟ' ବୋଲି ଦର୍ଶାଇ ସେଗୁଡ଼ିକର ଅବତାରଣା କରିଥିଲେ। କିନ୍ତୁ ଭୋଟ ଶେଷ ହେବା ପରେ ତନ୍‌ଖା ଏକ ନିର୍ବାଚନ ପିଟିଶନ ଦାଏର କରିପାରିବେ। ପ୍ରକାଶ ଯେ, ୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାରେ ଭାଜପାର ୨୦୦ ଓ ବିରୋଧୀ କଂଗ୍ରେସର ୭୫ ବିଧାୟକ ଅଛନ୍ତି। ୭ ଆସନ ଖାଲିପଡ଼ିଛି। କେନ୍ଦ୍ରରେ ସରକାର ଚଳାଉଥିବା ଭାଜପା ନିଜ ରାଜନୈତିକ ମହତ୍ତ୍ୱାକାଂକ୍ଷା ଚରିତାର୍ଥ କରିବା ପାଇଁ ନିର୍ବାଚନ କମିଶନଙ୍କ ଅଧିକାରୀମାନଙ୍କୁ ବ୍ୟବହାର କରୁଥିବା କଂଗ୍ରେସ ଅଭିଯୋଗ ଆଣି ଏକସଙ୍ଗେ ନିର୍ବାଚନ କରାଇବା ପାଇଁ ଦାବି କରିଥିଲା।



ସୋନାକ୍ଷୀ ସିହ୍ନା

## 'ଦବଙ୍ଗ ୩'ରେ ନାହିଁ ତ୍ରିକୋଣୀୟ ପ୍ରେମ

ମୁମ୍ବାଇ

'ଦବଙ୍ଗ ୩'ରେ ତ୍ରିକୋଣୀୟ ପ୍ରେମ ନାହିଁ ବୋଲି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ପ୍ରକାଶ କରିଛନ୍ତି। ସେ ଏଥିରେ ରାଜୋ ଭୂମିକାରେ ପୁଣି ଆସୁଛନ୍ତି। ସୋମବାର ଏଠାରେ ସାଲୋନ୍ ବ୍ରାଣ୍ଡର ରେଟ୍ରୋ ରେମିକ୍ସ କଲେକ୍ସନ୍ ଲଞ୍ଚ୍ ଅବସରରେ ସୋନାକ୍ଷୀ ଏହା ପ୍ରକାଶ କରିଛନ୍ତି। ପ୍ରଭୁଦେବାଙ୍କ ନିର୍ଦ୍ଦେଶିତ ଦବଙ୍ଗ ୩ରେ ସୋନାକ୍ଷୀଙ୍କ ସହିତ ଆଉ ଜଣେ ଅଭିନେତ୍ରୀ ଅଭିନୟ କରିବା ନେଇ ଯେଉଁ କଳ୍ପନା ଜଳ୍ପନା ପ୍ରକାଶ ପାଉଛି ତାହାକୁ ସୋନାକ୍ଷୀ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଅବଶ୍ୟ ଏହା ହେଉଛି ଏକ ପୃଥକ୍ ଷ୍ଟୋରି। ଏଥିରେ କେତେକ ନୂଆ ଚରିତ୍ର ଆସୁଛନ୍ତି ଯାହାଙ୍କ ନାଁ ବର୍ତ୍ତମାନଠୁ କହିବା ଉଚିତ ହେବନାହିଁ। ଏହା ଏକ ଚମକପ୍ରଦ ଫିଲ୍ମ ବୋଲି ଜାଣନ୍ତୁ।

ଦବଙ୍ଗ ସିରିଜରେ ପ୍ରଥମେ ମଲାଇକା ଆରୋରା ଏବଂ କରୀନା କପୁର ଖାନ୍ ଏକ ସ୍ୱତନ୍ତ୍ର ସଂଗୀତ କାର୍ଯ୍ୟକ୍ରମରେ ଦେଖାଦେଇଥିଲେ। ଦବଙ୍ଗଠୁ ଦର୍ଶକମାନେ କ'ଣ ଆଶା କରିପାରିବେ ପ୍ରଶ୍ନରେ ସୋନାକ୍ଷୀ କହିଥିଲେ, ଦବଙ୍ଗ ସିରିଜ୍‌ରେ ବଳିଷ୍ଠ କାହାଣୀ ରହିଛି। ବଛା ବଛା କଳାକାରମାନେ ଆସି ଫିଲ୍ମ ପାଇଁ ସଂଗୀତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହାକୁ ମିଳିତ ଭାବେ ପ୍ରସ୍ତୁତ କରୁଛନ୍ତି ସଲମାନ୍ ଖାନ୍ ଏବଂ ଅରବାଜ୍ ଖାନ୍।

# ନାମାଙ୍କନପତ୍ର ଦାଖଲ କଲେ ଜୟଶଙ୍କର

ନୂଆଦିଲ୍ଲୀ,୨୫।୬(ପି.ଟି.)

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁଜରାଟରୁ ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ହୋଇଛନ୍ତି। ଜୁଲାଇ ୫ରେ ହେବାକୁ ଥିବା ଉପନିର୍ବାଚନ ଲାଗି ସେ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଜୟଶଙ୍କର ଭାଜପାରେ ବିଧିବଦ୍ଧ ଭାବେ ଯୋଗଦେବା ପରେ ଅହମଦାବାଦରେ ସୋମବାର ସନ୍ଧ୍ୟାରେ ପହଞ୍ଚିଥିଲେ। ଜୟଶଙ୍କର ମଙ୍ଗଳବାର ପ୍ରଥମ ରାଜ୍ୟ ସଭା ଆସନରୁ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ଗୁଜରାଟ ଭାଜପା ଓବିସି ସେଲ୍ ଅଧ୍ୟକ୍ଷ ଯୁଗଲ୍‌ଜୀ ଠାକୁର ଦ୍ୱିତୀୟ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ରିଟର୍ନିଂ ଅଫିସର ସି.ବି. ପାଣ୍ଡେୟଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ ବେଳେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ଓ ଭାଜପା ରାଜ୍ୟ ସଭାପତି ଜୁତୁ ବଘାନୀ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ୬୪ ବର୍ଷୀୟ ଜୟଶଙ୍କର ମୋଦି ସରକାରଙ୍କ ପ୍ରଥମ ପାଳିରେ ବହିର୍ବ୍ୟାପାର ସଚିବ ଭାବେ କାର୍ଯ୍ୟକରିଥିଲେ। ଦ୍ୱିତୀୟ ପାଳି ସରକାରରେ ତାଙ୍କୁ କ୍ୟାବିନେଟରେ ସ୍ଥାନ ମିଳିଛି। ନିୟମାନୁସାରେ



ପାର୍ଲାମେଣ୍ଟର ସଦସ୍ୟ ନ ଥିବା ଜଣେ ମନ୍ତ୍ରୀଙ୍କୁ ଶପଥ ନେବାର ୬ ମାସ ମଧ୍ୟରେ ଗୃହକୁ ନିର୍ବାଚିତ ହେବାକୁ ପଡ଼ିଥାଏ। ମଙ୍ଗଳବାର ନାମାଙ୍କନପତ୍ର ଦାଖଲର ଶେଷଦିନ ଥିବାବେଳେ ଜୁନ୍ ୨୬ରେ ଯାଞ୍ଚ କରାଯିବ। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ହେଉଛି ଜୁନ୍ ୨୮। ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁସାରେ ଦୁଇ ଆସନରେ ଭିନ୍ନ ଭିନ୍ନ ଭାବେ ନିର୍ବାଚନ ହେବାକୁ ଥିବାରୁ ଆସନସଂଖ୍ୟା ଦୃଷ୍ଟିରୁ ଭାଜପା ଜିତିବା ସମ୍ଭାବନା ରହିଛି। କଂଗ୍ରେସ ଦୁଇଟି ରାଜ୍ୟ ସଭା ଆସନ ପାଇଁ ଗୌରବ ପାଣ୍ଡେୟ ଓ ଚନ୍ଦ୍ରିକା ଚୂଡ଼ାସମାଙ୍କୁ ପ୍ରାର୍ଥୀ କରିଛି।

**ତାମିଲନାଡୁର ୬ ରାଜ୍ୟ ସଭା ଆସନ**

# ଜୁଲାଇ ୧୮ରେ ନିର୍ବାଚନ

ନୂଆଦିଲ୍ଲୀ,୨୫।୬(ପି.ଟି.)

ତାମିଲନାଡୁର ୬ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ। ଏଥିଲାଗି ଜୁଲାଇ ୧ରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଘୋଷଣା କରାଯାଇଛି।

ଜୁଲାଇ ୨୪ରେ ତାମିଲନାଡୁର ୬ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବ। ଡିଏମ୍‌କେ ନେତ୍ରୀ କାନିମୋଝି ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ବିଜୟୀ ହୋଇଥିବାରୁ ଉଚ୍ଚ ସଦନରୁ ଇସ୍ତଫା ଦେଇଛନ୍ତି। ସେହିପରି ସିପିଆଇର ଡି. ରାଜାଙ୍କ ସମେତ ଏଆଇଏଡିଏମ୍‌କେର ଆର୍. ଲକ୍ଷ୍ମଣନ୍, କେ.ଆର୍. ଅର୍ଜୁନନ୍, ଭି. ମୈତ୍ରେୟନ୍ ଏବଂ ଟି. ରଥିନାଭେଲ୍‌ଙ୍କ ଆସନ ମଧ୍ୟ ଖାଲି ପଡ଼ିବ।

**ଇତିହାସର ଆଇନାରେ**

## ଜୁନ୍ ୨୬ର ପ୍ରମୁଖ ଘଟଣା

୨୦୦୮ ଜୁନ୍ ୨୬ରେ ଜଣେ ଆତ୍ମଘାତୀ ଇରାକୀ ପୋଲିସ ବେଶରେ ବିସ୍ଫୋରଣ ଘଟାଇବାରୁ ୨୫ ଲୋକଙ୍କ ମୃତ୍ୟୁ ଘଟିଥିଲା।

୧୯୯୧ ଜୁନ ୨୬ରେ ଯୁଗୋସ୍ଲାଭ ଯୁଦ୍ଧ ଆରମ୍ଭ ହୋଇଥିଲା। ସ୍ଲୋଭେନିଆରେ ଯୁଗୋସ୍ଲାଭ ପିପୁଲ୍ସ ଆର୍ମି ଦ୍ୱାରା ଏହି ଯୁଦ୍ଧ କରାଯାଇଥିଲା।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହିତ ଅପରାହ୍ନରେ ବର୍ଷା ହେବାର ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୫.୫ |
| ଚାନ୍ଦବାଲି | ୩୮.୨ | ୨୭.୬ |
| କଟକ | ୩୫.୫ | ୨୫.୨ |
| ପାରାଦ୍ୱୀପ | ୩୩.୧ | ୨୯.୧ |
| ଭୁବନେଶ୍ୱର | ୩୫.୩ | ୨୬.୯ |
| ଗୋପାଳପୁର | ୩୨.୪ | ୨୭.୩ |
| ପୁରୀ | ୩୪.୦ | ୨୮.୦ |
| ଅନୁଗୋଳ | ୩୮.୧ | ୨୩.୦ |
| ବାରିପଦା | ୩୭.୬ | ୨୭.୪ |
| ଝାରସୁଗୁଡ଼ା | ୩୮.୦ | ୨୬.୪ |
| କେନ୍ଦୁଝର | ୩୫.୭ | ୨୪.୫ |
| ସମ୍ବଲପୁର | ୩୮.୫ | ୨୭.୫ |
| ସୁନ୍ଦରଗଡ଼ | ୩୪.୦ | ୨୧.୦ |
| ହୀରାକୁଦ | ୩୭.୯ | ୨୭.୬ |
| ତାଳଚେର | ୩୯.୧ | ୨୫.୦ |
| ଭବାନୀପାଟଣା | ୩୮.୫ | ୨୭.୦ |
| ବଲାଙ୍ଗୀର | ୩୭.୫ | ୨୮.୦ |
| କୋରାପୁଟ | ୩୧.୦ | ୨୦.୬ |
| ଫୁଲବାଣୀ | ୩୪.୮ | --- |
| ଟିଟିଲାଗଡ଼ | --- | ୨୪.୦ |
| ମାଲକାନଗିରି | ୩୭.୦ | ୨୦.୦ |
| ସୋନପୁର | ୩୭.୮ | ୨୪.୦ |
| ଦାରିଙ୍ଗିବାଡ଼ି | --- | --- |

ଡିଗ୍ରୀ ସେଲ୍‌ସିୟସ୍



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।




## ପୃଥିବୀ ଫେରିଲେ ୩ ମହାକାଶଚାରୀ

ଅଲମାଟି (କାଜାଖସ୍ତାନ), ୨୫।୬(ଏଏଫ୍‌ପି)

ମହାକାଶରେ ୨୦୪ ଦିନ ରହିବା ପରେ ୩ ମହାକାଶଚାରୀ ମଙ୍ଗଳବାର ପୃଥିବୀକୁ ଫେରିଛନ୍ତି। ଭାରତୀୟ ସମୟ ସକାଳ ୮ଟା ୧୮ରେ ନାସା ମହାକାଶଚାରୀ ଆନ୍ନେ ମ୍ୟାକ୍‌କ୍ଲେନ୍, ବରିଷ୍ଠ ରୁଷୀୟ ମହାକାଶଚାରୀ ଓଲେଗ କୋନୋନେନ୍‌କୋ ଏବଂ କାନାଡାର ସ୍ପେସ୍ ଏଜେନ୍ସି ରେକର୍ଡଧାରୀ ଡାଭିଡ ସେଣ୍ଟ–ଜାକ୍ୱିସ କାଜାଖସ୍ଥାନର କାରାଗାଣ୍ଡାଠାରେ ପୃଥିବୀ ପୃଷ୍ଠରେ ପାଦ ଦେଇଛନ୍ତି। ୩ ମହାକାଶଚାରୀ ଡିସେମ୍ବର ୩ରେ ମହାକାଶ ଯାତ୍ରା କରି ଅନ୍ତର୍ଜାତୀୟ ମହାକାଶ ଗବେଷଣା କେନ୍ଦ୍ର (ଆଇଏସ୍ଏସ୍)ରେ ଗବେଷଣା କରିଥିଲେ। ୬ ଜଣଙ୍କ ମଧ୍ୟରୁ ଏବେ ସେଠାରେ ଆମେରିକାର ନିକ୍ ହଗ୍, କ୍ରିଷ୍ଟିଆନ୍ କୋଚ୍ ଏବଂ ରୁଷିଆର ଆଲେକ୍ସି ଓଭର୍ଚିନିନ୍ ଗବେଷଣା କରୁଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି।


**Fakir Mohan Autonomous College, Balasore**

**Admission Notification - 2019**

Applications are invited from candidates desirous of taking admission to Integrated B.Sc., B.Ed. for the session 2019-20. Details of form, prospectus, fees & eligibility criteria are available in the college website www.fmcollege.nic.in. Forms will be received from 26.06.2019 between 11.00 A.M and 2.00 P.M on every working day. Last date of submission of application is 08.07.19 by 4.00 P.M.

Principal
F.M. (Auto) College, Balasore

क्षेत्रीय शिक्षा संस्थान, भुवनेश्वर
**REGIONAL INSTITUTE OF EDUCATION, BHUBANESWAR, ODISHA - 751022**
राष्ट्रीय शैक्षिक अनुसंधान और प्रशिक्षण परिषद्
(National Council of Educational Research and Training, New Delhi - 110016)

Advt. No.367 Date : 20.06.2019

**ADVERTISEMENT**

**National Award for Innovative Practices and Experiments in Education for Schools and Teacher Education Institutes for the year 2019-20**

NCERT, New Delhi has been organizing the "National Award for Innovative Practices and Experiments in Education for Schools and Teacher Education Institutes" for the year 2019-20. Interested teachers and teacher educators of recognized schools and Teacher Education Institutes at all levels (Elementary, Secondary & Senior Secondary) from the Eastern region (Odisha, Bihar, Jharkhand, West Bengal and Andaman & Nicobar Island) may send their project proposals to the Principal, Regional Institute of Education, Bhubaneswar through post / email (riebbs@nic.in) latest by 31.07.2019. For more details see NCERT website at **www.ncert.nic.in** or RIE, Bhubaneswar website at **www.riebbs.ac.in**.

**PRINCIPAL**

**MCL** ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା - ୭୬୮୦୨୦, ଜିଲ୍ଲା - ସମ୍ବଲପୁର, ଓଡ଼ିଶା
Ph. (EPABX) : 0663-2542461 to 469 Website : www.mahanadicoal.in

ନଂ.MCL/PO(T&H)/Tal/Cond.Discp/Enquiry Notice/2019/7745, ତା.୩୧.୦୫.୨୦୧୯

**ତଦନ୍ତ ନୋଟିସ୍**

ତାଳଚେର କୋଲିଆରିର ନିମ୍ନଲିଖିତ କର୍ମଚାରୀ ଦୀର୍ଘ କାଳ ହେବ ଅନଧିକୃତ ଭାବେ ନିଜ କାର୍ଯ୍ୟରୁ ଅନୁପସ୍ଥିତ ରହିଛନ୍ତି ଏବଂ କମ୍ପାନୀର ସାର୍ଟିଫାଏଡ୍ ଷ୍ଟାଣ୍ଡିଂ ଅର୍ଡ଼ରର ଅବମାନନା ଧାରା ନଂ. ୨୬.୨୪ ଓ ୨୬.୩୦ ଅନୁଯାୟୀ ଅଭିଯୋଗ ଫର୍ଦ୍ଦ ଜାରି କରାଯାଇଛି।
ଏହି ଦୋଷୀ କର୍ମଚାରୀଙ୍କୁ ଅଫିସ ସର୍ଭିସ ରେକର୍ଡ଼ରେ ତାଙ୍କ ଦ୍ୱାରା ପ୍ରଦତ୍ତ ଠିକଣାରେ ରେଜେଷ୍ଟ୍ରି ଡାକଯୋଗେ ଅଭିଯୋଗ ଫର୍ଦ୍ଦ ପ୍ରେରଣ କରାଯାଇଛି। ଏହା ପରେ ବିଭାଗୀୟ ତଦନ୍ତ ପାଇଁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ୍ ୦୬ ଥର ବିଭିନ୍ନ ତାରିଖରେ ସର୍ଭିସ ରେକର୍ଡ଼ରେ ଦର୍ଶାଯାଇଥିବା ଠିକଣାରେ ରେଜେଷ୍ଟ୍ରି ଡାକଯୋଗେ ମଧ୍ୟ ପଠାଯାଇଛି। ଏହି ଦୋଷୀ କର୍ମଚାରୀ ପଦତ୍ତ ତାରିଖରେ ବିଭାଗୀୟ ତଦନ୍ତ ପାଇଁ ବ୍ୟକ୍ତିଗତ ଭାବେ ହାଜର ହୋଇ ନାହାନ୍ତି।
ଏଣୁ ନିମ୍ନଲିଖିତ କର୍ମଚାରୀଙ୍କୁ ତାଙ୍କ ନାମ ସହ ଦର୍ଶାଯାଇଥିବା ତାରିଖ, ସମୟ ଓ ସ୍ଥାନରେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଶେଷ ସୁଯୋଗ ଦିଆଯାଉଛି, ଏହାର ଖିଲାପ କଲେ ପରିଚାଳନା କର୍ତ୍ତୃପକ୍ଷ ଏହି ପସଙ୍ଗରେ ରେକର୍ଡ଼ ଅନୁଯାୟୀ ଉପଲବ୍ଧ ତଥ୍ୟାବଳୀ ଆଧାରରେ ଏକତରଫା କାର୍ଯ୍ୟାନୁଷ୍ଠାନ ନେବେ।

| କ୍ରମିକ ନଂ. | ନାମ/ପଦବୀ/ବର୍ଗ/ଠିକଣା | ଅଭିଯୋଗ ଫର୍ଦ୍ଦ ନଂ ଓ ତାରିଖ | ବିଭାଗୀୟ ତଦନ୍ତର ତାରିଖ, ସମୟ ଓ ସ୍ଥାନ |
|---|---|---|---|
| | ଶ୍ରୀ ଗତିକ୍ରିଷ୍ଣ ଦେହୁରୀ, ମଜଦୁର ବର୍ଗ.୧, ୟୁ.ଏମ୍. ନଂ. ୭୭୬୯୨୬୦୮, ଗ୍ରା.ପୋ: ଗୋପାଳପ୍ରସାଦ, ଥାନା: କୋଲିଆରି, ଜିଲ୍ଲା; ଅନୁଗୁଳ (ଓଡ଼ିଶା) | PO(T&H)/Tal/Cond.Discp/2017/2001 ତା. ୧୭/୧୦/୨୦୧୭ | ତା. ୦୩.୦୭.୨୦୧୯, ପୂର୍ବାହ୍ନ ୧୧.୦୦ |

ଆର୍-୪୯୧୭

ସ୍ୱା/-(ଶ୍ରୀ. ସି.ଆର. ପଟ୍ଟନାୟକ)
ସହାକରୀ ପରିଚାଳକ(ମାଇନିଂ)/ ତଦନ୍ତକାରୀ ଅଧିକାରୀ
ତାଳଚେର କୋଲିଆରି।

ଆମର ଆପ୍ ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ରେ ମିସ୍ କଲ୍ ଦିଅନ୍ତୁ

**ADMISSION NOTIFICATION OF LAJPAT RAI LAW COLLEGE, SAMBALPUR FOR 3 yr. LL.B./5 yr. BBA LL.B. (H)/ 2 yr. LL.M./ 2 yr. PGDIR & PM COURSE**

Admission Forms and Prospectus are available in college office on payment of requisite fee or can be downloaded from the website **www.suniv.ac.in**. Downloaded Form should accompany a bank draft with requisite fee drawn in favour of **"The Principal, L.R. Law College, Sambalpur"** payable at Sambalpur in any Nationalised Bank.

**Eligibility Criteria:**

**3 yr. L.L.B.** (Semester System): 45% marks in aggregate in graduation or equivalent degree recognised by Sambalpur University.

**5 yr. BBA LL.B.** (Semester System): 45% marks in agreegate in 12th or +2 or equivalent degree recognised by CHSE, Odisha.

**2 yr. LL.M.** (A Degree holder in LL.B.)

**P.G.D.I.R. & P.M.:** 40% marks in agreegate in Graduation or equivalent degree recognised by Sambalpur University.

**The last date of issue and submission of Admission Application Form:**

i. BBA LL.B. (H)- within 15 days from publication of result of +2 of CHSE, Odisha.
ii. LL.B. and PGDIR & PM- within 15 days from publication of result of +3 degree of Sambalpur University.
iii. LLM - within 15 days from publication of result of LL.B./ B.B.A. LL.B.(H) of Sambalpur University.

**Sd./- Principal**

**ODISHA JOINT ENTRANCE EXAMINATION (OJEE) - 2019**

**No: 280 /OJEE2019** **NOTICE** **Date:25.06.2019**

**Schedule of Medical Board for Physically Challenged (PC) Candidates of JEE (Main) - 2019 / NEET (UG) - 2019.**

The Physically Challenged **(PC)** Category Candidates of JEE(Main)/NEET (UG) 2019 rank holders, who are interested to take admission in **PC** Category for **MBBS /BDS /B. Tech / B. Arch / B. Plan** in OJEE Counselling are required to attend the Medical Board at **LT – II, SCB Medical College, Cuttack on 27-06-2019, 28-06-2019 and 29-06-2019 at 10.00 AM.** Candidates are required to bring their **Admit Card /Rank Card and Photo Identity** to the Medical Board. Decision of the Medical Board is final and binding. Admission to PC category will be made only as per the recommendations of this Board.

**Sd/-**
**CHAIRMAN, OJEE**

**National Dairy Development Board**
PB No. 40, Anand - 388001, Gujarat
Tel: 02692-260148/260149/260160 Fax: 02692-260159, Website: www.nddb.coop | E-mail: purchase@nddb.coop

INVITATION FOR BIDS (IFB)/ LOCAL COMPETITIVE ON-LINE BIDDING (LCB)

Online Bids are invited from eligible bidders for the works listed below:

| Sr. No. | Description of works/ Bid Reference | Estimated cost/ Duration | Event Start/ Close Date | Bid submission / opening date &time |
|---|---|---|---|---|
| I) | Design, Supply, Installation, Testing & Commissioning of the following: | | | |
| A | Equipment, Piping, Electrical works etc. for ETP of cap 800 M³/day at Arilo-Govindpur, Odisha NDDB:HO:PUR:LCB:20/2019 (ET/20) | ₹ 415 Lakh/ 10 Months | 27.06.19/ 18.07.19 | 18.07.19 15:00 hrs 18.07.19 15:30 hrs |
| B | Civil, Structural, Equipment, Piping, Electrical works etc. for ETP of capacity 300 M³/day of Verka Mega Dairy at Bassi Pathana, Punjab. NDDB:HO:PUR:LCB:21/2019 (ET/21) | ₹ 375 Lakh/ 12 Months | 04.07.19/ 25.07.19 | 25.07.19 15:00 hrs 25.07.19 15:30 hrs |
| C | Additional facility in processing plant for Fermented Products at Mohali, Punjab. NDDB:HO:PUR:LCB:22/2019 (ET/22) | ₹ 166 Lakh/ 06 Months | 02.07.19/ 23.07.19 | 23.07.19 15:00 hrs 23.07.19 15:30 hrs |
| D | 15 Lakh Kcal/day CST System at Katraj Dairy, Pune, Maharashtra NDDB:HO:PUR:LCB:23/2019 (ET/23) | ₹ 177 Lakh/ 06 Months | 05.07.19/ 26.07.19 | 26.07.19 15:00 hrs 26.07.19 15:30 hrs |
| E | LN2 Tanks & Distribution Piping Works at Frozen Semen Station, Purnea, Bihar NDDB:HO:PUR:LCB:24/2019 (ET/24) | ₹ 60 Lakh/ 06 Months | 01.07.19/ 22.07.19 | 22.07.19 15:00 hrs 22.07.19 15:30 hrs |
| F | Aseptic Filling equipment and accessories at Bassi Pathana, Punjab NDDB:HO:PUR:LCB:25/2019 (ET/25) | ₹ 2672 Lakh/ 08 Months | 03.07.19/ 24.07.19 | 24.07.19 15:00 hrs 24.07.19 15:30 hrs |
| G | 11KV/433 V New Substation with DG Set at Arilo-Govindpur, Odisha NDDB:HO:PUR:LCB:26/2019 (ET/26) | ₹ 193 Lakh/ 08 Months | 28.06.19/ 19.07.19 | 19.07.19 15:00 hrs 19.07.19 15:30 hrs |
| H | 11KV/433 V New Substation with DG Set at for APS-LMP at Bassi Pathana, Punjab NDDB:HO:PUR:LCB:27/2019 (ET/27) | ₹ 132 Lakh/ 08 Months | 28.06.19/ 19.07.19 | 19.07.19 15:30 hrs 19.07.19 16:00 hrs |
| I | Refrigeration Plant expansion works at Ludhiana, Punjab NDDB:HO:PUR:LCB:30/2019 (ET/30) | ₹ 495 Lakh/ 10 Months | 02.07.19/ 23.07.19 | 23.07.19 15:30 hrs 23.07.19 16:00 hrs |
| J | Ice Silo at Ludhiana, Punjab NDDB:HO:PUR:LCB:31/2019 (ET/31) | ₹ 205 Lakh/ 10 Months | 28.06.19/ 19.07.19 | 19.07.19 16:00 hrs 19.07.19 16:30 hrs |
| K | Vaccine Filling line for IVPM, Ranipet, Tamil Nadu NDDB:HO:PUR:LCB:32/2019 (ET/32) | ₹ 360 Lakh/ 06 Months | 08.07.19/ 29.07.19 | 29.07.19 15:00 hrs 29.07.19 15:30 hrs |
| II) | Civil, Structural & I.E. works for LMP & product Block at Katraj Dairy Pune, Maharashtra NDDB:HO:PUR:LCB:33/2019 (ET/33) | ₹ 1670 Lakh/ 15 Months | 09.07.19/ 30.07.19 | 30.07.19 15:00 hrs 30.07.19 15:30 hrs |
| III) | Providing Security services at 3 locations for NDDB Kolkata NDDB:HO:PUR:LCB:34/2019 (ET/34) | ₹ 73 Lakh/ 12 Months | 26.06.19/ 17.07.19 | 17.07.19 15:00 hrs 17.07.19 15:30 hrs |

For further details pertaining to IFB and for downloading the bid document, please visit: www.nddb.coop, www.mstcecommerce.com/eprochome/nddb. For any clarification please contact General Manager (Purchase), NDDB, Anand-388001 (Gujarat).
NB: Any corrigendum/modification etc. will be posted only on these websites.

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୬ ଜୁନ୍, ୨୦୧୯

## ସଂକ୍ଷେପରେ

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବାଲିକୁଦା,୨୫।୬(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତସ୍ଥିତ ଓଷକଣା ଉଚ୍ଚ ବିଦ୍ୟାଳୟର ୧୯୯୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୁଧାଂଶୁ ଶେଖର ବେହେରାଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଅନ୍ତର୍ଯ୍ୟାମୀ ରାଉତ, ଚିତ୍ତରଞ୍ଜନ ମହାନ୍ତି, ମାନସ ମହାନ୍ତି, ପ୍ରକାଶ ଜେନା, ଶିବରାମ ସୁବୁଦ୍ଧି, ମନୋଜ ବେହେରା, ଅଞ୍ଜନା ବିଶ୍ୱାଳ, ଡଲି ବିଶ୍ୱାଳ, ମାମିନା ପାଲ, ଲିପି ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି କଳ୍ପେ ଯଥାସାଧ ଚେଷ୍ଟା କରିବେ ବୋଲି କହିଥିଲେ। ଆସନ୍ତା ଅକ୍ଟୋବର ୯ ତାରିଖରେ ବିଦ୍ୟାଳୟ ପରିସରରେ ଏକ ଗୁରୁପୂଜନ ଉତ୍ସବ କରିବା ପାଇଁ ସ୍ଥିର କରାଯିବା ସହିତ ଉତ୍ସବକୁ କିପରି ସରସ ସୁନ୍ଦର କରିହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଓ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

## ବିଶୋଧନାଗାର ଆଗରେ ଜମିହରାଙ୍କ ଧାରଣା ଜାରି

# ଆନ୍ଦୋଳନକୁ ଓହ୍ଲାଇଲା ଶ୍ରମିକ ସଙ୍ଗଠନ

- ନିଯୁକ୍ତି ଦାବି କରୁଛନ୍ତି ଜମିହରା ପରିବାର
- ୪ ଦାବି ଉପସ୍ଥାପନ କଲା ଶ୍ରମିକ ସଙ୍ଗଠନ

ପାରାଦୀପ,୨୫।୬(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ଆଗରେ ସୋମବାରଠାରୁ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଚାଲିଥିବା ଧାରଣା ମଙ୍ଗଳବାର ଜାରି ରହିଛି। ପ୍ରକଳ୍ପ ପାଇଁ ଜମି ହରାଇଥିବା ୧୭୫୨ ପରିବାରରୁ ଜଣେ ଲେଖାଏ ସଦସ୍ୟଙ୍କୁ ନିଶ୍ଚିତ ନିଯୁକ୍ତି ପ୍ରଦାନ ଦାବିରେ ଏହି ଧାରଣା ଚାଲିଛି। ଫଳରେ ପ୍ରକଳ୍ପର ମୁଖ୍ୟ ୪ ନଂ. ଫାଟକ ବନ୍ଦ ରହିଛି। ବିଶୋଧନାଗାର କର୍ମଚାରୀ ଓ ଶ୍ରମିକମାନେ ପଛପଟ ଗେଟ୍ ନଂ.୧, ୨ ଓ ୩ ଦେଇ ଯାତାୟାତ କରୁଛନ୍ତି। ଦୁଇଦିନ ହେଲା ଧାରଣା ଚାଲିଥିଲେ ହେଁ ନିଯୁକ୍ତି ପ୍ରସଙ୍ଗରେ କୌଣସି ସମାଧାନ ବାଟ ବାହାରିନାହିଁ। ଜମିହରାଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ କରିବା ପରେ ଧାରଣା ପ୍ରତ୍ୟାହାର କଥା ଚିନ୍ତା କରାଯିବ ବୋଲି ମଞ୍ଚ ମୁଖିଆ ଅରିନ୍ଦମ ସର୍ଖେଲ(ବାପି) କହିଛନ୍ତି। ଏ ସମ୍ପର୍କରେ ବିଶୋଧନାଗାର ମାନବ ସମ୍ବଳ ଅଧିକାରୀ ଏସ.ଏସ୍.ପାତ୍ର କହିଛନ୍ତି ଯେ, ସୋମବାର ବିଳମ୍ବିତ ରାତିରେ ଆଲୋଚନା ହୋଇଥିଲା। କିନ୍ତୁ ସମାଧାନର ସୂତ୍ର ବାହାରିନାହିଁ। ବିଶୋଧନାଗାର କର୍ତ୍ତୃପକ୍ଷ ଜିଲା ପ୍ରଶାସନ ସହ ଆଲୋଚନା ଚଳାଇଛନ୍ତି। ଏଭଳି ସ୍ଥିତିରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଙ୍ଗଠନରେ ଥିବା ବିଶୋଧନାଗାରର ୧୪ଶହରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଗତ ଫେବୃୟାରୀରୁ ବର୍ଦ୍ଧିତ ଦରମା ଦେବାକୁ ଠିକା କମ୍ପାନୀମାନେ ଚୁକ୍ତି କରିଥିଲେ ହେଁ ଅଦ୍ୟାବଧି ତାହା ଲାଗୁ କରିନାହାନ୍ତି। ୨ରୁ ୩ ମାସରେ ଥରେ ଦରମା ମିଳୁଛି। ଇପିଏଫ୍, ଇଏସ୍ଆଇ ଅର୍ଥ ଠିକା ସଂସ୍ଥା ପୈଠ କରୁନାହାନ୍ତି। ସ୍ଥାନୀୟ ଲୋକଙ୍କ ବଦଳରେ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ଏହି ୪ ପ୍ରସଙ୍ଗକୁ ନେଇ ଫେବୃୟାରୀରେ ସଂଘ ଧାରଣା ଦେଇଥିଲା। ସେତେବେଳେ ଶ୍ରମିକଙ୍କ ଦାବି ମାନିନେଇ ପ୍ରଶାସନ ସହ ତ୍ରିପାକ୍ଷିକ ଚୁକ୍ତି ହୋଇଥିଲା। ଏହା ମଧ୍ୟରେ ୪ ମାସ ବିତିଥିଲେ ମଧ ତାହା କାର୍ଯ୍ୟକାରୀ କରାଯାଉନି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ବିଶୋଧନାଗାର ଆଗରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସଂଘ ସମ୍ପାଦକ ସୁରେଶ ସାହୁ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କହିବାକୁ ସାହା କେହି ନାହିଁ**
**କା ଆଗେ କହିବି ଦୁଃଖ ?**
**ବାହା କରିବାକୁ ଯାହାକୁ ଡାକିଲି**
**ତାକୁ ନ ଲାଗିଲା ସୁଖ ।**

ଜୀବନରେ ଦୁଃଖ ଶୁଣିବାକୁ ଯେମିତି କେହି ନାହିଁ, ସୁଖର ମର୍ମ ବୁଝିବାକୁ ବି କାହାର ସ୍ପୃହା ନାହିଁ। ନିଃସଙ୍ଗ ନିଃସ୍ୱ ବ୍ୟକ୍ତି ସବୁକ୍ଷେତ୍ରରେ ନିଜକୁ ଅସହାୟ ମଣିବା ସହ ନିରାଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆସୁଥିଲା ପଦ ବାହୁଡ଼ି ଗଲା**
**ଥାଇ ଦେଢ଼ଶୁର ଅଡୁଆ କଲା ।**

ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାଏ। ତେବେ ପାଖରେ ଯଦି କେହି ଆତ୍ମୀୟ ଉପସ୍ଥିତ ରହିଥାନ୍ତି ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ନିଜ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଇଓ ଅଫିସ ଆଗରେ ଶିକ୍ଷକଙ୍କ ଧାରଣା

ନିଶ୍ଚିନ୍ତକୋଇଲି,୨୫।୬(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ଶିକ୍ଷକ ସୀତାକାନ୍ତ ସାମଲ ମଙ୍ଗଳବାର ଧାରଣାରେ ବସିଥିଲେ। ଖବର ପାଇ ସାଲେପୁର ବ୍ଲକ ଏବିଇଓ ଜଗବନ୍ଧୁ ଶତପଥୀ ଘଟଣାସ୍ଥଳକୁ ଆସି ତାଙ୍କ ଅଭିଯୋଗ ଶୁଣିବା ସହ ଘଟଣାର ତଦନ୍ତ କରି ଧାରଣା ପ୍ରତ୍ୟାହୃତ କରିବା ପାଇଁ ନିବେଦନ କରିଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷକ ଜଣଙ୍କ ଧାରଣାରେ ବସିଥିବା ଜଣାପଡ଼ିଛି। ବ୍ଲକ ଶିକ୍ଷାଧିକାରୀଙ୍କ ଅସାମ୍ବିଧାନିକ ନିଲମ୍ବନ ଓ ବଦଳି ପ୍ରତିବାଦରେ ସାମଲ ଧାରଣା ଦେଇଥିବା କହିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ସେ ନିଲମ୍ବନ ହୋଇଥିଲେ। ପରେ ନିଲମ୍ବନ ଆଦେଶ ଉଠାଯାଇ ତାଙ୍କୁ ପୁନର୍ବାର ନିଯୁକ୍ତି ଦିଆଯାଇଥିଲା। ୪ରୁ ୬ କିମି ମଧ୍ୟରେ ନୁଯୁକ୍ତି, ସମସ୍ତ ବକେୟା ଦରମା ପ୍ରଦାନ ଓ ତାଙ୍କ ନାମରେ ହୋଇଥିବା ମକଦ୍ଦମାକୁ ପ୍ରତ୍ୟାହାର ପାଇଁ ସେ ନିବେଦନ କରିଥିଲେ। ସମସ୍ୟା ସମାଧାନ ନ ହେବାରୁ ସେ ଧାରଣା ଦେଇଛନ୍ତି। ଏପରି କି ସେ ମଧ ବାରମ୍ବାର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଆସୁଛନ୍ତି।

## ବିବାହ ମଣ୍ଡପରୁ ଗିଫ୍ଟ ବ୍ୟାଗ୍ ଚୋରି

# ଭିଡିଓରୁ ଧରାପଡ଼ିଲେ ନାବାଳକ

ବାଲିକୁଦା,୨୫।୬(ସ୍ୱ.ପ୍ର.)

ବାଲିକୁଦା ଥାନା ଅରିଲୋ ପଞ୍ଚାୟତ ନେତପୁର ଗ୍ରାମରେ ସୋମବାର ରାତିରେ ଏକ ବିବାହ ମଣ୍ଡପରୁ ବହୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିଲା। ତେବେ ବିବାହ ଉତ୍ସବ ସୁଟିଂ ହେଉଥିବା ଭିଡିଓରୁ ଏହି ଚୋରି ସମ୍ପର୍କରେ ସୁରାକ ମିଳିବା ସହ ଚୋରି ସାମଗ୍ରୀ ମିଳିଛି। ସୂଚନା ଅନୁଯାୟୀ, ସୋମବାର ଉକ୍ତ ଗ୍ରାମର ଦୁଃଖିଶ୍ୟାମ ମହାନ୍ତିଙ୍କ ସାନପୁଅଙ୍କ ବିବାହ ରିସେପ୍ସନ ଥିଲା। ବନ୍ଧୁ ବାନ୍ଧବଙ୍କ ସହ ପ୍ରିୟଜନମାନେ ଆସି ବରକନ୍ୟାଙ୍କୁ ସୁନା ଅଳଙ୍କାର, ଟଙ୍କା ଓ ଦାମୀ ଉପହାରମାନ ଦେଇ ଆଶୀର୍ବଚନ ପ୍ରଦାନ କରୁଥିଲେ। ଶେଷରେ ତାଙ୍କ ପରିବାର ଓ ବନ୍ଧୁବାନ୍ଧବ ଏକତ୍ରିତ ହୋଇ ଫଟୋ ଗ୍ରୁପ୍ ଫଟୋ ଉଠାଉଥିଲେ। ସମସ୍ତେ ଫଟୋ ଉଠାରେ ବ୍ୟସ୍ତ ଥିବାବେଳେ ଭୋଜି ଖାଇବାକୁ ଯାଇଥିବା ପଡୋଶୀ ଗ୍ରାମର ଜଣେ ନାବାଳକ ଗିଫ୍ଟ ଭର୍ତ୍ତି ବ୍ୟାଗଟିକୁ ସେଠାରୁ ନେଇଯାଇଥିଲେ। ବିବାହ ଉତ୍ସବ ସରିବା ପରେ ଦୁଃଖିଶ୍ୟାମଙ୍କ ପରିବାର ଲୋକେ ଗିଫ୍ଟ ବ୍ୟାଗ ଖୋଜି ପାଇ ନ ଥିଲେ। ସେଥିରେ ୫ଟି ସୁନାମୁଦି, ସୁନା ଶଙ୍ଖା ସମେତ ଅନ୍ୟ ଅଳଙ୍କାର, ପ୍ରାୟ ୫୦ ହଜାର ଟଙ୍କା ଥିଲା। ଅନେକ ଖୋଜା ଖୋଜି ପରେ ସୁଟିଂ ହୋଇଥିବା ଭିଡ଼ିଓ ଦେଖିବାରୁ ଜଣେ ନାବାଳକ ଉକ୍ତ ବ୍ୟାଗ ଚୋରି କରିନେଇଥିବା ଜଣାପଡିଥିଲା। ରାତାରାତି ସମ୍ପୃକ୍ତ ନାବାଳକଙ୍କ ଘରକୁ ଯାଇ ପଚାରିବାରୁ ସେ କିଛି ଜାଣି ନ ଥିବା କହିଥିଲେ। ବାଧହୋଇ ଦୁଃଖିଶ୍ୟାମଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ପଚରା ଉଚରା କରିବାରୁ ସେ ଚୋରି କରି ନାହାନ୍ତି, କିନ୍ତୁ ଚୋରି ବ୍ୟାଗ କେଉଁଠାରେ ଅଛି ଜାଣିଛନ୍ତି ବୋଲି କହିଥିଲେ। ପୋଲିସ ତାଙ୍କୁ ସାଥିରେ ନେଇ ଏକ କଳମ ବଣରେ ଲୁଚା ହୋଇଥିବା ଉକ୍ତ ବ୍ୟାଗ ଜବତ କରି ଦୁଃଖିଶ୍ୟାମଙ୍କ ପରିବାରକୁ ଦେଇଥିଲେ। ତେବେ ଦୁଃଖିଶ୍ୟାମଙ୍କ ପରିବାର ପକ୍ଷରୁ ଏନେଇ ମାମଲା ରୁଜୁ କରା ନ ଯିବାରୁ ନାବାଳକଙ୍କୁ ଛାଡ଼ି ଦିଆଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

SINGHANIA
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203, 94858-27609

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075, 7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

See Color Display Classified on every Tuesday & Friday

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765, 8512004851

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444, 8860599820

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୮ ନାଗ ଛୁଆ ଉଦ୍ଧାର

**ଡେରାବିଶ, ୨୫।୬ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଦାନପୁର ପଞ୍ଚାୟତ ନରସିଂହପୁର ଗ୍ରାମର ମନୋଜ ସାହୁଙ୍କ ଘରୁ ମଙ୍ଗଳବାର ପୂର୍ବାହ୍ନରେ ୮ଟି ନାଗ ଛୁଆ ଉଦ୍ଧାର କରାଯାଇଛି। ମନୋଜଙ୍କ ଘର ଆଖପାଖରେ ସାପ ଛୁଆ ବୁଲୁଥିବା ତାଙ୍କ ପରିବାର ସଦସ୍ୟ ଦେଖିଥିଲେ। ଏ ନେଇ ସେମାନେ କେନ୍ଦ୍ରାପଡ଼ା ଜିଲା ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ଖବର ଦେଇଥିଲେ। ପ୍ରଫୁଲ୍ଲ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କ ଘର ନିକଟ ଏକ ଚାଳିରୁ ୮ ନାଗ ଛୁଆ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

### ଜୁଲାଇ ୨ରେ କର୍ମନିଯୁକ୍ତି ଆଶାୟୀଙ୍କ କାଉନସେଲିଂ

**କେନ୍ଦ୍ରାପଡା ଅଫିସ, ୨୫।୬:** କର୍ମ ନିଯୁକ୍ତି ଆଶାୟୀ ଯୁବତୀ ଯୁବକଙ୍କ ଦକ୍ଷତା ବିକାଶ ତାଲିମ ଓ ନିଯୁକ୍ତି ପାଇଁ ଜୁଲାଇ ୨ରେ କେନ୍ଦ୍ରାପଡା ଜଜାଙ୍ଗସ୍ଥିତ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ପରିସରରେ କାଉନସେଲିଂ କ୍ୟାମ୍ପ ଅନୁଷ୍ଠିତ ହେବ। ବାଲେଶ୍ୱରସ୍ଥିତ କେନ୍ଦ୍ରୀୟ ପ୍ଲାଷ୍ଟିକ ଯାନ୍ତ୍ରିକ କୌଶଳ ପ୍ରତିଷ୍ଠାନ (ସିପେଟ) ପକ୍ଷରୁ ଆୟୋଜିତ ଏହି କ୍ୟାମ୍ପ ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ। ଏଥିରେ କର୍ମ ନିଯୁକ୍ତି ଆଶାୟୀମାନେ ଭାଗ ନେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଅଂଶୁଘାତରେ ରଙ୍ଗମିସ୍ତ୍ରିଙ୍କ ମୃତ୍ୟୁ ଅଭିଯୋଗ

**ମାର୍ଶାଘାଇ,୨୫।୬(ଡିଏନଏ) :** ମାର୍ଶାଘାଇ କୁମ୍ଭାର ସାହିର ରଙ୍ଗମିସ୍ତ୍ରି ପୂର୍ଣ୍ଣାନନ୍ଦ ବେହେରା(୭୪)ଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ପୂର୍ଣ୍ଣାନନ୍ଦ ନିକଟସ୍ଥ ଜୁଣ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ଛାତ ଉପର ବାଡରେ ରଙ୍ଗ ଦେଉଥିବା ସମୟରେ ପ୍ରବଳ ଖରା ଯୋଗୁ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ରଙ୍ଗକାମରେ ତାଙ୍କୁ ନିୟୋଜିତ କରିଥିବା ଠିକାଦାର ଏବଂ ସହଯୋଗୀମାନେ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତ ଯୋଗୁ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହେବା ପରେ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ମେଡିକାଲରେ ପହଞ୍ଚି ମୃତକଙ୍କୁ ଦେଖିବା ସହିତ ପ୍ରାଥମିକ ରିପୋର୍ଟ ପ୍ରଦାନ କରିବାକୁ ମାର୍ଶାଘାଇ ସର୍କଲ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ କୁମାର ନାଥଶର୍ମାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ସବ୍ ଇନ୍ସପେକ୍ଟର ଦେବାଶିଷ ପଣ୍ଡା ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ମାର୍ଶାଘାଇ ଥାନାରେ ୧୦/୧୯ ନଂରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୂର୍ଣ୍ଣାନନ୍ଦଙ୍କ ପରିବାର ସଦସ୍ୟଙ୍କୁ ଅଂଶୁଘାତଜନିତ ସରକାରୀ ସହାୟତା ପ୍ରଦାନ କରିବାକୁ ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ପ୍ରଧାନ,ସମିତି ସଭ୍ୟ ନିଗମ ପ୍ରସାଦ ରଥ,ବିଚିତ୍ରାନନ୍ଦ ବେହେରା,ଉତ୍ତମ ବେହେରା,ରଞ୍ଜନ ବେହେରା,ଅମରେନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

### ରାଜନଗରରେ ଝାଡାବାନ୍ତି ବ୍ୟାପୁଛି

**ରାଜନଗର,୨୫।୬(ଡି.ଏନ.ଏ.):** ଗତ କିଛି ଦିନ ହେବ ରାଜନଗର ଅଞ୍ଚଳରେ ଝାଡାବାନ୍ତି ରୋଗର ପ୍ରକୋପ ଦେଖାଦେଇଛି। ସୋମବାର ଗୋଟିଏ ଦିନରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ଜଣ ଝାଡାବାନ୍ତି ରୋଗୀ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ଜଣ ଆଡିମିଶନ ହୋଇଥିଲେ। ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ୩୦ରୁ ଉର୍ଦ୍ଧ୍ୱ ରୋଗୀ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଆଡିମିଶନ କରାଯାଇଛି। ସୁନୀତା ସେଠୀ (୨୩), ସଞ୍ଜୟ ସାହୁ , ମନିସା ରାଉତ, ସ୍ନେହଧରା ଲେଙ୍କା, ବିପାଶା ଦାସ ପ୍ରମୁଖ ଚିକିତ୍ସିତ ହେଉଛନ୍ତି। ଝାଡାବାନ୍ତି ରେଗୀ ସଂଖ୍ୟା ବଢି ଚାଲିଥିବା ବେଳେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ଗରମ ଓ ଦୂଷିତ ଜଳ ପାନ ଯୋଗୁ ଝାଡାବାନ୍ତି ବ୍ୟାପୁଥିବା କୁହାଯାଉଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନଳିତା, ଧନିଚା ବିହନ ନାହିଁ: ଚାଷୀ ହତାଶ

- ବଜାରରେ ବିକ୍ରି ହେଉଥିବା ବିହନ ନିମ୍ନମାନର
- ବନ୍ଦ ହୋଇଯାଇଛି ନଳିତା ଓ ମେସ୍ତା ବିହନ କର୍ପୋରେଶନ

**କେନ୍ଦ୍ରାପଡା ଅଫିସ, ୨୫।୬**

ତନ୍ତୁଜାତୀୟ ଫସଲ ପାଇଁ କେନ୍ଦ୍ରାପଡ଼ାର ସୁନାମ ରହିଛି। ୨୦୦୫ରେ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ମୋଟ ୨୧୫୨ ହେକ୍ଟର ଅଞ୍ଚଳରେ ଚାଷ ହୋଇଥିଲା । ନଳିତା ଓ ମେସ୍ତା ପାଇଁ ଏଠରେ ଉପଯୁକ୍ତ ଭିତ୍ତିଭୂମିଥିବାରୁ ୨୦୧୦ ବେଳକୁ ଏହାର ପ୍ରସାର ଘଟି ପ୍ରାୟ ୮ ହଜାର ହେକ୍ଟର ଅଞ୍ଚଳରେ ଚାଷ ହୋଇଥିଲା। ଏହାକୁ ଲକ୍ଷ୍ୟ କରି ସହର ନିକଟସ୍ଥ ଜଜାଙ୍ଗଠାରେ ୪୬ ଏକର ଜମି ଉପରେ ଝୋଟ ଗବେଷଣା କେନ୍ଦ୍ର ପତିଷ୍ଠା କରାଯାଇଥିଲା । ମାତ୍ର ଚଳିତ ବର୍ଷ ତନ୍ତୁଜାତୀୟ ଫସଲ ଚାଷ ପାଇଁ କେନ୍ଦ୍ରାପଡ଼ାର ଚାଷୀଙ୍କୁ ସରକାରୀ ଭାବେ ନଳିତା, ମେସ୍ତା ଓ ଧନିଚା ଆଦି ବିହନ ଯୋଗାଇ ଦିଆଯାଇନାହିଁ। ଚାଷୀ ବଜାର ମୂଲ୍ୟରେ ବିହନ କିଣି ବ୍ୟବହାର କରୁଥିଲେ ମଧ୍ୟ ତାହା ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏସମ୍ବନ୍ଧରେ କୃଷି ଉପନିର୍ଦ୍ଦେଶକ ମିତ୍ରୋଦୟ ଦାସ କୁହନ୍ତି, ୨୦୧୫ରେ ଓଡ଼ିଶା ସିଡ୍ ସପ୍ଲାଏ କର୍ପୋରେଶନ (ଓଏସ୍ଏସ୍‌ସି) ପକ୍ଷରୁ ନଳିତା, ମେସ୍ତା ଓ ଧନିଚା ବିହନ ଯୋଗାଇ ଦିଆଯାଇଥିଲା । ଏହି ବିହନକୁ ପ୍ରାୟ ୭ ହଜାର ଚାଷୀ କ୍ରୟ କରି ଖେତରେ ଚାଷ କରିଥିଲେ । ତେବେ ଚଳିତ ବର୍ଷ ନଳିତା ଓ ମେସ୍ତା ବିହନ କର୍ପୋରେଶନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଛି। ଫଳରେ ଚାଷୀଙ୍କୁ ବିହନ ଯୋଗାଇବା ସମ୍ଭବ ହେଉନାହିଁ। ସେହିପରି ଚଳିତ ବର୍ଷ ପାଇଁ ୧୧୫ କୁଇଣ୍ଟାଲ ଧନିଚା ବିହନ ପାଇଁ ଚିଠା ଯାଇଥିଲେ ମଧ ଜିଲାର ଗୋଦାମକୁ ଅଦ୍ୟାବଧି ପହଞ୍ଚି ନ ଥିବା ସେ ସୂଚନା ଦେଇଛନ୍ତି ।

କେନ୍ଦ୍ରାପଡା ବ୍ଲକ କଂସାର ପଞ୍ଚାୟତର ଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତିଯେ, କେନ୍ଦ୍ରପଡ଼ାର ମାଟି ନଳିତା ଓ ମେସ୍ତା ପାଇଁ ଉପଯୁକ୍ତ । ଏହି ଚାଷ କରି ଝୋଟ ବିକିବା ସହ ବିଭିନ୍ନ ସମୟରେ ମିଠା ନଳିତା ପତ୍ର ଓ ଦିପାବଳୀରେ କାଉଁରିଆ କାଠି ବିକି ବେଶ କିଛି ପଇସା ହାତକୁ ଆସୁଥିଲା । ମାତ୍ର କୃଷି ବିଭାଗର ଅପାରଗତା ହେତୁ ଚଳିତ ବର୍ଷ ବିହନ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । କୃଷକ ନେତା ଗୟାଧର ଧଳ କୁହନ୍ତିଯେ, ଧାନ ଫସଲରେ ଧନିଚାର ମହତ୍ତ୍ୱ ଅଧିକ। ଏକ ସମୟରେ ଧନିଚା ଓ ଧାନ ବୁଣିଥିଲେ ମଧ୍ୟ ଖୁବ୍ ଅଳ୍ପଦିନ ମଧ୍ୟରେ ଝଙ୍କାଳିଆ ହୋଇ ଧନିଚା ଗଛ ବଢ଼ିଥାଏ । ଚାଷୀ କ୍ଷେତରେ ପ୍ରଥମ ଗାର ଦେବାବେଳେ ଏହି ଗଛଗୁଡ଼ିକ ମାଟିରେ ମିଶି ଉର୍ବରତା ସୃଷ୍ଟି କରିଥାଏ । ଫଳରେ ରାସାୟନିକ ସାର ପକାଇବା ଆବଶ୍ୟକ ପଡ଼େନାହିଁ । ସେହିପରି ଏହି ଧନିଚା ଗଛ ପିତା ହେତୁ ଧାନ ଗଛରେ ପୋକ ଲାଗିବା ବନ୍ଦ ହୋଇଥାଏ । ତେବେ କୃଷି ବିଭାଗ ଅକ୍ଷୟ ତୃତୀୟା ପୂର୍ବରୁ ଧାନ ସହିତ ଧନିଚା ବିହନ ଚାଷୀଙ୍କୁ ଯୋଗାଇ ଦେବାକୁ ଥିବା ବେଳେ ଧନିଚା ମଞ୍ଜି ନ ଆସିବା ଦୁର୍ଭାଗ୍ୟ ଜନକ ବୋଲି ସେ କହିଛନ୍ତି । ଡେରାବିଶ ବ୍ଲକ ଚାଟରାଚକଡ଼ାର ଚାଷୀ ମହେଶ୍ୱର ସେଠୀ କୁହନ୍ତିଯେ, ୨୦୧୫ ରେ ସରକାରୀ ଭାବେ ନଳିତା ମଞ୍ଜି କିଲୋ ପ୍ରତି ୪୦ ଟଙ୍କାରେ କିଣିଥିଲୁ । ଚଳିତ ବର୍ଷ ବିହନର ଦାମ ୬୫ ଟଙ୍କା ହୋଇଛି । ପାରିପଙ୍ଗରାସ୍ଥିତ ଝୋଟ କୁଟିର ଶିଳ୍ପର ମହିଳା ସଦସ୍ୟମାନେ କୁହନ୍ତି, ଝୋଟ ସୁଲଭ ମୂଲ୍ୟରେ ମିଳିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଚାଷର ଆବଶ୍ୟକତା ରହିଛି। ଚଳିତ ବର୍ଷ ସରକାରୀ ବିହନ ନ ଯୋଗାଇବା ଫଳରେ ନିଜ ଉତ୍ପାଦ ପାଇଁ ବାହାର ସ୍ଥାନରୁ ଝୋଟ କିଣିବାକୁ ପଡ଼ିବ । ଫଳରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବଢ଼ିଯିବ। ନଳିତା ଚାଷ ପାଇଁ ସରକାର ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି ।

# ବିଜେଡିର ମହିଳା ସମାବେଶ



ସମାବେଶରେ ବିଜେଡି କର୍ମୀମାନେ।

**ଡେରାବିଶ, ୨୫।୬ (ସ୍ୱ.ପ୍ର.)**

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତରେ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ରବିବାର ଗୁଆଳସିଂସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମାବେଶରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ବିଧାୟିକା ତଥା ରାଜ୍ୟ ମହିଳା ବିଜେଡି ନେତ୍ରୀ ଲତିକା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାଟକୁରାରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଡେରାବିଶ ବ୍ଲକ ମହିଳା ବିଜେଡି ସଭାପତି ନମିତା ସାମଲ ଓ ସମ୍ପାଦିକା ତୃପ୍ତିମୟୀ କରଙ୍କ ସମେତ ବହୁ ମହିଳା ନେତ୍ରୀ ସମାବେଶରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଗଣେଶ୍ୱର ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଗାମୀ ଲଢ଼େଇ ପାଇଁ ପ୍ରସ୍ତୁତ ରହିବ କଂଗ୍ରେସ

**ପଟ୍ଟାମୁଣ୍ଡାଇ,୨୫।୬ (ସ୍ୱ.ପ୍ର.)**





ବୈଠକରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ଅନ୍ୟମାନେ।

ମଙ୍ଗଳବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ଠାରେ କଂଗ୍ରେସର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ବୈଠକରେ ନଗର କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ବୈଠକରେ କଂଗ୍ରେସ ନେତାମାନେ କହିଥିଲେ ଯେ, ୨୦୧୯ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିଲେ ମଧ ଆଗାମୀ ଦିନରେ ଲଢେଇ ପାଇଁ କଂଗ୍ରେସ ପ୍ରସ୍ତୁତ ରହିବ । ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ରାଜନଗର ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଂଗଠନକୁ ସୁଦୃଢ କରିବା ସହିତ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ କଂଗ୍ରେସ ଲଢେଇ ଜାରି ରଖିବ । ଏହି ବୈଠକରେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ଆଗାମୀ ଦିନରେ କଂଗେସ ଦଳ ଆତ୍ମସମୀକ୍ଷା କରି ଭୁଲ ସୁଧାରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ପିସିସି ସଭ୍ୟ ଏମ. ମହାନ୍ତି, ମଳୟ ଦାସ, ଜିଲା କଂଗ୍ରେସ ଉପସଭାପତି ରମାକାନ୍ତ ଦାଶ, ନିମାଇଁ କର, ଅମୂଲ୍ୟ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ସମୀର ପ୍ରଧାନ. ବିରଞ୍ଚି ନାରାୟଣ ଦାସ, ତପନ ପାତ୍ର, ମଳୟ ଓଝା, ହିରଣ୍ୟ ରାଉତ, କଳାକର ସେଠୀ, ମହେଶ୍ୱର ନାୟକ, ଆଲୋକ ଧଳ, ସୁଚିତ୍ରା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ କଂଗ୍ରେସ ସଂଗଠନକୁ ମଜଭୁତ କରିବାକୁ ମତ ରଖିଥିଲେ । ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ କଂଗ୍ରେସ ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିବାକୁ ନେତାମାନେ ମତ ପୋଷଣ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସନାତନ ବିଶ୍ୱାଳ, ଗଗନ ପ୍ରଧାନ, ପ୍ରଶାନ୍ତ ପରିଡା, ସୁଶାନ୍ତ ରାଉତ, ଶରତ ପ୍ରଧାନ, ଓମ୍‌କାର ମହାନ୍ତି, ମହେଶ୍ୱର ସେଠୀ, ଶଶୀଭୂଷଣ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଶେଷରେ ପୂର୍ବତନ କାଉନସିଲର ସେକ୍ ଅମରୁଲ୍ ଧନ୍ୟବାଦ ଦେଇଥିଲେ । ଏହି ବୈଠକରେ ୩ ଶହରୁ ଉର୍ଦ୍ଧ୍ୱ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ ।

# ପକ୍କା ରାସ୍ତା ଦାବିରେ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**କେନ୍ଦ୍ରାପଡା ଅଫିସ, ୨୫।୬**

କେନ୍ଦ୍ରାପଡା ବ୍ଲକ ବାରୋ ପଞ୍ଚାୟତ ଅନ୍ତର୍ଗତ କଳାମାଟିଆ ଗ୍ରାମକୁ ଅଦ୍ୟାବଧି ପକ୍କା ରାସ୍ତା ନାହିଁ। ଏହାର ନିର୍ମାଣ ଦାବି କରି ଗ୍ରାମବାସୀ ଇତିମଧ୍ୟରେ ଜିଲାପାଳଙ୍କୁ ଭେଟିଛନ୍ତି। ୭ ଦିନ ମଧ୍ୟରେ ଏହି ରାସ୍ତା ନିର୍ମାଣ ସମ୍ପର୍କରେ କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ କଟକ ଚାନ୍ଦବାଲି ରାଜ୍ୟ ରାଜ୍ୟପଥର ବାରୋଠାରେ ରାସ୍ତାରୋକୋ କରାଯିବ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଗ୍ରାମର ପ୍ରଭାକର ସ୍ୱାଇଁ କୁହନ୍ତି, ସହର ଠାରୁ ୫ କିଲୋମିଟର ଦୂରରେ ଥିବା ଏହି କଳାମାଟିଆ ଗ୍ରାମକୁ ଅଦ୍ୟାବଧି ରାସ୍ତାଟିଏ ନାହିଁ। ଏଥିଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏନେଇ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଦାବି ପ୍ରଦାନ ସମୟରେ ରବୀନ୍ଦ୍ର ସ୍ୱାଇଁ, ବିଷ୍ଣୁ ଚରଣ ବିଶ୍ୱାଳଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ ।

- ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

# ପୋଲିସ ହାତ ଖାଲି ନେଇ ବଢୁଛି ଅସନ୍ତୋଷ

**ରାଜନଗର, ୨୫।୬(ଡି.ଏନ.ଏ.)**

ରାଜନଗର ବ୍ଲକର ତ୍ରିନାଥ ବଜାର ନିକଟ ବିଜୁ ସ୍ମୃତି ସଂସଦ ପରିସରରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ପୋଲିସ ଅଦ୍ୟାବଧି କାହାରିକୁ ଗିରଫ କରିନାହିଁ । ଏଥିନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଚାପା ଉତ୍ତେଜନା ଲାଗି ରହିଛି । ଗତ ୧୮ ତାରିଖରେ ବିଜୁ ସ୍ମୃତି ସଂସଦ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲା । ଏହାକୁ ନେଇ ରାଜନଗରରେ ରାସ୍ତାରୋକୋ ଓ ୬ ଘଣ୍ଟିଆ ବନ୍ଦ ପାଳନ କରାଯିବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ସରକାରୀ ଜମିରେ ହୋଇଥିବା ଏହି ସ୍ମୃତି ସଂସଦ କାର୍ଯ୍ୟାଳୟକୁ ସରକାରଙ୍କ ଦଖଲକୁ ଆଣିବା ପାଇଁ ତହସିଲଦାର ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନରେ ନାଲି ପତାକା ମାରି ଏହା ସରକାରଙ୍କ ସମ୍ପତ୍ତି ବୋଲି ନୋଟିସ ମାରିଥିଲେ। ପରବର୍ତ୍ତୀ ଅବସ୍ଥାରେ ବିଜୁ ସ୍ମୃତି ସଂସଦ କାର୍ଯ୍ୟାଳୟକୁ ଖାଲି କରିବାକୁ ନୋଟିସ ଦେଇଥିଲେ। ମଙ୍ଗଳବାର ବିଜୁ ସ୍ମୃତି ସଂସଦର ସଭାପତି ଦିଲିପ କୁମାର ରାଉତଙ୍କ ସମେତ ବିଜୟ କୁମାର ବଳ, ଦିଲିପ କୁମାର ପାତ୍ର, ଧୀରେନ ବିଶ୍ୱାଳ ପ୍ରମୁଖ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ପ୍ରଶାସନ ମୂର୍ତ୍ତି ଭାଙ୍ଗିଥିବା ଦୁର୍ବୃତ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ତରବରିଆ ଭାବେ ବିଜୁ ସ୍ମୃତି ସଂସଦ ଚାରିପଟରେ ନାଲିପତାକା ମାରିବା ଓ ସଂସଦ କାର୍ଯ୍ୟାଳୟକୁ ଖାଲି କରିବା ନୋଟିସ ଦେବା ପଛରେ ରାଜନୈତିକ ଚାପ ରହିଛି ବୋଲି ଅଭିଯୋଗ କରିଛନ୍ତି। ବିଜୁ ସ୍ମୃତି ସଂସଦକୁ ଭାଙ୍ଗିଦେବା ପାଇଁ ଷଡଯନ୍ତ୍ର କରାଯାଇଥିବା ନେଇ ଅଭିଯୋଗ କରାଯାଇଛି।

ଅପରପକ୍ଷରେ ବିଜୁ ସ୍ମୃତି ସଂସଦ କାର୍ଯ୍ୟାଳୟ ନାଁରେ ସେଠାରେ ଭାଜପା କାର୍ଯ୍ୟାଳୟ ଚାଲିଥିଲା। ଏଠାରେ ଅନେକ ସମୟରେ ଅସାମାଜିକ ବ୍ୟକ୍ତିମାନେ ଆଡ୍ଡା ଜମାଇଥିଲେ । ଏହି ସ୍ଥାନକୁ ସରକାର ନିଜ ଅକ୍ତିଆରକୁ ନେଇ ବିଜୁବାବୁଙ୍କ ନାଁରେ ଶିଶୁଉଦ୍ୟାନ କରିବାକୁ ଯୁବନେତା ବାଇଧର ସେଠୀ ଦାବି କରିଛନ୍ତି। ଏଥିସହ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିବା ଦୁର୍ବୃତ୍ତଙ୍କୁ ଗିରଫ କରା ନ ଗଲେ ରାଜନଗରରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେଠୀ ଚେତାବନୀ ଦେଇଛନ୍ତି।

- ବନ୍ଦ ହେବ ସରକାରୀ ପ୍ରାଥମିକ ବିଦ୍ୟାଳୟ

# ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଅସନ୍ତୋଷ

**ମହାକାଳପଡା,୨୫।୬(ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତ ଅନ୍ତର୍ଗତ ସାନ ନିପାଣିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୦ରୁ କମ୍ ରହିଛି। ଏନେଇ ସରକାରୀ ନିୟମ ଅନୁସାରେ ବିଦ୍ୟାଳୟକୁ ବନ୍ଦ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ପରିଡା କହିଛନ୍ତି। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପରିଡା ମଙ୍ଗଳବାର ଏହି ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏଠାରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୯ ଥିବାରୁ ଏହାକୁ ବନ୍ଦ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ପ୍ରଥମରେ ଜଣେ, ଦ୍ୱିତୀୟରେ ୨ ଜଣ, ତୃତୀୟରେ ୨ ଜଣ, ଚତୁର୍ଥରେ ୩ଜଣ ଓ ପଞ୍ଚମ ଶ୍ରେଣୀରେ ଜଣେ ପିଲା ପାଠ ପଢୁଛନ୍ତି। ସେହିପରି ବିଦ୍ୟାଳୟରେ ପାଠପଢ଼ା ପାଇଁ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମକର ମାଝୀ କହିଛନ୍ତି। ଏବେ ବିଦ୍ୟାଳୟକୁ ବନ୍ଦ କରାଯିବ ବୋଲି ବିଇଓ ନିର୍ଦ୍ଦେଶ ଦେବା ପରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟଟି ବନ୍ଦ ହେଲେ ନିକଟସ୍ଥ ଏକ କିଲୋମିଟର ଦୂରରେ ଥିବା ନିପାଣିଆ ପ୍ରାଥମିକ ବିଦ୍ୟାଳୟକୁ ପିଲାଙ୍କୁ ପାଠ ପଢିବାକୁ ଯିବାକୁ ପଡିବ। ବଟୀଘର ପଞ୍ଚାୟତ ଅନ୍ତର୍ଗତ ନଦୀନାଳ ଘେରା ଏହି ନିପାଣିଆ ଗ୍ରାମ ଏକ ଉପାନ୍ତ ଅଞ୍ଚଳରେ ହୋଇଥିବାରୁ ଯାତାୟତରେ ଅନେକ ସମସ୍ୟା ରହିଛି। ସେଠାକୁ ପିଲାମାନେ କିପରି ଯିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ଷାଦିନେ ପଙ୍କ କାଦୁଅ ରାସ୍ତାରେ ବିଦ୍ୟାଳୟକୁ ଯିବା କଷ୍ଟକର ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ସେହିପରି ବର୍ଷା, ଘଡଘଡି, ବଜ୍ରପାତ, ଶୀତକାଳରେ ଏତେ ଦୂରକୁ ଯିବାକୁ ଭୟ ଲାଗିବ ବୋଲି ଛାତ୍ରୀ ଉର୍ମିଳା ଦାସ, ବର୍ଷା ଗୁଡିଆ ଓ ଶ୍ରୀୟା ଦାସ ପ୍ରମୁଖ କହିଛନ୍ତି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ପୁନର୍ବାର ବିଚାର କରିବାକୁ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଅନୁରୋଧ କରିଛନ୍ତି।



ବ୍ଲକ ଶିକ୍ଷା ଅଧିକାରୀ ସାନନିପାଣିଆ ବିଦ୍ୟାଳୟରେ ତଦନ୍ତ କରୁଛନ୍ତି।

# ମଧ୍ୟାହ୍ନ ଭୋଜନ ରୋଷେଇ ବେଳେ ଗ୍ୟାସ୍ ଚୁଲାରୁ ଉଠିଲା ନିଆଁ ,ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର

**ମାର୍ଶାଘାଇ, ୨୫।୬ (ଡିଏନଏ)**

ନିରାପଦରେ ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ସରକାର ଗ୍ୟାସ ଚୁଲା ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ନିମ୍ନମାନର ଗ୍ୟାସ ପାଇପ ଯୋଗୁ ମଙ୍ଗଳବାର ମାର୍ଶାଘାଇ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ଆରମ୍ଭରୁ ଗ୍ୟାସ ପାଇପରୁ ଗ୍ୟାସ ଲିକ୍ ହୋଇ ନିଆଁ ଲାଗି ଯାଇଥିଲା । ଏପରି କି ରୋଷେଇ ଘରର ଛାତ ପର୍ଯ୍ୟନ୍ତ ନିଆଁ ଉଠି ଯାଇଥିଲା। ଏହାଦେଖି ପାଖ ଆଜବେଷ୍ଟସ ଗୃହରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ଭୟରେ ଖୋଲା ସ୍ଥାନକୁ ଦୌଡି ପଳାଇଥିଲେ। ଫଳରେ ବିଦ୍ୟାଳୟରେ ପଢୁଥିବା ୬୦ ଛାତ୍ରୀଛାତ୍ର ରକ୍ଷା ପାଇ ଯାଇଥିଲେ। ଏହି ସମୟରେ ବିଦ୍ୟାଳୟରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି ନିଆଁ ଲିଭାଇବାକୁ ଉଦ୍ୟମ କରାଯାଇଥିଲେ ହେଁ ତାହା କାମ ଦେଇ ନ ଥିଲା। ଶେଷରେ କୌଣସି ମତେ ନିଆଁକୁ ଆୟତ୍ତ କରାଯାଇଥିଲା । ଖବର ପାଇ ମାର୍ଶାଘାଇ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ବିଦ୍ୟାଳୟରେ ପହଞ୍ଚିଲା ବେଳକୁ ନିଆଁ ଆୟତ୍ତ ହୋଇ ଯାଇଥିଲା।

# କୃତୀ ଛାତୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କେନ୍ଦ୍ରାପଡା ଅଫିସ, ୨୫।୬**

ଚଳିତ ବର୍ଷ ଯୁକ୍ତ ୨ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଇତିମଧ୍ୟରେ ସମ୍ବର୍ଦ୍ଧିତ କରାଯାଇଛି । ମହାବିଦ୍ୟାଳୟ ପରିସର ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଯୁକ୍ତ ୨ ଧନ୍ଦାମୂଳକ ଶିକ୍ଷା ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବୈଶାଖୀ ଶତପଥୀଙ୍କ ସହ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବାଣିଜ୍ୟ ବିଭାଗର ରୁପାଲି ସାମଲ, କଳା ବିଭାଗର କୁମାର କାର୍ତ୍ତିକ ମଲ୍ଲିକ, ବିଜ୍ଞାନ ବିଭାଗର ଶୁଭକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା, ଅଧ୍ୟାପିକା ଅନ୍ନପୂର୍ଣ୍ଣା ସୁଆର, ଅଧ୍ୟାପକ ଡ. ଶ୍ରୀଧର ସାମଲ, ଡ. ଜ୍ଞାନୀନ୍ଦ୍ର ଦାଶ ଓ ରଣଜିତ୍ କୁମାର ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

- ନଦୀବନ୍ଧ ପ୍ରଶସ୍ତୀକରଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନୀ

# ସିମେଣ୍ଟ ସୋଠ ବଦଳରେ ବସିଲା ପ୍ଲାଷ୍ଟିକ ନଳ

**ଡେରାବିଶ, ୨୫।୬ (ସ୍ୱ.ପ୍ର.)**

ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ କେନାଲ ବନ୍ଧ ରାସ୍ତା ପ୍ରଶସ୍ତୀକରଣ ସମୟରେ ପୂର୍ବରୁ ଥିବା ସିମେଣ୍ଟ ସୋଠ ସହିତ ଏକ ପ୍ଲାଷ୍ଟିକ ନଳ ବସାଇଛନ୍ତି। ଆଗାମୀ ଦିନରେ ଏହି ରାସ୍ତା ଉପରେ ଭାରିଯାନ ଚଳାଚଳ କଲେ ପ୍ଲାଷ୍ଟିକ୍ ସୋଠଟି ଚପିଯିବାର ଆଶଙ୍କା ରହିଛି। ତେବେ ଏହି ସୋଠ ଉପରେ ଚାଷ ଜମିକୁ ଜଳସେଚନ ପାଇଁ ନିର୍ଭର କରୁଥିବା ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ।

ପ୍ରକାଶ ଯେ, କେନ୍ଦ୍ରାପଡ଼ା କେନାଲର ୧୨ ନଂ. ଶାଖା ନାଳବନ୍ଧର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ଏଥିପାଇଁ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କେନାଲ ବନ୍ଧରୁ ବାହାରିଥିବା ଚାନ୍ଦୋଳ ସବ୍‌ମାଇନର ଶାଖା ନାଳରେ ପୂର୍ବରୁ ଏକ ସିମେଣ୍ଟ ସୋଠ ସାହାଯ୍ୟରେ ଚାଷଜମିକୁ ଜଳସେଚନ କରାଯାଉଥିଲା। ହେଲେ ଏବେ ରାସ୍ତା ପ୍ରଶସ୍ତୀକରଣ କରାଯାଉଥିବାରୁ ପୁରୁଣା ସୋଠ ସହିତ ଆଉ ଗୋଟିଏ ସୋଠ ଯୋଡ଼ା ହେବା ଆବଶ୍ୟକତା ରହିଥିଲା। ତେବେ ଏହି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ନେଇଥିବା ଠିକାଦାର ପୂର୍ବରୁ ଥିବା ସିମେଣ୍ଟ ସୋଠ ସହ ଏକ ପ୍ଲାଷ୍ଟିକ ନଳ ଯୋଡ଼ି ଦେଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାଷୀମାନେ କହିଛନ୍ତି, ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ କରିବା ପରେ ପ୍ଲାଷ୍ଟିକ୍ ନଳଟି ସମ୍ପୂର୍ଣ୍ଣ ଦବିଯିବ। ଫଳରେ ଏହି ସବ୍‌ମାଇନର କେନାଲ୍ ଉପରେ ନିର୍ଭର କରୁଥିବା ୧୦ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ଜଳସେଚନରୁ ବଞ୍ଚିତ ହେବ। ଏ ସମ୍ପର୍କରେ ଚାଷୀମାନେ ସ୍ଥାନୀୟ ଜଳସେଚନ ବିଭାଗର ଯନ୍ତ୍ରୀ ଶ୍ୱେତାଲିନା ବିଶ୍ୱାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ସେ ଘଟଣାସ୍ଥଳରେ ପହଞ୍ଚିବା ସହ ତୁରନ୍ତ ପ୍ଲାଷ୍ଟିକ ନାଳ ହଟାଇ ସିମେଣ୍ଟ ସୋଠ ବସାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ସୋଠରେ ବସାଯାଇଥିବା ପ୍ଲାଷ୍ଟିକ ନାଳ।

**ଚାଷୀ ମହଲରେ ବଢୁଛି ଅସନ୍ତୋଷ**

## ସଂକ୍ଷେପରେ

### ନାବାଳିକା ଅପହରଣ ମାମଲାରେ ପୋଲିସ ନୀରବ

**କୁଜଙ୍ଗ,୨୫।୬(ସ୍ୱ.ପ୍ର.):** କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଗତ ମେ ୨୮ ତାରିଖରେ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ମାମଲା ନଂ.୧୧୯/୧୯ ରୁଜୁ କରି ତଦନ୍ତ ଚଳାଇଥିଲେ ମଧ ଅଦ୍ୟାବଧି ତାଙ୍କର ସନ୍ଧାନ ପାଇନାହାଁ। ଅନ୍ୟପକ୍ଷରେ ନାବାଳିକାଙ୍କ ପରିବାର ଲୋକେ ଆଶଙ୍କା ମଧରେ ଅଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ସ୍ଥାନୀୟ ଏକ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିଲେ। ଘଟଣାଦିନ ସନ୍ଧ୍ୟାରେ ସେ ଟ୍ୟୁଶନରୁ ଫେରୁଥିବାବେଳେ ଗଣ୍ଡିକିପୁର (ଇଲିସକୁଦ) ଗ୍ରାମର ରମାକାନ୍ତ ମାଝି ତାଙ୍କୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ୧ ମାସ ହେଲା ନାବାଳିକାଙ୍କ ମା' ଝିଅ ସମ୍ପର୍କରେ ଜାଣିବା ପାଇଁ ଥାନାକୁ ଦୌଡୁଛନ୍ତି। ସେପଟେ ତାଙ୍କ ପରିବାରକୁ ନାନା ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଥାନାରେ ଅଭିଯୋଗ ପରଠାରୁ ଅଭିଯୁକ୍ତ ରମାକାନ୍ତ ଫେରାର ଅଛନ୍ତି। ସେ ବିବାହିତ ଓ ତାଙ୍କର ଦୁଇ ପୁଅ ଅଛନ୍ତି।

### ଜିଲାନାସୀ ପଞ୍ଚାୟତରେ ମକ୍‌ଡ୍ରିଲ୍

**କୁଜଙ୍ଗ୨୫।୬(ସ୍ୱ.ପ୍ର.):** ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କୁଜଙ୍ଗ ବ୍ଲକ୍ ଜିଲାନାସୀ ପଞ୍ଚାୟତ ସାହାରାଡିଆ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କରାଯାଇଛି। ଜିଲାନାସୀ ସରପଞ୍ଚ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ଏସିଓ ରଞ୍ଜିତ ଚୌଧୁରୀ, ତନୁଶ୍ରୀ ଦାସ, ସମ୍ପାଦକ ମୁଲତା ଦେଈଙ୍କ ସହ ସ୍ଥାନୀୟ ଅଶା ଓ ଅଙ୍ଗନୱାଡି କର୍ମୀ, ଅଗ୍ନିଶମ କର୍ମଚାରୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ୫ ବିଦ୍ୟାଳୟ ମିସିଲା, ୨ ବନ୍ଦ

- ୫ ଦିନ ହେଲା ସ୍କୁଲ ଯାଉନାହାନ୍ତି ଢିଅସାହିବିରି ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର
- ବିଦ୍ୟାଳୟ ଖୋଲିବାକୁ ପୁନର୍ବିଚାର କରିବା ପାଇଁ ଦାବି

ବାଲିଆ,୨୫।୬

ଜଗତ୍‌ସିଂହପୁର ଶିକ୍ଷାଜିଲା ଅଧୀନ ବିରିଡ଼ି ବ୍ଲକରେ ଚଳିତବର୍ଷ ୫ଟି ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟ ସହ ମିଶାଇ ଦିଆଯାଇଥିବାବେଳେ ୨ଟି ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ବିରିଡ଼ି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବାଇପଦା ୟୁପି ସ୍କୁଲକୁ ନିକଟସ୍ଥ ବିଶ୍ୱନାଥ ହାଇସ୍କୁଲରେ ଓ ଗେଲପୁର ପ୍ରାଥମିକ ବିଦ୍ୟାଳୟକୁ ଗେଲପୁର ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ସେହିପରି ଦୋନ୍ଦ ପ୍ରାଥମିକ ବିଦ୍ୟାଳୟକୁ ସାଧୁଖଣ୍ଡ ଉଚ୍ଚ ବିଦ୍ୟାଳୟ, ରାମଚନ୍ଦ୍ର ଜେବିଏସ୍ ବିଦ୍ୟାଳୟକୁ ଚିନ୍ତାମଣୀ ଉଚ୍ଚ ବିଦ୍ୟାଳୟ ଓ କେଳୀକଦମ୍ବ ପ୍ରାଥମିକ ବିଦ୍ୟାଳୟକୁ କେଳୀକଦମ୍ବ ନୋଡାଲ ସ୍କୁଲ ସହିତ ମିଶାଇ ଦିଆଯାଇଛି। ଏହି ସବୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସଂଖ୍ୟା ସରକାରଙ୍କ ନିୟମ ଅନୁଯାୟୀ କମ୍ ଥିବାରୁ ସେଗୁଡିକ ନିକଟସ୍ଥ ବିଦ୍ୟାଳୟ ସହ ମିଶାଇ ଦିଆଯାଇଥିବା ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିନ୍ଦ୍ରନାଥ ମହାନ୍ତି ସୂଚନା ଦେଇଛନ୍ତି। କିନ୍ତୁ ଢିଅସାହିବିରି ପ୍ରାଥମିକ ବିଦ୍ୟାଳୟ ଓ କୁଳକଇଜଙ୍ଗା ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟ କୌଣସି ବିଦ୍ୟାଳୟ ସହ ବିଧିବଦ୍ଧ ଭାବେ ମିଶ୍ରଣ କରା ନ ଯାଇ ବନ୍ଦ କରିଦିଆଯାଇଛି। ଏହି ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକମାନେ ନିକଟସ୍ଥ ବିଦ୍ୟାଳୟରେ ପାଠ ପଢାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପିଲାମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ନାମଲେଖାଇବାକୁ କୁହାଯାଇଛି। କିନ୍ତୁ ଢିଅସାହିବିରି ଉପ୍ରା ବିଦ୍ୟାଳୟ ନିକଟ ଗେଲପୁର ଉଚ୍ଚ ବିଦ୍ୟାଳୟ ଓ ବାରେଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୩ରୁ ଉର୍ଦ୍ଧ୍ୱ କିମି ଦୂରରେ ରହିଛି। ତେଣୁ ଏଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଏତେଦୂର ଅନ୍ୟ ବିଦ୍ୟାଳୟକୁ ଛାଡ଼ିବାକୁ ଅଭିଭାବକ ରାଜି ହେଉନାହାନ୍ତି। ଫଳରେ ୫ ଦିନ ହେଲା ସମ୍ପୃକ୍ତ ଛାତ୍ରୀଛାତ୍ର ବିଦ୍ୟାଳୟ ଯାଇନାହାନ୍ତି। ଏ ସମ୍ପର୍କରେ ଅଭିଭାବକମାନେ କହିଛନ୍ତି ଯେ, ଢିଅସାହିବିରି ପ୍ରାଥମିକ ବିଦ୍ୟାଳୟରେ ୯ଜଣ ପିଲା ଅଛନ୍ତି। ଆଉ ୭ରୁ ୮ଜଣ ପିଲା ନାମ ଲେଖାଇବାକୁ ଥିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲୁ। କିନ୍ତୁ ଏହି ସ୍କୁଲକୁ ଜାଣିଶୁଣି ବନ୍ଦ କରିଦିଆଯାଇଛି। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପୁନର୍ବାର ଏହି ବିଦ୍ୟାଳୟ ଖୋଲିବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି ଯେ ସରକାରଙ୍କ ନିୟମ ଅନୁଯାୟୀ, ଉକ୍ତ ସ୍କୁଲ ବନ୍ଦ କରିଦିଆଯାଇଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ କିଛି କରିହେବ ନାହିଁ।



ସଙ୍କଳ୍ପ ସଭାରେ ଯୋଗଦେଇଥିବା କୃଷକ ସଙ୍ଗଠନର କର୍ମକର୍ତ୍ତା।

### ନବନିର୍ମାଣ କୃଷକ ସଙ୍ଗଠନର ସଂକଳ୍ପ ସଭା

# ଚାଷୀ ଏକଜୁଟ ହେବାକୁ ଆହ୍ୱାନ

**ରଘୁନାଥପୁର, ୨୫।୬ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଧରାଧରପୁରସ୍ଥିତ କୁତାମଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ନବନିର୍ମାଣ କୃଷକ ସଙ୍ଗଠନ ରଘୁନାଥପୁର ଶାଖାର ଏକ ସଂକଳ୍ପ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀମାରଣ ନୀତି ବିରୋଧରେ ସମସ୍ତେ ଏକଜୁଟ ହୋଇ ଆନ୍ଦୋଳନ ଜାରି ରଖିବାକୁ ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଆହ୍ୱାନ ଦେଇଥିଲେ। କୃଷକ ସଙ୍ଗଠନ ଅଦ୍ୟାବଧି ପ୍ରାଇସ, ପ୍ରେଷ୍ଟିଜ ଓ ପେନସନକୁ ନେଇ ସଂଗ୍ରାମ ଜାରି ରଖିଛି। ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳିବା ନେଇ ସରକାରଙ୍କ ପକ୍ଷରୁ ହେଉଥିବା ଟାଳଟୁଳ ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସଭାରେ ମତପ୍ରକାଶ ପାଇଛି। ବ୍ଲକ ସଂଯୋଜକ ଘନଶ୍ୟାମ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସହ ସଂଯୋଜକ ଶରତ ଚନ୍ଦ୍ର ମହାପାତ୍ର ଓ ଅଟଳ ବିହାରୀ ରାଉତ, ଗୟାଧର ରାଉତ, ସୁରେନ ରାଉତ, କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା, ବୈରାଗୀ ଚରଣ ସାହୁ, ନିଗମାନନ୍ଦ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ରାଜନୀତିକରଣ, ବାତ୍ୟା ବିପନ୍ନ ଚାଷୀଙ୍କୁ ସହାୟତା ପ୍ରଦାନରେ ବିଳମ୍ବିତା, ଖରିଫ ଋତୁ ଆସୁଥିବାରୁ ଜଳସେଚନ ଓ ଜଳ ନିଷ୍କାସନରେ ଉନ୍ନତି ଶୀତଳଭଣ୍ଡାର ସ୍ଥାପନ ଓ କୃଷକ ଭିତ୍ତିକ ନିଯୁକ୍ତି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡା ତାଳଦଣ୍ଡା ଓ ମାଛଗାଁ କେନାଲର ଶଯ୍ୟା ପୋତି ହୋଇ ଯାଉଥିବାରୁ ଜଳଧାରଣା କ୍ଷମତା ହ୍ରାସ ପାଉଥିବା ଏବଂ କଟକ ଅଞ୍ଚଳର ଡ୍ରେନ ପାଣି କେନାଲରେ ଆସୁଥିବାରୁ ତଳମୁଣ୍ଡରେ ଥିବା ଲୋକେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଥିବାର କର୍ମକର୍ତ୍ତା ସ୍ୱାଇଁ ଅଭିଯୋଗ କରିଥିଲେ। ଆଗାମୀଦିନରେ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ସେ ଦାବି କରିଥିଲେ। ଅନ୍ୟପକ୍ଷରେ ମେ ୨୭ରେ ସଙ୍ଗଠନ ପକ୍ଷରୁ ବାତ୍ୟା ଜନିତ କ୍ଷୟକ୍ଷତି ପାଇଁ ଚାଷୀଙ୍କ ତାଲିକା ଠିକ୍ ଢଙ୍ଗରେ କରାଯିବା ନିମନ୍ତେ ସଙ୍ଗଠନ ପକ୍ଷରୁ ତହସିଲଦାରଙ୍କ ସହ ଆଲୋଚନା ହୋଇଥିଲା। ତହସିଲଦାର ଏଥିପାଇଁ ୧୫ ଦିନ ସମୟ ନେଇଥିଲେ। ତେବେ ଏହାର ଅଗ୍ରଗତି ନ ହେବାରୁ ଚାଷୀଙ୍କ ପକ୍ଷରୁ ଏକ ନିନ୍ଦା ପ୍ରସ୍ତାବ ଆଗତ ହୋଇଥିଲା। ପୁଣି ଆନ୍ଦୋଳନାତ୍ମକ ପନ୍ଥାଗ୍ରହଣ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଦେବେନ୍ଦ୍ର ମହାନ୍ତି, ପ୍ରମୋଦ ପାଳ, ଭାସ୍କର ମହାପାତ୍ର, ସୁରେଶ ପଟ୍ଟନାୟକ, ବିରଞ୍ଚି ମଳିକ, ବେଣୁଧର ବେହେରା, ଲକ୍ଷ୍ମୀଧର ନାୟକଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ପୌରାଧକ୍ଷ ଓ ଅନ୍ୟମାନେ।

**ପାରାଦୀପ,୨୫।୬(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଗତ ମାସେ ହେଲା ଚାଲିଥିବା ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ସମ୍ପର୍କରେ ସଚେତନତା ଶିବିର କରାଯାଇଥିଲା। ସ୍ଥାନୀୟ ମଧୁବନ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୩୦୦ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନେ ଅଂଶଗ୍ରହଣ କରିଥିଲେ। ଘରର ଆବର୍ଜନାକୁ କିପରି ପୌରପାଳିକା ଦ୍ୱାରା ଦିଆଯାଇଥିବା ୨ଟି ଭିନ୍ନ ବାଲ୍ଟିରେ ରଖାଯିବ, ଚତୁଃପାର୍ଶ୍ୱ ସଫା କରିବା, ବାହ୍ୟ ମଳମୁକ୍ତ ଅଞ୍ଚଳ ଗଠନ, ଗୋଷ୍ଠୀ ଶୌଚାଳୟ ବ୍ୟବହାର ଆଦି ସମ୍ପର୍କରେ ଏଥିରେ କୁହାଯାଇଥିଲା। ବାସିଖାଦ୍ୟ, ଚା'ପତି ଆଦି କିପରି ବାଡ଼ି ବଗିଚାରେ ଖତ କରାଯିବ ସେ ସମ୍ପର୍କରେ ସଚେତନ କରାଯାଇଥଲା। କାର୍ଯ୍ୟକ୍ରମରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ପ୍ରଭାତି ନାୟକ, ମେରାଇନ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ବେହେରା, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, କାଉନ୍‌ସିଲର ଶଙ୍କର ପ୍ରସାଦ ରାଉତ, ଚପଳା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଅପହୃତ ନାବାଳିକା ଉଦ୍ଧାର, ଯୁବକ ଅଟକ

**ନାଉଗାଁ,୨୫।୬(ସ୍ୱ.ପ୍ର.)**

ନାଉଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ବିପିନ କୁମାର ସାହୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ଏ ନେଇ ମାମଲା ନଂ. ୧୦୧/୨୦୧୯ ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୨୩ ତାରିଖରେ ନାଉଗାଁ ପୋଲିସ ଭୁବନ ଥାନା ସହଯୋଗରେ ଅପହୃତ ନାବାଳିକା ଓ ଅଭିଯୁକ୍ତ ଯୁବକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ନାବାଳିକାଙ୍କୁ ଜଗତ୍‌ସିଂହପୁର ସଟ୍ ଷ୍ଟେ ହୋମରେ ରଖାଯାଇଥିବାବେଳେ ଅଭିଯୁକ୍ତ ଯୁବକଙ୍କ ଡାକ୍ତରୀ ମାଇନା କରାଯାଇ ପଚରାଉଚରା ଜାରି ରହିଥିବା ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ୱର କର ସୂଚନା ଦେଇଛନ୍ତି।

# ଶିଖର ସେତୁରେ ଫାଟ, ମରାମତି ଦାବି

**ନାଉଗାଁ,୨୫।୬(ସ୍ୱ.ପ୍ର.)**



ସେତୁରେ ସୃଷ୍ଟି ହୋଇଥିବାଖାଲ।

ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ଦେବୀ ନଦୀ ଉପରେ ରହିଛି ଶିଖରଘାଟ ସେତୁ। ଏହି ସେତୁ ନିର୍ମାଣ ହେବା ଫଳରେ ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ, ପୁରୀ ଜିଲା ମଧ୍ୟରେ ଗମନାଗମନ ସହଜ ହୋଇପାରିଛି। ଏହି ସେତୁକୁ ବାଲିଭଉଁରୀ–ଶିଖରଘାଟ ରାସ୍ତା ସଂଯୋଗୀକରଣ ଫଳରେ ଯାତ୍ରୀବାହୀ ଗାଡ଼ିଠାରୁ ଆରମ୍ଭ କରି ବିଭିନ୍ନ ଜିଲାରୁ ମାଲବାହୀ ଗାଡି ଯିବା ଆସିବା କରୁଛି। କିନ୍ତୁ ଦିନ କେତେଟା ମଧ୍ୟରେ ସେତୁରେ ଫାଟ ସୃଷ୍ଟି ହୋଇଥିବାରୁ ସେତୁର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୯ ଫେବୃୟାରୀ ୨୦୦୪ରେ ଏହି ସେତୁ ନିର୍ମାଣ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୦୮ରେ ଶେଷ ହୋଇଥିଲା। ଏହି ସେତୁ ନିର୍ମାଣ ପାଇଁ ୧୨୦୨.୪୦ ଲକ୍ଷ ବ୍ୟୟ ବରାଦ କରାଯାଇଥିବା ବେଳେ ବର୍ତ୍ତମାନ ସେଥିରେ ଫାଟ ସୃଷ୍ଟି ହୋଇଛି। ଏପରି କି ସେତୁ ନିର୍ମାଣ ପରେ ବିଭାଗ କିମ୍ବା ଠିକା ସଂସ୍ଥା ପକ୍ଷରୁ କୌଣସି ରକ୍ଷଣା ବେକ୍ଷଣ କରାଯାଉନାହିଁ। ଦେବୀ ନଦୀ ଅପରପାର୍ଶ୍ୱରେ ପୁରୀ, କୋଣାର୍କ ଆଦି ସ୍ଥାନ ଥିବାରୁ ଏହି ସେତୁ ଦେଇ ବିଭିନ୍ନ ଜିଲାରୁ ବହୁ ଯାତ୍ରୀବାହୀ ଗାଡ଼ି ଯିବା ଆସିବା କରୁଛି। ଆଗକୁ ରଥଯାତ୍ରା ଥିବାରୁ ଅଧିକ ଗାଡ଼ି ମୋଟର ଚଳାଚଳ କରିବ। ତେଣୁ ଯାତାୟାତ ଦୃଷ୍ଟିରୁ ଏହି ରାସ୍ତାର ଯଥେଷ୍ଟ ଗୁରୁତ୍ୱ ରହିଛି। କିନ୍ତୁ ସେତୁରେ ଫାଟ ସୃଷ୍ଟି ହୋଇଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପ୍ରଥମେ ଏହି ସେତୁରେ ଛୋଟ ଛିଦ୍ର ସୃଷ୍ଟି ହୋଇଥିଲା। ପରେ ଏହା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସେତୁ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ବାଲିଆ,୨୫।୬**

ଜଗତ୍‌ସିଂହପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ବିରିଡ଼ି ବ୍ଲକର ବାରେଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ତାଙ୍କ ସହ ବିରିଡ଼ି ବ୍ଲକ ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଗିରିଜା ପ୍ରସାଦ ବାରିକ, ବ୍ଲକ ସହକାରୀ ଯନ୍ତ୍ରୀ ଦାମୋଦର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଭଗତ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ପାନୀୟଜଳ ଯୋଗାଣ ଉପରେ ସେ ଗୁରୁତ୍ୱ ଦେଇ ଏହାର ସୁବ୍ୟବସ୍ଥା କରିବାକୁ କହିଥିଲେ। ତେବେ ଏହି ସମୀକ୍ଷାବେଳେ ଉପସ୍ଥିତ ଜନସାଧାରଣ ହୋହଲ୍ଲା କରିଥିଲେ। ଫନୀରେ ବିପନ୍ନ ପରିବାରକୁ ଅଦ୍ୟାବଧି ତହସିଲ ପ୍ରଶାସନ ଖଣ୍ଡେ ପଲିଥିନ ଦେଇ ନ ଥିବା ଓ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ସମ୍ପର୍କରେ ସେମାନେ ପିଡିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପିଡି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସମୀକ୍ଷା ବୈଠକରେ ସରପଞ୍ଚ ରେଣୁବାଳା ପାଳ, ସମିତି ସଭ୍ୟ, ୱାର୍ଡସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ପଞ୍ଚାୟତ କାର୍ଯ୍ୟାଳୟ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।


ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ପଞ୍ଚାୟତ ଏବଂ ବ୍ଲକ ସ୍ତରୀୟ ନିଯୁକ୍ତି ପାଇଁ**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
Quli : 7th to +3, ITI, Diploma, B.Tech Candidates can Contact
Salary : 7000/- to 35000/-
9668051710

**ହୋଟେଲ ପାଇଁ ଷ୍ଟାଫ୍ ଆବଶ୍ୟକ**
1. Chinese, Tandoor ମିସ୍ତ୍ରୀ ଏବଂ ହେଲ୍‌ପର
2. Service Boy
ଆକର୍ଷଣୀୟ ଦରମା ସହିତ ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ।
ସ୍ଥାନ: Fire Station Square, BBSR
Mob: 79785 46539

**ଆବଶ୍ୟକ**
ଘରେ ରହି ରୋଷେଇ ଓ ଘର କାମ ପାଇଁ ଭୁବନେଶ୍ୱରରେ ଜଣେ ମହିଳା ଆବଶ୍ୟକ ଅଛି।
Contact- 9437256146

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Mob: 9938676412

**REQUIRED**
Receptionist (F), PA (B.Tech/ MBA/ BBA Lady), Civil Engineer, Supervisor, Sales Officer, Office Asst., Architect, Electrician, Plumber, Welder, Car Driver.
Contact:- 0674-2973254, 9238482524 9090732020, 9090964245

**ଆବଶ୍ୟକ**
କାଠଗୋଲାରେ ରହି କାମକରିବା ପାଇଁ ପିଲା ଆବଶ୍ୟକ। ଯୋଗ୍ୟତା (ପଞ୍ଚମରୁ ଉର୍ଦ୍ଧ୍ୱ) କନ୍ଧମାଳ, ଫୁଲବାଣୀ, ନୟାଗଡ଼ ଜିଲ୍ଲା ପିଲାମାନଙ୍କୁ (ଅଗ୍ରାଧିକାର), ବୟସ (୨୦ ରୁ ୪୦)
ମା ତାରିଣୀ କାଠଗୋଲା
ପ୍ଲଟ ନଂ.-149, ସାମନ୍ତରାପୁର, ଭୁବନେଶ୍ୱର-2 ଖୋର୍ଦ୍ଧା
MOB-9437178883,9338054025

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WANTED**
ଲଣ୍ଡ୍ରି କମ୍ପାନୀ ନିମନ୍ତେ ମହିଳା/ପୁରୁଷ, ଡ୍ରାଇଭର (ଅଟୋ ଏବଂ ଟାଟାମ୍ୟାଜିକ୍)
Contact- 7609893102 8637294131

**ଆବଶ୍ୟକ**
ସୁପ୍ରଭା ବେକେରି
- ପୁଅ/ଝିଅ–ସୁପରଭାଇଜର
- ମାର୍କେଟିଙ୍ଗ–ସୁପରଭାଇଜର
- ସେଲସ୍ ମ୍ୟାନ, ଅଟୋ ଡ୍ରାଇଭର ଆବଶ୍ୟକ
ଯୋଗାଯୋଗ:- 7978664755
Chandaka Industrial Est., Patia BBSR, Suprava Bakery, B-17

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

**REQUIRED**
Trained experience teacher required for our MDKS play school and coaching center, Satya Vihar, BBSR-10 Interested candidates may contact for CBSE coaching for STD - 3 to 8th HINDI, SCIENCE, MATH, SST, ODIA and NTT for play school
PH:- 9439177325, 9937160598

Want a MBA Professional Graduate for Marketing Officer
MAA TARINI LUBRICANTS, Saradhabali, Grand Road, Puri-752002,
Email: nayak.p.555@gmail.com
Salary Detail: 12,000 to 30,000 (Exclude Incentive)
Contact: 9337695134, 9348781006

**REQUIRED**
Security Guard, Supervisor & Officers for Bhubaneswar.
E-mail: sbjena@avnglobal.in, hr@avnglobal.in
9860314749

**REQUIRED**
RESTAURANT in Bhubaneswar require COOKS, HELPERS, and STEWARDS.
Contact : 7978459800

**SECURITY JOB**
GISS ଆବଶ୍ୟକ କରୁଛି କଟକ, ଜଗତପୁର, ଯାଜପୁର, ଭଦ୍ରକ, ପାରାଦୀପ ଏବଂ ଭୁବନେଶ୍ୱର ପାଇଁ ୫୧ଜଣ ସିକ୍ୟୁରିଟି ଗାର୍ଡ ଏବଂ ୫ଜଣ ସୁପରଭାଇଜର।
Contact :- 9861744455

**TSG Hotels & Resorts, Requires**
25, M.A. Road, PORT BLAIR, A&N ISLANDS
www.tsghotelsandresorts.com Job Vacancies at our organization for the below mentioned details:-

| Designation | Qualification / Experience |
|---|---|
| Operations Executive | Any Degree or BHM along with hands on experience in operation (3-4 Years) |
| Manager | B.Com Degree along with hands on experience in hotel accounting (8-9 Years) |
| Assistant Manager | B.Com Degree along with hands on experience in hotel accounting (7-8 Years) |
| Sr. Exe / Exe | B.Com Degree along with hands on experience in hotel accounting (4-6 Years) |
| Sr. Executive | Any Degree or BHM along with hands on experience in Front Office (3-4 Years) |
| Executive | Any Degree or BHM along with hands on experience in Front Office (1-2 Years) |
| Manager - F&B | Any Degree or BHM along with hands on experience in F&B Service (7-8 Years) |
| Asst. Manager- F&B | Any Degree or BHM along with hands on experience in F&B Service (5-6 Years) |
| Executive - F&B | Any Degree or BHM along with hands on experience in F&B Service (4-5 Years) |
| Sr. Captain | 12th or Dip. Along with hands on experience in F&B Service (4-5 Years) |
| Captain | 12th or Dip. Along with hands on experience in F&B Service (3-4 Years) |
| Sr. Barman / Bartender | 12th or Dip. Along with hands on experience in F&B Service (3-4 Years) |
| Barman / Bartender | 12th or Dip. Along with hands on experience in F&B Service (1-2 Years) |
| Sr. Steward | 12th or Dip. Along with hands on experience in F&B Service (2-3 Years) |
| Steward | 10th Along with hands on experience in F&B Service (1-2 Years) |
| CDP / Asst. Head Cook | BHM along with hands on experience in F&B (7-8 Years) |
| Commi- I/ Cook | 12th or Dip. Along with hands on experience in F&B (6-7 Years) |
| Commi- II/ Cook | 12th or Dip. Along with hands on experience in F&B (5-6 Years) |
| Commi- III/ Cook | 10th Along with hands on experience in F&B (4-5 Years) |
| Baker Man | 12th or Dip. Along with hands on experience in Bakery (4-5 Years) |
| Kitchen Supervisor | 12th or Dip. Along with hands on experience in Kitchen (2-3 Years) |
| Assistant | Any Degree with Computer Knowledge (1-3 Years) |
| Supervisor | 12th or Dip. Along with hands on experience in Housekeeping (4-5 Years) |
| Room Attendant | 10th Along with hands on experience in Housekeeping (1-2 Years) |

CONTACT :- 9932082440 / 9932082443 03192- 246488 & 246499, Date: on 27th & 28th June 2019, Time- 10 A.M to 3 P.M E-mail- hr_tsg@rediffmail.com
VENUE- Hotel Excellency, Ashok Nagar, BBSR

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ। ଦରମା – ମୋଟ ୧୨,୨୦୦/– ମାସିକ
ଯୋଗାଯୋଗ ସ୍ଥାନ – Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧରେ) ଯୋଗାଯୋଗ ବ୍ୟକ୍ତି – ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

**WANTED**
WANTED THE FOLLOWINGS FOR OUR OFFICE AROUND CUTTACK.
- OFFICE ASSISTANT (COMPUTER KNOWLEDGE)
- FIELD SUPERVISORS (FOR STEEL INDUSTRIES)
CONTACT: 9437496020, 9437021279

**STUDENTS' GYMKHANA**
भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
No.IITBBS/ADVT.19-20/01 Date:20/06/2019
FOR FULL-TIME SPORTS OFFICER / COACHES
The Students Gymkhana of IIT Bhubaneswar is seeking passionate and dynamic Full Time Sports Officer and Coaches for a period of one year starting from July 2019 on purely contractual basis.
Sports Officer (1 No.), Coaches: Badminton (1 No.), Football (1 No.), Volleyball (1 No.) For Qualification, Experience, application and selection procedure, please visit www.iitbbs.ac.in. Last date of application is 10th July, 2019.
President Students Gymkhana
IIT Bhubaneswar

**ST. XAVIER HIGH SCHOOL**
PALAS PALLI, BBSR-20
REQUIRES TEACHER
PGT in - ENG / SST / MATH / SCIENCE
QUALIFICATION
B.A, B.Sc , M.A, M.Sc, With BEd
PRIMARY TEACHER
Qualification - NTT, C.T., D.EL.Ed
Date and Time of Interview :- 05.07.2019, 10:00 A.M.
Contact No.- 9439700065/9937737585
Sd./- Secretary

**FACULTY REQUIRED**

| | |
|---|---|
| CHEMISTRY (2 no's) | Msc. qualified having more than 5yr's teaching experience to teach +2 & +3 science students. |
| Lab Demonstrator (Physics, Chemistry) | Bsc. or MSc. Qualified having more than 2yr's experience of Lab demonstration work. |
| Hostel Wadern (Male & Female) | Any Gradute with experience to guide the students at Hostel & maintain discipline. |

SARASWATI JUNIOR & DEGREE SCIENCE COLLEGE
For details contact within 7days
Link Road, Arunodoya Market, Cuttack-12
Ph.- 8328952020 : E-mail : info@saraswaticollege.net

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ବିଧାୟକ ବ୍ୟୋମକେଶଙ୍କ ବିରୋଧରେ ଏନ୍‌ଏଚ୍‌ଆରସିରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୨୫।୬(ବ୍ୟୁରୋ)

ଗତ ଏପ୍ରିଲ ୨୮ ତାରିଖରେ ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଭୋଟ ହାତେଇବା ପାଇଁ ଶାସକ ବିଜେଡିର ନେତା ଓ ବିଧାୟକ ପ୍ରାର୍ଥୀ ବିଷାକ୍ତ ମଦ ତିହିଡି ବ୍ଲକରେ ବାଣ୍ଟିଥିଲେ। ଏହା ପିଇବା ଦ୍ୱାରା ୧୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୦ରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇଥିଲେ। ଏହି ଘଟଣାକୁ ୨ମାସ ବିତିଥିଲେ ମଧ୍ୟ ଏଯାବତ୍ ପୋଲିସ କେବଳ ଜଣକୁ ଗିରଫ କରି ଚୁପ ବସିଯାଇଛି। ଏହି ଘଟଣାର ମୁଖ୍ୟ ଦୋଷୀଙ୍କୁ ପୋଲିସ ଗିରଫ ନ କରି ସୁରକ୍ଷା ଯୋଗାଉଛି ବୋଲି ଭାଜପା ଅଭିଯୋଗ କରିଛି। ଏହି ଘଟଣାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଭାଜପା ଦର୍ଶାଉଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ପ୍ରତି ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଘୋଷଣା କରି ଏ ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଦାନ କରିନାହାନ୍ତି। ତୁରନ୍ତ ଦୋଷୀକୁ ଗିରଫ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଉ ବୋଲି ଭାଜପା ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମାନବ ଅଧିକାର କମିଶନଙ୍କୁ ଭେଟି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ମଙ୍ଗଳବାର ଅନୁରୋଧ କରିଛନ୍ତି।

ଭାଜପା ପ୍ରତିନିଧି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସାଧାରଣ ନିର୍ବାଚନରେ ଭୋଟ ହାତେଇବା ପାଇଁ ଶାସକ ବିଜେଡି ଚାନ୍ଦବାଲିରେ ଲୋକଙ୍କୁ ବିଷାକ୍ତ ମଦ ଏବଂ ଟଙ୍କା ବାଣ୍ଟିଥିଲା। ୪୮ ଘଣ୍ଟାର ନିର୍ବାଚନ କଟକଣା ଲାଗିବା ସତ୍ତ୍ୱେ ଏହି ସମୟରେ ମଦ ବଣ୍ଟାଗଲା ଏବଂ ସ୍ଥାନୀୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲା। ରାଜନୈତିକ ଉଦ୍ଦେଶ୍ୟ ରଖି ଏଥିରେ ସମ୍ପୃକ୍ତ ଶାସକ ଦଳ ନେତା ଏବଂ କର୍ମକର୍ତ୍ତାମାନଙ୍କ ବିରୋଧରେ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ମଦ କିଛି ମାଫିଆଙ୍କ ଦ୍ୱାରା ତିଆରି ହୋଇ ବଣ୍ଟାଯାଇଥିଲା ବୋଲି ମନମୋହନ ଅଭିଯୋଗ କରିଛନ୍ତି। ଶାସକ ଦଳ ଚାପରେ ପୋଲିସ ଓ ଗୃହ ବିଭାଗ ବିଜେଡି ବିଧାୟକ, ବିଜେଡି କର୍ମୀ ଏବଂ ମଦ ମାଫିଆଙ୍କୁ ଘଣ୍ଟ ଘୋଡାଯାଉଛି। ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ କରିବାକୁ ମାନବ ଅଧିକାର କମିଶନଙ୍କ ଆଗରେ ପ୍ରତିନିଧି ଦଳ ଦାବି କରିଛି। ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୂର୍ବରୁ ଭାଜପା ମୁଖ୍ୟ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ ତଥା ଗୃହ ସଚିବ, ଅବକାରୀ କମିଶନର, ଅବକାରୀ ବିଭାଗ କମିଶନର ତଥା ସଚିବ, ଭଦ୍ରକ ଜିଲାପାଳ, ଏସପି, ପୋଲିସ ଡିଜି ଏବଂ ଆଇଜିଙ୍କ ପାଖରେ ଅଭିଯୋଗ କରିଥିଲା। ମାତ୍ର ରାଜ୍ୟ ସରକାର କାହିଁକି ମଦ ମାଫିଆଙ୍କ ଉପରେ ଏତେ ନରମ ମନୋଭାବ ପୋଷଣ କରୁଛନ୍ତି, ତାହା ବୁଝିହେଉନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏନେଇ ବ୍ୟୋମକେଶଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା।



ଏନ୍‌ଏଚ୍‌ଆରସିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଭାଜପା ନେତାମାନେ।

**ଭଦ୍ରକ ମଦ ମୃତ୍ୟୁ ମାମଲା**

## ଚାକିରି ଦେବା ନାଁରେ ଅର୍ଥ ହଡପ, ଜଣେ ଅଟକ

**ଫୁଲବାଣୀ ଅଫିସ, ୨୫।୬:** ଚାକିରି ଦେବା ନାଁରେ କନ୍ଧମାଳର ଯୁବକଙ୍କଠାରୁ ଅର୍ଥ ହଡପ ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଟିକାବାଲି ଥାନା ଲାଇନପଡା ସୁନାପଙ୍ଗା ଗ୍ରାମର ଲିପୁନ ଦିଗାଲ ଚାକିରି ପାଇଁ ବିଜ୍ଞାପନରେ ଥିବା ନମ୍ବରକୁ ଫୋନ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଜଣକ ସିକ୍ୟୁରିଟି ଗାର୍ଡ ପାଇଁ ପିଲା ଦରକାର ବୋଲି କହ ପ୍ରାୟ ୧ ଲକ୍ଷ ଟଙ୍କା ନେଇ ପରିଚୟ ପତ୍ର ପ୍ରଦାନ କରିଥିଲେ। ହେଲେ ଚାକିରି ଦେଉନଥିଲେ କିମ୍ବା ପଇସା ଫେରାଉ ନ ଥିଲେ। ଏନେଇ ଲିପୁନ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଉନଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି।

**ନିଶା ଦ୍ରବ୍ୟକୁ ନା, ସୁସ୍ଥ ଜୀବନକୁ ହଁ**

ଗଞ୍ଜେଇ ଚାଷ ବା ଗଞ୍ଜେଇ କାରବାର କିମ୍ବା ଅନ୍ୟ ନିଶାଦ୍ରବ୍ୟର ଅବୈଧ କାରବାର ହେଉଥିଲେ ତାହା ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାନ୍ତୁ। ନିଶା ଦ୍ରବ୍ୟର ବେଆଇନ୍ କାରବାର ଏକ ଦଣ୍ଡନୀୟ ଅପରାଧ ଅଟେ। ନିଶାଦ୍ରବ୍ୟଠାରୁ ଦୂରେଇ ରୁହନ୍ତୁ ଏବଂ ସୁସ୍ଥ ସମାଜ ଗଠନରେ ସହାୟକ ହୁଅନ୍ତୁ।

**ସ୍ୱା./-ଅବକାରୀ ଅଧୀକ୍ଷକ, ଗଞ୍ଜାମ** **ସ୍ୱା./-ଜିଲ୍ଲାପାଳ, ଗଞ୍ଜାମ**

---

No.94-A

**OFFICE OF THE CHIEF ENGINEER & BASIN MANAGER, UPPER MAHANADI BASIN, BURLA**

Tel.-0663-2430866, Fax-0663-2430877 Email-cebmumbburla@rediffmail.com

Letter No________. Dated :________

**CANCELLATION OF EOI**

1. Expression of Interest : NCB-UMB/ -01/ 2019-20

2. Name of the work: "Consultancy Services for implementation of Resettlement Action Plan" for the Construction of Additional Spillway of Hirakud Dam, on Left of Gandhi Hillock, Burla, Odisha, India.

The EOI for the above work is hereby cancelled.

32048/11/0004/1920 Chief Engineer & Basin Manager, Upper Mahanadi Basin, Burla

---

**DISTRICT OFFICE, SUBARNAPUR**

(SOCIAL WELFARE SECTION)

No.1152 Dt: 21.06.2019

**EXPRESSION OF INTEREST**

Expression of interest are invited from the Registered Export promotion and Marketing holders for supply of 400 nos. of Steel Almirah to the AWCs having own building of Subarnapur District, as per term and condition circulated by the Director Export promotion and Marketing, Odisha. Interested EPM holders are requested to submit their self-attested documents in specified rate contract in the office of D.S.W.O., Subarnapur on or before Dt: 09.07.2019 at 2.00 P.M. The term and condition on Expression of interest be downloaded from http://www.subarnapur.nic.in.

Sd./-
Collector, Subarnapur

---

**DISTRICT RURAL DEVELOPMENT AGENCY, NUAPADA**

**CORRIGENDUM**

**No. 1045/ ACCOUNTS/ DATE: 24.06.2019**

DRDA, Nuapada issues corrigendum to the Tender Notice No. 895 dated 04.06.2019 in addition to the existing terms & conditions as follows:

A. **Guidelines for submitting the RFP:**
b. The firms have completed audit work at DRDA and GPs of Nuapada district during last three years are in-eligible to apply now.
c. DRDA & all Blocks will be treated as a unit individually for evaluation process.

B. The date of opening of Tender (Technical Bid & Financial Bid) which was 28.06.2019 is hereby deferred on administrative ground. The date of opening of Technical & Financial Bid will be intimated later on. All other terms and conditions remain un-altered.

For details please visit district website www.nuapada.nic.in, or the office of Project Director, DRDA, Nuapada.

**The authority reserves the right to reject any or all RFP without assigning any reason thereof.**

**Sd./- Project Director, DRDA, Nuapada**

---

No. 88-E:

**SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**

(HEALTH & FAMILY WELFARE DEPARTMENT, GOVT. OF ODISHA)

**TENDER DOCUMENT FOR PROVIDING OF MANPOWER TO SAHEED LAXMAN NAYAK MEDICAL COLLEGE & HOSPITAL, KORAPUT.**

| | |
|---|---|
| Date of commencement of sale of the tender document: | 26/06/2019 |
| Cost of Tender Paper (Non-refundable): | 6,000/- (GST as applicable) |
| Pre-Bid meeting | 05/07/19 at 11.00 A.M |
| Last Date & Time for Receipt of Tender: | 16/07/19 up to 5:00 PM |
| Date & Time of Opening of Tender (Cover A): | 18/07/19 AT 11.00 A.M |
| Date & Time of Opening of Tender (Cover B): | 25/07/19 11.00 A.M. |
| Place of opening of tender / : & Address for Communication: | Office of the Dean & Principal, Saheed Laxman Nayak Medical College & Hospital, Koraput, Odisha, Pin-764020 ☎: 06852-250101 Email – slnmchkoraput.od@gov.in |

10121/11/0001/1920

---

Toll Free No.1800 34567 65
Ph. No: 0674 2391617
Email: chiefmanagerspe@gmail.com

**OFFICE OF THE ENGINEER-IN-CHIEF (CIVIL), ODISHA, NIRMAN SOUDHA, KESHARI NAGAR, UNIT-V, BHUBANESWAR-751001**

File No.SPC-13/2016 / 26197 Dt:20.06.2019

**E-TENDER CALL NOTICE**

No.30-B:- The Chief Engineer-cum-Chief Manager (Tech.), State Procurement Cell, Odisha, Bhubaneswar invites online tenders from the interested reputed Travel Agencies / Tour Operators or private individuals for providing 3 Nos. of AC, Diesel driven Swift Dzire or equivalent vehicles on monthly rent basis for official use by the State Procurement Cell, Odisha, Bhubaneswar.

1. The bid document consists of details terms and conditions and other necessary documents as would be available in the website https://tendersodisha.gov.in. The bidder can download the bid documents after the date and time of commencement of sale.
2. Bid shall be received only online in the portal https://tendersodisha.gov.in from 10.00 AM of 28.06.2019 to 5.00 PM of 09.07.2019.
3. A bidder needs to possess compatible Digital Signature Certificate (DSC) of Class-II or III.
4. The bidder requiring any clarification on bid documents may ask question online through e- Procurement portal using his/her DSC in the specified period.
5. Bids received only online shall be opened at 11AM on 10.07.2019 in presence of the bidder/ his authorized representative who wishes to attend.
6. Bidder can view status and result online after logging in to the site through their DSC. If the office happens to be closed on the date of opening of the bids. the bids will be opened on the next working day in the same time.
7. Bidders are advised to examine carefully all instructions, terms and conditions. Bill of Quantity (BOQ) including addendum/corrigendum/ amendments etc. in the bid documents.
8. The bidder is required to pay online Rs 100 /- towards tender paper cost which is non-refundable and Rs 5000/- per vehicle as security deposit which is refundable by NEFT/RTGS/Net Banking process. After completion of tender process the amount will be refunded to the unsuccessful bidders.
9. Authority reserves the right to cancel any or all the bids without assigning any reason.
10. The Addendum/Corrigendum if any will be hoisted in the website https://tendersodisha.gov.in. only.

Sd./- Superintending Engineer, (e-Pro¢urement)
State Procurement Cell, Odisha
Bhubaneswar

34117/11/0004/1920

---

**OCPL** Odisha Coal and Power Limited

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Bhubaneswar-751023; Ph: 0674-2300654, mines@ocpl.org.in, www.ocpl.org.in

**RFP FOR SELECTION OF CONSULTANT FOR OBTAINING ENVIRONMENT CLEARANCE AND CONSENT TO ESTABLISH**

| | |
|---|---|
| NIT No: OCPL/Con-91/2019, | Date: 26/07/2019 |
| Date of Collection of RFP: | 01-07-2019 to 08-07-2019 |
| Date of Submission of Bids: | 12:00 Noon on 25-07-2019 |

OCPL invites the proposal for the selection of consultant for Preparation of EIA Study Report, Obtaining Environment Clearance and Consent to Establish for Dip-Side Manoharpur Coal Mine in Sundargarh, Odisha. The interested agency may download the RFP from our website www.ocpl.org.in or visit our office at the above address to collect the same. *AGM (Mechanical)*

---

**OFFICE OF THE NOTIFIED AREA COUNCIL, BHUBAN**

**BHUBAN (ODISHA), PIN: 759017, E-mail: bhubann.hud@nic.in**

**INVITATION FOR BIDS**

**Tender Call Notice No- 1124/BBN NAC Dt. 26.06.2019**

Sealed tenders in conformity with detailed tender call notice are invited from intending firms/ manufacturers/ suppliers having DIC registration Certificate, Manufacturing License/ Authorized Distributor/ Dealer having eligibility criteria as mentioned in the bid to supply the following items as per specification given below in a separate sheet so as before the Executive Officer, Bhuban NAC through Registered Post/ Speed Post/ Courier Service upto 4.30 PM of 05.07.2019. Tender documents are to be obtained from Bhuban NAC on deposits of non refundable cost of tender paper in shape of Office M.R. only from 26.06.2019 to 5.00 PM of 03.07.2019. The bid will be opened at 11.00 AM of 06.07.2019 in presence of the tenderer or their authorized representatives, who may be present at the time of opening of tenders Bhuban NAC will in no way be responsible for any delay in receipt of tender documents.

The tender must be accompanied with all the attested photocopies of qualifying documents as mentioned in the eligible criteria, the required EMD & the cost of the documents as mentioned in the eligible criteria, the required EMD & the cost of the tender paper in shape of M.R. failing which the tender shall be rejected out rightly.

**Sd./- Executive Officer, Bhuban NAC**

---

**ପୌର ପରିଷଦ, କୋରାପୁଟ**
**KORAPUT MUNICIPALITY**

**No. 2398 / 2019 Date: 24.06.19**

**TENDER CALL NOTICE**

**No.40-C:-** Bid documents consisting of Cost of Tender paper, EMD, the set of terms and conditions of Procurement of Dustbin and other necessary document can be seen in Official website i.e. **www.koraputmunicipality.in**.

| | | | |
|---|---|---|---|
| 1 | Name of Specification | : | Procuremet of Dustbin |
| 2 | Date & time of selling of tender paper | : | From 26.06.2019 upto 4.30 PM 09.07.2019 |
| 3 | Last date & time for receipt | : | 4.30 PM hours 10.07.2019 |
| 4 | Bids received shall be Technical opened on | : | 3.00 PM hours 11.07.2019 |
| 5 | Bids received shall be financial opened on | : | 11.30AM hours 12.07.2019 |
| 6 | Name and address of the Officer inviting | : | Executive Officer, Koraput Municipality |
| 7 | Further details can be seen from the procurement portal | : | www.koraputmunicipality.in |

**Sd./-Executive Officer, Koraput Municipality**

13074/11/0003/1920

---

NANDANKANAN

**NANDANKANAN ZOOLOGICAL PARK**

**TENDER NOTICE**

**No.09 of 2019-20 Date: 25.06.2019**

Deputy Director, Nandankanan Zoological Park invites sealed tender in prescribed form from interested individuals/ firms /entrepreneurs for Supply of Animal Feed to Nandankanan Zoological during the financial year, 2019-20.

The last date of submission of sealed tender: 5.00 PM of 09.07.2019.

Opening of sealed tender (Technical bid) : 11.30 AM of 10.07.2019.

Detailed terms' and 'conditions along with the tender papers will be only available in the website of Nandankanan Zoological Park (www.nandankanan.org) from 27.06.2019. The downloaded tender papers must be accompanied with a Bank Draft of Rs.5900/- (Rupees five thousand nine hundred) only (inclusive of 18%GST) in favour Deputy Director, Nandankanan Zoological Park drawn on any nationalized bank payable at Bhubaneswar.

Sd./- Deputy Director
Nandankanan Zoological Park

---

**OFFICE OF THE EXECUTIVE ENGINEER R.W.S.&.S. DIVISION, JAJPUR**

**AT- CHANDIKHOL, PO- Dhanmandal, Dist- Jajpur, PIN-754024, Phone- 06725-221454, E-mail-eerwss_jpr@ori.nic.in**

**E-PROCUREMENT NOTICE**

**Bid Identification No. rwssjajpur 08 / 2018-19 dt. 21.06.2019**

**No.124-O:-** The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of eprocurement system in on-line mode from eligible contractors.

| | | |
|---|---|---|
| 1. | Nature of work: | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS Schemes of Jajpur district. |
| 2. | No. of works: | 16(sixteen) |
| 3. | Estimated Cost: | Rs 59.00 lakhs to Rs.187.00 lakhs |
| 4. | Time for completion: | 9(nine) months |
| 5. | Cost of bidding document: | Rs.10000/- |
| 6. | Class of Contractors eligible: | 'B' & 'A' |
| 7. | Availability of bids on-line: | 11.00 hour of 27.06.2019 to 17.00 hours of 09.07.2019. |
| 8. | Last date and time for seeking clarification: | Up to 17.00 hours of 08.07.2019 |
| 9. | Date & time of opening of Technical Bid online: | 11.00 hour of 10.07.2019. |
| 10. | Date & time of opening of Financial Bid | To be announced latter |

Further details can be seen in the website **https://www.tendersorissa.gov.in.**

**Sd./- Executive Engineer**
**R.W.S & S Division, Jajpur, (at: Chandikhol)**

25027/11/0008/1920

---

OTPC

**ODISHA THERMAL POWER CORPORATION LTD.**

3RD FLOOR, SETU BHAWAN, OBCC BUILDING, NAYAPALLY, BBSR-751012
Telefax-0674-2390732, Website- otpcl.com, Email-info@otpcl.com/otpcbbsr@gmail.com CIN:U40102OR2007SGC009145

**e-Tender Notice No : 237/OTPC Dt. 25.06.2019**

For and on behalf of **ODISHA THERMAL POWER CORPORATION LTD.** invites sealed e-tenders in ***two part bidding system*** for construction of R&R Colony for displaced families at Bhimpal in Kamakhyanagar, Tahasil, Dist-Dhenkanal, Odisha.

| Name of Package | Estimated Cost (in ₹) | EMD @ 1% (in ₹) | Non-refundable Tender processing fees | Non-refundable Cost of Bid document | Date and time of opening of online bids | Last date & time for submission of online bids |
|---|---|---|---|---|---|---|
| Construction of R&R Colony for displaced families at Bhimpal in Kamakhyanagar, Tahasil, Dist-Dhenkanal, Odisha | 32.72 Crore | 32.72 Lakhs | 5900.00 (Including 18% GST) | 11,800.00 (Including 18% GST) | 01.07.2019 (11.00 Hrs) | 14.08.2019 (17.00 Hrs) |

The interested bidders would be required to enroll themselves & apply on the tender portal **www.tenderwizard.com/OTPC** from **01.07.2019 (11.00 Hrs)** up to **14.08.2019 (17.00 Hrs)**. Interested bidder may visit OTPC's official website **www.otpcl.com** and **www.tenderwizard.com/OTPC** for detail specification.

**The bidders can view the tender documents in details from www.otpcl.com website free of cost.**

**NB:-** All subsequent addendum/Corrigendum to the tender shall be hoisted in OTPC's official website **www.otpcl.com** and **www.tenderwizard.com/OTPC** only, since it will not be published in newspaper again.

**Sd/-**
**Chief Executive Officer**

---

**idco** Your power to grow | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**IDCO/HO-FIN/A-10004/01/2019/V-1/10799 Date: 24.06.2019**

**EXPRESSION OF INTEREST**

*Sealed bids are invited for rate of interest in the following prescribed format for fixed deposit amounting to Rs.350.00 Crore (**interest compounded quarterly**) from Bhubaneswar based eligible Govt. approved Banks only as per Finance Department Order No-32648/F, dated 10.10.2018 Govt. of Odisha (Except BOI, HDFC Bank, Odisha Gramya Bank and Utkal Grameen Bank).*

| Sl No | Period | % Rate of Interest Per Annum (Only-Callable) | |
|---|---|---|---|
| | | Rs. 1.00 Crore to Rs.10.00 Crore | Above Rs.10.00 Crore to Rs.350.00 Crore |
| 1 | One Year | | |

*The Bid should be super scribed in red - "**Rate of interest**" & must reach the undersigned in sealed cover by Speed Post/Special Messenger on or before 1.00 P.M. on 01.07.2019 and the same will be opened at 3.30 P.M. on the same day in the office chamber of CGM (Finance) IDCO, Bhubaneswar in the presence of the representatives of the participating Banks. Interest offer of bank shall remain valid from 02.07.2019, 03.07.2019 & 05.07.2019. The interest rate quoted by Bank is final & in no circumstances change of rate can be entertained. The decision of the Management will be final.*

**Sd/-**
**Chief General Manager (Finance)**

---

GOVERNMENT OF ODISHA
RURAL WATER SUPPLY & SANITATION ORGANISATION

**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT: TALCHER**
**At- Baghuabole, Po.- Hatatota, Talcher, Dist.- Angul, Pin- 759100**
**(Ph. No./ Fax - 06760-240762, E-mail : eerwssang@gmail.com)**

**National Competitive Bidding through e-procurement**
**Bid Identification No. 02/EE/RWSS/ANGUL/2019-20**
**Dt. 19.06.2019 (DMF)**

**No.119-O:-** The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 12 Nos. |
| 2. | Tender Paper Cost | : | Rs. 6,000.00 to Rs.10,000.00 |
| 3. | Value of work | : | Rs. 131.85 Lakhs to Rs. 16.24 Lakhs |
| 4. | Class of Contractor | : | "D", "C", "B" & "A" Class |
| 5. | Date & time of availability of bid document in portal | : | 26.06.2019 at 17.00 hours to 06.07.2019 upto 17.00 hours |
| 6. | Date & time of seeking tender clarification | : | 02.07.2019 upto 17.00 hours |
| 7. | Date & time of opening of tender & verification of original document | : | 08.07.2019 at 15.00 hours in the office of the Executive Engineer, RWS&S Division, Angul, At:Talcher |
| 8. | Time of completion | | 4 (Four) to 6 (Six) Calendar Months |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be published in the above website only. | | |

**Sd./- Executive Engineer,**
**RWS&S Division, Angul at Talcher**

25019/11/0009/1920

---

GOVERNMENT OF ODISHA
OFFICE OF THE SUPERINTENDING ENGINEER

**CENTRAL CIRCLE (R&B) NIRMAN SOUDHA, PHASE-II, 2ND FLOOR, BHUBANESWAR**
**Mail id.: seccbbsr@gmail.com**

**E-procurement Tender Call Notice No. 1 of 2019-20**

**No. 1637 (Estg.) Bhubaneswar the 24th June 2019**

**No.31-B:-** The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids for 1 No. of road work to be received in online bidding, double cover system for improvement and widening work as detailed in: https://tendersorissa.gov.in. The details of bid documents will be available in the above website from 1.00 PM of 03.07.2019 to 5.00 PM of 15.07.2019. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 AM of 16.07.2019 in the Office of the Superintending Engineer, Central Circle (R&B) Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum/ Corrigendum, if required, will be available only in the Website.

**Sd./- Er. R.K. Sahu**
**Superintending Engineer**
**Central Circle (R&B) Bhubaneswar**

13058/11/0001/1920

---

**OFFICE OF THE MUNICIPAL COUNCIL, GUNUPUR**

**No.915 Date: 25.06.2019**

**Notice Inviting Tender**

Sealed tenders, in conformity with the detailed tender call notice are invited from the intending Registered Man Power Service Providers / Regd. Firms / Regd. NGO / Regd. Private Companies/ Entrepreneur satisfying the eligibility criteria as per NIT for execution of providing, cleaning & sanitation work from Ward No. **1 to 10, 12 to 15 & Marathiguda** of Gunupur Municipality so as to reach the Executive Officer, Gunupur Municipality through registered post/ speed post only up to 5.00 PM on 15.07.2019 and tender will be opened at Gunupur Municipality on 16.07.2019. The details of works, purchase of Tender documents, scope of work, eligibility criteria & submission of tender can be purchased from office of the undersigned from **26.06.2019 to Dt. 08.07.2019.**

Tender form can also be downloaded from websites: www.gunupurmunicipality.com, https://rayagada.nic.in but it should be accompanied Bank Draft (Only SBI payable at Gunupur) of Rs.10,000/- (Rupees Ten Thousand only) in the name of Executive Officer, Gunupur Municipality, payable at Gunupur along with Bank Draft of EMD, at the time of submission.

Details can be had from the office of the undersigned during working hours on working days.

Sd./- Executive Officer
Gunupur Municipality

## ଅଧିକ ଅମଳକ୍ଷମ ରାଶି କିସମ



ପାଗ ଦେଖି ଏକର ପ୍ରତି ଏକ କେଜି ୧୨୦୦ ଗ୍ରାମ୍ ରାଶି ବିହନ ଧାଡିରେ ବୁଣନ୍ତୁ। ଉନ୍ନତ ଅଧିକ ଅମଳକ୍ଷମ କିସମ ଯଥା ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୩ ଗ୍ରାମ୍ ହିସାବରେ ଥିରାମରେ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷବେଳେ, ବିହନ ବୁଣିବା ପୂର୍ବରୁ ଏକର ପ୍ରତି ୬ କିଗ୍ରା ଯବକ୍ଷାରଜାନ, ୮ କିଗ୍ରା ଫସ୍‌ଫରସ୍, ୮ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

## ମକାରେ ସାର ପ୍ରୟୋଗ

ସଅଳ ଲଗାଯାଇଥିବା ମକା ୩ରୁ ୪ ସପ୍ତାହ ହୋଇଗଲେ କୋଡ଼ାଖୁସା ଘାସ ବଛା ସାରି ୧୬ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ଜୁନ୍ ମାସ ଶେଷ ସୁଦ୍ଧା ବୁଣିବା କାର୍ଯ୍ୟ ଶେଷ କରନ୍ତୁ। କମ୍ପୋଜିଟ୍ କିସମ ଯଥା ନଭଜୋତ୍, ବିଜୟା, ଶକ୍ତି, ଡେକାନ୍ – ୧୦୭ ଓ ଡେକାନ୍ –୧୦୯ ବ୍ୟବହାର କରନ୍ତୁ।



## ଜଳସେଚନ ସୁବିଧା ଥିଲେ...



ଜଳସେଚନ ସୁବିଧା ଥିଲେ ପନିପରିବା ଯଥା କଖାରୁ ଜାତୀୟ ଫସଲ ଓ ଭେଣ୍ଡି ଆଦି ସଅଳ ଲଗାଇ ଦିଅନ୍ତୁ। ଶୀଘ୍ର ଲଗାଇବା ଦ୍ୱାରା ବର୍ଷା ଆରମ୍ଭ ହେବା ବେଳକୁ ଗଛଗୁଡ଼ିକ ଭଲ ବଢ଼ିଯାଇଥିବ। ଯାହାଦ୍ୱାରା ବର୍ଷାରେ ଗଛଗୁଡ଼ିକ ନଷ୍ଟ ହେବ ନାହିଁ, ରୋଗ ପୋକ ଲାଗିବାର ଆଶଙ୍କା କମ୍ ରହିବ ଏବଂ ଚାଷୀଭାଇମାନଙ୍କୁ ସଅଳ ପନିପରିବାରୁ ଅଧିକ ଅର୍ଥ ମିଳିବ। ବାଇଗଣ ଓ ଟମାଟୋ ତଳି ପାଇଁ ତଳି ଘେରା ପ୍ରସ୍ତୁତ କରି ବିହନ ବୁଣନ୍ତୁ।

## ଲାଭଜନକ ମାଣ୍ଡିଆ ଚାଷ

ମାଣ୍ଡିଆର ରହିଛି ଅନେକ ଉପକାରୀ ଗୁଣ। ଏହାକୁ ଖାଇବା ଦ୍ୱାରା ମଧୁମେହ ନିୟନ୍ତ୍ରିତ ହେବା ସହ କର୍କଟର ଆଶଙ୍କା କମିଯାଏ। ମଧୁମେହ ରୋଗୀଙ୍କ ପାଇଁ ଏହା ମଧ ଉପାଦେୟ ଖାଦ୍ୟ ଏବଂ ଏହାକୁ ନିୟମିତ ଖାଇଲେ ଶରୀରରୁ ଅଧିକ ପରିମାଣର ଇନ୍‌ସୁଲିନ୍ ଝରିଥାଏ। ଫଳରେ ରୋଗୀ ଧୀରେ ଧୀରେ ରୋଗମୁକ୍ତ ହୋଇଥାଏ। ଏହା ମନୁଷ୍ୟ ଶରୀରର ବିଭିନ୍ନ ରୋଗ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ (ଯଥା– ବ୍ୟାଧି, ବ୍ୟଗ୍ରତା ଓ ମାନସିକ ଦୁଶ୍ଚିନ୍ତା)। ମାଣ୍ଡିଆର ଔଷଧୀୟ ଗୁଣଗୁଡ଼ିକ ହେଲା– ହାଡ଼କୁ ମଜଭୁତ୍ କରିବା, ମେଦବହୁଳତାରେ ହ୍ରାସ, ରକ୍ତହୀନତା ଦୂର, ଚର୍ମ ଚିକ୍କଣ ଏବଂ ଶରୀରକୁ ସତେଜ ଓ ସୁସ୍ଥ ରଖିବା। ଏତଦ୍‌ବ୍ୟତୀତ ହୃଦରୋଗର ଆଶଙ୍କା କମାଇବା, ବୃକ୍କ ଓ ଯକୃତର



ପ୍ରତିରୋଧକ ଶକ୍ତିରେ ବୃଦ୍ଧି, ରକ୍ତଚାପ ହ୍ରାସ, କୋଲେଷ୍ଟରଲ୍ କମାଇବା ସହ ହଜମ ଶକ୍ତିରେ ବୃଦ୍ଧି ଘଟାଇଥାଏ। ଏହା ଗାଈ କ୍ଷୀରର ବିକଳ୍ପ ଏବଂ ମା’ କ୍ଷୀର ବୃଦ୍ଧିରେ ବିଶେଷ ସହାୟକ ହୋଇଥାଏ। ଏହା ବର୍ତ୍ତମାନ ସହରୀ ଗ୍ରାମୀଣ, ଧନୀ ବା ଗରିବ ସମସ୍ତଙ୍କର ପ୍ରିୟ ଖାଦ୍ୟ ହୋଇଛି। ମାଣ୍ଡିଆ ଖାଦ୍ୟସାରରେ ଭରପୂର ଏକ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟଶସ୍ୟ (Nutri-cereal)। ଏଥିରେ ଶରୀରକୁ ସୁସ୍ଥ ରଖିବା ନିମନ୍ତେ ଅତି ଆବଶ୍ୟକ ହେଉଥିବା ଆମିନୋ ଏସିଡ୍ ମଧ୍ୟରୁ ୪ଟି ଯଥା– ସିଷ୍ଟିନ୍, ଟାଇରୋସିନ୍, ଟ୍ରିପ୍ଟୋଫାନ୍ ଓ ମେଥିଓନାଇନ୍ ରହିଛି। ସ୍ୱାଦିଷ୍ଟ ବ୍ୟଞ୍ଜନ ଭାବେ ମାଣ୍ଡିଆରୁ ଅନେକ ବ୍ୟଞ୍ଜନ ପ୍ରସ୍ତୁତ କରି ଖିଆଯାଏ। ସବୁଜ ମାଣ୍ଡିଆ ଗଛରୁ ଭଲ ସାବୁଲେଜ୍ ତିଆରି ହୋଇଥାଏ ଏବଂ ମାଣ୍ଡିଆ ଗଛକୁ ଉତ୍ତମ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଏ। ସହରୀ ଚାହିଦା, ଉନ୍ନତ ଅଧିକ ଅମଳକ୍ଷମ କିସମ, ଉପଯୁକ୍ତ ଚାଷ କୌଶଳ, ଯାନ୍ତ୍ରିକୀକରଣ ଓ ପ୍ରକ୍ରିୟାକରଣରେ ଉନ୍ନତି ଘଟାଇପାରିଲେ ଅଧିକ ଅମଳ ସହ ଏହା ଲାଭଜନକ ହୋଇ ଖାଦ୍ୟ ନିରାପତ୍ତା ସଫଳ ଏବଂ ଅଧିକ ପ୍ରଗତି ହୋଇପାରିବ।

**କିସମ:** ଆମ ରାଜ୍ୟର ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଏହାର ଚାଷ ଅଧିକ ହେଉଥିଲେ ମଧ ସମସ୍ତ ଜିଲାରେ ବର୍ଷସାରା ଏହା ଭଲ ଭାବେ ଚାଷ କରାଯାଇପାରିବ। ବର୍ଷର ବିଭିନ୍ନ ସମୟରେ ମାଣ୍ଡିଆ ଚାଷ କରାଯାଏ। ଛଟାବୁଣା ତୁଳନାରେ ଧାଡ଼ି ବୁଣା ଭଲ। ରୋଇଲେ ସବୁଠୁଁ ଭଲ ଫସଲ ମିଳିଥାଏ। ବର୍ଷାଋତୁ ପାଇଁ ଜୁନ୍ ମାସ, ପ୍ରାକ୍ – ରବି ପାଇଁ ଅଗଷ୍ଟ ୩ୟ ସପ୍ତାହରୁ ଅକ୍ଟୋବର ୨ୟ ସପ୍ତାହ ମଧ୍ୟରେ ଏବଂ ଗ୍ରୀଷ୍ମଋତୁ/ଖରାଦିନ ପାଇଁ ଜାନୁୟାରୀରୁ ଫେବୃୟାରୀ ୧୫ ତାରିଖ ମଧ୍ୟରେ ବୁଣିବା ଭଲ। ଜମି ପ୍ରସ୍ତୁତି ନିମନ୍ତେ ମୁଖ୍ୟ ଜମିକୁ ୨–୩ ଓଡ଼ ଚାଷ କରି ତହିଁରେ ଏକର ପ୍ରତି ୩୫ କୁଇଣ୍ଟାଲ୍ କମ୍ପୋଷ୍ଟ ଖତ ମାଟିରେ ମିଶାଇ ଦିଆଯାଏ। ଧାଡ଼ିରେ ବୁଣିଲେ ୨୦–୨୫ ସେ.ମି.x ୧୦ସେ.ମି. ଦୂରତା ରଖନ୍ତୁ। ଆବଶ୍ୟକୀୟ ବତର ଥିବା ସମୟରେ ଜମିରେ ବିହନ ବୁଣି ମଇ ଦିଅନ୍ତୁ। ଉଇ ଆକ୍ରମଣ ଆଶଙ୍କା ଥିଲେ ଏକର ପ୍ରତି କ୍ଲୋରୋପାଇରିଫସ୍ ୫% ଗୁଣ୍ଡର ୧୦ କି.ଗ୍ରା. ଜମି ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପ୍ରୟୋଗ କରାଯାଏ। (କ୍ରମଶଃ...)

–ଡ. ପରେଶ କୁମାର ପଣ୍ଡା
ମୋ: ୭୨୦୫୦୯୬୦୮୦

### କିପରି କମାଇବେ

# କୀଟନାଶକର ବିଷ ପ୍ରଭାବ



ପ୍ରଫେସର ସୁବୋଧ କୁମାର ସାହୁ

**ପରିବା ଫସଲରେ ପ୍ରୟୋଗ ହେଉଥିବା କୀଟନାଶକ ଔଷଧର ବିଷ ପ୍ରଭାବ କମାଇବାର କେତେକ ଉପାୟ ସମ୍ପର୍କରେ...**












ସମଗ୍ର ଦେଶରେ ପଶ୍ଚିମବଙ୍ଗ ପନିପରିବା ଚାଷରେ ସର୍ବାଗ୍ରେ ଥିବାବେଳେ, ଓଡ଼ିଶାର ସ୍ଥାନ ଏଥିରେ ଦ୍ୱିତୀୟ। ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ, ରାସାୟନିକ ସାର ପ୍ରୟୋଗ ଏବଂ ଜଳସେଚନର ସୁବିଧା ହେତୁ ଆମ ରାଜ୍ୟ ଏହି ସ୍ଥାନରେ ପହଞ୍ଚି ପାରିଛି। ଅଧିକ ପରିବା ଉତ୍ପାଦନର ଅନ୍ୟ ମୁଖ୍ୟ ଉପାଦାନଟି ହେଉଛି ଉନ୍ନତ ଏବଂ ସଙ୍କର କିସମ ବିହନର ବହୁଳ ବ୍ୟବହାର।

ଉକ୍ତ କିସମ ଚାରାରୁ ବଢୁଥିବା ପରିବା ଫସଲ ଦେଶୀ କିସମଠାରୁ ଦୁଇ ଗୁଣରୁ ଅଧିକ ଖତ ଏବଂ ରାସାୟନିକ ସାର ଆବଶ୍ୟକ କରିଥାଏ। ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ଦ୍ୱାରା ପରିବା ଫସଲ ସବୁଜ, କୋମଳ ତଥା ନରମ ହୋଇ ବଢ଼େ, ଯାହାକି ବିଭିନ୍ନ ରୋଗ ଏବଂ ପୋକକୁ ଆକର୍ଷଣ କରିଥାଏ। ଏ ସବୁରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀ ବିଭିନ୍ନ ବିଷାକ୍ତ ରାସାୟନିକ ଔଷଧ ଆବଶ୍ୟକଠାରୁ ମାତ୍ରାଧିକ ବାରମ୍ବାର ପ୍ରୟୋଗ କରିଥାନ୍ତି। ରାସାୟନିକ ଔଷଧର ବିଷାକ୍ତ ଅଂଶ କମିବା ପୂର୍ବରୁ ଅନେକ ଚାଷୀ ଗଛରୁ ପରିବା ତୋଳି ବଜାରରେ ବିକ୍ରି କରିଥାନ୍ତି। ଅଜାଣତରେ ଆମେ ଏହି ବିଷାକ୍ତ ପରିବା ଖାଇ ବାନ୍ତି, ଝାଡ଼ା, ମୁଣ୍ଡବୁଲା, ମୁଣ୍ଡବିନ୍ଧା, ଚକ୍ଷୁରୋଗ ଏବଂ କ୍ୟାନ୍‌ସର ପରି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉ।

ଉଦାହରଣ ସ୍ୱରୂପ ଆଳୁ ଏବଂ କନ୍ଦମୂଳ ଜାତୀୟ ଫସଲରେ ଉଇ ଲାଗି ଫସଲର କାଣ୍ଡକୁ କାଟି ଥାନ୍ତି ଏବଂ ମାଟିରେ ରହି ଆଳୁ ଓ କନ୍ଦମୂଳକୁ କଣା କରନ୍ତି, ଯଦ୍ୱାରା ଉକ୍ତ ଦୁଇ ପରିବାର ବଜାର ଦର କମିଥାଏ। ଏହାର ପ୍ରତିକାର ପାଇଁ ଚାଷୀ ବହୁ ପରିମାଣରେ କ୍ଲୋରୋପାଇରିଫସ୍ କିମ୍ବା ଆଲଡ୍ରିନ ଗୁଣ୍ଡ ମାଟିରେ ପ୍ରୟୋଗ କରିଥାନ୍ତି। କିନ୍ତୁ ଏହି ବିଷର ପ୍ରଭାବ ବହୁ ବର୍ଷ ଧରି ମାଟିରେ ଏବଂ କିଛି ଅଂଶ ଆଳୁରେ ରହେ। ଏହାଦ୍ୱାରା ମୃତ୍ତିକାର ପରିବେଶ ପ୍ରଦୂଷଣ ହେବା ସହ ବିଷ ଅଂଶ ଥିବା ଆଳୁ ଖାଇ ଆମେ ରୋଗାକ୍ରାନ୍ତ ହେଉ। ବାଇଗଣ ଓ ପୋଟଳ ଫସଲରେ କାଣ୍ଡ ତଥା ଫଳ ବିନ୍ଧା ପୋକ ଲାଗି ଉକ୍ତ ପରିବାର କାଣ୍ଡକୁ କାଟନ୍ତି ଏବଂ ଫଳକୁ କଣା କରି ଫଳରେ ରହନ୍ତି। ଏହି ପୋକର ଦମନ ଲାଗି ଚାଷୀ ବିଷାକ୍ତ ଦାନାଦାର ଯଥା ଫ୍ୟୁରେଟ୍ କିମ୍ବା ଥାଇମେଟ୍‌କୁ ଚାରା ମୂଳର ମାଟିରେ ପ୍ରୟୋଗ କରନ୍ତି। ଉକ୍ତ ବିଷର ବିଷାକ୍ତ ଗୁଣ ପ୍ରୟୋଗ ଦିନଠାରୁ ବାଇଗଣ ଏବଂ ପୋଟଳରେ ୩୫ରୁ ୪୦ ଦିନ ପର୍ଯ୍ୟନ୍ତ ରହେ। ବିଶେଷ କରି ଫୁଲ ଓ କଷି ଆସୁଥିବା ସମୟରେ ଏହି ବିଷ ପ୍ରୟୋଗ କଲେ ଉକ୍ତ ବିଷର ପ୍ରଭାବ ପରିବାରେ ବେଶି ଦିନ ପର୍ଯ୍ୟନ୍ତ ରହେ। ଆମେ ଏହି ବିଷାକ୍ତ ବାଇଗଣ ଓ ପୋଟଳ ଖାଇ ରୋଗଗ୍ରସ୍ତ ହେଉ। କଲରା ଏବଂ କାଙ୍କଡ଼ ପରି ଦୁଇ ଫସଲ, ଯାହାକି କାଙ୍କଡ଼ିଆ ନାମକ ପୋକର ଆଶ୍ରୟସ୍ଥଳ। ଏହାର ଦମନ ସକାଶେ ଚାଷୀ ଉକ୍ତ ଫସଲରେ ପ୍ରତି ସପ୍ତାହରେ ଦ୍ରବଣୀୟ ବିଷାକ୍ତ କାର୍ବାରିଲ କିମ୍ବା ମାଲାଥିଅନ୍ ସିଞ୍ଚନ କରନ୍ତି। ଏହି ବିଷର ବିଷ ପ୍ରଭାବ ଉକ୍ତ ଦୁଇ ପରିବାରେ ପ୍ରାୟ ୭ ରୁ ୧୦ ଦିନ ପର୍ଯ୍ୟନ୍ତ ରହିଥାଏ। ଏହାଛଡ଼ା ବିଷର କେତେକ ଅଂଶ କଲରାର ଦୁଇ ଶିରା ମଧ୍ୟରେ ଲାଗି ରହେ। ଅନେକ ଚାଷୀ ବିଷ ପ୍ରୟୋଗର ୧୦ ଦିନ ପୂର୍ବରୁ କଲରା ଏବଂ କାଙ୍କଡ଼ ତୋଳି ବଜାରରେ ବିକ୍ରି କରନ୍ତି। ତଟକା କଲରା ଭାବି ଆମେ ଏହାକୁ ବଜାରରୁ କିଣି ଖାଉ। ଏହାଦ୍ୱାରା ଝାଡ଼ା, ବାନ୍ତି ଆଦି ରୋଗରେ ଆକ୍ରାନ୍ତ ହେଉ। ଲଙ୍କା ଫସଲର ଫୁଲ କଷି ଆସିବା ସମୟରେ ଖାଲି ଆଖିକୁ ଦେଖାଯାଉ ନ ଥିବା ଥ୍ରିପସ୍ ନାମକ ଏକ କ୍ଷୁଦ୍ର ପୋକ ଗଛର ସବୁଜ ପତ୍ର ଏବଂ କଞ୍ଚା ଲଙ୍କାର ରସ ଶୋଷି ଖାଆନ୍ତି। ଏହାର ପ୍ରତିକାର ପାଇଁ ଚାଷୀ ଫସପାମିଡେନ ନାମକ କୀଟମରା ଔଷଧ ଲଙ୍କା ଗଛରେ ପ୍ରୟୋଗ କରନ୍ତି। ଏହାର ବିଷାକ୍ତ ଗୁଣ ଫସଲରେ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ରହେ। ଏହି ସମୟରେ କଞ୍ଚା ଲଙ୍କା ତୋଳି ଖାଇଲେ, ଉକ୍ତ ବିଷର ବିଷାକ୍ତ ପ୍ରବାହ ଶରୀରକୁ ଅସୁସ୍ଥ କରେ। ଛୁଇଁ ଏବଂ କୋବି ଜାତୀୟ ଫସଲରେ ଜଉ ପୋକ ଲାଗି ପତ୍ରରୁ ରସ ଶୋଷନ୍ତି। ଏହାର ପ୍ରତିକାର ଲାଗି ଚାଷୀ ଆବଶ୍ୟକଠାରୁ ଅଧିକ ପରିମାଣରେ କୁଇନାଇଲଫସ୍ କିମ୍ବା ଏଣ୍ଡୋସଲ୍‌ଫାନ ବିଷ ବାରମ୍ବାର ସିଞ୍ଚନ କରନ୍ତି। ଉକ୍ତ ପରିବାରୁ ବିଷର ପ୍ରଭାବ କମିବା ପୂର୍ବରୁ ଚାଷୀ ଏହାକୁ ତୋଳି ବଜାରରେ ବିକ୍ରି କରନ୍ତି। ଏହି ପରିବା ଖାଇ ଆମେ ଅସୁସ୍ଥ ହେଉ। ଫୁଲକୋବି ଓ ପୋଟଳକୁ ସତେଜ ଏବଂ ସବୁଜ ରଖିବା ସକାଶେ ଅନେକ ଚାଷୀ ଉକ୍ତ ପରିବାକୁ ଲଘୁ ରାସାୟନିକ ଦ୍ରବଣରେ କିଛି ସମୟ ବୁଡ଼ାଇ ରଖି ବଜାରରେ ବିକ୍ରି କରନ୍ତି। ଫୁଲକୋବିକୁ ଅଧିକ ଧଳା ଓ ସତେଜ ରଖିବା ପାଇଁ କେତେକ ପରିବା ବ୍ୟବସାୟୀ ଥିମେଟ ନାମକୁ ଦାନାଦାର ବିଷାକ୍ତ ଦ୍ରବଣରେ ବୁଡ଼ାଇ ବିକ୍ରି କରିବାର ନଜିର ରହିଛି। ସେହିପରି ପୋଟଳକୁ ମଧ ଅଧିକ ସବୁଜ ଓ ସତେଜ ରଖିବା ଲାଗି କପରସଲ୍‌ଫେଟ୍ ନାମକ ରାସାୟନିକ ଦ୍ରବଣରେ କିଛି ସମୟ ବୁଡ଼ାଇ ରଖିଥାନ୍ତି। ଏହାଦ୍ୱାରା ଫୁଲକୋବି ଏବଂ ପୋଟଳ ବିଷାକ୍ତ ହୁଏ, ଯାହାକି ଆମ ଶରୀର ପାଇଁ ଅଧିକ କ୍ଷତିକାରକ। ପରୀକ୍ଷାରୁ ଜଣାଯାଇଛି ଯେ, ଦାନାଦାର ବିଷ ଦ୍ରବଣରେ ଉପଚାର ହେଉଥିବା ଫୁଲକୋବିରେ ୨୦ ରୁ ୩୦ ପ୍ରତିଶତ ବିଷ ଅଛି। ବିଷଯୁକ୍ତ କୋବି ଖାଇ ଝାଡ଼ା, ବାନ୍ତି ଏବଂ ମୁଣ୍ଡ ବ୍ୟଥା ଆଦି ରୋଗ ହେବାର ପ୍ରମାଣ ମିଳିଛି।

ଆମର ଜ୍ଞାତ ବା ଅଜ୍ଞାତରେ ହେଉ, ଆମେ ଖାଉଥିବା ଏପରି କିଛି ବିଷ ପ୍ରବାହିତ ପନିପରିବାର ବିଷାକ୍ତ ପ୍ରଭାବରୁ ରକ୍ଷା ପାଇବା ପାଇଁ କୃଷି ରସାୟନବିତ୍‌ମାନେ କେତେକ ଉପାୟ ବାହାର କରିଛନ୍ତି। ଅର୍ଥାତ୍ ସରଳ ଉପାୟରେ ଏବଂ କମ୍ ଖର୍ଚ୍ଚରେ କିପରି ବିଷମୁକ୍ତ ହୋଇପାରିବ ତାହାର କୌଶଳ ନିର୍ଣ୍ଣୟ କରିଛନ୍ତି। ନିମ୍ନରେ ଏହାର କେତୋଟି ଉଦାହରଣ ଦିଆଯାଉଛି।

ବଜାରରୁ ପରିବା କିଣି ତାକୁ ସତେଜ ରଖିବା ଲାଗି ଫ୍ରିଜ୍‌ରେ ରଖିବା ପୂର୍ବରୁ ପ୍ରଥମେ ବିଶୁଦ୍ଧ ପାଣିରେ ଦୁଇରୁ ତିନି ଥର ଧୁଅନ୍ତୁ। ଏହାଦ୍ୱାରା ପରିବାରେ ଥିବା ବିଷାକ୍ତ ଅଂଶ ୪ ରୁ ୫ ଭାଗ କମିଥାଏ। ଦ୍ୱିତୀୟରେ ପରିବାକୁ ୫ ରୁ ୮ ଭାଗ ଲୁଣ ପାଣିରେ ୧୫ ରୁ ୨୦ ମିନିଟ୍ ବୁଡ଼ାଇ ରଖିଲେ ପରିବାରୁ ପ୍ରାୟ ୮ ରୁ ୧୦ ଭାଗ ବିଷ ଭାଗ କମେ। ତୃତୀୟରେ ପରିବାକୁ ୧୦ ଭାଗ ହଳଦୀ ପାଣିରେ ୧୫ରୁ ୨୦ ମିନିଟ ବୁଡ଼ାଇ ରଖିଲେ ୧୫ରୁ ୨୫ ଭାଗ ବିଷ ନଷ୍ଟ ହୋଇଥାଏ। ସେହିପରି ଶତକଡ଼ା ୪ ରୁ ୫ ଭାଗ ସୋଡିୟମ ବାଇକାର୍ବୋନେଟ୍ (ଖାଇବା ସୋଡ଼ା) ଦ୍ରବଣରେ ପରିବାକୁ ୫ ରୁ ୬ ମିନିଟ୍ ବୁଡ଼ାଇ ବିଶୁଦ୍ଧ ପାଣିରେ ଧୋଇ ରୋଷେଇ କଲେ ପ୍ରାୟ ୧୫ ରୁ ୨୦ ଭାଗ ବିଷ ଅଂଶ ନଷ୍ଟ ହୋଇଥାଏ। ଶେଷରେ ଶତକଡ଼ା ୧୦ ଭାଗ ଭିନେଗାର ଅର୍ଥାତ୍ ଏକ ଲିଟର ପାଣିରେ ୧୦୦ ମି.ଲି. ଭିନେଗାରରେ ଏକ ଦ୍ରବଣ ପ୍ରସ୍ତୁତ କରି ସେଥିରେ ପରିବାକୁ ୫ ରୁ ୬ ମିନିଟ୍ ବୁଡ଼ାଇ ବିଶୁଦ୍ଧ ପାଣିରେ ଧୋଇ ରୋଷେଇ କଲେ ବିଷଥିବା ପରିବାରୁ ୬୦ ରୁ ୬୫ ଭାଗ ବିଷ ଧୋଇ ନଷ୍ଟ ହୋଇଥାଏ।

ସର୍ବୋପରି ସତେଜ ପନିପରିବାକୁ ଉପରୋକ୍ତ ଯେକୌଣସି ଉପଚାର କରିବା ପୂର୍ବରୁ ସର୍ବପ୍ରଥମେ ବିଶୁଦ୍ଧ ପାଣିରେ ଧୋଇ ଘରେ ମିଳୁଥିବା ଗ୍ରହଣ ଯୋଗ୍ୟ ରାସାୟନିକ ଦ୍ରବଣରେ କିଛି ସମୟ ଉପଚାର କରି ରୋଷେଇ କଲେ ଶରୀର ସୁସ୍ଥ ରହିବାରେ ସହାୟକ ହେବ।

–ଶୈଳଶ୍ରୀ ବିହାର,
ମୋ: ୯୫୫୬୨୬୬୦୮୫

# ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ଗ୍ରାମାଞ୍ଚଳରେ ନିର୍ମାଣାଧୀନ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମିର ନିର୍ମାଣ ସଂକ୍ରାନ୍ତରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମଙ୍ଗଳବାର ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର, ତାଲିମ ପ୍ରତିଷ୍ଠାନ, ଆବାସିକ ଗୃହ, ସଡ଼କ ନିର୍ମାଣ, ପାନୀୟଜଳ ଯୋଗାଣ ବ୍ୟବସ୍ଥା ସହ ସମ୍ପ୍ରସାରଣ କାର୍ଯ୍ୟ ମଧ ରହିଛି। ସମୀକ୍ଷା ସମୟରେ ଜଣାଯାଇଛି ଯେ, ଅଣଆବାସିକ କାର୍ଯ୍ୟ ବାବଦରେ ୩୯୭୬ଟି ପ୍ରକଳ୍ପ ଲାଗି ୩୬୬କୋଟି ୫୫ଲକ୍ଷ ୭୫ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେଥିମଧ୍ୟରୁ ୫୮୪ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୭୭୮ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅବଶିଷ୍ଟ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧା, ମୟୂରଭଞ୍ଜ ଓ କଟକ ଜିଲାରେ ୩୦ ଶଯ୍ୟାବିଶିଷ୍ଟ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ ସରି କାର୍ଯ୍ୟକ୍ଷମ ହୋଇଥିବା ବେଳେ ବାଲେଶ୍ୱର, ବରଗଡ଼ ଓ ଯାଜପୁର ଜିଲାରେ ଏହି ଧରଣର ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସେହିଭଳି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଲାଗି ୫୮ କୋଟି ୪୬ଲକ୍ଷ ଟଙ୍କା ବ୍ୟୟରେ ୩୦୦ କ୍ୱାର୍ଟର୍ସର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ପ୍ରକଳ୍ପଗୁଡ଼ିକ ଲାଗି ରାଜ୍ୟ ସରକାର ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରିଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମଧ ଅର୍ଥ ଯୋଗାଇ ଦିଆଯାଉଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଡା. ମୋନା ଶର୍ମା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅନ୍ୟ ଅଧିକାରୀମାନେ।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

## ୧୯ ଲକ୍ଷ ଟଙ୍କାର ହିସାବ ନ ଦେବାରୁ ପ୍ରଧାନଶିକ୍ଷକ ନିଲମ୍ବିତ

**କବିସୂର୍ଯ୍ୟନଗର,୨୫।୬**

ବିଦ୍ୟାଳୟର ଉନ୍ନତିମୂଳକ ଖର୍ଚ୍ଚ ପାଇଁ ଆସିଥିବା ୧୯ ଲକ୍ଷ ଟଙ୍କାର ହିସାବ ଦେଇ ନ ଥିବାରୁ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଗୌଡ଼ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଘବ ସେଠୀ ନିଲମ୍ବିତ ହୋଇଛନ୍ତି। ସ୍ଥାନୀୟ ବିଇଓ ନିରଞ୍ଜନ ମିଶ୍ର ତାଙ୍କୁ ନିଲମ୍ବନ କରିଛନ୍ତି। ସେଠୀ ୨୦୧୩–୨୦୧୭ ପର୍ଯ୍ୟନ୍ତ ଓସିଙ୍ଗି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ ଜୁଲାଇ ୧୮ ତାରିଖରେ ବଦଳି ହୋଇ ଏନଏସିସ୍ଥିତ ଗୌଡ଼ସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ। କିନ୍ତୁ ବଦଳି ପରେ ବି ଓସିଙ୍ଗି ସ୍କୁଲର ଯାବତୀୟ ଖର୍ଚ୍ଚର ହିସାବ, କ୍ୟାଶ୍‌ବୁକ, ପାସବୁକ ଆଦି ହସ୍ତାନ୍ତର କରିନଥିଲେ। ବିଦ୍ୟାଳୟ ମରାମତି, କୋଠା ନିର୍ମାଣ, ପାଇଖାନା, ରୋଷେଇ ଘର ଓ ମଧ୍ୟାହ୍ନ ଭୋଜନ ବାବଦକୁ ଆସିଥିବା ଅନୁଦାନ ଓ ଖର୍ଚ୍ଚ ହିସାବ ଦେଇ ନ ଥିବା ଜାଣି ବିଇଓ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ମାତ୍ର ଠିକ୍ ଉତ୍ତର ଦେଇପାରି ନ ଥିଲେ ପ୍ରଧାନଶିକ୍ଷକ। ଏଣୁ ତାଙ୍କୁ ନିଲମ୍ବନ କରାଗଲା ବୋଲି ବିଇଓ କହିଛନ୍ତି।

## ୯ ଜିଲାରେ ଶତ ପ୍ରତିଶତ ପାଇଖାନା ନିର୍ମାଣ ସରିଛି

**ଅଗଷ୍ଟ ଶେଷସୁଦ୍ଧା ବଳକା ଲକ୍ଷ୍ୟ ପୂରଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର, ୨୫।୬(ବ୍ୟୁରୋ):** ରାଜ୍ୟରେ ସ୍ୱଚ୍ଛତା ଏବଂ ପରିମଳର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଆରମ୍ଭ କରାଯାଇଥିବା ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ମିଶନ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ବର୍ତ୍ତମାନ ସୁଦ୍ଧା ୯ ଜିଲାରେ ଶତ ପ୍ରତିଶତ ପାଇଖାନା ନିର୍ମାଣ ସରିଛି। ୪ ଜିଲାରେ ହାରାହାରି୯୦ରୁ ୯୬ ପ୍ରତିଶତ ପର୍ଯ୍ୟନ୍ତ ଲକ୍ଷ୍ୟ ହାସଲ ହୋଇଛି। ୧୦ ଜିଲାରେ ହାରାହାରି ୮୪ପ୍ରତିଶତରୁ ଅଧିକ ପାଇଖାନା ନିର୍ମାଣ ସରିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏବଂ କେନ୍ଦ୍ରୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଶାସନ ସଚିବ ପରମେଶ୍ୱରନ ଆୟାରଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷାରୁ ଏହା ଜଣାପଡ଼ିଛି। ଜିଲାୱାରୀ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ କାର୍ଯ୍ୟ ପୂର୍ଣ୍ଣାଙ୍ଗ ନିମନ୍ତେ ପ୍ରତି ଜିଲା ପାଇଁ ସମୟସୀମା ନିର୍ଦ୍ଧାରଣ କରିଛନ୍ତି। ଜୁଲାଇ ୩୧ରୁ ଅଗଷ୍ଟ ଶେଷସୁଦ୍ଧା ଶତ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ଜିଲାଗୁଡିକୁ ଆଦିତ୍ୟ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ଭିଡ଼ିଓ କନ୍‌ଫେରେନ୍‌ସିଂ ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂ ତାଲିକା ଅନ୍ତର୍ଭୁକ୍ତ ଉଭୟ ପୁରୁଣା ଏବଂ ନୂଆ ପରିବାରଗୁଡିକୁ ଏହି ଅଭିଯାନରେ ସାମିଲ କରିବା ସମ୍ବନ୍ଧୀୟ ଆର୍ଥିକ ଓ ପ୍ରଶାସନିକ ବିଷୟ ଉପସ୍ଥାପନ କରିଛନ୍ତି। ରାଜ୍ୟରେ ସ୍ୱଚ୍ଛତା ଓ ପରିମଳର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଆରମ୍ଭ କରାଯାଇଥିବା ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଦ ମିଶନ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି।

## ଭିଜିଲାନ୍ସ ଜାଲରେ ଆଳି ଥାନା ଏଏସ୍ଆଇ

**ଆଳି,୨୫।୬ (ଡି.ଏନ୍.ଏ.):** ମାମଲା ରଫାଦଫା ପାଇଁ ଅଭିଯୁକ୍ତଙ୍କୁ ଲାଞ୍ଚମାଗିଫସିଛନ୍ତିଆଳିଥାନାଏଏସ୍ଆଇରଣେନ୍ଦ୍ରକୁମାରସାମଲ। ମଙ୍ଗଳବାର ମଧ୍ୟାହ୍ନରେ ଭିଜିଲାନ୍ସ ଟିମ୍ ଆଳି ଥାନାରେ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ରଣେନ୍ଦ୍ରଙ୍କୁ ଗିରଫ କରିଛନ୍ତି।

ପ୍ରକାଶ ଯେ, ଗତ ଏପ୍ରିଲରେ ଆଳି ଥାନା ଅଧୀନ ନିଆଳ ଗ୍ରାମର ବାନାମ୍ବର ଦାସ ଓ ସେହି ଗ୍ରାମର ସାବିତ୍ରୀ ସାମଲଙ୍କ ପରିବାର ମଧ୍ୟରେ ଟଙ୍କା ଦେଣନେଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ସାବିତ୍ରୀଙ୍କୁ ବାନାମ୍ବର ଆକ୍ରମଣ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ସାବିତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ୯୪/୧୯ ନଂ.ରେ ଏକ ମାମଲା ରୁଜୁ କରିବା ସହ ବାନାମ୍ବରଙ୍କୁ ଗିରଫ କରିଥିଲା। ଇତିମଧ୍ୟରେ ବାନାମ୍ବର ଜାମିନରେ ଆସିଥିବା ବେଳେ ତାଙ୍କ ନାମରେ ଲାଗିଥିବା ୩୦୭ ଦଫା ଉଠାଇ ଦେବା ପାଇଁ ଏଏସ୍ଆଇ ରଣେନ୍ଦ୍ର ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ବାନାମ୍ବର ଏହି ଟଙ୍କା ରଣେନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ତେବେ କୌଣସି ସୂତ୍ରରୁ ଖବରପାଇ ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁଙ୍କ ନେତୃତ୍ୱରେ ଏକ ଟିମ୍ ଆଳି ଥାନାରେ ପହଞ୍ଚି ରଣେନ୍ଦ୍ରଙ୍କୁ ଗିରଫ କରିବା ସହ ତାଙ୍କ ଡ୍ରୟାରରୁ ଉକ୍ତ ଟଙ୍କା ଜବତ କରିଥିଲେ। ଏଥିସହ ବାନାମ୍ବରଙ୍କ ନାମରେ ଚାଲିଥିବା କେସ୍‌ର ଫାଇଲ ମଧ ଏହି ଟିମ୍ ଜବତ କରିଥିବା ଜଣାପଡ଼ିଛି।

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 69.36 | 311.98 39,434.94 | 96.80 11,796.45 | ₹200 34,470.00 | ₹110 39,200.00 |



## ସଂକ୍ଷେପରେ

### ବ୍ୟାଙ୍କରେ କମିଛି ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଠକେଇ




**ନୂଆଦିଲ୍ଲୀ,୨୫-୬:** ବ୍ୟାଙ୍କରେ ୧ ଲକ୍ଷ ବା ତା'ଠାରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ପରିମାଣ ୨୦୧୬-୧୭ରୁ ହ୍ରାସ ପାଇଛି। ୨୦୧୬-୧୭ରେ କେବଳ ୨୫,୮୮୪ କୋଟି ଟଙ୍କାର ଏହି ପରିମାଣ ଠକେଇ ହୋଇଥିବା ଆର୍‌ବିଆଇ ନିକଟରେ ଅଭିଯୋଗ ହୋଇଛି। ତେବେ ଏହି ପରିମାଣ ୨୦୧୭-୧୮ରେ ହ୍ରାସ ପାଇ ୯୮୬୬ କୋଟି ଟଙ୍କା ଏବଂ ୨୦୧୮-୧୯ରେ ୬୭୩୫ କୋଟି ଟଙ୍କାକୁ କମିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ରାଜ୍ୟ ସଭାରେ କହିଛନ୍ତି। ସେ କହିଛନ୍ତି ଯେ, ବ୍ୟାଙ୍କ ଠକେଇକୁ ରୋକିବା ଲାଗି ସମନ୍ୱିତ ପଦକ୍ଷେପ ନିଆଯିବା ଦ୍ୱାରା ଏହା କ୍ରମାଗତ ହ୍ରାସ ପାଇଚାଲିଛି। ଏହି ଅବସରରେ ସେ କହିଛନ୍ତି ଯେ, ୩୧୫୪ ଜଣ ୱିଲ୍‌ଫୁଲ ଡିଫଲ୍ଟରଙ୍କ ବିରୋଧରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଏତଲା ଦାଏର ହୋଇଛି।

### ଏକାଧିକ ରାଜ୍ୟରେ ଅଫିସ ଥିଲେ ଦେବାକୁ ହେବ ଜିଏସ୍‌ଟି




**ନୂଆଦିଲ୍ଲୀ,୨୫-୬:** କୌଣସି କମ୍ପାନୀର ଏକାଧିକ ରାଜ୍ୟରେ ଅଫିସ ଥିଲେ ତାହା ଜିଏସ୍‌ଟି ଅଧୀନକୁ ଆସିବ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଅର୍ଥାତ୍ ଗୋଟିଏ ରାଜ୍ୟର ଅଫିସ୍‌ରୁ ଅନ୍ୟ ରାଜ୍ୟରେ ଥିବା ଅଫିସକୁ ଯୋଗାଯାଉଥିବା ସେବା ଉପରେ ଜିଏସ୍‌ଟି ଲାଗୁ ହେବ। ଜିଏସ୍‌ଟି କାଉନସିଲ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ଏକ ସର୍କୁଲାର ସରକାର ଖୁବ୍‌ଶୀଘ୍ର ଜାରି କରିବାକୁ ଯାଉଛନ୍ତି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ପୂର୍ବରୁ କର୍ନାଟକ ଅଥରିଟି ଫର୍ ଆଡଭାନ୍ସଡ ରୁଲିଂରେ ଏ ସମ୍ପର୍କରେ କୁହାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ହ୍ୟୁମାନ ରିସୋର୍ସେସ୍ ଓ ପେରୋଲ୍ ଭଳି ଇନ୍-ହାଉସ କାର୍ଯ୍ୟକଳାପ ଯଦି ଗୋଟିଏ ରାଜ୍ୟର ଏକ ସେଣ୍ଟରରୁ ଅନ୍ୟ ରାଜ୍ୟର ଅଫିସ ଲାଗି କରାଯାଏ, ତେବେ ଏହା ଉପରେ ଜିଏସ୍‌ଟି ଆଦାୟ କରାଯିବ। ଏଥିଲାଗି ଇନ୍‌ଭଏସ ଜାରି କରିବାକୁ ହେବ। ଉଦ୍ୟୋଗ ଜଗତ ପକ୍ଷରୁ ଏକାଧିକ ରାଜ୍ୟରେ ଥିବା ଅଫିସ ପାଇଁ ଜିଏସ୍‌ଟି ସ୍ଥିତି ସ୍ପଷ୍ଟ କରିବାକୁ ପୂର୍ବରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ସାଧାରଣତଃ ପଚାରା ଯାଇଥିବା ପ୍ରଶ୍ନ ଛଳରେ ଏହି ସର୍କୁଲାରକୁ ଜାରି କରାଯାଇଛି।

### ୧୯ କମ୍ପାନୀ ବନ୍ଦ କରିବାକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୫-୬:** କେନ୍ଦ୍ର ସରକାର କ୍ଷତିରେ ଚାଲୁଥିବା ୧୯ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କୁ ବନ୍ଦ କରିବାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବନ୍ଦ ହେବାକୁ ଥିବା କମ୍ପାନୀଗୁଡ଼ିକର ତାଲିକା ମଧ ଜାରି କରାଯାଇସାରିଛି। ଏ ସମ୍ପର୍କରେ ଲୋକ ସଭାରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କଂଗ୍ରେସ ସାଂସଦ ଅଦୁର ପ୍ରକାଶଙ୍କ ପ୍ରଶ୍ନର ଉତ୍ତର ଦେଇ ଭାରି ଉଦ୍ୟୋଗ ମନ୍ତ୍ରୀ ଅରବିନ୍ଦ ଗଣପତ୍ ସାୱନ୍ତ କହିଥିଲେ ଯେ, ଏଚ୍‌ଏମ୍‌ଟି, ହିନ୍ଦୁସ୍ତାନ କେବଲ୍ସ, ଇଣ୍ଡିଆନ ଡ୍ରଗ୍ସ ଭଳି ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ଦୀର୍ଘଦିନ ହେବ କ୍ଷତିରେ ଚାଲୁଛି। ଏଗୁଡ଼ିକୁ ବିକ୍ରି କରିଦେବାକୁ ସରକାର ଅନୁମୋଦନ କରିସାରିଛନ୍ତି। ଅନ୍ୟପକ୍ଷରେ ଭାରି ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ତୁଙ୍ଗଭଦ୍ରା ଷ୍ଟିଲ୍ ପ୍ରଡକ୍ଟ ଲିମିଟେଡ, ଏଚ୍‌ଏମ୍‌ଟି ୱାଚେଜ ଲିମିଟେଡ, ଏଚ୍‌ଏମ୍‌ଟି ଚିନାର ୱାଚେଜ ଲିମିଟେଡ, ଏଚ୍‌ଏମ୍‌ଟି ବିୟରିଙ୍ଗ୍‌ସ ଲିମିଟେଡ, ହିନ୍ଦୁସ୍ତାନ କେବୁଲ୍ସ ଲିମିଟେଡ, ଏଚ୍‌ଏମ୍‌ଟି ଲିମିଟେଡର ଟ୍ରାକ୍ଟର ୟୁନିଟ ଏବଂ ଇନ୍‌ଷ୍ଟ୍ରୁମେଣ୍ଟେଶନ ଲିମିଟେଡର କୋଟା ୟୁନିଟ, କେନ୍ଦ୍ରୀୟ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ନିଗମ ଲିମିଟେଡ, ଇଣ୍ଡିଆନ ଡ୍ରଗ୍ସ, ରାଜସ୍ଥାନ ଡ୍ରଗ୍ସ ଆଣ୍ଡ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ, ଆଇଓସିଏଲ୍ କେଡା ବାୟୋଫ୍ୟୁଏଲ ଲିମିଟେଡ, କ୍ରେଡା ଏଚ୍‌ପିସିଏଲ୍ ବାୟୋଫ୍ୟୁଏଲ ଲିମିଟେଡ, ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହ ବନ ଓ ବୃକ୍ଷରୋପଣ ବିକାଶ ନିଗମ ଲିମିଟେଡ, ପୋର୍ଟ ବ୍ଲେୟାର , ଭାରତ ୱାଗନ ଆଣ୍ଡ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ, ବର୍ନ ଷ୍ଟାଣ୍ଡାର୍ଡ କମ୍ପାନୀ ଲିମିଟେଡ ଆଦିକୁ ବିକ୍ରି କରାଯିବ। ତେବେ ସେଲ୍, ଏଚ୍‌ପିଏଲ୍ ଏବଂ ହିନ୍ଦୁସ୍ତାନ କର୍ପୋରେଶନ ଲିମିଟେଡ ଭଳି ୨୫ କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରକାଶ କରିଛନ୍ତି।

---

କୋଏମ୍ବାଟୋରରେ ଏକ ଷ୍ଟୋର ଖୋଲିବା ଲାଗି ଅର୍ବାନ ଲାଡର ଯୋଜନା କରିଛି। ଏହି ସହରର ଉଚ୍ଚ ଐତିହ୍ୟ ପ୍ରତି ତାଙ୍କର ଆସକ୍ତି କାରଣରୁ ସେ ଏଠାରେ ଷ୍ଟୋର ଖୋଲୁଛନ୍ତି।
**– ଆଶିଷ ଗୋଏଲ, ସହ ପ୍ରତିଷ୍ଠାତା, ଅର୍ବାନ ଲାଡର**



ଭାରତର ସାମଗ୍ରୀ ଓ ସେବା ରପ୍ତାନି ବୃଦ୍ଧି ସମ୍ଭାବନା ଯଥେଷ୍ଟ ରହିଛି। ଲଜିଷ୍ଟିକ୍ସରେ ଉନ୍ନତି ସହ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ଏ ଦିଗରେ ସହାୟକ ହେବ।
**– ଗଣେଶ କୁମାର ଗୁପ୍ତା, ଏଫ୍‌ଆଇଇଓ ପ୍ରେସିଡେଣ୍ଟ**



# କର୍ମଚାରୀଙ୍କ ଭଳି ସୁବିଧା ପାଇବେ ଘରୋଇ ସହାୟକ

ନୂଆଦିଲ୍ଲୀ,୨୫-୬

- ଆସିବ ଜାତୀୟ ନୀତି
- ଉପକୃତ ହେବେ ୫୦ଲକ୍ଷ ଘରୋଇ ସହାୟକ
- ନ୍ୟାଶନାଲ ପଲିସି ଫର୍ ଡୋମେଷ୍ଟିକ୍ ୱାର୍କର୍ସରେ ସୁପାରିସ କରାଯାଇଥିଲା
- ଇଏସ୍‌ଆଇ, ଇପିଏଫ୍, ସବେତନ ଛୁଟି, ମାତୃତ୍ୱ ଛୁଟି ଆଦି ସୁବିଧା ମିଳିବ
- ୟୁନିୟନ ଗଠନ ପାଇଁ ମିଳିବ ଅନୁମତି



ମୋଦି ସରକାର ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ପରିଚାରିକା/ପରିଚାରକ, ଡ୍ରାଇଭରଙ୍କ ଭଳି କର୍ମଚାରୀଙ୍କ ପାଇଁ ଏକ ଜାତୀୟ ନୀତି ଆଣିବେ। କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ମଙ୍ଗଳବାର ଏ ସମ୍ପର୍କରେ ସଂସଦରେ ସୂଚନା ଦେଇଛନ୍ତି। ସରକାରଙ୍କ ନୂଆ ପଲିସି ଦ୍ୱାରା ପ୍ରାୟ ୫୦ ଲକ୍ଷ ଲୋକଙ୍କୁ ଫାଇଦା ମିଳିବ। ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ସହାୟକମାନଙ୍କୁ ସହାୟତା କରିବା ସରକାରଙ୍କ ଉଦ୍ଦେଶ୍ୟ ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସରକାର ଯେଉଁ ନୀତି ଆଣିବାକୁ ଯାଉଛନ୍ତି, ତାହାଦ୍ୱାରା ପରିଚାରିକା/ପରିଚାରକ, ଡ୍ରାଇଭର ଆଦିଙ୍କ ପାଇଁ ସୁଦିନ ଆସୁଛି। ସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ଭଳି ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ମିଳିବ। ସେମାନଙ୍କୁ ଇଏସ୍‌ଆଇ, ଇପିଏଫ୍, ସବେତନ ଛୁଟି, ମାତୃତ୍ୱ ଛୁଟି ଭଳି ସୁବିଧା ସବୁକୁ ଉପଲବ୍ଧ କରାଯିବ। ଉଲ୍ଲେଖ କରାଯାଇପାରେ ଯେ, ୨୦୧୫ରେ ସର୍ବପ୍ରଥମେ 'ନ୍ୟାଶନାଲ ପଲିସି ଫର୍ ଡୋମେଷ୍ଟିକ୍ ୱର୍କର୍ସ' ଶୀର୍ଷକ ଏକ ରିପୋର୍ଟ ଆସିଥିଲା। ଏଥିରେ ଘରୋଇ ସହାୟକମାନଙ୍କୁ ସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ଭଳି ସମସ୍ତ ସୁବିଧା ପ୍ରଦାନ କରିବାକୁ ସୁପାରିସ୍ କରାଯାଇଥିଲା। ଏହି ନୀତି ଲାଗୁ ହେବା ପରେ ମାଲିକଙ୍କ ପକ୍ଷରୁ ଘରୋଇ ପରିଚାରକ, ଡ୍ରାଇଭରଙ୍କୁ ଅଧିକ ଦରମା ଦେବାକୁ ପଡିବ ଏବଂ ଦସ୍ତାବେଜ୍ ପ୍ରସ୍ତୁତ କରିବାକୁ ହେବ। ଏଣୁ ଗତ ୪ ବର୍ଷ ହେଲା ଏହାକୁ ସମସ୍ତ ଆଡୁ ବିରୋଧ କରାଯାଇଥିଲା। ଏହି କାରଣରୁ ସରକାର ଏହି ପ୍ରସ୍ତାବକୁ ଲାଗୁ କରିପାରୁ ନ ଥିଲେ। ଗଙ୍ଗୱାର କହିଛନ୍ତି ଯେ, ଘରୋଇ ସହାୟକଙ୍କ ପାଇଁ ଏକ ଜାତୀୟ ନୀତି ଫର୍ମାଟ୍ ପ୍ରସ୍ତୁତ ହୋଇସାରିଛି। ଏହା ବର୍ତ୍ତମାନ ବିଚାରାଧୀନ ରହିଛି। ସେମାନଙ୍କୁ ରେଜିଷ୍ଟ୍ରେଶନ କରାଯିବା ସହ ବୈଧ କର୍ମଚାରୀ ଭାବେ ସମସ୍ତ ଅଧିକାର ଦିଆଯିବ। ଏଥିସହିତ ଘରୋଇ ସହାୟକମାନଙ୍କୁ ନିଜସ୍ୱ ସଂଗଠନ ଏବଂ ୟୁନିୟନ ଗଠନ କରିବାକୁ ଅଧିକାର ମିଳିବ। ଏହାଦ୍ୱାରା ସହାୟକ, ଡ୍ରାଇଭରଙ୍କୁ ସର୍ବନିମ୍ନ ବେତନ ଅଧିକାର, ସାମାଜିକ ସୁରକ୍ଷା ଯୋଜନାର ଲାଭ ହାସଲ କରିବା ତଥା ଦୁର୍ବ୍ୟବହାର, ନିର୍ଯାତନା, ହିଂସା ଆଦିଠାରୁ ସେମାନଙ୍କୁ ସୁରକ୍ଷା ମିଳିବ। ପ୍ରସ୍ତାବରେ କୁହାଯାଇଛି ଯେ, ଘରୋଇ ସହାୟକଙ୍କୁ ନିଯୁକ୍ତି ପ୍ରଦାନ ନେଇ ଗଠିତ ହେବାକୁ ଥିବା ପ୍ଲେସମେଣ୍ଟ ଏଜେନ୍ସିଙ୍କୁ ନିୟନ୍ତ୍ରିତ କରାଯିବ। ସେମାନଙ୍କୁ ଅଦାଲତ ତଥା ଟ୍ରିବ୍ୟୁନାଲ ସେବାର ଲାଭ ଯେପରି ମିଳିବ ସେ ଦିଗରେ ସୁବିଧା ପ୍ରଦାନ କରାଯିବ। ଏହାଛଡ଼ା ଘରୋଇ ସହାୟକଙ୍କ ଦକ୍ଷତା ମଧ ବୃଦ୍ଧି ପାଇ ପଦକ୍ଷେପ ନିଆଯିବ। ସୂଚନାଥାଉ କି, ବର୍ତ୍ତମାନ ଦେଶରେ ଘରୋଇ ସହାୟକଙ୍କ ଲାଗି କୌଣସି ନିୟମକାନୁନ ନାହିଁ। ଲୋକେ ନିଜ ଇଚ୍ଛାରେ ମାଲିକଙ୍କ ଘରେ କାମ କରିଥାନ୍ତି। ତାଙ୍କର ବେତନ, ଛୁଟି ଆଦି ମାଲିକଙ୍କ ମର୍ଜିରେ ଚାଲେ ଅଥବା ପାରସ୍ପରିକ ବୁଝାମଣାରେ ହୋଇଥାଏ।

# ଜଗତ୍‌ସିଂହପୁରରେ ହେବ ପ୍ଲାଷ୍ଟିକ ପାର୍କ

ନୂଆଦିଲ୍ଲୀ,୨୫-୬

- ଲୋକ ସଭାରେ କେନ୍ଦ୍ର ରସାୟନ ମନ୍ତ୍ରୀଙ୍କ ସୂଚନା
- ଜଗତ୍‌ସିଂହପୁର ବାଦ ଦେଶର ଆଉ ୩ ସ୍ଥାନ ଚୂଡ଼ାନ୍ତ
- ଡାଉନଷ୍ଟ୍ରିମ ପ୍ରକ୍ରିୟାକରଣ ଶିଳ୍ପର ଭାଲ୍ୟୁ ସଂଯୋଗକୁ ଗୁରୁତ୍ୱ

୨୦୧୯-୨୦ ଆର୍ଥିକ ବର୍ଷରେ ଓଡ଼ିଶାର ଜଗତସିଂହପୁରରେ ଏକ ପ୍ଲାଷ୍ଟିକ ପାର୍କ ସ୍ଥାପନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ପ୍ରସ୍ତାବିତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ,ପରିବେଶ ମଞ୍ଜୁରୀ ସମେତ ଅନ୍ୟ ଆବଶ୍ୟକ ପ୍ରସଙ୍ଗ ଉପରେ ରାଜ୍ୟ ସରକାରଗୁଡିକ ସମସ୍ତ ବୈଧାନିକ ଅନୁମୋଦନ ଦାୟିତ୍ୱରେ ରହିବେ। ମଙ୍ଗଳବାର ଲୋକ ସଭାରେ ଏକ ଲିଖିତ ଉତ୍ତର ଯୋଗେ କେନ୍ଦ୍ର ସାର ଏବଂ ରସାୟନ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା ଏହି ସୂଚନା ଦେଇଛନ୍ତି। ଜଗତ୍‌ସିଂହପୁର ବାଦ ପ୍ରାଥମିକ ପର୍ଯ୍ୟାୟରେ ଦେଶର ଅନ୍ୟ ୩ ସ୍ଥାନରେ ଏଭଳି ପାର୍କ ସ୍ଥାପନ ନେଇ ଯୋଜନା ଧାର୍ଯ୍ୟ ହୋଇଥିବା ଗୌଡା କହିଛନ୍ତି। ଏହି ସ୍ଥାନଗୁଡିକ ମଧ୍ୟରେ ଆସାମର ତିନ୍‌ସୁକିଆ ଜିଲା, ମଧ୍ୟପ୍ରଦେଶର ରାଇସେନ ଏବଂ ତାମିଲନାଡୁର ଥିରୁଭଲୁର ରହିଛି।

ଦେଶ ମଧ୍ୟରେ ଥିବା ଡାଉନଷ୍ଟ୍ରିମ ପ୍ଲାଷ୍ଟିକ ପ୍ରକ୍ରିୟାକରଣ ଶିଳ୍ପର ଭାଲ୍ୟୁ ସଂଯୋଗୀକରଣ, ପଲିମର ବ୍ୟବହାର କ୍ଷମତା ବୃଦ୍ଧି ଏବଂ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପ ସଂସ୍ଥାଗୁଡିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ଗୌଡା କହିଛନ୍ତି। ସେହିଭଳି ଉକ୍ତ କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଏବଂ ଉନ୍ନତୀକରଣ ପଦକ୍ଷେପ, ଉତ୍ପାଦନ କ୍ଷମତା, ନିବେଶ ବୃଦ୍ଧି ନେଇ ପଦକ୍ଷେପ, ଭିତ୍ତିଭୂମିରେ ଉନ୍ନତୀକରଣ ଏବଂ ରପ୍ତାନି ତ୍ୱରାନ୍ୱିତ ଲାଗି ଭାଲ୍ୟୁ ସଂଯୋଗକରଣ ସହ ଅନ୍ୟାନ୍ୟ ସୁବିଧା ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିବା ଗୌଡା ସ୍ପଷ୍ଟ କରିଛନ୍ତି। ଏହାବାଦ ବର୍ଜ୍ୟବସ୍ତୁ ପରିଚାଳନା ଏବଂ କ୍ଲଷ୍ଟର ବିକାଶ ଲାଗି ପଦକ୍ଷେପ ସହ ପରିବେଶ ଉପଯୋଗୀ ଅଭିବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଝାଡଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ହରିୟାଣା, ଗୁଜରାଟ, ଛତିଶଗଡ, ପଞ୍ଜାବ, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ମଣିପୁର, ଜମ୍ମୁ-କଶ୍ମୀର ଏବଂ ରାଜସ୍ଥାନଠାରେ ଏହି ପାର୍କ ସ୍ଥାପନ ପାଇଁ ପ୍ରସ୍ତାବ ମିଳିଥିଲା। ଆବଶ୍ୟକ ଯୋଗ୍ୟତା ଏବଂ ଡିପିଆର୍‌ଏସ୍ ସମାପ୍ତି ଆଧାରରେ ଝାଡଖଣ୍ଡର ଦେଓଘର ଏବଂ ମଧ୍ୟପ୍ରଦେଶର ବିଲାଉଆଠାରେ ୨୦୧୮-୧୯ରେ ଦୁଇଟି ପ୍ଲାଷ୍ଟିକ ପାର୍କ ସ୍ଥାପନ ନେଇ ଚୂଡାନ୍ତ ମଞ୍ଜୁରୀ ଦିଆଯାଇଥିଲା।

# 'ଗଭର୍ନର, ଡେପୁଟି ଗଭର୍ନର ଚୟନ କଲେଜିୟମ୍ ଦ୍ୱାରା ହେଉ'

ମୁମ୍ବାଇ,୨୫-୬

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ଏବଂ ଡେପୁଟି ଗଭର୍ନରଙ୍କ ଚୟନ ବିଶେଷଜ୍ଞଙ୍କୁ ନେଇ ଗଠିତ କଲେଜିୟମ୍ ଦ୍ୱାରା କରାଯିବା ଆବଶ୍ୟକ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କର୍ମଚାରୀ ୟୁନିୟନ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଏନେଇ ୟୁନିୟନ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏହାଦ୍ୱାରା ଆର୍‌ବିଆଇର ସ୍ୱାଧୀନତା କାଏମ ରହିପାରିବ ବୋଲି ବିବୃତିରେ କୁହାଯାଇଛି। ସୂଚନାଥାଉ କି, ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ଅଚାନକ ଇସ୍ତଫା ପରେ କେନ୍ଦ୍ରୀୟ ବ୍ୟାଙ୍କରେ କେନ୍ଦ୍ର ସରକାରଙ୍କ ଅଯଥା ହସ୍ତକ୍ଷେପକୁ ନେଇ ସ୍ୱର ଉଠିବା ଆରମ୍ଭ ହେଲାଣି। ଆଚାର୍ଯ୍ୟ ଅପରିହାର୍ଯ୍ୟ କାରଣ ଦର୍ଶାଇ ଜୁଲାଇ ୨୩ରୁ ଆଉ କାର୍ଯ୍ୟ କରିପାରିବେ ନାହିଁ ବୋଲି ଆର୍‌ବିଆଇକୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି। ରିଜର୍ଭ ବ୍ୟାଙ୍କର ଆଇନର ଧାରା ୮ ଅନୁଯାୟୀ ଗଭର୍ନର ଏବଂ ଡେପୁଟି ଗଭର୍ନରଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିଥାନ୍ତି। କର୍ମଚାରୀ ୟୁନିୟନ ପକ୍ଷରୁ କୁହାଯାଇଛି ଯେ, ଏଭଳି ସମ୍ବେଦନଶୀଳ ତଥା ମହତ୍ତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ନିଷ୍ପତ୍ତି କେତେକ ଅଧିକାରୀଙ୍କ ଦ୍ୱାରା ନିଆଯିବା ଉଚିତ ନୁହେଁ। କେନ୍ଦ୍ର ଅର୍ଥମନ୍ତ୍ରୀ ମଧ ଏଥିରେ ହସ୍ତକ୍ଷେପ କରିବା ଅନୁଚିତ। ଏଭଳି ନିଯୁକ୍ତି ବିଶେଷଜ୍ଞଙ୍କୁ ନେଇ ଗଠିତ କଲେଜିୟମ୍ ଦ୍ୱାରା ହେବା ଆବଶ୍ୟକ। ଏହି କଲେଜିୟମରେ କେନ୍ଦ୍ରୀୟ ବ୍ୟାଙ୍କର ପୂର୍ବତନ ଗଭର୍ନର, ଅନ୍ୟ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କର ଓ ଅର୍ଥନୀତିଜ୍ଞଙ୍କୁ ସାମିଲ କରାଯିବା ଉଚିତ। କଲେଜିୟମ ହିଁ ଜଣେ ଗଭର୍ନର, ଡେପୁଟି ଗଭର୍ନରଙ୍କ କ୍ଷମତା, ଦକ୍ଷତା, ଜ୍ଞାନ ଓ ଅଭିଜ୍ଞତାକୁ ଆକଳନ କରିପାରିବେ ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି।

## ଏଣିକି ବ୍ୟାଙ୍କ ବିରୋଧରେ ଅଭିଯୋଗ ଶୁଣିବ ଆର୍‌ବିଆଇ




ସାଧାରଣତଃ ବ୍ୟାଙ୍କ ବିରୋଧରେ ଗ୍ରାହକଙ୍କ ବହୁ ଅଭିଯୋଗ ଥାଏ। କିନ୍ତୁ ସୂଚନା ଅଭାବରେ ସେମାନେ ସମ୍ପୃକ୍ତ ବ୍ୟାଙ୍କ ବିରୋଧରେ ଅଭିଯୋଗ କରିପାରନ୍ତି ନାହିଁ। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏଭଳି ଏକ ଆପ୍ ଅଣାଯାଇଛି, ଯାହାଦ୍ୱାରା ଗ୍ରାହକ ସିଧାସଳଖ ଅଭିଯୋଗ କରିପାରିବେ। କେନ୍ଦ୍ରୀୟ ବ୍ୟାଙ୍କର ୱେବ୍‌ସାଇଟରେ ଅଭିଯୋଗ ପରିଚାଳନା ବ୍ୟବସ୍ଥା(କମ୍ପ୍ଲେଣ୍ଟ୍ ମ୍ୟାନେଜମେଣ୍ଟ ସିଷ୍ଟମ ବା ସିଏମ୍‌ଏସ୍) ଆରମ୍ଭ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ୟାଙ୍କ ବିରୋଧରେ ଅଭିଯୋଗର ଶୁଣାଣି କରି ସମାଧାନ ମାଧ୍ୟମରେ ଗ୍ରାହକଙ୍କ ମନ ଜିଣିବାକୁ ଆର୍‌ବିଆଇ ପ୍ରୟାସ କରିବ। ଜଣେ ଗ୍ରାହକ ସିଏମ୍‌ଏସ୍‌ରେ ଯେକୌଣସି ବାଣିଜ୍ୟିକ,ସହଯୋଗୀ ବ୍ୟାଙ୍କ ତଥା ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି) ବିରୋଧରେ ଅନ୍‌ଲାଇନରେ ଅଭିଯୋଗ କରିପାରିବେ। ଏହି ଅଭିଯୋଗକୁ ସମ୍ପୃକ୍ତ ଲୋକପାଳ ଅଥବା ଆର୍‌ବିଆଇର ଆଞ୍ଚଳିକ ଅଫିସକୁ ପଠାଇ ଦିଆଯିବ। ଏହାଛଡ଼ା ଆର୍‌ବିଆଇ ପକ୍ଷର ଖୁବ୍‌ଶୀଘ୍ର ଏକ ଡେଡିକେଟେଡ ଇଣ୍ଟରାକ୍ଟିଭ ଭଏସ୍ ରେସ୍‌ପନ୍ସ(ଆଇଭିଆର୍) ଲାଗୁ କରାଯିବ। ଏହାଦ୍ୱାରା ଅଭିଯୋଗ ସମାଧାନର ଷ୍ଟାଟସ୍ ଜାଣିହେବ। ସିଏମ୍‌ଏସ୍‌କୁ ଲଞ୍ଚ୍ କରି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଅଭିଯୋଗଗୁଡ଼ିକୁ ତୁରନ୍ତ ତଥା ପ୍ରଭାବୀଢଙ୍ଗରେ ସମାଧାନ କରାଯିବା ଦ୍ୱାରା ବ୍ୟାଙ୍କଗୁଡ଼ିକ ପ୍ରତି ଗ୍ରାହକଙ୍କ ବିଶ୍ୱାସ କାଏମ ରଖାଯାଇପାରିବ।

# ବର୍ଷକ ଭିତରେ ଆସିବ ନୂଆ ଇ-କମର୍ସ ପଲିସି

ନୂଆଦିଲ୍ଲୀ,୨୫-୬

କେନ୍ଦ୍ର ସରକାର ଆସନ୍ତା ଏକବର୍ଷ ଭିତରେ ନୂଆ ରାଷ୍ଟ୍ରୀୟ ଇ-ବାଣିଜ୍ୟ (ଇ-କମର୍ସ) ନୀତି ଜାରି କରିବେ। ଏହାଦ୍ୱାରା ଇଣ୍ଟରନେଟ୍ ଜରିଆରେ ଅନ୍‌ଲାଇନରେ ହେଉଥିବା କାରବାରର ସମଗ୍ର ବିକାଶ ହୋଇପାରିବ ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଇ-ବାଣିଜ୍ୟ କମ୍ପାନୀଙ୍କ ସହ କ୍ରମାଗତ ଦୁଇଦିନ ଧରି ହେଉଥିବା ଆଲୋଚନା କାଳରେ କେନ୍ଦ୍ରମନ୍ତ୍ରୀ ଉକ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପୂର୍ବରୁ କେନ୍ଦ୍ର ସରକାର ଚଳିତବର୍ଷ ଫେବୃଆରୀରେ ରାଷ୍ଟ୍ରୀୟ ଇ-କମର୍ସ ନୀତି ଚିଠା ଘୋଷଣା କରିଥିଲେ। ସୀମାପାର ତଥ୍ୟ ପ୍ରବାହକୁ ରୋକିବା, କଟକଣା ଜାରି କରିବା ଭଳି ବିବାଦୀୟ ପ୍ରସଙ୍ଗଗୁଡ଼ିକ ଏଥିରେ ସ୍ଥାନିତ ହୋଇଥିଲା। ଯାହାକୁ ଇ-କମର୍ସ କମ୍ପାନୀଗୁଡ଼ିକ ବିରୋଧ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉଦ୍ୟୋଗ ସମ୍ପର୍କିତ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ବିଭାଗ(ଡିପିଆଇଆଇଟି) ଅନ୍ତର୍ଗତରେ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯିବ। ଏହି କମିଟି ପ୍ରତ୍ୟକ୍ଷ ବିଦେଶୀ ନିବେଶ ଏବଂ ଇ-ବାଣିଜ୍ୟ ନୀତିର ଚିଠାକୁ ନେଇ ସମ୍ପୃକ୍ତ ପକ୍ଷଙ୍କ ଅଭିଯୋଗର ସମାଧାନ କରିବେ।

# ସଫଳ ଛାତ୍ରୀଛାତ୍ରଙ୍କୁ ନେଇ ଆପ୍ଟିପ୍ଲସର ସେମିନାର



ଭୁବନେଶ୍ୱର,୨୫-୬(ବ୍ୟୁରୋ)

୨୦୧୮ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଥିବା ଏହାର ଛାତ୍ରୀଛାତ୍ରଙ୍କୁ ଆପ୍ଟିପ୍ଲସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ଏବଂ ଏଥି ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଲାଗି ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ରମାଦେବୀ ବିଶ୍ୱବିଦ୍ୟାଳୟ ଅଡିଟୋରିୟମଠାରେ ଏକ ସେମିନାର ଆୟୋଜନ କରାଯାଇଥିଲା। ଏଥିରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଶାସନିକ ସେବା ଅଧିକାରୀଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସେମାନଙ୍କ ପ୍ରଶ୍ନ ରଖିଥିବା ବେଳେ ସଫଳ ଛାତ୍ରୀଛାତ୍ର ଆଇଏଏସ୍ ପ୍ରସ୍ତୁତି ନେଇ ବିଭିନ୍ନ କୌଶଳ ଉପରେ ନିଜର ମତ ରଖିଥିଲେ। ଛାତ୍ରୀଛାତ୍ରଙ୍କୁ ଆଇଏଏସ୍ ପ୍ରସ୍ତୁତି ଦିଗରେ ବିଭିନ୍ନ ପଦକ୍ଷେପ ପ୍ରତିଷ୍ଠାନ ପକ୍ଷରୁ ଜାରି ରହିବ ବୋଲି ଆପ୍ଟିପ୍ଲସର ନିର୍ଦ୍ଦେଶକ ଡ. ସୁସିଜିତ ସାହୁ ସୂଚନା ଦେଇଛନ୍ତି। ୨୦୧୮ ଆଇଏଏସ୍ ପରୀକ୍ଷାରେ ଆପ୍ଟିପ୍ଲସର ମୋଟ ୪୧ ଜଣ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ମାଣିକ ଘୋଷ ୩୧ତମ ସ୍ଥାନରେ ରହିଥିବା ବେଳେ ରାହୁଲ ଜୈନ ୮୭ତମ, ସାୱନ କୁମାର ୮୯ତମ, କେ. ସଜଳ ୨୮୪ ଏବଂ ସୋମାଲିନ ଶୁଭଦର୍ଶିନୀ ୪୮୭ତମ ସ୍ଥାନରେ ରହିଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

## ଭାରତର ଚାପ ଆଗରେ ମୁଣ୍ଡ ନୁଆଁଇଲା ଆଣ୍ଟିଗୁଆ

# ପ୍ରତ୍ୟର୍ପିତ ହେବେ ମେହୁଲ ଚୋକ୍‌ସି

ନୂଆଦିଲ୍ଲୀ,୨୫-୬

- ନାଗରିକତ୍ୱ ରଦ୍ଦ ହେବ
- ଆଇନଗତ ରାସ୍ତା ବନ୍ଦ ପରେ ପ୍ରତ୍ୟର୍ପଣ
- ଆଣ୍ଟିଗୁଆର ପଦକ୍ଷେପ ପରେ ଭାରତ ପକ୍ଷରୁ ପ୍ରତ୍ୟର୍ପଣ କାର୍ଯ୍ୟାନୁଷ୍ଠାନ
- ପ୍ରତିକ୍ରିୟା ଦେବାରୁ ଦୂରେଇଲେ ବୈଦେଶିକ ମନ୍ତ୍ରୀ



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ଆଣ୍ଟିଗୁଆରୁ ପ୍ରତ୍ୟର୍ପିତ ହେବେ। ଆଣ୍ଟିଗୁଆ-ବାରବୁଡା ପ୍ରଧାନମନ୍ତ୍ରୀ ଗେଷ୍ଟନ ବ୍ରାଉନ କହିଛନ୍ତି ଯେ, ଚୋକ୍‌ସିଙ୍କ ନାଗରିକତ୍ୱକୁ ରଦ୍ଦ କରାଯିବ ଓ ତାଙ୍କୁ ଭାରତ ପଠାଯିବ। ତାଙ୍କ ଭଳି ଜଣେ ଆର୍ଥିକ ଅପରାଧୀଙ୍କୁ ଆଣ୍ଟିଗୁଆ ସୁରକ୍ଷା ଦେବ ନାହିଁ। ତେବେ ସରକାର ସମ୍ପୂର୍ଣ୍ଣ ଆଇନଗତ ପ୍ରକ୍ରିୟା ପାଳନ କରୁଛନ୍ତି। ଅପରାଧୀଙ୍କର ମଧ ମୌଳିକ ଅଧିକାର ରହିଛି। ଚୋକ୍‌ସିଙ୍କ ମାମଲା ଏବେ ଅଦାଲତରେ ରହିଛି। ତାଙ୍କୁ ମିଳିଥିବା ସମସ୍ତ ଆଇନଗତ ବିକଳ୍ପ ଶେଷ ହୋଇଯିବା ପରେ ଆଣ୍ଟିଗୁଆ ପକ୍ଷରୁ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯିବ। ଭାରତକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି ବୋଲି ବ୍ରାଉନ୍ କହିଛନ୍ତି। ଭାରତ ପକ୍ଷରୁ ଚୋକ୍‌ସିଙ୍କ ପ୍ରତ୍ୟର୍ପଣକୁ ନେଇ ଆଣ୍ଟିଗୁଆ ଉପରେ କ୍ରମାଗତ ଚାପ ସୃଷ୍ଟି କରାଯାଇଛି ବୋଲି ସେ ସ୍ୱୀକାର କରିଛନ୍ତି। କ୍ୟାରିବିୟାନ ଦେଶର ଏହି ନିଷ୍ପତ୍ତି ଯୋଗୁ ଚୋକ୍‌ସିଙ୍କ ବଞ୍ଚିବାର ସବୁ ରାସ୍ତା ବନ୍ଦ ହୋଇଯାଇଛି।

ସ୍ଥାନୀୟ ଖବରକାଗଜ ଆଣ୍ଟିଗୁଆ ଅବ୍‌ଜରଭରରେ ବ୍ରାଉନଙ୍କ ମନ୍ତବ୍ୟ ପ୍ରକାଶ ପାଇବା ସତ୍ତ୍ୱେ ଭାରତ ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି ଯେ, ଚୋକ୍‌ସିଙ୍କ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଖବର ନାହିଁ। ଏଣୁ ସେ ଏ ସଂକ୍ରାନ୍ତରେ ମନ୍ତବ୍ୟ ଦେଇପାରିବେ ନାହିଁ। ସୂଚନାଯୋଗ୍ୟ ଯେ, ଚୋକ୍‌ସିଙ୍କ ପ୍ରତ୍ୟର୍ପଣ ଲାଗି ଭାରତ କ୍ରମାଗତ ପ୍ରୟାସ ଜାରି ରଖିଛି। ସେ ଅସୁସ୍ଥ ଥିବା ନେଇ ବମ୍ବେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେ ଭାରତ ଆସିପାରିବେ ନାହିଁ ବୋଲି ଚୋକ୍‌ସି ତାଙ୍କ ସତ୍ୟପାଠରେ ଦର୍ଶାଇଥିଲେ। ତେବେ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଭାରତକୁ ଆଣିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆଣ୍ଟିଗୁଆ ସରକାରଙ୍କ ଦ୍ୱାରା ପଳାତକ ଭାରତୀୟ ହୀରା ବ୍ୟବସାୟୀଙ୍କ ନାଗରିକତ୍ୱ ରଦ୍ଦ କରିବା ପ୍ରକ୍ରିୟାକୁ ଭାରତ ଅପେକ୍ଷା କରିଛି। ଏହାପରେ ହିଁ ଭାରତ ପକ୍ଷରୁ ଔପଚାରିକ ଭାବେ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ କରାଯିବ। ଆସନ୍ତା ମାସରେ ଆଣ୍ଟିଗୁଆର ଏକ କୋର୍ଟରେ ଚୋକ୍‌ସିଙ୍କ ମାମଲାର ଶୁଣାଣି ହେବ। ସେ ସମୟ ପର୍ଯ୍ୟନ୍ତ ତାଙ୍କୁ ନେଇ ସ୍ଥିତି ସ୍ପଷ୍ଟ ହୋଇଯିବ। ସିଟିଜେନଶିପ୍ ବାଏ ଇନ୍‌ଭେଷ୍ଟମେଣ୍ଟ ପ୍ରୋଗ୍ରାମ(ସିଆଇପି) ଅଧୀନରେ ଚୋକ୍‌ସି ୨୦୧୮ ଜାନୁୟାରୀରୁ ନାଗରିକତ୍ୱ ନେଇ ଆଣ୍ଟିଗୁଆ-ବାର୍‌ବୁଡାରେ ବସବାସ କରୁଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଭଣଜା ତଥା ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ସହ ମିଶି ଚୋକ୍‌ସି ପିଏନ୍‌ବିରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ମହାଦୁର୍ନୀତି କରି ବିଦେଶ ଫେରାର ହୋଇଯାଇଥିଲେ। ବିଭିନ୍ନ ଦେଶରେ ଲୁଚି ବୁଲିବା ପରେ ଶେଷରେ ସେ ଆଣ୍ଟିଗୁଆରେ ରହୁଛନ୍ତି।




ସାପୋର୍‌ଜୀ ପାଲୋନ୍‌ଜୀ ଗ୍ରୁପ ପକ୍ଷରୁ ଫନୀ ପ୍ରଭାବିତଙ୍କ ସହାୟତା ପାଇଁ ୫୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଗୋପାଳପୁର ବନ୍ଦରର ନିର୍ଦ୍ଦେଶକ ତଥା ସିଇଓ ସନ୍ଦୀପ ଅଗ୍ରୱାଲ ଏବଂ ଏଭିପି ଜଗଦୀଶ ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ନେଇ ଚେକ୍ ପ୍ରଦାନ କରିଥିଲେ।




କୋଟାକ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ଫନୀ ପ୍ରଭାବିତଙ୍କ ସହାୟତା ଲାଗି ୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବ୍ୟାଙ୍କର ଅଧିକାରୀମାନେ ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଛନ୍ତି।

# ଇଂଲଣ୍ଡକୁ ହରାଇ ସେମିରେ ଅଷ୍ଟ୍ରେଲିଆ

ଲଣ୍ଡନ, ୨୫ା୬ (ପି.ଟି.)

ଅଧିନାୟକ ଆରୋନ ଫିଞ୍ଚଙ୍କ ଶତକ ଓ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ମଙ୍ଗଳବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଆୟୋଜକ ଇଂଲଣ୍ଡକୁ ୬୪ ରନରେ ପରାସ୍ତ କରିଛି। ଏଥିସହିତ ଗତ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ବିଶ୍ୱକପ୍‌ର ୩୨ତମ ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ଉଇକେଟ ହରାଇ ୨୮୫ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୪୪.୪ ଓଭରରେ ୨୨୧ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଛି। ଏଥିସହ ଅଷ୍ଟ୍ରେଲିଆ ୭ଟି ମ୍ୟାଚ୍ ଖେଳି ୬ ବିଜୟ ଓ ଗୋଟିଏ ପରାଜୟ ସହ ୧୨ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡକୁ ହଟାଇ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି। ଅନ୍ୟପଟେ ଇଂଲଣ୍ଡ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ପୂର୍ବପରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଫଳରେ ଫେଭରାଇଟ କୁହାଯାଉଥିବା ଇଂଲଣ୍ଡର ସେମିଫାଇନାଲ ଆଶା ଏବେ କଷ୍ଟକର ପରିସ୍ଥିତିକୁ ଯାଇଛି।

ଶତକୀୟ ଇନିଂସ ଖେଳିଥିବା ଫିଞ୍ଚ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୮୬ରନ ଚ୍ୟାଲେଞ୍ଜିଂ ଟାର୍ଗେଟରେ ପିଛା କରି ଇଂଲଣ୍ଡ ୫୩ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମିଡଲଅର୍ଡର ବ୍ୟାଟ୍ସମ୍ୟାନ ବେନ୍ ଷ୍ଟୋକ୍ସ ଏକା ଲଢେଇ କରିଥିଲେ। ସେ ୧୧୫ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୨ ଛକା ସହ ୮୯ ରନକରି ମିଚେଲ ଷ୍ଟାର୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ବାକି ସବୁ ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଜନୀ ବେୟାରଷ୍ଟୋ ୨୭, କ୍ରିସ୍ ୱୋକ୍ସ ୨୬, ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ୨୫, ଆଦିଲ ରସିଦ ୨୫ ରନ କରିଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଓପନର ଜେମ୍ସ ଭିନ୍ସ ଖାତା ଖୋଲି ପାରି ନ ଥିବା ବେଳେ ଜୋ ରୁଟ ୮, ଅଧିନାୟକ ଇଅନ ମୋର୍ଗାନ ୪, ମୋଇନ ଅଲି ୬, ଜୋଫ୍ରା ଆର୍ଚର ୧ ରନ କରି ଆଉଟ ହୋଇଥିବା ବେଳେ ମାର୍କ ଉଡ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜାସନ ବେହେରନଡୋର୍ଫ ସର୍ବାଧିକ ୫, ମିଚେଲ ଷ୍ଟାର୍କ ୪, ମାର୍କସ ଷ୍ଟୋଇନିସ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଆରୋନ୍ ଫିଞ୍ଚ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚଙ୍କ ଶତକ ବଳରେ ଜବରଦସ୍ତ ଆରମ୍ଭ କରିଥିଲେ ମଧ୍ୟ ମିଡଲ ଅର୍ଡରରେ ବ୍ୟାଟ୍ସମ୍ୟାନ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଫଳରେ ଦଳର ସ୍କୋର ତିନି ଶହ ରନ ପାର କରି ନ ଥିଲା। ଇଂଲଣ୍ଡ ବୋଲରମାନେ ପ୍ରତ୍ୟାବର୍ତ୍ତନ କରି ପ୍ରଭାବୀ ପ୍ରଦର୍ଶନ କରିବା ସହ ଅଷ୍ଟ୍ରେଲିଆକୁ ଏହି ସୁଯୋଗ ଦେଇ ନ ଥିଲେ। ଦୁଇ ଓପନର ଫିଞ୍ଚ୍ ଓ ଡେଭିଡ ୱାର୍ନରଙ୍କ ପରେ ଅନ୍ୟ ବ୍ୟାଟ୍ସମ୍ୟାନ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୨୩ ଓଭର ଶେଷ ହେବା ପୂର୍ବରୁ ୧୨୩ ରନ ସଂଗ୍ରହ କରି ନେଇଥିଲେ। ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ପଞ୍ଚମଥର ପାଇଁ ଏହି ଯୋଡି ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ତେବେ ୱାର୍ନର ୬୧ଟି ବଲ ଖେଳି ୬ ଚୌକା ସହ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ସ୍ପିନର ମୋଇନ ଅଲିଙ୍କ ବଲ୍‌ରେ ଜୋ ରୁଟଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୨୩ ରନ କରିଥିବା ବେଳେ ଉସମାନ ଖ୍ୱାଜା ବେନ୍ ଷ୍ଟୋକ୍ସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ଶତକ ହାସଲ କରିବାର ଠିକ୍ ପରେ ଫିଞ୍ଚ୍ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଫାଇନ ଲେଗ୍‌ରେ କ୍ରିସ୍ ୱୋକ୍ସଙ୍କ କ୍ୟାଚ୍ ଦେଇଥିଲେ। ୧୧୬ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୨ ଛକା ସହ ଫିଞ୍ଚ୍ ୧୦୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ୧୫ ରନରେ ଫିଞ୍ଚ୍ ଏକ ଜୀବନଦାନ ପାଇଥିଲେ ଓ ଏହାର ଫାଇଦା ଉଠାଇଥିଲେ। ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ମାତ୍ର ୩୮ ରନକରି ୱୋକ୍ସଙ୍କ ବଲ୍‌ରେ ଆର୍ଚରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଗ୍ଲେନ୍ ମ୍ୟାକ୍ସୱେଲ ୮ ବଲରୁ ୧ ଚୌକା, ୧ ଛକା ସହ ୧୨ ରନକରି ମାର୍କ ଉଡଙ୍କ ବଲ୍‌ରେ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇଥିଲେ। ମାର୍କସ ଷ୍ଟୋଇନିସ୍ ୮ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ମ୍ୟାକ୍ସୱେଲ ଓ ଷ୍ଟୋଇନିସ୍ ଆଉଟ ହେବା ପରେ ରନ ସଂଗ୍ରହ ଗତି ଧିମେଇଯାଇଥିଲା। ପ୍ୟାଟ କମିନ୍ସ ୧ ରନ କରିଥିବା ବେଳେ ୱୋକ୍ସଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ମିଚେଲ ଷ୍ଟାର୍କ ୪ ରନ କରି ଅପରାଜିତ ରହିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେ ୨୭ ବଲରୁ ୫ ଚୌକା ସହ ୩୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ୱୋକ୍ସ ୨, ଆର୍ଚର, ଉଡ୍, ଷ୍ଟୋକ୍ସ, ମୋଇନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| ନ୍ୟୁଜିଲାଣ୍ଡ | ୬ | ୫ | ୦ | ୦ | ୧ | ୧୧ | +୧.୩୦୬ |
| **ଭାରତ** | **୫** | **୪** | **୦** | **୦** | **୧** | **୯** | **+୦.୮୦୯** |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ପାକିସ୍ତାନ | ୬ | ୨ | ୩ | ୦ | ୧ | ୫ | -୧.୨୬୫ |
| ୱେଷ୍ଟଇଣ୍ଡିଜ | ୬ | ୧ | ୪ | ୦ | ୧ | ୩ | +୦.୧୯୦ |
| ଦକ୍ଷିଣ ଆଫ୍ରିକା | ୭ | ୧ | ୫ | ୦ | ୧ | ୩ | -୦.୩୨୪ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | -୧.୬୩୪ |

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୫୦ ଓଭରରେ ୨୮୫/୭ (ଫିଞ୍ଚ୍- ୧୦୦, ୱାର୍ନର- ୫୩, ସ୍ମିଥ୍- ୩୮, କାରେ- ୩୮*, ଖ୍ୱାଜା- ୨୩, ୱୋକ୍ସ- ୨/୪୬, ଆର୍ଚର- ୧/୫୬, ଉଡ- ୧/୫୯, ଷ୍ଟୋକ୍ସ- ୧/୨୯, ମୋଇନ- ୧/୪୨)। ଇଂଲଣ୍ଡ ୪୪.୪ ଓଭରରେ ୨୨୧ ଅଲଆଉଟ୍ (ଷ୍ଟୋକ୍ସ- ୮୯, ବେୟାରଷ୍ଟୋ- ୨୭, ୱୋକ୍ସ- ୨୬, ବଟଲର- ୨୫, ରସିଦ- ୨୫, ବେହେରନଡୋର୍ଫ- ୫/୪୪, ଷ୍ଟାର୍କ- ୪/୪୩, ଷ୍ଟୋଇନିସ- ୧/୨୯)।

# ଆଜି ପାକିସ୍ତାନକୁ ଭେଟିବ ନ୍ୟୁଜିଲାଣ୍ଡ

ବର୍ମିଂହାମ,୨୫ା୬(ପି.ଟି.)

ଚଳିତ ବିଶ୍ୱକପ୍‌ରେ କେତୋଟି ଶକ୍ତିଶାଳୀ ଦଳର ପରାଜୟ ପରେ ଏବେ ଟୁର୍ଣ୍ଣାମେଣ୍ଟ ପୂରା ଖୋଲା ଯାଇଛି। ଅର୍ଥାତ ପଏଣ୍ଟ ତାଲିକାର ନିମ୍ନରେ ଥିବା କେତୋଟି ଦଳ ପାଇଁ ସେମିଫାଇନାଲ ସୁଯୋଗ ସୃଷ୍ଟି ହୋଇଛି। ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇବା ପରେ ପାକିସ୍ତାନ ଲାଗି ସେମିଫାଇନାଲର କ୍ଷୀଣ ଆଶା ସୃଷ୍ଟି ହୋଇଛି। ତେବେ ପ୍ରଥମେ ପାକିସ୍ତାନକୁ ତା'ର ବାକିଥିବା ସବୁ ୩ଟି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। କେବଳ ସେତିକ ନୁହଁ ସେମିଫାଇନାଲରେ ପହଞ୍ଚିବାକୁ ହେଲେ ପାକିସ୍ତାନକୁ ଅନ୍ୟ ମ୍ୟାଚ୍‌ର ଫଳାଫଳ ଉପରେ ମଧ୍ୟ ନିର୍ଭର କରିବାକୁ ପଡିବ। ବୁଧବାର ପାକିସ୍ତାନ ବିଶ୍ୱକପ୍‌ର ୩୩ତମ ମ୍ୟାଚ୍‌ରେ ଅପରାଜେୟ ଥିବା ନ୍ୟୁଜିଲାଣ୍ଡକୁ ଭେଟିବ। ପାକିସ୍ତାନ ସମ୍ମୁଖରେ ଏବେ ନିଶ୍ଚିତ ବିଜୟ ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ପାକିସ୍ତାନ ଏହି ମ୍ୟାଚରେ ପରାସ୍ତ ହୁଏ ତାହେଲ ସେମି ଦୌଡ଼ରୁ ବାଦ୍ ପଡିବ। ତେଣୁ ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ପାକିସ୍ତାନ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇଁ ତାଲିକାର ସପ୍ତମ ସ୍ଥାନରେ ରହିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି।

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ପରାସ୍ତ ହେବା ପରେ ପାକିସ୍ତାନ ଦଳ ସବୁ ମହଲରୁ କଡ଼ା ସମାଲୋଚନାର ଶିକାର ହୋଇଥିଲା। ତେବେ ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୪୯ ରନରେ ପରାସ୍ତ କରିବା ପରେ ପାକିସ୍ତାନ ପୁଣି ଥରେ ଟ୍ରାକ୍‌କୁ ଫେରିବା ସହ ସମାଲୋଚକଙ୍କୁ ଚୁପ୍ କରାଇବାରେ ସମର୍ଥ ହୋଇଛି। ତାରକା ଦ୍ରୁତ ବୋଲର ମହମ୍ମଦ ଅମୀର ଏପର୍ଯ୍ୟନ୍ତ ୧୫ଟି ଉଇକେଟ ହାସଲ କରି ଟୁର୍ଣ୍ଣାମେଣ୍ଟର ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ତେବେ ଦଳରେ ଅନ୍ୟ ବୋଲରମାନେ ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିନାହାନ୍ତି। ଫଳରେ ପାକିସ୍ତାନର ପ୍ରଦର୍ଶନ ଆଶାନୁରୂପ ହୋଇ ପାରିନାହିଁ। ଦଳର ବ୍ୟାଟିଂ ଲାଇନ ମଧ୍ୟ ସଫଳ ହୋଇ ପାରିନାହିଁ। ତେବେ ପ୍ରଥମ ମ୍ୟାଚ୍‌ରୁ ବାଦ୍ ପଡିବା ପରେ ହାରିସ ସୋହେଲ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରତ୍ୟାବର୍ତ୍ତନ କରି ୫୯ ବଲରୁ ୮୯ ରନର ଦ୍ରୁତ ଇନିଂସ ଖେଳି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପାକିସ୍ତାନ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୦୮/୭ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଶଦାବ ଖାଁ ଓ ୱାହାବ ରିୟାଜ ୩ଟି ଲେଖାଏ ଓ ଅମୀର ୨ଟି ଉଇକେଟ ଅକ୍ତିଆର କରିଥିଲେ। ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ପାକିସ୍ତାନର ଫିଲ୍ଡିଂ ନିମ୍ନମାନର ଥିଲା ବୋଲି ଅଧିନାୟକ ସର୍ଫରାଜ ଏହାକୁ ସ୍ୱୀକାର କରିଛନ୍ତି।



### ଆଜିର ମ୍ୟାଚ୍
ପାକିସ୍ତାନ
ବନାମ
ନ୍ୟୁଜିଲାଣ୍ଡ

ସ୍ଥାନ
ବର୍ମିଂହାମ
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭାରତ ସପକ୍ଷରେ ରେକର୍ଡ

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଚଳିତ ଆଇସିସି ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ମ୍ୟାଚ୍ ବିନା ଫଳାଫଳ ସହ ମୋଟ୍ ୯ ପଏଣ୍ଟ ପାଇ ଟେବୁଲ ତାଲିକାର ୩ୟ ସ୍ଥାନରେ ରହିଛି। ବିରାଟ ବାହିନୀ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଦୁଇଥରର ବିଶ୍ୱ ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ଓଲ୍ଡ ଟ୍ରାଫୋର୍ଡରେ ଗୁରୁବାର ଭେଟିବ। ବିଶ୍ୱକପ୍ ଇତିହାସରେ ଦୁଇ ଦଳ ମଧ୍ୟରେ ଏହା ୯ମ ମ୍ୟାଚ୍ ହେବ। ପୂର୍ବରୁ ଅନୁଷ୍ଠିତ ୧୧ ସଂସ୍କରଣରେ ଉଭୟ ଦଳ ପରସ୍ପର ବିପକ୍ଷରେ ୮ ମ୍ୟାଚ୍ ଖେଳିଥିବାବେଳେ ସେଥିମଧ୍ୟରୁ ଭାରତ ୫ ମ୍ୟାଚ୍‌ରେ ବାଜିମାତ୍ କରିଥିବାବେଳେ ୩ ମ୍ୟାଚ୍‌ରେ ପରାଜୟର ସ୍ୱାଦ ଚାଖିଛି। ଅନ୍ତିମ ୩ ମୁକାବିଲାରେ ଭାରତ ବିଜୟୀ ହୋଇଛି। ଭାରତର ବିଜୟ ପ୍ରତିଶତ ୬୨.୫ ରହିଛି। ତେଣୁ ରେକର୍ଡକୁ ନଜର ପକାଇଲେ ଭାରତ ମ୍ୟାଚ୍‌ରେ ଫେଭରାଇଟ୍ ରହିଛି। କିନ୍ତୁ ଇଂଲଣ୍ଡ ବିପକ୍ଷ ଗତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଦଳ ଯେଉଁଭଳି ଅବିଶ୍ୱସନୀୟ ବ୍ୟାଟିଂ ପ୍ରଦର୍ଶନ କରିଛି ତାହାକୁ ନଜର ପକାଇଲେ ମେନ୍ ଇନ୍ ବ୍ଲୁ ପାଇଁ ଏହି ମ୍ୟାଚ୍ ସେତେଟା ସହଜ ହେବ ନାହିଁ। ଦୁଇ ଦଳ ମଧ୍ୟରେ ବିଶ୍ୱକପ୍‌ରେ ଖେଳାଯାଇଥିବା ପୂର୍ବ ୮ ମ୍ୟାଚ୍ ଉପରେ ସଂକ୍ଷିପ୍ତ ନଜର...



## ୱେଷ୍ଟଇଣ୍ଡିଜ ବିଜୟୀ (୧୯୭୯)

ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପର ୨ୟ ସଂସ୍କରଣ ଅର୍ଥାତ ୧୯୭୯ରେ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ପରସ୍ପର ବିପକ୍ଷରେ ପ୍ରଥମ ଥର ପାଇଁ ଖେଳିଥିଲେ। ସେତେବେଳେ ପ୍ରୁଡେନ୍ସିଆଲ କପ୍ ଭାବେ ପରିଚିତ ଏହି ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ୱେଷ୍ଟଇଣ୍ଡିଜ। ୬୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ଦ୍ରୁତ ବୋଲିଂ ବାହିନୀକୁ ମୁକାବିଲା କରି ନ ପାରି ଭାରତ ୧୯୦ ରନ (୫୩.୧ ଓଭର)ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଗୁଣ୍ଡାପ୍ପା ବିଶ୍ୱନାଥ ସର୍ବାଧିକ ୭୫ ରନ କରିଥିବାବେଳେ ସୁନୀଲ ଗାଭାସ୍କର (୮), ଦିଲୀପ୍ ଭେଙ୍ଗସରକାର (୭), ମହିନ୍ଦର ଅମରନାଥ (୮) ଓ କପିଳ ଦେବ (୧୨) ପ୍ରମୁଖ ବିଫଳ ହୋଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ମାଇକେଲ ହୋଲ୍ଡିଂ ସର୍ବାଧିକ (୪ ଉଇକେଟ୍) କ୍ଷତି ଘଟାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଓପନର୍ ଗର୍ଡନ ଗ୍ରେନିଡେ (୧୦୬)ଙ୍କ ଅପରାଜିତ ଶତକ ବଳରେ ୫୧.୩ ଓଭରରେ ମାତ୍ର ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ଭାରତ:୨, ୱେଷ୍ଟଇଣ୍ଡିଜ:୧ (୧୯୮୩)

ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ର ୩ୟ ସଂସ୍କରଣରେ ଫାଇନାଲକୁ ମିଶାଇ ଭାରତ ଓ ୱେଷ୍ଟଇଣ୍ଡିଜ ପରସ୍ପରକୁ ୩ଥର ଭେଟିଥିଲେ। ଏଥିରେ ଭାରତ ଲିଗ୍‌ରେ ୩୪ ଓ ଫାଇନାଲରେ ୪୩ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ପ୍ରଥମଥର ଲାଗି ବିଶ୍ୱବିଜେତା ମୁକୁଟ ପିନ୍ଧିଥିଲା। ସେହିଭଳି ଗ୍ରୁପ୍ ପର୍ଯ୍ୟାୟର ଅନ୍ୟ ଏକ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୬୬ ରନରେ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍ ପ୍ରଥମେ ବ୍ୟାଟିଂ କରି ଭାରତ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ (୩୮), ସନ୍ଦୀପ ପାଟିଲ (୨୭), ଅମରନାଥ (୨୬)ଙ୍କ ଉପଯୋଗୀ ଇନିଂସ ବଳରେ ୫୪.୪ ଓଭରରେ ୧୮୩ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ଅମରନାଥ (୩/୧୨) ଓ ମଦନ ଲାଲ (୩/୩୧)ଙ୍କ ବୋଲିଂକୁ ଉଚିତ୍ ମୁକାବିଲା କରି ନ ପାରି ୧୪୦ରେ ସୀମିତ ରହିଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଅମରନାଥ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।





## ୱେଷ୍ଟଇଣ୍ଡିଜ ବିଜୟୀ (୧୯୯୨)

୧୯୯୨ ବିଶ୍ୱକପ୍‌ରେ ଟସ୍ ଜିତି ଭାରତ ମହମ୍ମଦ ଆଝାରୁଦ୍ଦିନ (୬୦), କ୍ରିଷ୍ଣମାଚାରୀ ଶ୍ରୀକାନ୍ତ (୪୧), ଅଜୟ ଜାଡେଜା (୨୭)ଙ୍କ ଇନିଂସ ବଳରେ ୪୯.୪ ଓଭରରେ ୧୯୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ସଚିନ ତେନ୍ଦୁଲକର (୪) ଓ କପିଳ ଦେବ (୩) ବିଫଳ ହୋଇଥିଲେ। ଆଣ୍ଡରସନ କମିନ୍ସ ୪ ଉଇକେଟ୍ ନେଇଥିଲେ। ଏହାପରେ ବର୍ଷା ହୋଇଥିବାବେଳେ ୱେଷ୍ଟଇଣ୍ଡିଜ ଡି/ଏଲ୍ ପଦ୍ଧତିରେ ମ୍ୟାଚ୍‌କୁ ୫ ଉଇକେଟ୍‌ରେ ଜିତି ନେଇଥିଲା।

## ସଚିନ ଜିତାଇଲେ (୧୯୯୬)

ଏହି ବିଶ୍ୱକପ୍‌ର ଗ୍ରୁପ୍-ଏ'ରେ ଏକ ମ୍ୟାଚରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୧୭୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଅନିଲ କୁମ୍ବଲେ ଓ ମନୋଜ ପ୍ରଭାକର ୩ଟି ଲେଖାଏ ଓ ଜାଭାଗଲ ଶ୍ରୀନାଥ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ସଚିନ ତେନ୍ଦୁଲକର (୭୦), ଆଝାରୁଦ୍ଦିନ (୩୨) ଓ ବିନୋଦ କାମ୍ବଲୀ (୩୩*)ଙ୍କ ଇନିଂସ ବଳରେ ଭାରତ ୩୯.୪ ଓଭରରେ ୫ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ସଚିନ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।



## ଭାରତ ୪ ଉଇକେଟ୍‌ରେ ବିଜୟୀ (୨୦୧୫)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ମିଳିତ ଭାବେ ଅନୁଷ୍ଠିତ ବିଶ୍ୱକପ୍‌ର ଏକାଦଶ ସଂସ୍କରଣରେ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ପରସ୍ପରକୁ ଶେଷଥର ପାଇଁ ଭେଟିଥିଲେ। ମ୍ୟାଚ୍‌ରେ ଭାରତର ବୋଲିଂକୁ ମୁକାବିଲା କରି ନ ପାରି ୱେଷ୍ଟଇଣ୍ଡିଜ ୧୮୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଧୋନୀଙ୍କ ଅପରାଜିତ ୪୫ ରନରେ ବଳରେ ଭାରତ ଏହି ମ୍ୟାଚ୍‌କୁ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଭାବୀ ବୋଲିଂ ଲାଗି ମହମ୍ମଦ ସାମି (୩/୩୫)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



## ଭାରତ ୮୦ ରନରେ ବିଜୟୀ (୨୦୧୧)

୨୦୧୧ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତ ଏକ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୮୦ ରନରେ ପରାସ୍ତ କରିଥିଲା। ଯୁବରାଜ ସିଂ (୧୧୩)ଙ୍କ ଦମ୍‌ଦାର ଶତକ ବଳରେ ଭାରତ ୪୯.୧ ଓଭରରେ ୨୬୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ରାମପଲ ସର୍ବାଧିକ ୫ ଉଇକେଟ୍ ନେଇଥିଲେ। ଜବାବରେ ଡ୍ୱେନ ସ୍ମିଥଙ୍କ ୮୧ ରନ ସତ୍ତ୍ୱେ କାରବୀୟ ଦଳ ୧୮୮ ରନରେ ସୀମିତ ରହିଥିଲା। ଜାହିର ଖାଁ ଏବଂ ଯୁବରାଜ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଯୁବରାଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ।



## ସଂକ୍ଷେପରେ

### ମହିଳା ଫିଫା ବିଶ୍ୱକପ୍: କ୍ୱାର୍ଟରରେ ଆମେରିକା, ସ୍ୱିଡେନ



**ପ୍ୟାରିସ,୨୫।୬(ଏଏଫ୍‌ପି):** ଚଳିତ ମହିଳା ଫିଫା ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଓ ସ୍ୱିଡେନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମେଗାନ ରାପିନୋଙ୍କ ଡବଲ ପେନାଲ୍ଟି ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ୨-୧ ଗୋଲରେ ସ୍ପେନକୁ ପରାସ୍ତ କରିଛି। ମ୍ୟାଚ୍‌ର ୫ମ ମିନିଟ୍‌ରେ ସ୍ପେନ ଦଳର ଗୋଲପୋଷ୍ଟ ଅଞ୍ଚଳରେ ମାରିଆ ଲେଓନ ଟ୍ୟାକେଲ କରି ଆମେରିକୀୟ ଖେଳାଳି ଟବିନ ହେଥଙ୍କୁ ତଳେ ପକାଇ ଦେଇଥିଲେ। ଫଳରେ ରେଫରି ସ୍ପେନକୁ ପେନାଲ୍ଟି ଦେଇଥିଲେ, ଯାହାକୁ ରୋପିନା ଗୋଲରେ ପରିଣତ କରିଥିଲେ। ଜବାବରେ ସ୍ପେନ ପକ୍ଷରୁ ଜେନିଫର ହରମସୋ ଗୋଲ ଦେଇ ମ୍ୟାଚ୍‌କୁ ସମାନ କରିଥିଲେ। ଆମେରିକାକୁ ୧୫ତମ ମିନିଟ୍‌ରେ ମିଳିଥିବା ଦ୍ୱିତୀୟ ପେନାଲ୍ଟିକୁ ରୋପିନ ଗୋଲ କରିଥିଲେ। ଅନ୍ୟପକ୍ଷରେ ଗୋଲକିପର ହେଡ୍‌ଭିଗ ଲିଣ୍ଡଲଙ୍କ ଚମତ୍କାର ସେଭ ଯୋଗୁ ସ୍ୱିଡେନ ୧-୦ ଗୋଲରେ ୫ମ ର୍ୟାଙ୍କଧାରୀ କାନାଡାକୁ ହରାଇ ଦେଇଛି। ଦଳ ପାଇଁ ଷ୍ଟିନା ବ୍ଲାକଷ୍ଟେନିସଙ୍କ ଗୋଲ ସ୍କୋର କରିଥିଲେ। କ୍ୱାର୍ଟର ଫାଇନାଲରେ ଆମେରିକା ଓ ସ୍ୱିଡେନ ଯଥାକ୍ରମେ ଆୟୋଜକ ଫ୍ରାନ୍ସ ଓ ଜର୍ମାନୀ ସହ ଖେଳିବ।

# ନେଟ୍ସକୁ ଫେରିଲେ ଭୁବନେଶ୍ୱର

**ମାଞ୍ଚେଷ୍ଟର, ୨୫।୬**

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ଭାରତୀୟ ଦଳ ଗୁରୁବାର ଦୁଇଥର ବିଶ୍ୱ ଚାମ୍ପିୟନ ୱେଷ୍ଟଇଣ୍ଡିଜ୍‌କୁ ଭେଟିବାକୁ ଯାଉଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ପାଇଁ ଏକ ଖୁସି ଖବର ଆସିଛି। ଦଳର ପ୍ରମୁଖ ଷ୍ଟ୍ରାଇକ ବୋଲର ଭୁବନେଶ୍ୱର କୁମାର (ଭୁବି) ଆଘାତଜନିତ ସମସ୍ୟାରୁ ମୁକୁଳି ମଙ୍ଗଳବାର ନେଟ୍ସ ସେସନରେ ଯୋଗ ଦେଇଛନ୍ତି। ଗତ ୧୬ରେ ପାକିସ୍ତାନ ବିପକ୍ଷ ହାଇଭୋଲଟେଜ୍ ମ୍ୟାଚ୍ ଅବସରରେ ବୋଲିଂ କରୁଥିବାବେଳେ ଭୁବି ଆଘାତ ପାଇଥିଲେ। ଫଳରେ ସେହି ମ୍ୟାଚ୍‌ରେ ମାତ୍ର ୨.୪ ଓଭର ବୋଲିଂ କରି ସେ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବଦଳ ଖେଳାଳି ଭାବେ ମହମ୍ମଦ ସାମି ଆଫଗାନିସ୍ତାନ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବାବେଳେ ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରି ବିରଳ କ୍ଲବରେ ସ୍ଥାନ ପାଇଥିଲେ। ଭୁବନେଶ୍ୱର ଠିକ୍ ସମୟରେ ସୁସ୍ଥ ହୋଇ ନ ପାରିବେ ସେହି ସନ୍ଦେହରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଦିଲ୍ଲୀର ନବଦୀପ୍ ସାଇନ୍‌ଙ୍କୁ ନେଟ୍ସ ବୋଲର ଭାବେ ଦଳ ସହ ଯୋଗଦେବାକୁ ସୋମବାର କୁହାଯାଇଥିଲା। ତେବେ ଏହାର ଗୋଟିଏ ଦିନ ପରେ ବିସିସିଆଇ ଏହାର ଟୁଇଟର୍ ଆକାଉଣ୍ଟରେ ଭୁବନେଶ୍ୱର କୁମାର ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଇନ୍‌ଡୋର ଷ୍ଟାଡିୟମରେ ବୋଲିଂ କରୁଥିବାର ଭିଡିଓ ପୋଷ୍ଟ କରିଛି। ଫଳରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍ ପୂର୍ବରୁ ଭୁବିଙ୍କ ଖେଳିବା ନେଇ ଦେଖାଦେଇଥିବା ସନ୍ଦେହ ଏବେ ଦୂର ହୋଇଛି। ଭାରତ ବର୍ତ୍ତମାନ ୫ ମ୍ୟାଚ୍‌ରୁ ୪ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଟେବୁଲ ତାଲିକାର ୩ୟ ସ୍ଥାନରେ ରହିଛି।



ଫିଜିଓ ପ୍ୟାଟ୍ରିକ୍ ଫରହାଟ୍‌ଙ୍କ ସହ ଭୁବନେଶ୍ୱର କୁମାର।

## ବାଙ୍ଗରଙ୍କ ପୁଅକୁ ଟିପ୍ସ ଦେଲେ ଅରୁଣ

ଭାରତୀୟ କ୍ରିକେଟ ଦଳର ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନଙ୍କୁ ଟିପ୍ସ ଦେଇଛନ୍ତି ଟିମ୍ ଇଣ୍ଡିଆ ବୋଲିଂ କୋଚ୍ ଭରତ ଅରୁଣ। ମଙ୍ଗଳବାର ଏଠାରେ ବିରାଟ କୋହଲି ଏଣ୍ଡ୍‌କୋ'ର ଅତିରିକ୍ତ ଅଭ୍ୟାସ ସେସନ ପରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ୧୮ ବର୍ଷୀୟ ଆର୍ଯ୍ୟନ ହେଉଛନ୍ତି ସଞ୍ଜୟ ବାଙ୍ଗରଙ୍କ ଜ୍ୟେଷ୍ଠ ପୁତ୍ର। ବର୍ତ୍ତମାନ ସେ ଇଂଲଣ୍ଡରେ ଲିସେଷ୍ଟରଶାୟାର ଦଳ ତରଫରୁ କାଉଣ୍ଟି କ୍ରିକେଟ ଖେଳୁଛନ୍ତି। ସେ ପ୍ରଥମତଃ ଜଣେ ଟପ୍ ଅର୍ଡର ବାମହାତୀ ବ୍ୟାଟ୍ସମ୍ୟାନ। ସେ ସ୍ପିନ ବୋଲିଂ ମଧ୍ୟ କରିପାରନ୍ତି। ଆର୍ଯ୍ୟନ ବୋଲିଂ କରୁଥିବା ବେଳେ ଅରୁଣ ଏବଂ ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧର ୨୦ ମିନିଟ୍‌ରୁ ଅଧିକ ସମୟ ଧରି ତାଙ୍କ ଉପରେ ନଜର ରଖିଥିଲେ। ସେସନ ପରେ ଅରୁଣ ଆର୍ଯ୍ୟନଙ୍କୁ କିଛି ଟିପ୍ସ ଦେଇଥିଲେ। ସିନିୟର ବାଙ୍ଗର କିଛି ଦୂରରେ ରହି ଏ ସବୁ ନିରୀକ୍ଷଣ କରୁଥିଲେ। ମୁମ୍ବାଇସ୍ଥିତ ରିଜ୍‌ଭି କଲେଜର ପ୍ରଥମ ଶ୍ରେଣୀ ଛାତ୍ର ଦକ୍ଷତା ବୃଦ୍ଧି ଏବଂ ଅଭିଜ୍ଞତା ହାସଲ କରିବା ଲାଗି ୨ମାସ ପାଇଁ ଇଂଲଣ୍ଡ ଯାଇଛନ୍ତି। ସୂଚନାଯୋଗ୍ୟ, ମୁମ୍ବାଇ ଜୁନିୟର ସର୍କିଟରେ କଡ଼ା ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡୁଥିବାରୁ ଆର୍ଯ୍ୟନ ଜାତୀୟ ୧୯ ବର୍ଷରୁ କମ୍ ପ୍ରତିଯୋଗିତା କୁଚ୍ ବିହାର ଟ୍ରଫିରେ ପୁଡୁଚେରୀ ତରଫରୁ ପ୍ରତିନିଧିତ୍ୱ କରିଥିଲେ।


**ଜନ୍ମଦିନ ଶୁଭେଚ୍ଛା**



**ସତ୍ୟଜିତ୍ ଖମାରୀ (ଓମ୍)**
ବୁଗବୁଗା, ଅତାବିରା, ବରଗଡ଼
ତୋର ଚଲାପଥ କୁସୁମିତ ହେଉ। ଆଜି ଦ୍ୱିତୀୟ ଜନ୍ମବାର୍ଷିକୀରେ ମା' ସମଲେଇଙ୍କଠାରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ
ଅଭିଲାଷା, ଅଭିଜିତ୍, ଅଭିଲିପ୍ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍ସା।
ଧ-୧୩୧୪୪

**10th Marriage Anniversary**



**Sudhir (Lulu)**
**with**
**Madhumita (Geeta)**
The good times and the bad times of 10years have, every year growing with each other and growing closer together.
**Happy Anniversary**
**From: Family, friends & relatives**
D-58094


## ଲାରା ମେଡିକାଲରେ ଭର୍ତ୍ତି



**ମୁମ୍ବାଇ,୨୫।୬ (ପିଟି):** ୱେଷ୍ଟଇଣ୍ଡିଜ ଦଳର ପୂର୍ବତନ ଅଧିନାୟକ ବ୍ରାଏନ ଲାରା ମଙ୍ଗଳବାର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କିନ୍ତୁ ସେ ଏବେ ସୁସ୍ଥ ଅଛନ୍ତି ଓ ତାଙ୍କୁ ତୁରନ୍ତ ଡିସଚାର୍ଜ କରାଯିବା ନେଇ ଜଣାପଡ଼ିଛି। ନିଜ ସମୟର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପାରେଲସ୍ଥିତ ଗ୍ଲୋବାଲ ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅଧିକ ଚିନ୍ତା କରିବା ଯୋଗୁ ୫୦ ବର୍ଷୀୟ କ୍ରିକେଟରଙ୍କ ଛାତିରେ ଯନ୍ତ୍ରଣା ହେଉଥିଲା। ସେ ଦୁଇ ବର୍ଷ ତଳେ ଏଞ୍ଜିଓପ୍ଲାଷ୍ଟି କରାଇଥିଲେ। ଏଥିରେ ଛାତିରେ ଯନ୍ତ୍ରଣା ହେବାର ଡର ଥାଏ ବୋଲି ସୂତ୍ରରୁ ଜଣାପଡ଼ିଛି। ୫୦ ବର୍ଷୀୟ କ୍ରିକେଟର ଚଳିତ ବିଶ୍ୱକପ୍‌ର ପ୍ରସାରଣକାରୀ ଚ୍ୟାନେଲର ଆନଲିସିଷ୍ଟ ଦାୟିତ୍ୱରେ ଅଛନ୍ତି। ଲାରା ୧୩୧ ଟେଷ୍ଟରୁ ୧୧,୯୫୩ ରନ୍ ଏବଂ ୨୯୯ ଦିନିକିଆରୁ ୧୦,୪୦୫ ରନ୍ କରିଛନ୍ତି।





ଫିଲିପାଇନ୍ସର ମାନିଲାଠାରେ ଅନୁଷ୍ଠିତ ଏସିଆନ ଓମ୍ୟାନ ରଗ୍‌ବୀ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିଥିବା ୭ ଓଡ଼ିଆ ମହିଳା ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଚିବାଳୟରେ ସମ୍ବର୍ଦ୍ଧିତ କରୁଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଉପସ୍ଥିତ ରହିଥିଲେ।

# ପ୍ରଶଂସକଙ୍କ ବିନା କ୍ରୀଡ଼ା ଅସମ୍ପୂର୍ଣ୍ଣ

**ସୌରଭ ଗାଙ୍ଗୁଲି**

କୌଣସି ସ୍ପୋର୍ଟ୍ସ ଇଭେଣ୍ଟ ପ୍ରଶଂସକଙ୍କ ବିନା ଅସମ୍ପୂର୍ଣ୍ଣ। ପ୍ରଶଂସକମାନେ କ୍ରୀଡ଼ାର ଅବିଚ୍ଛେଦ୍ୟ ଅଙ୍ଗ। କେବଳ ସେତିକି ନୁହେଁ ପଡିଆ ବାହାରେ ସେମାନେ ଖେଳାଳି ତଥା କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାନ୍ତି। ମାରାଡୋନା, ପେଲେ , ଫେଡେରେର, ତେନ୍ଦୁଲକର ବା କୋହଲି ଯିଏ ବି ହୁଅନ୍ତୁ ପ୍ରଶଂସକଙ୍କ ବିନା ଏହି ତାରକା ଖେଳାଳିମାନଙ୍କ ସଫଳତାର କିଛି ମାନେ ହୁଏ ନାହିଁ। ୨୦୧୧ ବିଶ୍ୱକପ୍ କଥା ମୋର ଏବେବି ମନେଅଛି। ୱାଙ୍ଖେଡେ ଷ୍ଟାଡିୟମରେ ଭାରତ ବିଶ୍ୱକପ୍ ଜିତିବା ପରେ ଅଫିସ୍ କାମ ସାରି ହୋଟେଲକୁ ଫେରିଥିଲି। ତେବେ ବାଟରେ ରାସ୍ତାରେ ଲୋକଙ୍କ ବିଜୟ ଉତ୍ସବ ଦେଖିଥିଲି। ମୋ ଗାଡି ଅଟକି ଯାଇଥିଲା ଓ ଆଗକୁ ଯାଇପାରି ନ ଥିଲା। ସେତେବେଳେ ବଲିଉଡର ଜଣେ ପ୍ରସିଦ୍ଧ ଅଭିନେତା ମୋ ଗାଡ଼ିରେ ଥିଲେ। ତେବେ ଯେତେବେଳେ ପ୍ରଶଂସକମାନେ ଆମ ଦୁହିଙ୍କୁ କାରରେ ଦେଖିନେଲେ ସେମାନେ ଆହୁରି ଅତିରିକ୍ତ ଭାବେ ଉତ୍ସାହିତ ହୋଇପଡିଥିଲେ। ଆମ କାରକୁ ସେମାନେ ହଲାଇଥିଲେ। କାର ଉପରକୁ ଚଢିବା ସହ ସେମାନେ ନାଚିବାର ଲାଗିଥିଲେ ଓ ଖୁସି ଜାହିର କରିଥିଲେ। ଦୀର୍ଘ ୨୮ ବର୍ଷ ପରେ ଭାରତ ବିଶ୍ୱକପ୍ ଜିତିଥିବାରୁ ପ୍ରଶଂସକମାନେ ଖୁସିରେ ପାଗଳ ହୋଇଯାଇଥିଲେ। ଏକଥା ମୋର ସବୁଦିନେ ମନେରହିବ।





ଏପରିକି ଭାରତୀୟ ଭାଷ୍ୟକାରମାନେ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କାମସାରି ହୋଟେଲକୁ ଫେରିବା ବେଳେ ସେମାନେ ପ୍ରଶଂସକଙ୍କ ହାବୁଡରେ ପଡିଥିଲେ। ପ୍ରଶଂସକମାନେ ଅଟୋଗ୍ରାଫ୍ ନେବା, ହାତମିଳାଇବା ସହ ସେଲ୍‌ଫି ମଧ୍ୟ ନେଇଥିଲେ। ଏପରି ସମୟରେ ସେମାନଙ୍କୁ ନିରାଶ କରିବା ମଧ୍ୟ କଷ୍ଟକର। ଭାଷ୍ୟକାରମାନେ ମଧ୍ୟ ଏଥିରେ ଖୁସି ହୋଇଥିବେ ବୋଲି ଭାବୁନାହିଁ। ୨୦୦୨ ନାଟୱେଷ୍ଟ ଫାଇନାଲରେ ମଧ୍ୟ ଏଭଳି ପରସ୍ଥିତି ସୃଷ୍ଟି ହୋଇଥିଲା ଓ ଭାରତୀୟ ପ୍ରଶଂସକମାନେ ଖୁସିରେ ବେଶ୍ ଝୁମିଉଠିଥିଲେ। ସେହିପରି ୨୦୧୫ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ମେଲବୋର୍ନରେ ଭାରତ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହୋଇଥିଲେ। ପୂରା ଷ୍ଟାଡିୟମ ନୀଳସମୁଦ୍ର ପାଲିଟି ଯାଇଥିଲା। ସେହିପରି ୨୦୧୯ରେ ଇଂଲଣ୍ଡରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ମାଞ୍ଚେଷ୍ଟରରେ ମଧ୍ୟ ଭାରତୀୟ ପ୍ରଶଂସକ ଉପସ୍ଥିତି ପୂରା ଷ୍ଟାଡିୟମକୁ ନୀଳ ସମୁଦ୍ରରେ ପରିଣତ କରିଥିଲା। କାରଣ ୟର୍କଶାୟରରେ ଅଳ୍ପସଂଖ୍ୟକ ପାକିସ୍ତାନ ନାଗରିକ ରହୁଛନ୍ତି। ବିଶ୍ୱର ସବୁ ସ୍ଥାନରେ ଅନ୍ୟ ଦେଶ ଅପେକ୍ଷ ଭାରତୀୟ ପ୍ରଶଂସକ ଅଧିକ ସଂଖ୍ୟାରେ ଷ୍ଟାଡିୟମରେ ପହଞ୍ଚୁଛନ୍ତି ବୋଲି କେତେକ ଏକାଧିକ ବାର ମୋତେ ପ୍ରଶ୍ନ କରିଛନ୍ତି। ପ୍ରଥମ କଥା ହେଉଛି କ୍ରିକେଟକୁ ନେଇ ଭାରତୀୟମାନେ ବେଶ୍ ପାଗଳ। ବିଶ୍ୱର ବିଭିନ୍ନ ସ୍ଥାନରେ ଭାରତୀୟ ବହୁ ସଂଖ୍ୟାରେ ରହୁଛନ୍ତି। ପୁଣି ମ୍ୟାଚ୍ ଦେଖିବାକୁ ଭାରତୀୟ ପ୍ରଶଂସକମାନେ ଅନ୍ୟମାନଙ୍କ ଅପେକ୍ଷା ଏବେ ସହଜରେ ଅନ୍ୟସ୍ଥାନକୁ ଯାଇପାରୁଛନ୍ତି। ଭାରତର ମ୍ୟାଚ୍ ଦେଖି ପ୍ରଶଂସକମାନେ ଛୁଟି କଟାଉଛନ୍ତି। ଚଳିତ ବିଶ୍ୱକପ୍‌ରେ ନଟିଂହାମ୍‌ରେ ଭାରତ ଓ ନ୍ୟୁଜିଲଣ୍ଡ ମ୍ୟାଚ୍ ଅବସରରେ ଆମେରିକାରୁ ଆସିଥିବା ଏକ ୨୦ ଜଣିଆ ଭାରତୀୟଙ୍କ ଗ୍ରୁପ ଦେଖିଥିଲି। ସେମାନେ ଗୋଟିଏ ସପ୍ତାହ ପାଇଁ ଇଂଲଣ୍ଡ ଆସିଥିଲେ ଓ ଏହି ସପ୍ତାହରେ କେତୋଟି ଭାରତୀୟ ମ୍ୟାଚ୍ ଖେଳଯିବାର କାର୍ଯ୍ୟକ୍ରମ ଥିଲା।

*(ଗେମ୍‌ପ୍ଲାନ୍)*

## ଆତ୍ମହତ୍ୟା କରିବାକୁ ଚାହିଁଥିଲେ ଆର୍ଥର

**ଲଣ୍ଡନ,୨୫।୬ (ପି.ଟି.)**



ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ପରାଜୟ ପରେ ପାକିସ୍ତାନ ମୁଖ୍ୟ କୋଚ୍ ମିକି ଆର୍ଥର ଆତ୍ମହତ୍ୟା କରିବା ଲାଗି ବିଚାରିଥିଲେ ବୋଲି ପ୍ରକାଶ କରିଛନ୍ତି। ଜୁନ୍ ୧୬ରେ ମାଞ୍ଚେଷ୍ଟରଠାରେ ଖେଳାଯାଇଥିବା ଆଇସିସି ବିଶ୍ୱକପ୍ ମ୍ୟାଚରେ ଭାରତଠାରୁ ୮୯ ରନରେ

**ଭାରତଠାରୁ ହାରିବା ପରେ**

ପରାଜୟ ପରେ ପାକିସ୍ତାନ ଦଳକୁ ମିଡିଆ, ସମର୍ଥକ ଏବଂ ପୂର୍ବତନ କ୍ରିକେଟରମାନଙ୍କ ଦ୍ୱାରା କଟୁ ସମାଲୋଚନାର ପାତ୍ର ହୋଇଥିଲା। ଗତ ରବିବାର ମୁଁ ଆତ୍ମହତ୍ୟା କରିବା ଲାଗି ଭାବିଥିଲି, ମାତ୍ର ବିଭିନ୍ନ ଦିଗରୁ ବିଚାର କରି ନିଷ୍ପତ୍ତିର ପରିବର୍ତ୍ତନ କରିଥିଲି ବୋଲି ଆର୍ଥର ଏଠାରେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଏହାର ପରବର୍ତ୍ତୀ ଗେମ୍ ଜିତିବା ଦ୍ୱାରା ପାକିସ୍ତାନର ସେମିଫାଇନାଲ ଆଶା ଉଜ୍ଜୀବିତ ହୋଇଛି। ପାକିସ୍ତାନ ଯଦି ଏହାର ଅବଶିଷ୍ଟ ତିନୋଟି ମ୍ୟାଚରେ ବିଜୟ ହାସଲ କରେ ଏବଂ ଅନ୍ୟ ଟିମ୍‌ଗୁଡ଼ିକର ମ୍ୟାଚ ଫଳାଫଳ ଏହା ସପକ୍ଷରେ ଯାଏ ତେବେ ସେମିଫାଇନାଲ ଯିବା ପକ୍କା ହୋଇଯିବ। ପାକିସ୍ତାନ ଏହାର ପରବର୍ତ୍ତୀ ତିନୋଟି ମ୍ୟାଚ ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ ଏବଂ ବାଂଲାଦେଶ ବିପକ୍ଷରେ ଖେଳିବ। ଆର୍ଥର କହିଛନ୍ତି, ପରବର୍ତ୍ତୀ ତିନୋଟି ମ୍ୟାଚରେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସେ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି।

## ସାଇନାଙ୍କୁ ପ୍ରଥମ ମହିଳା ଆଇଏମ୍ ନର୍ମ



**ଭୁବନେଶ୍ୱର, ୨୫।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଉଦୀୟମାନ ଓଡ଼ିଆ ଚେସ୍ ତାରକା ତଥା ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା କ୍ୟାରିୟରର ପ୍ରଥମ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ନର୍ମ ହାସଲ କରିଛନ୍ତି। ଗୋଆ ଇଣ୍ଟନ୍ୟାଶନାଲ ଜିଏମ୍ ଟୁର୍ନାମେଣ୍ଟ ଅବସରରେ ସାଇନା ଏହି ସଫଳତା ପାଇଛନ୍ତି। ନିରଞ୍ଜନ ନାଭାଲଗୁଣ୍ଡଙ୍କ ବିପକ୍ଷ ୯ମ ରାଉଣ୍ଡ ବାଜି ଅବସରରେ ସାଇନାଙ୍କୁ ଏହି ନର୍ମ ମିଳିଥିଲା। ଏହି ଟୁର୍ନାମେଣ୍ଟରେ ସାଇନା ୟୁକ୍ରେନର ଗ୍ରାଣ୍ଡମାଷ୍ଟର (ଜିଏମ୍) ବବି ଓଲ୍‌ଗାଙ୍କ ସମେତ ୪ଜଣଙ୍କୁ ପରାସ୍ତ କରିଥିବାବେଳେ ଦେବାଶିଷ ଦାସ (ଜିଏମ୍), ପି. କାର୍ତ୍ତିକେୟନ (ଜିଏମ୍)ଙ୍କ ପରି ଖେଳାଳିଙ୍କ ବିପକ୍ଷରେ ବାଜି ଡ୍ର' ରଖିବାରେ ସଫଳ ହୋଇଥିଲେ। ଏହି ଟୁର୍ନାମେଣ୍ଟରୁ ସେ ୮୫ ରେଟିଂ ପଏଣ୍ଟ ଲାଭ କରିଛନ୍ତି। ଗୋଆର ପ୍ରସାଦ ମୁଖାର୍ଜୀ ଷ୍ଟାଡିୟମରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ନର୍ମ ସାର୍ଟିଫିକେଟ୍ ସାଇନାଙ୍କୁ ପ୍ରଦାନ କରିଥିଲେ। ବର୍ତ୍ତମାନ ସୁଦ୍ଧା ସାଇନା କ୍ୟାରିୟରରେ ୧୫ ପଦକ ଜିତିସାରିଛନ୍ତି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧବଳ ପ୍ରସାଦ ଚୌଧୁରୀ**
୫୧୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୮।୧୯୩୦
ତିରୋଧାନ: ୧୬।୦୬।୨୦୧୯
ତୁମେ ଗଢିଥିବା ସଂସାର ତୁମରି ଅବର୍ତ୍ତମାନରେ ଆଜି ନିସ୍ତବ୍ଧ। ଏହି ଭରସାବିହୀନ ପ୍ରାଣୀଙ୍କୁ ସର୍ବଦା ନିଜ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରେରଣା ଯୋଗାଉଥାଉ, ଏହାହିଁ ସର୍ବଶକ୍ତିମାନ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୧୩୧୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅନ୍ତର୍ଯ୍ୟାମୀ ଦାଶ**
ଇକରବଂଧ, ଅନୁଗୋଳ
ଆବିର୍ଭାବ: ୧୮।୦୩।୧୯୩୫
ତିରୋଧାନ: ୧୬।୦୬।୨୦୧୯
ଆପଣଙ୍କ ଅନୁପସ୍ଥିତି ଆମମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଦୁଃଖ ଏବଂ ଯନ୍ତ୍ରଣା ଦେଉଛି। ଆପଣଙ୍କ ଆତ୍ମା ଚିରଶାନ୍ତି ଲାଭକରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଦାଶ ପରିବାରବର୍ଗ
ଧ-୧୩୧୩୩

**ଏକାଦଶତମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ରମେଶ ଚନ୍ଦ୍ର ସାହୁ**
ରାଜା ବଜାର, ଜଟଣୀ
ଆବିର୍ଭାବ: ୨୦।୧୦।୧୯୬୦
ତିରୋଧାନ: ୨୭।୦୬।୨୦୦୮
(ଆଷାଢ କୃଷ୍ଣପକ୍ଷ ନବମୀ)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଗଜନ୍ନାଥଙ୍କ ନିକଟରେ ଏତିକି କାମନା।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ
ଧ-୧୩୧୪୦

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କ୍ଷେତ୍ରମୋହନ ପଟ୍ଟନାୟକ**
(ଅବସରପ୍ରାପ୍ତ ଫରେଷ୍ଟରେଞ୍ଜର)
ଶଙ୍ଖପୁର (ବନ୍ତଳା), ଅନୁଗୁଳ
ଆବିର୍ଭାବ: ୧୯।୦୪।୧୯୨୩
ତିରୋଧାନ: ୧୨।୦୬।୨୦୧୨
(ଆଷାଢ କୃଷ୍ଣ ନବମୀ)
ଜନ୍ମହେଲେ ଶରୀର ପରିତ୍ୟାଗ କରିବାକୁ ପଡ଼େ, ଏହା ସୃଷ୍ଟିର ନିୟମ, ତଥାପି ଆପଣଙ୍କୁ ଆମେ ଭୁଲିପାରୁ ନାହୁଁ। ଆଜିର ଏ ପୁଣ୍ୟ ତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୩୦୨୨

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସ୍ୱର୍ଣ୍ଣପ୍ରଭା ବେହେରା**
ସ୍ୱାମୀ: ଗନ୍ଧର୍ବ ବେହେରା
ଆବିର୍ଭାବ: ୧୮।୦୪।୧୯୫୬
ତିରୋଧାନ: ୧୫।୦୬।୨୦୧୯
ୟୁନିଟ-୨, ଲଣ୍ଡେଇସାହି, ଭଞ୍ଜନଗର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ୱାମୀ: ଗନ୍ଧର୍ବ, ପୁତ୍ର: ଗଙ୍ଗାଧର, ରଘୁନାଥ, ସନ୍ତୋଷ, ଅକ୍ଷୟ, ବୋହୂ: ବିଶୁନ୍ତଳା, ମଧୁସ୍ମିତା, ସୁପ୍ରିୟା, ସୁବାସିନୀ, ଜ୍ୱାଇଁପୁଅ: ସରୋଜ, ଶିବ, ଝିଅ: ହିମାଂଶୁବାଳା, ମାନି, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୩୧୩୨

## ସଂକ୍ଷେପରେ

### କରଞ୍ଜିଆ ଜେଲ୍‌ରୁ ଫେରାରଥିବା ଆସାମୀ ଗିରଫ

**କାଳିଆପାଣି,୨୫।୬(ଡି.ଏନ୍.ଏ.):** କରଞ୍ଜିଆ ଜେଲରୁ ଫେରାର ଥିବା ଆସାମୀଙ୍କୁ ମଙ୍ଗଳବାର କାଳିଆପାଣି ପୋଲିସ କାବୁକରି ଥାନାରେ ଅଟକ ରଖିଛି। ଆସାମୀ ଜଣଙ୍କ କାଳିଆପାଣି ଥାନା ଅନ୍ତର୍ଗତ ଚାତାରସାହି ଗ୍ରାମର ଭଗବାନ ଟୁଡୁ। ଏ ନେଇ କରଞ୍ଜିଆ ଥାନାକୁ ଖବର ଦିଆଯାଇଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୧୨ରୁ ଭଗବାନ କରଞ୍ଜିଆ ଜେଲ୍‌ରେ ସଜା କାଟୁଥିଲେ। କିନ୍ତୁ ଚଳିତ ଜୁନ ୧୯ ତାରିଖରେ ଜେଲ୍‌ରୁ ଫେରାର ହୋଇଯାଇଥିଲେ। ସେବେଠାରୁ ଭଗବାନଙ୍କୁ ଧରିବା ପାଇଁ ବିଭିନ୍ନ ଥାନାପକ୍ଷରୁ ଖୋଜାଖୋଜି ଚାଲିଥିଲା। ମଙ୍ଗଳବାର ସେ ଘରକୁ ଆସିଥିବା ଖବର ପାଇ କାଳିଆପାଣି ପୋଲିସ ଥାନା ଅଧିକାରୀ ତାଙ୍କୁ ଧରିଥିଲେ।

### ନକଲି ଡାକ୍ତର କୋର୍ଟ ଚାଲାଣ

**ଚଣ୍ଡିଖୋଲ,୨୫।୬(ଡି.ଏନ.ଏ.):** ନିଜକୁ ଡାକ୍ତର ପରିଚୟ ଦେଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି ୱାର୍ଡରେ ବାରମ୍ବାର ପଶୁଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ବଡ଼ଚଣା ପୋଲିସ କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କଡ଼େଇଶାସନ ଗ୍ରାମର ନୀହାର ରଞ୍ଜନ ସାମଲ (୩୨)। ଏ ନେଇ ପୋଲିସ ଏକ ମାମଲା (ନଂ. ୧୩୯/୧୯) ରୁଜୁ କରିଛି। ପ୍ରକାଶ ଯେ, ଗତ ୨୧ ତାରିଖ ବିଳମ୍ବିତ ରାତିରେ ନୀହାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେ ସମୟରେ କାର୍ଯ୍ୟରତ ଡାକ୍ତର ଶୋଇପଡ଼ିଥିବାରୁ ତାଙ୍କ ଷ୍ଟେଥୋସ୍କୋପ ଧରି ମହିଳା ପ୍ରସୂତି ୱାର୍ଡରେ ପଶିଥିଲେ। ତାଙ୍କ ବ୍ୟବହାରରେ କେତେଜଣ ମହିଳାଙ୍କର ସନ୍ଦେହ ହୋଇଥିଲା। ସେମାନେ ସ୍ଥାନୀୟ ଲୋକଙ୍କୁ ଜଣାଇଥିବାବେଳେ ନୀହାର ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ତେବେ ନୀହାର ସୋମବାର ପୁନଶ୍ଚ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କୌଣସି ଡାକ୍ତର ଥାନାରେ ଅଭିଯୋଗ ନ କରିବାରୁ ସ୍ଥାନୀୟ ଅଞ୍ଚଳର ଜଣେ ସାମାଜିକ କର୍ମୀ କିଶୋର ଚନ୍ଦ୍ର ବାରିକ ବଡ଼ଚଣା ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ନୀହାର ସ୍ଥାନୀୟ ଡାକ୍ତରଙ୍କ ସହାୟତାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ବାରମ୍ବାର ପ୍ରବେଶ କରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ସରକାରୀ କଲେଜରେ ଖାଲିପଡୁଛି ଆସନ

**ରସୁଲପୁର,୨୫।୬(ଡି.ଏନ୍.ଏ.)**

ସରକାର ଶିକ୍ଷାକୁ ମୌଳିକ ଅଧିକାର ମାନ୍ୟତା ଦେଇଛନ୍ତି। ୧ ରୁ ୮ମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ମାଗଣାରେ ଶିକ୍ଷାଦାନ କରାଯିବ। ବିଦ୍ୟାଳୟ ଉପସ୍ଥାନ ସଂଖ୍ୟାରେ ବୃଦ୍ଧି ଘଟାଇବା ପାଇଁ ସରକାରଙ୍କ ପକ୍ଷରୁ ଲୋଭନୀୟ ଯୋଜନା ପ୍ରଣୟନ କରାଯାଉଛି। ଏଥିସହ ନିୟମିତ ବିଦ୍ୟାଳୟକୁ ଆସୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ସହ ଉଚ୍ଚ ଶିକ୍ଷା ପାଇଁ ଯୋଗ୍ୟ ମେଧାବୀଙ୍କୁ ମାଗଣାରେ ଲାପଟପ୍, ସାଇକେଲ, ବୃତ୍ତି ଆଦି ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ବି ସରକାରୀ ଉଚ୍ଚ ଶିକ୍ଷାକୁ ଭରସା କରିପାରୁ ନାହାନ୍ତି ବିଦ୍ୟାର୍ଥୀ। ବାଧ ହୋଇ ଘରୋଇ ବିଦ୍ୟାଳୟ ଓ କଲେଜରେ ପାଠପଢୁଛନ୍ତି। ଅପରପକ୍ଷରେ ଭଲ ଫଳ ଆଶାରେ ଅଭିଭାବକମାନେ ଆର୍ଥିକ ଚାପରେ ଥାଇ ମଧ୍ୟ ସେମାନଙ୍କ ପିଲାମାନଙ୍କୁ ଆବାସିକ କଲେଜରେ ପାଠ ପଢାଇବା ଭଳି କଠୋର ନିଷ୍ପତ୍ତି ନେଉଛନ୍ତି। ସମଗ୍ର ରାଜ୍ୟର ବିଭିନ୍ନ ଜିଲା ଓ ବ୍ଲକରେ ଏଭଳିସ୍ଥିତି ଊଣାଅଧିକେ ଦେଖିବାକୁ ମିଳିଥିବାବେଳେ ଯାଜପୁର ଜିଲା ରସୁଲପୁର ବ୍ଲକ ସ୍ଥିତି ଅତ୍ୟନ୍ତ ଦୟନୀୟ ବୋଲି ଜଣାପଡିଛି। ବିଶେଷକରି ଏହି ବ୍ଲକର ଯୁକ୍ତ ୨ବିଜ୍ଞାନ ପଢୁଆ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ

## ଘରୋଇ କଲେଜ ମୁହାଁ ବିଦ୍ୟାର୍ଥୀ

ଏହା ଅଧିକ ଦେଖିବାକୁ ମିଳୁଛି। ଏହି ବର୍ଗର ବିଦ୍ୟାର୍ଥୀମାନେ ସରକାରୀ କଲେଜରେ ପାଠ ନ ପଢି ବ୍ଲକ, ଜିଲା ଓ ଜିଲା ବାହରେ ଥିବା ଘରୋଇ କଲେଜରେ ପାଠ ପଢୁଛନ୍ତି। ଫଳରେ ସରକାରୀ କଲେଜଗୁଡ଼ିକରେ ଆସନ ପୂରଣ ହୋଇପାରୁ ନାହିଁ।

ଅନୁସନ୍ଧାନରୁ ଜଣାଯାଇଛି ଯେ, ଏହି ବ୍ଲକ ଅଧିନରେ ୪ଟି ସରକାରୀ ଯୁକ୍ତ ୨ କଲେଜ ରହିଛି। ଏହାଛଡ଼ା ୩ଟି ବେସରକାରୀ(ଆବାସିକ କଲେଜ) ମଧ୍ୟ ରହିଛି। ସରକାରୀ କଲେଜ ଗୁଡିକ ହେଲା ଉପେନ୍ଦ୍ରନାଥ ଶାରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ମୁଗୁପାଳ ଜୁନିୟର କଲେଜ), ମଧୁବନ, ମଧୁପୁର, ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେହିପରି ବେସରକାରୀ ଜୁନିୟର କଲେଜ ଭାବରେ ହାଇଟେକ୍, କଳିଙ୍ଗ ନଗର ପଲିଟେକନିକ, ରେନାସା(ଟିଉଟୋରିଆଲ୍) ଘରୋଇ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ମୁଗୁପାଳ କଲେଜ ଯୁକ୍ତ ୨ ବିଜ୍ଞାନ ପାଇଁ ୬୪ଟି ସିଟ୍ ରହିଛି। ସେଥି ମଧ୍ୟରୁ ୨୦୧୮–୧୯ ଶିକ୍ଷାବର୍ଷରେ ଉକ୍ତ ବିଦ୍ୟାଳୟରେ ମାତ୍ର ୯ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୬ଜଣ ପାସ୍ କରିଥିଲେ। ସେହିଭଳି ବ୍ରହ୍ମବରଦାରେ ମୋଟ ୧୨୮ଟି ସିଟ୍ ଥିବାବେଳେ ୯୮ଜଣ ପିଲା ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮୧ଜଣ ପିଲା ପରୀକ୍ଷାରେ ପାସ୍ କରିଥିଲେ। ମଧୁପୁର କଲେଜର ୬୪ଟି ସିଟ୍ ମଧ୍ୟରୁ ୨୦ଜଣ ପିଲା ପରୀକ୍ଷା ଦେଇ୧୧ଜଣ ପାସ୍ କରିଥିଲେ। ଏହି ହିସାବରେ ବ୍ଲକ ଅଞ୍ଚଳରେ ଥିବା ସରକାରୀ କଲେଜରେ ମୋଟ ୩୮୪ ସିଟ୍ ରହିଛି। ସେଥି ମଧ୍ୟରୁ ୧୫୬ଜଣ ପରୀକ୍ଷା ଦେଇଥିବାବେଳେ ୧୩୨ଜଣ ପାସ୍ କରିଥିଲେ। ଅନ୍ୟପକ୍ଷରେ ବେସରକାରୀ ହାଇଟେକ୍ ଘରୋଇ ଆବାସିକ ବିଦ୍ୟାଳୟରେ ମୋଟ ୨୫୬ରୁ ୨୪୧, କଳିଙ୍ଗନଗର ପଲିଟେକନିକ୍ ୬୪ ରୁ ୧୪ଜଣ ଓ ରେନାସା ଘରୋଇ ଆବାସିକ ବିଦ୍ୟାଳୟରେ ୬୪ ସିଟ୍ ମଧ୍ୟରୁ ୫୦ଜଣ ପରୀକ୍ଷା ଦେଇ ୧୪ଜଣ ପାସ କରିଛନ୍ତି। ଏହି ହିସାବରେ ୩୮୪ ସିଟ୍ ମଧ୍ୟରୁ ୩୦୨ ପରୀକ୍ଷାର୍ଥୀ ପାସ କରିଥିଲେ। ଘରୋଇ କଲେଜର ପାସ୍ ସଫଳତାହାର ୯୦ ଶତକଡ଼ାରୁ ଊର୍ଦ୍ଧ୍ୱ ହୋଇପାରିଛି। ଏହି ଅଙ୍କକୁ ଦେଖିଲେ ସରକାରୀ କଲେଜର ସଫଳତାର ହାର ନୈରାଶ୍ୟଜନକ ରହିଛି। ଏସବୁ କଲେଜରେ ହାରାହାରି ୬୦ ଶତକଡ଼ାରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡୁଛି। ଯେତିକି ବି ପିଲା ପାଠ ପଢୁଛନ୍ତି ସେମାନଙ୍କୁ ଆଶାନୁରୂପକ ସଫଳତା ମିଳିପାରୁ ନାହିଁ। ବଦଳରେ ସରକାରୀ କଲେଜଗୁଡ଼ିକରେ ମାଳମାଳ ଅଧ୍ୟାପିକାଅଧ୍ୟାପକ ଲକ୍ଷାଧିକ ଟଙ୍କା ଦରମାରେ ନିଯୁକ୍ତି ପାଇଛନ୍ତି। କଲେଜଗୁଡ଼ିକର ଭିତ୍ତିଭୂମି ସୁଦୃଢ ରହିଛି। ହେଲେ ଫଳାଫଳ ସନ୍ତୋଷଜନକ ହୋଇପାରୁନାହିଁ। ଯେଉଁ କାରଣରୁ ବିଦ୍ୟାର୍ଥୀ ଓ ଅଭିଭାବକମାନେ ସରକାରୀ କଲେଜକୁ ବିଶ୍ୱାସକୁ ନେଉନାହାନ୍ତି। ଗରୀବ ମେଧାବୀ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବାର୍ଷିକ ଲକ୍ଷାଧିକ ବ୍ୟୟକରି ଘରୋଇ ଆବସିକ କଲେଜରେ ପାଠ ପଢାଉଛନ୍ତି। ଅନୁରୂପ ଭାବରେ ଘରୋଇ କଲେଜଗୁଡିକ ଅଭିଭାବକଙ୍କ ବିଶ୍ୱାସ ଜିତି ପାରୁଛନ୍ତି। ଫଳସ୍ୱରୂପ କଲେଜର ଉପସ୍ଥାନ ବଢୁଛି। ସରକାରୀ କଲେଜର ଅଧ୍ୟାପିକାଅଧ୍ୟାପକଙ୍କ ଦୁର୍ବିବ୍ୟୁତିକୁ ସୁଧାରିବା ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଏହିଭଳି ସାଂଘାତିକ ସ୍ଥିତି ଯୋଗୁ ଦିନକୁ ଦିନ ବିଦ୍ୟାର୍ଥୀମାନେ ନିଜ କ୍ୟାରିଅର ଗଢିବା ଲକ୍ଷ୍ୟରେ ସରକାରୀ କଲେଜ ଉପରୁ ମୁହଁ ବୁଲାଇ ଘରୋଇ ଶିକ୍ଷାନୁଷ୍ଠାନକୁ ଗୁରୁତ୍ୱ ଦେଉଛନ୍ତି। ଏ ଦିଗରେ ବିଶେଷ ଦୃଷ୍ଟି ଦିଆଯାଇ ସରକାରୀ ଶିକ୍ଷାକୁ ଜନାଭିମୁଖୀ କରିବା ଦିଗରେ ଠୋସ୍ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ନଚେତ ରାଜ୍ୟରେ ଶିକ୍ଷା ସ୍ଥିତି ଘରୋଇକରଣ ହେବାକୁ ଅଧିକ ଡେରି ହେବ ନାହିଁ ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରୁଛନ୍ତି।

## ଟ୍ରକକୁ ପଛପଟୁ ଧକ୍କା ଦେଲା ଟ୍ରକ୍

# ଜଳିଗଲା ଟ୍ରକ୍, ଚାଳକ ଗୁରୁତର

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୫।୬(ଡି.ଏନ.ଏ./ସ୍ୱ.ପ୍ର.)**



ଚଣ୍ଡିଖୋଲ–ପାରାଦୀପ ୫ ନଂ. (କ) ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଦୁଇ ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଗୋଟିଏ ଟ୍ରକ୍ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଚାଳକ ଗୁରୁତର ହୋଇଛନ୍ତି। ଖବରପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନଳୀପୁର ଛକ ନିକଟରେ ଏକ ୧୦ ଚକିଆ ଟ୍ରକ୍ (ନଂ.ଓଡି ୦୯–ସି–୩୯୩୫) ରାସ୍ତା କଡରେ ଛିଡା ହୋଇଥିଲା। ପଛରୁ ଆସୁଥିବା ଏକ ୧୨ ଚକିଆ ଆଇରନ ବୋଝେଇ ଟ୍ରକ୍ (ନଂ.ଓଡି୦୫–ଡବ୍ଲ୍ୟୁ–୦୮୩୩) ୧୦ ଚକିଆ ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ୧୦ ଚକିଆ ୩୦ ମିଟର ଆଗକୁ ଘୁଞ୍ଚି ଯାଇଥିଲାବେଳେ ୧୨ ଚକିଆ ଟ୍ରକ୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଘଟଣାସ୍ଥଳରେ ୨ଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଦୁଇଟି ଜବତ କରି ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଚାଳକଙ୍କ ପରିଚୟ ମିଳି ନ ଥିବାବେଳେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ମଙ୍ଗଳପୁର ପ୍ରାଥମିକ କୃଷି ସମବାୟରେ ଚଢ଼ାଉ ଘଟଣା

# ଇସ୍ତଫା ଦେଲେ ସଭାପତି

**ଦଶରଥପୁର,୨୫।୬(ଡି.ଏନ୍.ଏ.)**

କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଦଶରଥପୁର ଶାଖା ଅଧୀନରେ ଥିବା ମଙ୍ଗଳପୁର ପ୍ରାଥମିକ କୃଷି ସମବାୟରେ ଚଢ଼ାଉ ପରେ ମଙ୍ଗଳବାର ସଭାପତି ଅଧର ଧଳ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି କୃଷି ସମବାୟରେ ଦୁର୍ନୀତି ସୀମା ଲଂଘିଥିବା ନେଇ ମଙ୍ଗଳପୁର ସରପଞ୍ଚ ଶିଶିର କୁମାର ଧଳଙ୍କ ସମେତ କେତେଜଣ ଚାଷୀ ଓ ପରିଚାଳନା ପରିଷଦର ସଭ୍ୟ କିଛିଦିନ ତଳେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଡେପୁଟି ରେଜିଷ୍ଟ୍ରାର ଅଫ କୋଅପରେଟିଭ ସୋସାଇଟି କଟକ ଡିଭିଜନ ପତ୍ର ସଂଖ୍ୟା ୬୦୩, ୧୭।୬।୨୦୧୯ରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇ ଶୁକ୍ରବାର ଏଆର୍‌ସିଏସ୍ ମଣିରଞ୍ଜନ ମିଶ୍ର ମଙ୍ଗଳପୁର ପ୍ରାଥମିକ କୃଷି ସମବାୟରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କେତେକ କାଗଜପତ୍ର ଜବତ କରିଥିଲେ। ସମ୍ପୃକ୍ତ ସମିତିର ସଭାପତି ଅଧର ଏବଂ ସହସମ୍ପାଦକ ଜଗନ୍ନାଥ ଦାସ ଚାଷୀଙ୍କୁ ଋଣଦେବା ନାଁରେ ଶୋଷଣ କରିବା ସହ ଚାଷୀଙ୍କ ଅଗୋଚରରେ ଋଣ ଖାତାରୁ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଥିଲା। ବିଭାଗୀୟ ତଦନ୍ତରେ ସତ୍ୟତା ଥିବା ତଦନ୍ତ ଅଧିକାରୀ ମଣିରଞ୍ଜନ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହି ଘଟଣାରେ ସହସମ୍ପାଦକ ଜଗନ୍ନାଥ ଦାସ ସମ୍ପୃକ୍ତ ଥିବା ନେଇ ପ୍ରମାଣ ହସ୍ତଗତ ହୋଇଥିବାରୁ ତାଙ୍କ ବିରୋଧରେ ୨ରୁ ୩ ଦିନ ମଧ୍ୟରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ତଦନ୍ତ ଅଧିକାରୀ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ସଭାପତି ଅଧରଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରିନାହିଁ।

## ସହସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

### ଫେରାରଥିବା ଡମ୍ଫର ଡ୍ରାଇଭର ଗିରଫ

**ଧର୍ମଶାଳା/ଜେନାପୁର,୨୫।୬ (ଡି.ଏନ୍.ଏ.)**

ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ବାଲିସାହି ଛକ ନିକଟରେ ରବିବାର ଡମ୍ଫର ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟଜଣଙ୍କୁ ଗରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ଫେରାର ଥିବା ଡମ୍ଫର ଡ୍ରାଇଭରଙ୍କୁ ଗିରଫ କରି ମଙ୍ଗଳବାର ପୋଲିସ କୋର୍ଟ ଚାଲାଣ କରିଛି। ଗିରଫ ଡ୍ରାଇଭର ପୁରୁଣା ବୋଉଲମାଲ ଗ୍ରାମର ଅମ୍ରେଶ ସ୍ୱାଇଁ (୨୫)। ରବିବାର ବାଇକ୍‌ରେ ଚାରିଘରିଆ ଗ୍ରାମର ଜଳେନ୍ଦ୍ର ସର୍ଦାର(୫୪) ତାଙ୍କ ବନ୍ଧୁ ଗଣେଶ ସର୍ଦ୍ଦାରଙ୍କ ସହ ବାଇକ୍‌ରେ ଆସୁଥିଲେ। ବାଲିସାହି ଛକ ନିକଟରେ ଡମ୍ଫର ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା।

## ଲୁଚକାଳି ଖେଳୁଛି ମୌସୁମୀ

# ବର୍ଷାକୁ ଅନାଇ ଚିନ୍ତାରେ ଚାଷୀ



**ବିଞ୍ଝାରପୁର,୨୫।୬(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ୭୦ରୁ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ପ୍ରତିବର୍ଷ ବ୍ଲକର ବିଭିନ୍ନ ରାଜସ୍ୱ ମୌଜାରେ ପ୍ରାୟତଃ ୧୪ହଜାର ହେକ୍ଟର ଜମିରେ ଖରିଫ ଫସଲ ହୋଇଥାଏ। କିନ୍ତୁ ଅଧିକାଂଶ ଅଞ୍ଚଳରେ ଜଳସେଚନର ସୁବିଧା ହୋଇ ନ ଥିବାରୁ ଚାଷ ପାଇଁ ବର୍ଷା ଜଳ ଉପରେ ନିର୍ଭର କରିବାକୁ ପଡୁଛି। ଚଳିତ ବର୍ଷ ମୌସୁମୀଜନିତ ଭଲ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ବହୁ ଚାଷୀ ଚାଷ ପାଇଁ ମନ ବଳାଇଥିଲେ। ଏ ନେଇ ସମବାୟ ବିଭାଗ ନିକଟରୁ ବିହନ ମଧ୍ୟ କିଣି ସାରିଛନ୍ତି। ହେଲେ ଜୁନ୍ ଶେଷ ହେବାକୁ ବସିଥିଲେ ମଧ୍ୟ ମୌସୁମି ବର୍ଷା ହୋଇ ପାରି ନାହିଁ। ସାଧାରଣତଃ ରଜପର୍ବ ପରେ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥାଏ। ହେଲେ ଚଳିତ ବର୍ଷ ବର୍ଷା ଅଭାବରୁ ଅଧିକାଂଶ ଜମି ଚାଷ ହୋଇ ମଧ୍ୟ ପଡିଆ ପଡିଛି। ଅପରପକ୍ଷେ କେତେକ ଚାଷୀ କାଳବୈଶାଖୀ ଜନିତ ବର୍ଷା ପରେ ଜମିରେ ଧାନ ବୁଣିଥିଲାବେଳେ ତାହା ଏବେ ବର୍ଷା ଅଭାବରୁ ଭୂଇଁରୁ ଉଠି ପାରୁନାହିଁ। ଯଦି ଆସନ୍ତା ସପ୍ତାହ ମଧ୍ୟରେ ବର୍ଷା ନ ହୁଏ ତେବେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ବହୁ ଚାଷୀ କହିଛନ୍ତି। ବର୍ତ୍ତମାନ ଧାନ ବୁଣା ରୁଆ ସମୟ ହୋଇଥିଲେ ମଧ୍ୟ ମୌସୁମୀ ନ ଆସିବା ନେଇ ଖରିଫ ଫସଲ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

### ବଡ଼ଭାଇଙ୍କ ଭୁଜାଲି ମାଡ଼ରେ ସାନ ଗୁରୁତର

**ଭଦ୍ରକ ଅଫିସ,୨୫।୬:** ପୈତୃକ ସମ୍ପତ୍ତି ବିବାଦକୁ କେନ୍ଦ୍ରକରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାମକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ନଈପାରିଗଡିଆ ଗାଁରେ ବଡଭାଇଙ୍କ ଭୁଜାଲି ଆକ୍ରମଣରେ ସାନଭାଇ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଭୋର ସମୟରେ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆହତ ସାନଭାଇଙ୍କୁ ପ୍ରଥମେ ଭଦ୍ରକ ଡାକ୍ତରଖାନା ଅଣାଯାଇ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସାନଭାଇଙ୍କ ମୁଣ୍ଡ ଓ ହାତରେ ଶକ୍ତ ଆଘାତ ଲାଗିଛି। ରିପୋର୍ଟ ଲେଖାହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।







UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 7574808551 | ADITYA MOTORS: CUTTACK, JAGATSINGHPUR, JAJPUR, PANIKOILI, KENDRAPARA, PURI, NAYAGARH, KHURDA: 7873999010, 7873999027



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ଭିଏନ୍ ସ୍ୱୟଂଶାସିତ କଲେଜର ଶିକ୍ଷକ ସଂଘ ଅଧିବେଶନ

ଯାଜପୁରରୋଡ଼,୨୫ା୬(ନି.ପ୍ର.) ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ସଂଘର ନୂତନ ସମ୍ପାଦକ ଭାବେ ଦାୟିତ୍ୱ ବହନ କରିଥିବା ଇଂଲିଶ ବିଭାଗ ମୁଖ୍ୟ ପ୍ରଧାପକ କୁଶଚନ୍ଦ୍ର ପ୍ରଧାନଙ୍କ ଆହ୍ୱାନକ୍ରମେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଧାପକ ସୁଧାଂଶୁ ଶେଖର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପ୍ରଧାନ ତାଙ୍କ ସମ୍ପାଦକୀୟ ବିବରଣୀରେ ମହାବିଦ୍ୟାଳୟର ଅତୀତ ଗୌରବ ଓ ଗାରିମାକୁ ଉପସ୍ଥାପନ କରିବା ସହ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅଧ୍ୟକ୍ଷ, ଅଧ୍ୟାପକ ତଥା କର୍ମଚାରୀ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଶୈକ୍ଷିକ, ସାମାଜିକ ବାତାବରଣକୁ ଉନ୍ନତ ତଥା ଉଜ୍ଜୀବିତ କରି ରଖିବା ପାଇଁ ମତ ପ୍ରକାଶ ପାଇଥିଲା। ଅଧ୍ୟାପକ ସୁଧାଂଶୁ ଶେଖର ଦାସ, ନରେନ୍ଦ୍ର କୁମାର ଜେନା, ପୁନପୁନ୍ ଦାସ, ଅମୂଲ୍ୟକୃଷ୍ଣ ପାଢୀ, ରିନା ରାଏ, ଦିଲୀପ କୁମାର ରାଉତ, ବିବେକାନନ୍ଦ ଜେନା, ସଂଯୁକ୍ତା ପାଢୀ, ପ୍ରଭାତ କୁମାର ସ୍ୱାଇଁ, ସୁଜାତା ଓତା, ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ଅଜୟ କୁମାର ଦାସ, ଟିକା ଖାଁ ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଷ୍ଠ୍ର ଜଣିଆ ଅଧ୍ୟାପିକା ଅଧ୍ୟାପକଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସୁଧାଂଶୁ ଶେଖର ମିଶ୍ର, କୁଶଚନ୍ଦ୍ର ପ୍ରଧାନ, ମମତାମୟୀ ସାମଲ, ଅମୂଲ୍ୟକୃଷ୍ଣ ପାଢୀ, ଦିଲୀପ କୁମାର ରାଉତ, ଜଗନ୍ନାଥ ବେହେରା ଓ ଅଜୟ କୁମାର ଦାସଙ୍କୁ ନିଆଯାଇଛି। ଶେଷରେ ମମତାମୟୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ବର୍ଷ ବିତିଲା, ସରିଲାନି ଷ୍ଟାଡିୟମ୍ ନିର୍ମାଣ



- ମିନି ଷ୍ଟାଡିୟମ୍ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ
- ଜିଲା କ୍ରୀଡ଼ା ବିଭାଗକୁ ହସ୍ତାନ୍ତର ହୋଇଥିଲା ୫ ଏକର

ଚଣ୍ଡିଖୋଲ/ଛତିଆ, ୨୫ା୬ (ଡି.ଏନ୍.ଏ.)

ଯାଜପୁର ଜିଲାର ବହୁ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳି ଜିଲା ପାଇଁ ସୁନାମ ଆଣିଛନ୍ତି। ଛତିଆସ୍ଥିତ ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନର ବହୁ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିଛନ୍ତି। ସେହିଭଳି ଏଠାରେ ସାଇକେଲ ପୋଲ, ବଲ ବ୍ୟାଡମିଣ୍ଟନ୍, ଟେନିକଏଟ, ଫୁଟବଲ ଟେନିସ୍, ସିପୋକ୍ତ୍ରାକା, ଫୁଟ ଭଲି ସମେତ କ୍ରିକେଟ ଓ ବହୁ ଫୁଟ୍‌ବଲ ଖେଳାଳି ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଜଣାପଡ଼ିଛି। ହେଲେ ଷ୍ଟାଡିୟମ ଅଭାବରୁ ସେମାନେ ଅନ୍ୟାନ୍ୟ ଜାଗାରେ ଅଭ୍ୟାସ କରୁଥିବାବେଳେ ଏହି ପିଢ଼ିକୁ ଆଗେଇ ନେବାର ଆଶା ମଉଳି ଯାଉଛି। ଏଣୁ ବଡଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଏକ ବ୍ଲକସ୍ତରୀୟ ମିନିଷ୍ଟାଡିୟମ୍ ନିର୍ମାଣ କରିବାକୁ ୨୦୧୪ରେ ପରିକଳ୍ପନା କରାଯାଇଥିଲା। ୨୦୧୪ରେ ଛତିଆ ନିକଟ ସୋଲର ପଞ୍ଚାୟତ ପାଇକରାପୁର ଗ୍ରାମର ଖାତା ନଂ. ୩୮୧ ଓ ପ୍ଲଟ ନଂ. ୭୭୧ର ୫ ଏକର ପରିମିତ ଜମିକୁ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ତରଫରୁ ଜିଲା କ୍ରୀଡା ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ମିନି ଷ୍ଟାଡିୟମ୍‌ର କାର୍ଯ୍ୟ ଅଗ୍ରଗତି ହୋଇପାରୁନାହିଁ। ଫଳରେ କ୍ରୀଡା ନୈପୁଣ୍ୟ ଥିବା ବହୁ ଛାତ୍ରୀଛାତ୍ର କ୍ରୀଡାରୁ ବଞ୍ଚିତ ହେଉଛନ୍ତି। ସୂଚନାଯୋଗ୍ୟ, ୨୦୧୫ ଜୁଲାଇ ୩୦ରେ ଏହି ଷ୍ଟାଡିୟମ୍‌ର ପାଚେରି ନିର୍ମାଣ ପାଇଁ ପ୍ରଥମ କରି ୧୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ବହୁ ବିଳମ୍ବରେ ୨୦୧୮ରେ କେବଳ ପାଚେରି ନିର୍ମାଣରେ କାର୍ଯ୍ୟ ସୀମିତ ରହିଥିଲାବେଳେ ଖେଳ ପଡିଆ ଅଦ୍ୟାବଧି ନିର୍ମାଣ ହୋଇପାରିନାହିଁ। ୨୦୧୭ରୁ ଖେଳ ପଡିଆ ନିର୍ମାଣ ପାଇଁ କ୍ରୀଡା ବିଭାଗ ତରଫରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲାବେଳେ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଉକ୍ତ ପଡ଼ିଆରେ ଏବେ ଗୋରୁ ଚରୁଥିବାବେଳେ ଏହା ନିଶାଖୋର ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏପରିକି ୫ ଏକର ପରିମିତ ଷ୍ଟାଡିୟମର ପରିସୀମାରୁ ୧ ଏକର ଜମି ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ଭିତରକୁ ଚାଲିଗଲାଣି। ତୁରନ୍ତ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ବହୁ କ୍ରୀଡାବିତ୍ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ମୋହନ ଟୁଡୁଙ୍କୁ ପଚାରିବାରୁ, ବ୍ଲକସ୍ତରୀୟ ମିନିଷ୍ଟାଡିୟମ ପାଇଁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାର ପାଚେରି ନିର୍ମାଣ କାମ ଶେଷ ହୋଇଛି। ପଡ଼ିଆ ସମାନ କରିବା ପାଇଁ ମାଟି ଓ ବାଲି ଭର୍ତ୍ତି ହେବ। ଜମି ବିବାଦକୁ ନେଇ ସମସ୍ୟା ଥିବାରୁ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କହିବାକୁ ସାହା କେହି ନାହିଁ**
**କା ଆଗେ କହିବି ଦୁଃଖ ?**
**ବାହା କରିବାକୁ ଯାହାକୁ ଡାକିଲି**
**ତାକୁ ନ ଲାଗିଲା ସୁଖ ।**

ଜୀବନରେ ଦୁଃଖ ଶୁଣିବାକୁ ଯେମିତି କେହି ନାହିଁ, ସୁଖର ମର୍ମ ବୁଝିବାକୁ ବି କାହାର ସ୍ପୃହା ନାହିଁ। ନିଃସଙ୍ଗ ନିଃସ୍ୱ ବ୍ୟକ୍ତି ସବୁକ୍ଷେତ୍ରରେ ନିଜକୁ ଅସହାୟ ମଣିବା ସହ ନିରାଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆସୁଥିଲା ପଦ ବାହୁଡ଼ି ଗଲା**
**ଥାଇ ଦେଢ଼ଶୁର ଅଡୁଆ କଲା ।**

ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାଏ। ତେବେ ପାଖରେ ଯଦି କେହି ଆତ୍ମୀୟ ଉପସ୍ଥିତ ରହିଥାନ୍ତି ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ନିଜ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବରିଷ୍ଠ ନାଗରିକ ମଞ୍ଚର ନୂତନ କାର୍ଯ୍ୟକାରୀ କମିଟି

ଯାଜପୁରରୋଡ,୨୫ା୬(ନି.ପ୍ର.)

ଚେରଦାସ୍ଥିତ କାର୍ଯ୍ୟାଳୟରେ ରବିବାର ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଏକ ନୂତନ ୫ ବର୍ଷିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଅନୁଷ୍ଠାନର ନୂତନ କମିଟିରେ ଉପେନ୍ଦ୍ରନାଥ ବେଉରିଆ ସଭାପତି, ନୃସିଂହ ଚରଣ ପରିଡ଼ା କାର୍ଯ୍ୟକାରୀ ସଭାପତି, ଚନ୍ଦ୍ରମଣି ସାମଲ ସମ୍ପାଦକ, ପ୍ରଫୁଲ୍ଲ କୁମାର ନାୟକ ସହସମ୍ପାଦକ, ଶତ୍ରୁଘ୍ନ ପୁହାଣ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବିଷ୍ଣୁ ମୋହନ ସାହୁ, ବସନ୍ତ କୁମାର ବେହେରା, କେଶବ ଚନ୍ଦ୍ର ବଳ, ଘନଶ୍ୟାମ ରାଉତ, କମଳ ଲୋଚନ ସାହୁ, ନଳିନୀପ୍ରଭା ପରିଡ଼ା, କୁମୁଦିନୀ ରାଉତ, ବସନ୍ତ ମଞ୍ଜରୀ ବାରିକ, ଅରୁଣା ଖଣ୍ଡାଇ ଓ ସନାତନ ମହାଳିକ ପ୍ରମୁଖ କାର୍ଯ୍ୟକାରୀ କମିଟିର ସଭ୍ୟ ରହିଛନ୍ତି। ଆଡଭୋକେଟ ଲୋକନାଥ ରାଉତ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ଖବରଦାତା ଚିନ୍ତାମଣି ପାଢ଼ୀ, ନିକୁଞ୍ଜ ବିହାରୀ ଧଳ, ଅରୁଣ କୁମାର ବିଶ୍ୱାଳ, କୁଳମଣି ବାରିକ ଓ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ସଭାରେ ସମ୍ପାଦକ ସାମଲ ୨୦୧୮-୧୯ ଆର୍ଥିକ ବର୍ଷର ଆୟବ୍ୟୟ ଉପସ୍ଥାପନ କରିବା ସହ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ମଦମୁକ୍ତ ଓଡ଼ିଶା ପାଇଁ ସଚେତନତା ସୃଷ୍ଟି ଆଦି କାର୍ଯ୍ୟକ୍ରମମାନ କରାଯିବ ବୋଲି ପ୍ରସ୍ତାବ ଦେଇଥିଲେ। ଉପସ୍ଥିତ ନୂତନ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଏହାକୁ ସମର୍ଥନ ଦେଇଥିଲେ। ବରିଷ୍ଠ ସଭ୍ୟ ଭୁବନାନନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି ସାଧାରଣ ସଭାରେ ମଞ୍ଚର ୫୦ରୁ ଅଧିକ ସଭ୍ୟ ଅଂଶଗ୍ରହଣ କରିଥିଲେ।

## ବର୍ଜୁନଗର କଲୋନୀରେ ଲାଗିଲା ନୂତନ ଏଲଇଡି ଲାଇଟ

ଧର୍ମଶାଳା,୨୫ା୬(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ବର୍ଜୁନଗର କଲୋନୀ (ଜାରକା ବସ୍ ଷ୍ଟାଣ୍ଡ)ଠାରେ ମଙ୍ଗଳବାର ନୂତନ ଏଲ୍ଇଡି ଲାଇଟ୍ ଲଗାଯାଇଛି। ପଞ୍ଚାୟତ ପାଣ୍ଠି ବିନିଯୋଗରେ ବିଦ୍ୟୁତ୍ ଖୁଣ୍ଟଗୁଡିକରେ ଏଲ୍ଇଡି ଲାଇଟ୍ ଲଗାଯାଇଥିଲା। କିନ୍ତୁ ତାହା ଦୁଇମାସ ମଧ୍ୟରେ ଖରାପ ହୋଇଯାଇଥିଲା। ଏ ନେଇ ଧରିତ୍ରୀରେ ପ୍ରକାଶ ପରେ ଏହାକୁ ମରାମତି କରାଯାଇଛି। ଫଳରେ ଦୀର୍ଘଦୀନ ହେବ ଅନ୍ଧାର ହୋଇ ରହିଥିବା ଅଞ୍ଚଳ ଆଲୋକମୟ ହୋଇଛି।

## ଛତିଆ ଘୋଷଯାତ୍ରା ପାଇଁ ପ୍ରସ୍ତୁତି

ଛତିଆ,୨୫ା୬(ଡି.ଏନ୍.ଏ.)

ବିଶ୍ୱର ସର୍ବବୃହତ୍ ଛତିଆ ବଡ଼ ଘୁମୁରୀ ୧୧ କି.ମି. ବଡ଼ଦାଣ୍ଡରେ ପ୍ରସିଦ୍ଧ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଘୋଷଯାତ୍ରା ଆସନ୍ତା ୪ରେ ଅନୁଷ୍ଠିତ ହେବ। ଏ ନେଇ ଛତିଆ ଯାତ୍ରୀ ନିବାସଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଚ୍ଚିଦାନନ୍ଦ ସାମନ୍ତରାୟ ଗତ ବର୍ଷର ଆୟବ୍ୟୟ ହିସାବ ଦେବା ପରେ ରଥର ମୁଖ୍ୟ ଉପଦେଷ୍ଟା ଉପେନ୍ଦ୍ର ଓଝା, ରଥ ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ ସରିବ ବୋଲି କହିଥିଲେ। ଯାଜପୁର ଏସ୍‌ଡିପିଓ କେଦାର ନାଥ ସାହୁ, ବୈରୀ ଥାନା ଆଇଆଇସି ନିରଞ୍ଜନ ଶବର, ବଡ଼ଚଣା ଆଇଆଇସି ଦୀପକ ସାହୁ ଉପସ୍ଥିତ ରହି ପୋଲିସ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ବିଷୟରେ କହିଥିଲେ। ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ସଞ୍ଜୟ ସାହୁ ରାସ୍ତାରେ ଥିବା ଖାଲ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି କହିଥିଲେ। ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ, ବିଦ୍ୟୁତ୍ ବିଭାଗ ଜେଇ ଜ୍ଞାନ ରଞ୍ଜନ ମିଶ୍ର, ସୋଲର ସରପଞ୍ଚ ନୀଳମଣି ରାଉତ, ଛତିଆ ସରପଞ୍ଚ ନୟନା ବେହେରା, ଛତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଶୋକ ମିଶ୍ର, ରାମଚନ୍ଦ୍ର ସ୍ୱାଇଁ, ଶରତ ବଳ, ମିହିର ପ୍ରତାପ ଦାସ, ଗିରିଶ ପାତ୍ର, ପ୍ରିୟନାଥ ପୃଷ୍ଟି, ଭବାନୀ ଶଙ୍କର ସାହୁ, ହେମନ୍ତ ଷେଣ୍ଡ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

SINGHANIA
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203, 94858-27609

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

BUSINESS
BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ। ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075, 7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now 7895985440

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
9078839971

See Color Display Classified on every Tuesday & Friday

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765, 8512004851

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444, 8860599820

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପୁରୁଷାର୍ଥ ହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ଚଣ୍ଡିଖୋଲ,୨୫।୬(ଡି.ଏନ.ଏ.):** ୫ ନଂ.(କ) ଜାତୀୟ ରାଜପଥର ଚଣ୍ଡିଖୋଲ ଛକ ନିକଟ ଗାନ୍ଧିଛକଠାରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଗୁରୁତର ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ହଳଦିଆ ଗ୍ରାମର ଅଶୋକ କୁମାର ପ୍ରଧାନ (୨୫)। ପ୍ରକାଶ ଯେ, ଅଶୋକ ବାଇକ୍ (ନଂ.ଓଡି୨୯-ଡି-୧୩୯୩) ଯୋଗେ ଚଣ୍ଡିଖୋଲରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲେ। ଗାନ୍ଧୀଛକଠାରେ ଏକ ବାଉଁଶ ବୋଝେଇ ଅଟୋ (ନଂ. ଓଡି୨୯-ଡି-୩୯୨୨) ଅଶୋକଙ୍କୁ ଓଭର ଟେକ୍ କରିବାବେଳେ ତାଙ୍କ ପେଟରେ ବାଉଁଶ ପଶିଯାଇଥିଲା।

### ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସ ପାଇଁ ବିବିଧ ପ୍ରତିଯୋଗିତା

**ଯାଜପୁର ଅଫିସ,୨୫।୬:** ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ଲକ, ଜିଲାସ୍ତରରେ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲାସ୍ତରୀୟ ପ୍ରତିଯୋଗିତା ଜୁଲାଇ ୨ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଜିଲାସ୍କୁଲ ଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଆ ପ୍ରବନ୍ଧ, କବିତା ଆବୃତ୍ତି, ଓଡ଼ିଆ ବକ୍ତୃତା, ସାଧାରଣ ଜ୍ଞାନ ଓ ଇଂରାଜୀରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୬ଷ୍ଠରୁ ୭ମ ଶ୍ରେଣୀ କନିଷ୍ଠ ଓ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ବରିଷ୍ଠ ବିଭାଗ ଭାବେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳରୁ କନିଷ୍ଠ ଓ ବରିଷ୍ଠ ବିଭାଗର ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ତାହାର ପ୍ରଥମ ପ୍ରତିଯୋଗୀମାନେ ଜିଲାସ୍ତର ପାଇଁ ଯୋଗ୍ୟ ବିବେଚିତ ହେବେ। ବ୍ଲକ ଓ ପୌରାଞ୍ଚଳସ୍ତରରେ ବ୍ଲକ ଶିକ୍ଷା ଅଧିକାରୀମାନେ ଏହାକୁ ଆୟୋଜନ କରିବେ ଓ ଜୁନ୍ ୨୯ତାରିଖ ମଧ୍ୟରେ ଏହି ପ୍ରତିଯୋଗିତା ସମ୍ପନ୍ନ ହେବା ପରେ ଜିଲା କାର୍ଯ୍ୟାଳୟକୁ ୨୯ତାରିଖରେ ସମସ୍ତ କୃତୀ ପ୍ରତିଯୋଗୀଙ୍କ ନାମ ତାଲିକା ପ୍ରେରଣ କରିବେ। ତେଣୁ ପ୍ରତ୍ୟେକ ବ୍ଲକ ବା ପୌରାଞ୍ଚଳର ଆଗ୍ରହୀ ପ୍ରତିଯୋଗୀମାନେ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟ ବା ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ରାଜ୍ୟସ୍ତରରେ କନିଷ୍ଠ ବିଭାଗର ପ୍ରତିଯୋଗିତା ଗୁଡିକ ଜୁଲାଇ ୭ ତାରିଖ ଓ ବରିଷ୍ଠ ବିଭାଗର ପ୍ରତିଯୋଗିତା ଜୁଲାଇ ୧୪ ତାରିଖରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ। ଏହାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଜୁଲାଇ ୨୫ ତାରିଖରେ ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯିବ ବୋଲି ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଅବଗତ କରିଛନ୍ତି।

### ଗୋପାଳ ସାହି ଗ୍ରାମ ରାସ୍ତା ଶୋଚନୀୟ



**ଜେନାପୁର,୨୫।୬(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ଅଧୀନସ୍ଥ ଗୋଡିପାଟିଆ ଗ୍ରାମ ଗୋପାଳ ସାହି ଗ୍ରାମ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଦୀର୍ଘଦିନ ହେବ ରାସ୍ତାଟି ମରାମତି ନ ହେବାରୁ ପଟୁ ମାଟି ଜମିଛି। ଅପରପକ୍ଷେ ରାସ୍ତାଟି ଖାଲୁଆ ହୋଇଥିଲେ ମଧ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ନାହିଁ। ସାମନ୍ୟ ବର୍ଷାରେ ଜଳ ନିଷ୍କାସନ ନ ହୋଇ ଜମି ରହୁଛି। ରାସ୍ତାରେ ପଟୁମାଟି ରହିଥିବାରୁ ବର୍ଷାଜଳ ମିଶିବାରୁ କାଦୁଅ ହେଉଛି। ଗମନାଗମନର ଅନ୍ୟକୌଣସି ସୁବିଧା ନ ଥିବାରୁ ଲୋକେ ବାଧ ହୋଇ ଏହି ରାସ୍ତାଦେଇ ଯାତାୟାତ କରୁଛନ୍ତି। ରାସ୍ତାରେ ପାଣି ଜମି ରହିବା ଦ୍ୱାରା ମଶାମାଛିଙ୍କ ପାର୍ଦୁର୍ଭାବ ବଢିବାରେ ଲାଗିଛି। ଯାହା ଗ୍ରାମବାସୀଙ୍କ ଚିନ୍ତାର କାରଣ ପାଲଟିଛି। ବ୍ଲକ ପ୍ରସାଶନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚାରଣଭୂମି ସଙ୍କୁଚିତ, ସଙ୍କଟରେ ଗୋସମ୍ପଦ

**ଗୋପାଳନ ଆମ ଦେଶର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହା କୃଷି ଜୀବନ ଓ ଜୀବିକା ନିର୍ବାହର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ମାତ୍ର ଆଜିର ବୈଜ୍ଞାନିକ ବୈଷୟିକ ଯୁଗରେ ଟ୍ରାକ୍ଟର, ପାୱାରଟିଲର ଆଦିର ବ୍ୟବହାର ବଢିଯାଇଥିବାବେଳେ ଗୋସମ୍ପଦ କ୍ରମଶଃ ଆଲୋଡ଼ା ହୋଇ ଯାଉଛି । ଏହା ସହ ଚାରଣଭୂମିର ସଙ୍କୋଚନ, ରୋଗ ଏବଂ ପରିବେଶ ଅସନ୍ତୁଳନ ସହ ଗୋଚାଲାଣ ଗୋସମ୍ପଦ ପ୍ରତି ବିପଦ ଘନେଇଛି।**

**ହ୍ରାସ ପାଉଛନ୍ତି ଗୃହପାଳିତ ପ୍ରାଣୀ**



**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨୫।୬**

ଯାଜପୁର ଜିଲାର ୧୦ ବ୍ଲକ ଓ ୨ପୌରାଞ୍ଚଳରେ ୨୦୦୩ ଗଣନା ଅନୁଯାୟୀ ୧୨,୮୭,୦୩୭ ଗୋସମ୍ପଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରୀ ଓ କୁକୁଡ଼ା ଜାତୀୟ ପ୍ରାଣୀ ଥିଲେ। ଏହାପରେ ୨୦୧୨ଗଣନାରେ ଏହା ୯,୨୬,୮୭୨କୁ ହ୍ରାସ ପାଇଛି । ଅର୍ଥାତ ଉକ୍ତ ୯ବର୍ଷ ମଧ୍ୟରେ ୩,୬୦,୧୬୫ ଜାତୀୟ ପ୍ରାଣୀ ହ୍ରାସ ପାଇଥିଲେ। ଇତିମଧ୍ୟରେ ୭ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ପରବର୍ତ୍ତୀ ଗଣନା ହୋଇପାରି ନାହିଁ। ଚାରଣଭୂମି ହ୍ରାସ ଏବଂ ଗୋଚାଲାଣ ବୃଦ୍ଧି ଗୃହପାଳିତ ପ୍ରାଣୀସମ୍ପଦ ପ୍ରତି ବିପଦ ଦେଖାଦେଇଛି। ଏବେକାର ଗୋପାଳନ ପାରମ୍ପରିକ ପରିଧି ମଧ୍ୟରୁ ବାହାରି ବ୍ୟବସାୟିକ ପରିସୀମା ମଧ୍ୟକୁ ପ୍ରବେଶ କରିଥିବାରୁ ଜର୍ସି ଗାଈଙ୍କ ସଂଖ୍ୟା ବଢିଥିବାବେଳେ ଦେଶୀ ଗୋରୁଙ୍କ ଚାହିଦା କମି ଯାଉଛି । ଜିଲାରେ ଦେଶୀ ଗୋରୁଙ୍କ ପ୍ରକୃତ ତଥ୍ୟ ମିଳି ପାରି ନ ଥିଲେ ହେଁ ବାର୍ଷିକ ପୂର୍ବ ଗଣନାର ପ୍ରାୟ ୧୦ପ୍ରତିଶତ ସଂଖ୍ୟା କମୁ ଥିବା ଅନୁମାନ କରାଯାଇଛି।

**ଗୋଚର ଜମି**

ଖଣି, ଶିଳ୍ପ ସମେତ ଜନସଂଖ୍ୟା ବୃଦ୍ଧି ଓ ସହରୀକରଣ ଯୋଗୁ ଚାରଣଭୂମି ବିଭିନ୍ନ ଉପାୟରେ ନିୟୋଜିତ ହେଉଛି । ୨୦୧୨ଗଣନା ଅନୁସାରେ ଜିଲାରେ ୧୨ହଜାର ହେକ୍ଟର ଚାରଣ ଭୂମି ରହିଥିଲା । ତେବେ ସମ୍ପ୍ରତି ଏହା ହ୍ରାସ ପାଇ ୧୦,୭୭୭ ହେକ୍ଟରକୁ ପହଞ୍ଚିଛି। ଜିଲାରେ ସମୁଦାୟ ୮୦୦ରୁ ଉର୍ଦ୍ଧ୍ୱ ଗୋଚର ଜମିରେ ଜବରଦଖଲ ମାମଲା ପଡ଼ି ରହିଛି। ମାତ୍ର ଉପରୋକ୍ତ ତଥ୍ୟ କେବଳ କାଗଜକଲମରେ ରହିଛି। ପ୍ରକୃତପକ୍ଷେ ଉପରୋକ୍ତ ପରିମାଣରୁ ପ୍ରାୟ ୮୦ପ୍ରତିଶତ ଗୋଚର ଜମି ଜବରଦଖଲ ହୋଇସାରିଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି। ଉଠା ଜଳସେଚନ ପଏଣ୍ଟ, ଇଲେକ୍ଟ୍ରି ଖୁମ୍ବ ପୋତିବା, ଖେଳପଡ଼ିଆ, ପୋଖରୀ ଖନନ, ବାଲି ମହଜୁଦ ରଖିବା ଆଦି ସରକାରୀ କାର୍ଯ୍ୟରେ ମଧ ଏହି ଗୋଚର ଜମି ଜବରଦଖଲ ହେଉଛି। ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ଘଟିବା ଏବଂ ଚାଷ ଓ ଆବାସ ପାଇଁ ଲୋକେ ବ୍ୟାପକମାତ୍ରାରେ ଏପରିଭାବେ ଚାରଣଭୂମି ଜବରଦଖଲ କରିବା ଯୋଗୁ ସମ୍ପ୍ରତି ପୂର୍ବଭଳି ଗୋଚର ଜମି ଦେଖିବାକୁ ମିଳୁନାହିଁ । ଫଳରେ ଗୃହପାଳିତ ପଶୁ ଖାଦ୍ୟ ଓ ପାନୀୟ ଠିକ ଭାବେ ପାଇ ନ ପାରି ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି । ଏହାସହ ଜିଲାରେ ସେଭଳି ପଶୁଖାଦ୍ୟ ଚାଷ ହୋଇପାରୁ ନ ଥିବାରୁ ଖାଦ୍ୟ ଅଭାବ ଦେଖା ଯାଉଛି। ଫଳରେ ଗୋସମ୍ପଦ ବିଭିନ୍ନ ରୋଗରେ ପଡି ଅକାଳରେ ମୃତ୍ୟୁବରଣ କରୁଛନ୍ତି।

**ଗୋଚାଲାଣ**

ଅବାଧ ଗୋଚାଲାଣ ପ୍ରତି କୌଣସି କଟକଣା ନାହିଁ । ସଂପ୍ରତି ଯାଜପୁର ଜିଲାରେ ଏହି କାରବାର ଅଣାୟତ୍ତ ହେବାରେ ଲାଗିଛି। ୧୬ ନମ୍ବର, ୫୩ ନମ୍ବର, ୨୦ ନମ୍ବର ଜାତୀୟ ରାଜପଥ ଦେଇ ଗୋରୁ ବେପାରୀମାନେ ଅନାୟସରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଗୋଚାଲାଣ କରୁଛନ୍ତି। ଗୋଚାଲାଣ ସମୟରେ ବିଭିନ୍ନ ଦୁର୍ଘଟଣା ହେଉଥିବା ନଜିର ରହିଛି। ଏଥିରେ ବହୁ ଗୋରୁ ମୃତ୍ୟୁମୁଖରେ ପଡୁଛନ୍ତି । ପୋଲିସ ପ୍ରଶାସନକୁ ହାତକରି ଏଭଳି ବ୍ୟାପକ ଗୋରୁଚାଲାଣ ଜିଲାକୁ ବଦ୍‌ନାମ ଆଣିଛି।

**ଜିଲାର ଗୃହପାଳିତ ପରିସଂଖ୍ୟାନ**

| ଗଣନା | ଗୋ ସମ୍ପଦ | ମଇଁଷି | ମେଣ୍ଢା | ଛେଳି | ଘୁଷୁରି | କୁକୁଡା |
|---|---|---|---|---|---|---|
| ୨୦୦୩ | ୬୫୩୭୪୧ | ୧୧୦୬୧ | ୬୭୪୧୨ | ୨୫୫୬୪୨ | ୫୮୨୬ | ୨୯୩୩୫୫ |
| ୨୦୧୨ | ୫୦୩୫୦୫ | ୪୩୮୬ | ୧୫୪୪୯ | ୧୯୫୦୫୮ | ୨୨୪୫ | ୨୦୫୪୭୪ |

## ଶ୍ରୀ ବ୍ୟାସ ସରୋବର ଗୋଶାଳା



ଯାଜପୁରରୋଡ ସହରରେ ୧୯୧୯ମସିହାରେ ଶ୍ରୀବ୍ୟାସ ସରୋବର ଗୋଶାଳା ପ୍ରତିଷ୍ଠା ହୋଇଥିଲା। ଏଥିରେ ପାଖାପାଖି ୩୦୦ ଗୋରୁଗାଈ ଅଛନ୍ତି । ଏହା ଜିଲାର ସର୍ବପୁରାତନ ଗୋଶାଳା। ଏହି ଗୋଶାଳାରେ ଅଧିକାଂଶ ଦେଶୀ ଗାଈ ଥିବାବେଳେ ବହୁତ କମ୍ ସଂଖ୍ୟାରେ ଜର୍ସି ଗାଈ ଅଛନ୍ତି । ଏହି ଗୋଶାଳାରୁ କ୍ଷୀର ବିକ୍ରି କରି ବାର୍ଷିକ ୫ ଲକ୍ଷ ଟଙ୍କା ଆୟ ହୋଇଥାଏ। କିନ୍ତୁ ଗୋଶାଳାରେ କାର୍ଯ୍ୟରତ ୧୮ ଜଣ କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ ଲାଗି ବାର୍ଷିକ ପ୍ରାୟ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। କେତେକ ବଦାନ୍ୟ ବ୍ୟକ୍ତି ଓ ଚାନ୍ଦା କରି ଏହି ପୁରୁଣା ଗୋଶାଳାକୁ ବଞ୍ଚାଇ ରଖିଛନ୍ତି। ଏକ ପରିଚାଳନା କମିଟି ଏହି ଗୋଶାଳାର ପରିଚାଳନା କରିଥାନ୍ତି । ଏଥିରେ ରଷିକୁମାର ଅଗ୍ରୱାଲ ସଭାପତି, ରଜତ କୁମାର ରାଉତ ସମ୍ପାଦକ ଓ ଦୀନେଶ ମସକରା କୋଷାଧ୍ୟକ୍ଷ ରହିଛନ୍ତି। ଗୋସମ୍ପଦର ସୁରକ୍ଷା ପାଇଁ ସରକାରୀସ୍ତରରେ ସେତେଟା ଆଗ୍ରହ ପରିଲକ୍ଷିତ ହେଉ ନାହିଁ । ୨୦୧୭-୧୮ ଆର୍ଥିକ ବର୍ଷରେ ୩ ଲକ୍ଷ ୭୬ହଜାର ଟଙ୍କା ସରକାରୀ ସହାୟତା ମିଳିଥିଲା। ଏହାପରେ ସରକାରୀସ୍ତରରେ କୌଣସି ଅନୁଦାନ ଆସି ନାହିଁ। ଲୋକମାନଙ୍କ ବଞ୍ଚି ରହିବା ପାଇଁ ଗାଈଗୋରୁଙ୍କ ସଂଖ୍ୟା ବୃଦ୍ଧି ନିହାତି ଅନିବାର୍ଯ୍ୟ। ମାତ୍ର ସମୟକ୍ରମେ ଲୋକଙ୍କ ଗୋରୁ ରଖିବାର ଆଗ୍ରହ କମି ଯାଇଛି। ଏପରିକି ବଳଦ ପରିବର୍ତ୍ତେ ଟ୍ରାକ୍ଟରରେ ଚାଷ କାର୍ଯ୍ୟ କରୁଛନ୍ତି । ଯାହାର ଟ୍ରାକ୍ଟର ନାହିଁ ଭଡ଼ାରେ ଆଣି ଚାଷ କରୁଛନ୍ତି। ହଳ ନଙ୍ଗଳର ଚାହିଦା ଗ୍ରାମାଞ୍ଚଳରେ ଧୀରେଧୀରେ କମିବାରେ ଲାଗିଛି। ସରକାରୀସ୍ତରରେ ଲୋକଙ୍କୁ ଜର୍ସି ଗାଈ କିଣିବାକୁ ଋଣ ମିଳୁଥିବାବେଳେ ପ୍ରାଣୀ ଚିକିତ୍ସାଳୟଗୁଡ଼ିକରେ ମଧ ଜର୍ସି ଗାଈକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସମୟରେ ପ୍ରାଣୀ ଚିକିତ୍ସାଳୟଗୁଡ଼ିକରେ ଦେଶୀ ଗାଈଙ୍କ ପାଇଁ ଲାଇଭ ଷ୍ଟକ ଆବଶ୍ୟକ ଅନୁସାରେ ଗଚ୍ଛିତ ରହୁ ନାହିଁ । ଗୋଚର ଜମି ଜବରଦଖଲ ଯୋଗୁ ଚାରଣଭୂମିର ଅଭାବ ସମେତ ଅବାଧ ଚୋରାଚାଲାଣ, ଗୋହତ୍ୟା, ରୋଗ ଆଦି ପ୍ରମୁଖ କାରଣ ଦେଶୀ ଗାଈଙ୍କ ସଂଖ୍ୟା କମିବାର ପ୍ରମୁଖ କାରଣ । ବ୍ୟବସାୟିକ ଦୃଷ୍ଟିକୋଣରୁ ଆଜିକାଲି ଲୋକେ ଦେଶୀ ଗାଈ ରଖିବା ପରିବର୍ତ୍ତେ ଜର୍ସି ଗାଈ ପାଳନ କରୁଛନ୍ତି । ଗାଈଗୋରୁଙ୍କ ହ୍ରାସ ଜୀବନଜୀବିକା ଓ ପରିବେଶ ସନ୍ତୁଳନ ପ୍ରତି ବିପଦ ଘନଉଛି ବୋଲି ପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି । ଜର୍ସି ଗାଈର ଗୋବର ଜମିର ଉର୍ବରତାରେ ସେତେଟା ସହାୟକ ହେଉ ନ ଥିବାବେଳେ ଦେଶୀଗାଈ ସଂଖ୍ୟା ହ୍ରାସ ଜମିର ଉର୍ବରତା ବଜାୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାସହ ଗୋସମ୍ପଦ ହ୍ରାସ କ୍ଷୁଦ୍ରଚାଷୀଙ୍କ ପାଇଁ କାଳ ହେବାକୁ ଯାଉଛି ବୋଲି ପରିବେଶବିତମାନେ ମତପୋଷଣ କରୁଛନ୍ତି ।

## ବିପଦସଙ୍କୁଳ ଅବସ୍ଥାରେ ନଦୀବନ୍ଧ ରାସ୍ତା

**ଜେନାପୁର,୨୫।୬(ଡି.ଏନ୍.ଏ.)**



ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ-ଜାରକା ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷାରେ ରାସ୍ତାର ଅଧିକାଂଶ ସ୍ଥାନରେ ମାଟି ଧସିଯାଇ ଖାଲ ସୃଷ୍ଟି ହୋଇଛି। ବିଶେଷକରି କୁଷୁନ୍ନପୁର ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ମାଟି ଧୋଇଯାଇ ରାସ୍ତା କଡ଼ ଏବଂ ରସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏହି ରାସ୍ତାଦେଇ ପ୍ରତ୍ୟେକ ଦିନ ଶତାଧିକ ଭାରିଯାନ ଯାତାୟାତ କରିବା ସହ ଜରୁରିକାଳୀନ ଯାନବାହନ ଯାତାୟାତ କରୁଛି। ଅପରପକ୍ଷେ କବାଟବନ୍ଧ, ଜେନାପୁର, ଏଣ୍ଡଲବା, ଜାରକା ଗ୍ରାମବାସୀଙ୍କ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ହଜାରଜହାର ଲୋକେ ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତାରେ ଖାଲଖମା ହୋଇଥିବାରୁ ଯାତାୟାତରେ ବିଭିନ୍ନ ସମସ୍ୟା ହେଉଛି। ଅନେକ ସମସୟରେ ଦୁର୍ଘଟଣାରେ ଧନଜୀବନ ନଷ୍ଟ ହେଉଛି। ଏହି ରାସ୍ତା ଦେଇ ଦୈନିକ ବହୁ ରାଜନୈତିକ ବ୍ୟକ୍ତି ବିଶେଷଙ୍କଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷ ଯାତାୟାତ କରୁଛନ୍ତି। ହେଲେ ଏଥିପ୍ରତି କାହାର ନଜର ନ ପଡିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଯୁକ୍ତ ୩ ବାଣିଜ୍ୟ ସମ୍ମାନ ପାଠ୍ୟକ୍ରମ ସାମିଲ

**ଧର୍ମଶାଳା,୨୫।୬(ଡି.ଏନ୍.ଏ.)**

ଧର୍ମଶାଳା ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷଠାରୁ ପ୍ରଥମ କରି ଯୁକ୍ତ ୩ ବାଣିଜ୍ୟ ସମ୍ମାନ ପାଠ୍ୟକ୍ରମ ସାମିଲ କରାଯାଇଛି। ଶିକ୍ଷା ବିଭାଗ ଅଞ୍ଚଳିକ ନିର୍ଦ୍ଦେଶକଙ୍କ ପତ୍ରସଂଖ୍ୟା ୩୭୩୨,୨୨।୫।୧୯ ଅନୁସାରେ ବାଣିଜ୍ୟ ବିଭାଗରେ ଆକାଉଣ୍ଟିଂରେ ୩୨ ଓ ମ୍ୟାନେଜମେଣ୍ଟରେ ୩୨ଟି ସିଟ୍‌କୁ ମିଶାଇ ମୋଟ ୬୪ ସିଟ୍‌ର ବ୍ୟବସ୍ଥା କରାଯାଇଛି। ଏ ନେଇ ଅଧ୍ୟକ୍ଷ ଶୁଭ୍ରାଂଶୁ କୁମାର ପଟ୍ଟନାୟକଙ୍କ ସେମେତ ସମସ୍ତ ଅଧାପିକା ଅଧାପକ, ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ, ବିଭାଗୀୟ ଶିକ୍ଷା ସଚିବ, ଅତିରିକ୍ତ ସଚିବ, ଆଞ୍ଚଳିକ ନିର୍ଦ୍ଦେଶକ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଯେ, ଧର୍ମଶାଳା ମହାବିଦ୍ୟାଳୟରେ ୧୯୯୪ରୁ ଯୁକ୍ତ ୨ ବାଣିଜ୍ୟରେ ୪୮ ସିଟ୍ ଖୋଲାଯାଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଏହି ବ୍ଲକରେ ଅଞ୍ଚଳରେ ଥିବା ୬ଟି କଲେଜ ରହିଥିଲେ ମଧ୍ୟ ଯୁକ୍ତ ୩ ବାଣିଜ୍ୟ ପାଠ୍ୟକ୍ରମ ଖୋଲାଯାଇ ନାହିଁ।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ଯାଜପୁର ଟାଉନ,୨୫।୬(ଡି.ଏନ୍.ଏ.)**

ଯାଜପୁର ବାର ଆସୋସିଏସନ୍‌ର ବରିଷ୍ଠ ଆଇନଜୀବୀ ଦେବୀପ୍ରସନ୍ନ ଶତପଥି(୬୮)ଙ୍କ ସୋମବାର ରାତିରେ ନିଜ ବାସଭବନରେ ପରଲୋକ ଘଟିଛି। ଦେବୀପ୍ରସନ୍ନଙ୍କ ମୃତ୍ୟୁ ଖବର ପାଇ ମଙ୍ଗଳବାର ସକାଳୁ ବାର ଆସୋସିଏସନ୍‌ର ବହୁ ସଦସ୍ୟ, ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ବାର ଆସୋସିଏସନ୍ ସଭାପତି ପ୍ରଫୁଲ୍ଲ କୁମାର ସାମଲ, ସମ୍ପାଦକ ରଞ୍ଜିତ କୁମାର ଧଳ, ବରିଷ୍ଠ ଆଇନଜୀବୀ ମଧୁସୂଦନ ମାହୁନ୍ତ, ଚକ୍ରଧର ବିଶ୍ୱାଳ, ଶିବପ୍ରସାଦ ମହାନ୍ତି, ସନ୍ତୋଷ ପଣ୍ଡା, ରାକେଶ ମିଶ୍ର, ଅଶୋକ ବିହାରୀ, ଅଶୋକ ବିଶ୍ୱାଳ, ସିଡିଏମ୍‌ଓ ଭାଗିରଥୀ ପାଣି, ବରିଷ୍ଠ ଭେଷଜ ବିଶେଷଜ୍ଞ ମଦନ ମୋହନ ସାମଲ, ଖାଉଟି ଅଦାଲତର ପୂର୍ବତନ ସଭାପତି ବିରଜା ପ୍ରସାଦ କର, ପ୍ରତାପ ରାୟ, ପ୍ରବୀର ରାୟ, ଦୀପ୍ତି ରଞ୍ଜନ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ନାୟକ, ନିତାଇଚାନ୍ଦ ମହାନ୍ତି, ଦିଲ୍ଲୀପ ଦାସ, ଜଗନ୍ନାଥ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଦେବୀପ୍ରସନ୍ନଙ୍କ ସମ୍ମାନାର୍ଥେ ମଙ୍ଗଳବାର ଯାଜପୁର, ବ୍ୟାସନଗର ଓ ଚଣ୍ଡିଖୋଲର ସମସ୍ତ ଜୁଡିସିଆଲ କୋର୍ଟଗୁଡ଼ିକରେ ଦିନକ ପାଇଁ କାର୍ଯ୍ୟବନ୍ଦ କରାଯାଇଛି। ଏପରି କି ଜାଗେଶ୍ୱରପୁର ବଜାର କମିଟି ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା।

### ଝଡ଼ାଫୁଙ୍କା ବାହାନାରେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

## ଅଭିଯୁକ୍ତ କୋର୍ଟ ଚାଲାଣ

**କଳିଙ୍ଗନଗର,୨୫।୬(ଡି.ଏନ୍.ଏ.)**



କଳିଙ୍ଗନଗର ଥାନା ଅଞ୍ଚଳ ଦୁର୍ଗାପୁର ଗ୍ରାମର ଜନୈକା ୧୫ବର୍ଷୀୟ ନାବାଳିକାଙ୍କୁ ଝଡ଼ାଫୁଙ୍କା ବାହାନାରେ ନିକଟସ୍ଥ ଜଙ୍ଗଲକୁ ଡାକିନେଇ ଅସଦାଚରଣ କରୁଥିବାବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ି ଜଣେ ଯୁବକ ନିର୍ଘୁମ ମାଡ଼ ଖାଇଛନ୍ତି। ଏନେଇ ପୋଲିସ ଖବର ପାଇ ସମ୍ପୃକ୍ତ ଯୁବକଙ୍କୁ ସୋମବାର ରାତିରେ ଉଦ୍ଧାର କରିଥିଲା। ମଙ୍ଗଳବାର ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଉକ୍ତ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ଶାଳିଜଙ୍ଗା ପଞ୍ଚାୟତ ଦୁର୍ଗାପୁର ଗ୍ରାମର ନିରଞ୍ଜନ ବିନ୍ଧାଣୀ(୨୭)।

ପ୍ରକାଶ ଯେ, ନିରଞ୍ଜନ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଏପରି କି ସେ ଝଡ଼ାଫୁଙ୍କା ମଧ କରନ୍ତି। ସୋମବାର ସନ୍ଧ୍ୟା ପ୍ରାୟ ୭ ଟା ବେଳେ ଗ୍ରାମର ୪/୫ ଜଣ ନାବାଳିକାଙ୍କୁ ଏକାଠି କରି ତାଙ୍କ ଦେହରେ ଭୂତ ଅଛିକି ନାହିଁ ଜାଣିବା ପାଇଁ କହି ଝଡ଼ାଫୁଙ୍କା କରିବାକୁ ପାଖ ଝାଟି ଜଙ୍ଗଲକୁ ଡାକି ନେଇଥିଲା। ସେଠାରେ ଅନ୍ୟ ନାବାଳିକାଙ୍କୁ ଗୋଟିଏ ସ୍ଥାନରେ ଠିଆ କରିଦେଇ ୧୫ ବର୍ଷୀୟା ନାବାଳିକା ରଶ୍ମୀ(ଛଦ୍ମନାମ)ଙ୍କୁ ଏକାକି ଜଙ୍ଗଲ ଭିତରକୁ ଡାକି ନେଇଥିଲା। ରଶ୍ମୀଙ୍କୁ ଉଲଗ୍ନକରି ଅସଦାଚରଣ କରିବା ସମୟରେ କୌଣସି ମତେ ଖବରପାଇ ନିରଞ୍ଜନଙ୍କ ସ୍ତ୍ରୀ ଗ୍ରାମବାସୀଙ୍କ ସହ ସେଠାରେ ପହଞ୍ଚି ଯାଇଥିଲେ। ଗ୍ରାମବାସୀ ନିରଞ୍ଜନଙ୍କୁ ଏଭଳି ଅବସ୍ଥାରେ ଦେଖି ଉତ୍କ୍ଷିପ୍ତ ହୋଇ ନିଘୁକ ମାଡ଼ମାରି ଗାଁକୁ ଆଣିଥିଲେ। ଗ୍ରାମରେ ମଧ ମାଡପିଟ କରୁଥିବା ସମୟରେ କୌଣସି ମତେ ପୋଲିସ ଖବର ପାଇ ସେଠାରେ ପହଞ୍ଚି ତାକୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୫୪(ଏ), ୫୦୬ ଏବଂ ପୋକ୍‌ସୋ ଆକ୍ଟର ଦଫା ୧୨ରେ ଏକ ମାମଲା(୧୨/୨୦୧୯) ରୁଜୁ କରି ନିରଞ୍ଜନଙ୍କୁ ଗିରଫ କରିଥିଲା।

## ରାସ୍ତା ମରାମତି କଲା ଯୁବକ ସଂଘ

**ବରୀ,୨୫।୬(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତର ଶୁକ୍ଲ-ମହାକାଳପଡ଼ା ରାସ୍ତାର ଶୁକ୍ଲଠାରେ ମଙ୍ଗଳବାର ଯୁବକ ସଂଘ ପକ୍ଷରୁ ରବିବାର ରାସ୍ତା ମରାମତି କାମ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। ମାୟାଧର ଭୂୟାଁ ଓ ଶହୀଦ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅଜୟ ମଲ୍ଲ ଏହାର ନେତୃତ୍ୱ ନେଇଥିଲେ। ଏଭଳି କାର୍ଯ୍ୟ ପାଇଁ ଯୁବକ ସଂଘକୁ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଶୁକ୍ଲ-ମହାକାଳପଡ଼ା ରାସ୍ତାର ଶୁକ୍ଲଠାରେ ୨୦୦ ମିଟର ଖାଲୁଆ ସ୍ଥାନ ରହିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ପାଣି ଜମିରହୁଛି। ଫଳରେ ଯାତାୟାତରେ ବାଧା ଉପୁଜୁଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ଏବେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ରହିଛି। ଏହି ରାସ୍ତା ସମ୍ପ୍ରସାରଣ ଓ ମରାମତି ବାବଦରେ ୫ ବର୍ଷ ମଧ୍ୟରେ କୋଟିଏ ଟଙ୍କା ଆସିଥିବା ଜଣାପଡ଼ିଛି। ହେଲେ ଠିକାଦାର ଓ ଯନ୍ତ୍ରୀ ମିଳିମିଶି ଲୁଟ୍ କରିଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିଘ୍ନରାଜ ଜେନାଙ୍କୁ ପଚାରିବାରୁ, ଅଭିଯୋଗ ମିଳିଛି। କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ରାସ୍ତା ମରାମତି କରାଯାଉଛି।

## ଖଣି ଅଞ୍ଚଳରେ ବଢୁଛି ଟ୍ରାଫିକ୍ ସମସ୍ୟା

**କାଳିଆପାଣି,୨୫।୬(ଡି.ଏନ୍.ଏ.)**




ଯାଜପୁର ଜିଲା ସୁକିନ୍ଦା ବ୍ଲକ ଖଣି ଅଞ୍ଚଳରେ ଦୈନନ୍ଦିନ ଟ୍ରାଫିକ୍ ସମସ୍ୟା ବଢିବାରେ ଲାଗିଛି। ଖଣିକୁ କ୍ରୋମାଇଟ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡିକ ଉପରେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏପରି ହେଉଥିବା ଅଭିଯୋଗ ହୋଇଛି। ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ୬ ଚକିଆ ଟ୍ରକ୍ କ୍ଷେତ୍ରରେ ପ୍ରଶାସନ ପକ୍ଷରୁ କଡାକଡିଭାବେ ପାଳନ କରାଯାଉଛି। କିନ୍ତୁ ୧୦, ୧୨ ଓ ୧୪ ଚକିଆ ଟ୍ରକ୍ କ୍ଷେତ୍ରରେ ଏହା ଲାଗୁ କରାଯାଇ ପାରି ନାହିଁ। ଅପରପକ୍ଷେ ବିଭିନ୍ନ ଖଣି ପାଇଁ ହୋଇଥିବା ପାର୍କିଂ ୟାର୍ଡରେ ୬ ଚକିଆ ଟ୍ରକ୍‌ଗଡିକ ରହୁଥିବାବେଳେ ଅନ୍ୟ ଟ୍ରକ୍‌ଗୁଡ଼ିକ ଟମକା- ମଙ୍ଗଳପୁର ରାସ୍ତା ଉପରେ ପାର୍କିଂ କରାଯାଉଛି। ବିଶେଷକରି ଖଣି ନିଗମ ଦ୍ୱାରା ନିର୍ମିତ କୋଳିପଶୀ ପାର୍କିଂୟାର୍ଡରୁ ଲୋଡିଂ ନିମନ୍ତେ ଖଣିକୁ ଆସୁଥିବା ଟ୍ରକ୍‌ଗୁଡିକ ଏକା ସମୟରେ ସିରିୟଲରେ ଛଡାଯାଉଛି। ଏହି ସମୟରେ ରାସ୍ତାର ଦୁଇ ପାର୍ଶ୍ୱରେ ଟ୍ରକ୍‌ଗୁଡିକ ରହୁଥିବାରୁ ଘଣ୍ଟାଘଣ୍ଟା ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ସେହିପରି ଓଏମ୍‌ସି ଟାଉନଶିପ୍ ନିକଟରେ ରହିଥିବା ଟିସ୍କୋ ରାସ୍ତାରେ ମଧ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଖଣି ନିଗମ ପରିବହନ ଓ ଖଣି କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ରାଜ୍ୟ ଗୃହ ବିଭାଗର ଓଆଇଏସ୍‌ଏଫ (ଓଡିଶା ଇଣ୍ଡଷ୍ଟ୍ରିୟାଲ ସିକ୍ୟୁରିଟି ଫୋର୍ସ ) ନିଯୁକ୍ତି କରାଯାଇଛି। ହେଲେ ଖଣି ଅଞ୍ଚଳରେ ନିଗମ ଦ୍ୱାରା ଉପୁଜିଥିବା ସମସ୍ୟାଗୁଡିକର ସମାଧାନ କରିବା ଦିଗରେ ସଂସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଟ୍ରାଫିକ ସମସ୍ୟା ଦ୍ୱାରା ସ୍କୁଲ ଛାତ୍ରୀଛାତ୍ର ଏବଂ ରୋଗୀଙ୍କଠାରୁ ଆରମ୍ଭକରି ସାଧାରଣ ଯାତ୍ରୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଏହା ଉପରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଯୁବନେତା ବୁଲୁ ମହାନ୍ତି, ଦିଲୀପ ମହାନ୍ତି, ଦିଲୀପ ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କୁ ଯୋଗାଯୋଗ କରିଥିଲେ ମଧ ଏ ବାବଦରେ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ଜୁନ୍, ୨୦୧୯

## ସଂକ୍ଷେପରେ

### ରଥଖଳାରୁ... ଆଜି ରଥକୁ ଉଠିବ ଚଉଦ ନାହାକା କାଠ



**ପୁରୀ ଅଫିସ,୨୫।୬:** ଆଗକୁ ରଥଯାତ୍ରା। ସେଥିପାଇଁ ସେବକମାନେ ତତ୍ପରତାର ସହିତ ରଥ କାମରେ ଲାଗି ପଡ଼ିଛନ୍ତି। ରଥର ବିଭିନ୍ନ କ୍ଷେତ୍ରରେ ସେବକମାନେ କିପରି ସୂଚାରୁ ସହିତ କାର୍ଯ୍ୟ ସମ୍ପନ୍ନ କରିବେ ମହାପ୍ରଭୁଙ୍କ ପ୍ରତି ବିଶ୍ୱାସ ରଖି କାମରେ ଲାଗି ପଡ଼ିଛନ୍ତି। ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ପ୍ରଥମ ଭୂଇଁ ଖଞ୍ଜାଯାଇ ଛ'କାଠ ଉଠିବା ପରେ ଦ୍ୱିତୀୟ ଭୂଇଁଖଞ୍ଜା ଆରମ୍ଭ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଭୂଇଁ କାମ ସରି ତୃତୀୟ ଭୂଇଁଖଞ୍ଜା ଚାଲିଥିବା ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କହିଛନ୍ତି। ତିନିରଥର ଚଉଦ ନାହାକା କାଠ ପ୍ରସ୍ତୁତି ସରିଛି। ବୁଧବାର ଏହା ରଥକୁ ଉଠିବ। ତାଳଧ୍ୱଜ ରଥର ରୂପକାର ପଞ୍ଚାନନ ମହାପାତ୍ର କହିଛନ୍ତି, ପଟାଗୁଜ ଖୋଦେଇ ଚାଲିଛି। ନାଟଗୋଡ଼ ଏବଂ ସିଂହାସନରେ ମଧ ଖୋଦେଇ କରାଯାଉଛି। ନନ୍ଦିଘୋଷ ରଥର ଚିତ୍ରକର ଦେବଦତ୍ତ ମହାରଣା କହିଛନ୍ତି, ରଥରେ ରଙ୍ଗ ଦିଆଯାଉଛି। ଚିତ୍ରକରମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଥର ପାର୍ଶ୍ୱଦେବଦେବୀ, ନର୍ତ୍ତକୀ, କନ୍ୟାପଟା, ହଂସପଟାରେ ରଙ୍ଗ ଦେଉଛନ୍ତି। ରଥଚକରେ ଧଳାରଙ୍ଗ ଦିଆଯାଇଛି। ପରେ ଅନ୍ୟ ରଙ୍ଗ ଦେଇ ଚିତ୍ରିତ କରାଯିବ। ଅନ୍ୟପକ୍ଷରେ ଦୋଳବେଦୀରେ କମାରସେବକମାନେ ଭୂଇଁକଣ୍ଟା ତିଆରି କରୁଛନ୍ତି। ପ୍ରଥମ ଭୂଇଁକଣ୍ଟା ତିଆରି ସରିବା ପରେ ଏବେ ଦ୍ୱିତୀୟ ଓ ତୃତୀୟ ଭୂଇଁକଣ୍ଟା ତିଆରି ଚାଲିଥିବା ତାଳଧ୍ୱଜ ରଥର କମାରସେବକ ଜଗନ୍ନାଥ ମହାରଣା କହିଛନ୍ତି।

■ ସିଦ୍ଧ ମହାବୀର ରେଲୱେ ଫ୍ଲାଏ ଓଭରବ୍ରିଜ ଦାବି ଜୋର ଧରିଲା

# ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ବାହାରିଲା ପଦଯାତ୍ରା

ପୁରୀ ଅଫିସ, ୨୫।୬

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ଼ରେ ସିଦ୍ଧ ମହାବୀର ରେଲୱେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ଦାବି ଜୋର ଧରିଛି। ଏ ନେଇ ମଙ୍ଗଳବାର ପୂର୍ବାହ୍ନ ୮ଟାରେ ପୁରୀ ସିଂହଦ୍ୱାର ନିକଟରୁ ଏକ ପଦଯାତ୍ରା ଦିଲ୍ଲୀ ଅଭିମୁଖେ ବାହାରିଛି। ଜନ ଜାଗରଣ ମଞ୍ଚ ଆବାହକ ଜ୍ୟୋତି ପ୍ରକାଶ ନାୟକଙ୍କ ନେତୃତ୍ୱରେ ଦିଲ୍ଲୀ ଯାଉଥିବା ଏହି ପଦଯାତ୍ରାରେ ଶତାଧିକ ଯୁବକ ସାମିଲ ହୋଇଛନ୍ତି। ଓଭରବ୍ରିଜ ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀଙ୍କୁ ୧ଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ଦିଆଯିବ। ଦୀର୍ଘଦିନ ଧରି ଏହି ଦାବି ହୋଇ ଆସୁଥିଲେ ମଧ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। କେବଳ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଛନ୍ତି। ଓଭରବ୍ରିଜ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନାୟକ ପ୍ରକାଶ କରିଛନ୍ତି।



ପୁରୀ ସିଂହଦ୍ୱାରଠାରୁ ଦିଲ୍ଲୀ ଅଭିମୁଖେ ବାହାରିଥିବା ପଦଯାତ୍ରା।

## ପ୍ରଧାନମନ୍ତ୍ରୀଙ୍କୁ ଦିଆଯିବ ୧ଲକ୍ଷ ଦସ୍ତଖତ ସମ୍ବଳିତ ପତ୍ର

ରେଳ ଫାଟକ ନିକଟରେ ଗାଡ଼ି, ଆମ୍ବୁଲାନ୍ସ ଆଦି ଦୀର୍ଘ ସମୟ ଧରି ଅଟକି ରହୁଥିବାରୁ ପର୍ଯ୍ୟଟକଙ୍କ ସମେତ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି। ଦୈନିକ ଏହି ଲାଇନ ଦେଇ ୫୦ରୁ ଊର୍ଦ୍ଧ୍ୱ ଟ୍ରେନ ଯାତାୟତ କରୁଛି। ଏଥିଯୋଗୁ ପ୍ରତି ୧୦ରୁ ୨୦ମିନିଟ୍‌ରେ ଫାଟକ ବନ୍ଦ ରହୁଛି। ଏହି ସମୟରେ ଉଭୟ ପଟୁ ୧କି.ମି. ବ୍ୟାପୀ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଜନ ଜାଗରଣ ମଞ୍ଚ ପକ୍ଷରୁ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଦାବି ନେଇ ପଦଯାତ୍ରା ଓ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି ବୋଲି ନାୟକ କହିଛନ୍ତି। ଗତ ୩ମାସ ହେଲା ରେଳ ଫାଟକ ଦେଇ ଯାତାୟାତ କରୁଥିବା ଲୋକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନିଆଯାଇଥିଲା। ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଜନତାଙ୍କ ଦସ୍ତଖତ ସଂଗ୍ରହ କରାଯାଇଛି। ଏହି ଦସ୍ତଖତ ସମ୍ବଳିତ ପତ୍ରକୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯିବ। ଉକ୍ତ ଫ୍ଲାଏ ଓଭରବ୍ରିଜ ନିର୍ମାଣ ହେଲେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କହିବାକୁ ସାହା କେହି ନାହିଁ**
**କା ଆଗେ କହିବି ଦୁଃଖ ?**
**ବାହା କରିବାକୁ ଯାହାକୁ ଡାକିଲି**
**ତାକୁ ନ ଲାଗିଲା ସୁଖ ।**

ଜୀବନରେ ଦୁଃଖ ଶୁଣିବାକୁ ଯେମିତି କେହି ନାହିଁ, ସୁଖର ମର୍ମ ବୁଝିବାକୁ ବି କାହାର ସ୍ପୃହା ନାହିଁ। ନିଃସଙ୍ଗ ନିଃସ୍ୱ ବ୍ୟକ୍ତି ସବୁକ୍ଷେତ୍ରରେ ନିଜକୁ ଅସହାୟ ମଣିବା ସହ ନିରାଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆସୁଥିଲା ପଦ ବାହୁଡ଼ି ଗଲା**
**ଥାଇ ଦେଢ଼ଶୁର ଅଡୁଆ କଲା ।**

ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାଏ। ତେବେ ପାଖରେ ଯଦି କେହି ଆତ୍ମୀୟ ଉପସ୍ଥିତ ରହିଥାନ୍ତି ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ନିଜ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ମିଳିତ ଶ୍ରମିକ ସଙ୍ଗଠନ ଏକତା ମଞ୍ଚ ଗଠିତ

# ଜିଲାପାଳଙ୍କୁ ୭ଦଫା ଦାବିପତ୍ର ପ୍ରଦାନ

ନୟାଗଡ଼ ଅଫିସ,୨୫।୬

ନୟାଗଡ଼ ଜିଲାରେ ଥିବା ସମସ୍ତ ଶ୍ରମିକ ସଙ୍ଗଠନ ମିଶି ମିଳିତ ଶ୍ରମିକ ସଙ୍ଗଠନ ଏକତା ମଞ୍ଚ ଗଠନ କରିଛନ୍ତି। ଏହି ସଙ୍ଗଠନ ଜିଲା ଶ୍ରମିକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଲକ୍ଷ୍ୟ ରଖିଥିବା ସଭାପତି ଶ୍ରୀକାନ୍ତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ମଙ୍ଗଳବାର ସଙ୍ଗଠନର ସଦସ୍ୟମାନେ ୭ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ଡା. ଏନ୍. ତିରୁମାଲା ନାୟକଙ୍କୁ ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ବିଗତ ଦିନରେ ବ୍ଲକରେ କ୍ୟାମ୍ପ କରାଯାଇ ସଂଗ୍ରହ କରାଯାଇଥିବା ଦରଖାସ୍ତଗୁଡ଼ିକ ଅନୁଧ୍ୟାନ କରି ନିର୍ମାଣ ଶ୍ରମିକ କାର୍ଡ଼ ପ୍ରଦାନ, ଜିଲା ଶ୍ରମ କାର୍ଯ୍ୟାଳୟରେ ପଡ଼ିରହିଥିବା ସହାୟତା ରାଶି ହିତାଧିକାରୀଙ୍କୁ ବଣ୍ଟନ ଅନ୍ୟତମ। ଦାବିପତ୍ର ପ୍ରଦାନ ବେଳେ ଶୂନ୍ୟଜୟୀ ମିଶ୍ର, ଦୁର୍ଯ୍ୟୋଧନ ହାତୀ, ସଞ୍ଜୟ କୁମାର ସାହୁ, ରଘୁନାଥ ମହାରଣା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସଙ୍ଗଠନର ସଦସ୍ୟମାନେ।

# ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

ରଣପୁର,୨୫।୬(ସ୍ୱ.ପ୍ର.)

ଶହୀଦ ରଘୁଦିବାକର ଆସୋସିଏଶନ୍ ଆନୁକୂଲ୍ୟରେ ରଣପୁରର ନବନିର୍ବାଚିତ ବିଧାୟକଙ୍କୁ ସ୍ଥାନୀୟ ପଞ୍ଚୁଦୋଳ ପଡିଆରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳା ଠାରୁ ଏକ ବିରାଟ ଶୋଭା ଯାତ୍ରାରେ ବିଧାୟକ ସତ୍ୟ ନାରାୟଣ ପ୍ରଧାନ (ବାଦଲ)ଙ୍କୁ ପଞ୍ଚୁଦୋଳ ପଡିଆକୁ ନିଆଯାଇଥିଲା। ଶହୀଦ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସଭାରେ ସଙ୍ଗୀତ କଳା ବିଦ୍ୟା ନିକେତନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ପ୍ରଧାନ, ଏନଏସି ଅଧ୍ୟକ୍ଷା ସବିତା ଦାସ, ରଘୁ ଦିବାକର ଆସୋସିଏଶନର ସଭାପତି ସୁରେଶ ଚନ୍ଦ୍ର ମିଶ୍ର ଅତିଥିଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସମିତି ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଧାୟକଙ୍କୁ ବିଜୁ ଯୁବ ସଭାପତି ମନୋରଞ୍ଜନ ଷଡ଼ଙ୍ଗୀ, ନଗର ସଭାପତି ସ୍ୱରାଜ ମହାନ୍ତି, ରଣପୁର ମଣ୍ଡଳ ଶିକ୍ଷା ବିଭାଗ, ଏନଏସି ଅଫିସର କର୍ମକର୍ତ୍ତା, ବିଭିନ୍ନ କାଉନସିଲର, ରଣପୁର କଲେଜ ଏବଂ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଏନଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ, ବନମାଳୀ ମହାପାତ୍ର, କିଶୋର ପଟ୍ଟନାୟକ, ସ୍ୱର୍ଣ୍ଣ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।



ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

SINGHANIA
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id -- document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203, 94858-27609

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075, 7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
Contact :- 8676907143, 9348274623

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
9078839971

See Color Display Classified on every Tuesday & Friday

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765, 8512004851

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444, 8860599820

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |
| *GST 5% Extra | | |


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସକଳ ସଙ୍କଟରୁ ପରିତ୍ରାଣ ଲାଭ ପାଇଁ ଏକମାତ୍ର ପଥ ନାମ ଜପ। ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର।
- ଶ୍ରୀଚୈତନ୍ୟ



# ଆସିଲାଣି ବର୍ଷା ଋତୁ: ମରାମତି ହେଉନି ନଦୀବନ୍ଧ

ନୟାଗଡ଼ ଅଫିସ,୨୫।୬

ନୟାଗଡ଼ ଜିଲା ଦେଇ ପ୍ରବାହିତ ହେଉଥିବା ଅନେକ ନଦୀବନ୍ଧ ବର୍ତ୍ତମାନ ମରାମତି ନ ହୋଇ ପଡ଼ିରହିଛି। ବର୍ଷା ଋତୁ ଆସୁଥିବାରୁ ନଦୀଜଳ କୂଳ ଖାଇ ବନ୍ଧରେ ଘାଇ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଜଳସେଚନ ବିଭାଗ ଏହି ଦାୟିତ୍ୱରେ ଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନେଇନାହିଁ। ଫଳରେ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅନ୍ୟପକ୍ଷେ ନଦୀବନ୍ଧ ମରାମତି ହୋଇ ନ ଥିବାରୁ ନଦୀକୂଳ ବାସିନ୍ଦା ବିପଦ ଆଶଙ୍କାରେ ରହିଛନ୍ତି।

ପ୍ରକାଶ ଯେ, ବର୍ତ୍ତମାନ ଜିଲାର ୭ଟି ସ୍ଥାନରେ ନାବାର୍ଡ ତରଫରୁ ନଦୀବନ୍ଧ ମରାମତି ଓ ପଥର ପ୍ୟାକିଂ କାମ ଚାଲୁଛି। ବର୍ଷାଋତୁ ପୂର୍ବରୁ କାମ ସରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ଅଧାପନ୍ତରିଆ ହୋଇରହିଛି। ଖଣ୍ଡପଡ଼ା ବ୍ଲକ ଚଣ୍ଡୀପ୍ରସାଦ ଗ୍ରାମ ଦେଇ ଯାଇଥିବା ଲୁଣିଝରା ନଦୀରେ ବର୍ତ୍ତମାନ ବିଭାଗ ଅଧା କାମ କରିଛି।



କୁସୁମୀ ନଦୀରେ କୌଣସି କାମ ହୋଇନାହିଁ।



ଲୁଣିଝରା ନଦୀରେ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି।

## ବିପଦ ଆଶଙ୍କାରେ ନଦୀକୂଳିଆ ଗାଁ ଲୋକେ

ଏଠାରେ ନଦୀବନ୍ଧ ଭାଙ୍ଗିଲେ ଗ୍ରାମକୁ ବିପଦ ରହିଛି। ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତ ଖେଡ଼ବାରଣା ଗ୍ରାମ ମୁଣ୍ଡରେ କୁସୁମୀ ନଦୀ ପ୍ରବାହିତ ହେଉଛି। ଉକ୍ତ ସ୍ଥାନରେ ମଧ୍ୟ ବିଭାଗ ପଥର ପ୍ୟାକିଂ କାର୍ଯ୍ୟ କରି ଛାଡ଼ିଦେଇଛି। ବର୍ତ୍ତମାନ ବର୍ଷାଋତୁ ଆସୁଥିବାରୁ ଆଉ କାର୍ଯ୍ୟ ଆଗେଇ ପାରିବ ନାହିଁ। ଏହି ନଦୀରେ ଉଛେଇ, ନାଗଝର ଓ ଅନ୍ଧାରୀ ଆଦି ଛୋଟ ନଦୀର ଜଳ ମିଶୁଛି। ଗ୍ରାମମୁଣ୍ଡ ଦେଇ ଯାଇଥିବା ନଦୀ ବନ୍ଧ ଦୁର୍ବଳ ଥିବାରୁ ପୂର୍ବବର୍ଷ ଭାଙ୍ଗି ଯାଇଥିଲା। ଚଳିତବର୍ଷ କାମ ଚାଲିଛି। ନଦୀରେ ବନ୍ୟା ଆସିଲେ କେବଳ ଖେଡ଼ବାରଣା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ ତା' ନୁହେଁ, ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତର ନାଟୁଗାଁ, ସାଲୁଣୀ, ସଜନାପଡ଼ା, ସୁବଳିଆ, ପାଲାଗୁଣ୍ଠୁଣୀ, ଖଣ୍ଡପଡ଼ା ବ୍ଲକର ଚଣ୍ଡୀପ୍ରସାଦ, ତୋଟାସାହି, ଅଳାମଡ଼ା ଆଦି ୧୦ ଖଣ୍ଡ ଗ୍ରାମର ପ୍ରାୟ ୧୫ହଜାର ଲୋକ ପ୍ରଭାବିତ ହେବେ। ଏହାସହ ପାଖାପାଖି ହଜାର ଏକରରୁ ଊର୍ଦ୍ଧ୍ୱ ଜମି ବାଲିଚର ହୋଇଯିବ। ସ୍ଥାନୀୟ ବ୍ୟକ୍ତିଙ୍କ କହିବା ଅନୁସାରେ ଦୁଇବର୍ଷ ତଳେ ନଦୀ ଜଳ ଆସି ଗ୍ରାମ ମୁଣ୍ଡରେ ବାଡ଼େଇ ହେବାରୁ ନଦୀବନ୍ଧ ଭାଙ୍ଗିଯାଇଥିଲା। ହେଲେ ନଦୀରେ ଅଧିକ ପାଣି ନ ଥିବାରୁ ଗ୍ରାମକୁ ବିପଦ ହେଲା ନାହିଁ। ଚଳିତବର୍ଷ ବନ୍ଧ କରାଯାଇଛି। ସେହିଭଳି ଠିକାଦାର ଭଲ କାମ କରିବା ବଦଳରେ ଅଳ୍ପ ମାଟି ପକାଇ ପଥର ପ୍ୟାକିଂ କରୁଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟ ସାରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ନୟାଗଡ଼ ଜଳସେଚନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ନାବାର୍ଡ ଦ୍ୱାରା ହେଉଥିବା ପଥର ପ୍ୟାକିଂ କାର୍ଯ୍ୟ ନଭେମ୍ବର କିମ୍ବା ଡିସେମ୍ବର ମାସରେ ସରିବ। ବର୍ଷା ଋତୁ ସୁଦ୍ଧା କାର୍ଯ୍ୟ ସରିବ ନାହିଁ। ତେଣୁ କାମର ଅବଧି ଥିବାରୁ ତାହାକୁ ଆମେ ସାରିବା ପାଇଁ ଠିକାଦାରଙ୍କୁ କହିପାରିବୁ ନାହିଁ। ସେହିଭଳି ଯେଉଁ ବନ୍ଧଗୁଡ଼ିକରେ ପଥର ପ୍ୟାକିଂ ହୋଇନାହିଁ ଆଗାମୀ ଦିନରେ ଅର୍ଥ ମଞ୍ଜୁର କରାଯାଇ ତାହା କରାଯିବ ବୋଲି ସେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଖଟ ବୁଲିବା ଘଟଣା
### ଗିରଫ ହେଲେ ଗୁଣିଆ



**ନୟାଗଡ଼ ଅଫିସ,୨୫।୬:** ନୟାଗଡ଼ ବ୍ଲକ ନଡ଼ିଆଳି ପଞ୍ଚାୟତ ଉଦୟପୁର ଗ୍ରାମରେ ଖଟ ବୁଲିବା ଘଟଣାରେ ସଦର ପୋଲିସ ମଙ୍ଗଳବାର ଗୁଣିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା କଳଙ୍ଗା ଗ୍ରାମର ଚନ୍ଦ୍ରମଣି ମଲ୍ଲିକ। ଏ ନେଇ ସଦର ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉଦୟପୁର ଗ୍ରାମରେ କିଛିଦିନ ତଳେ ଭଗବାନ ବେହେରାଙ୍କ ନାତିର ଏକୋଇଶିଆ ହୋଇଥିଲା। ଏହି ଅବସରରେ ପାଲା ହୋଇଥିଲା। ପାଲାରୁ କିଛି ଟଙ୍କା ଓ ଏକୋଇଶିଆ ପାଇଁ କିଛି ଉପହାର ମିଳିଥିଲା। ଉକ୍ତ ଟଙ୍କା ଓ ଉପହାର ଥିବା ବାକ୍ସକୁ କେହି ଚୋରି କରି ନେଇଥିଲେ। ପରେ ଗ୍ରାମରେ ବୈଠକ ବସି ଦୁଇ ଦୁଇଥର ଖଟ ବୁଲାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଗତ ଶନିବାର ପୁନର୍ବାର ଦୁଇଜଣ ଗୁଣିଆଙ୍କୁ ଡକାଇ ଗ୍ରାମବାସୀ ଖଟ ବୁଲାଇଥିବାବେଳେ ତାହା ଭଗବାନଙ୍କ ବଡ଼ଭାଇ ମାଧବଙ୍କ ଘରେ ଲାଗିଥିଲା। ତେଣୁ ଗ୍ରାମବାସୀ ମାଧବଙ୍କୁ ଚୋରିରେ ସମ୍ପୃକ୍ତ ଥିବା କହି ୧ ଲକ୍ଷ ୪୨ ହଜାର ଟଙ୍କା ଜରିମାନା କରିଥିଲେ। ମାଧବ ଏ ନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୧/୧୯ରେ ମାମଲା ରୁଜୁ କରିଥିଲା।

### ଟ୍ରକ୍ ଧକ୍କାରେ ମନ୍ଦିର ପୂଜକଙ୍କ ମୃତ୍ୟୁ

**ଦଶପଲ୍ଲା,୨୫।୬(ଡି.ଏନ.ଏ.):** ବାଣିଗୋଛା ଥାନା ଦୁର୍ଗାପ୍ରସାଦ ବଜାର ନିକଟରେ ମଙ୍ଗଳବାର ଏକ ଟ୍ରକ ଧକ୍କାରେ ଜଣେ ମନ୍ଦିର ପୂଜକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଅଧିକାରୀ ରଣା (୬୮)। ଦଶପଲ୍ଲା ଥାନା ଦେଉଳମାଳି ଗ୍ରାମର ଅଧିକାରୀ ବହୁବର୍ଷ ହେଲା ଦୁର୍ଗାପ୍ରସାଦ ଗ୍ରାମର ଶିବ ମନ୍ଦିରରେ ପୂଜକ ଭାବେ ସେବା କରିଆସୁଥିଲେ। ପୂର୍ବାହ୍ନରେ କୌଣସି କାର୍ଯ୍ୟରେ ସେ ବଜାରକୁ ଆସିଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଟ୍ରକ୍ ଓ ଡ୍ରାଇଭରଙ୍କୁ କାବୁ କରିବା ସହିତ ଗୁରୁତର ଅଧିକାରୀଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବାଣିଗୋଛା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଓ ଡ୍ରାଇଭରଙ୍କୁ ଅଟକ ରଖିଛି।

### ଶନିଶ୍ଚର ଦେବଙ୍କ ବାର୍ଷିକ ପ୍ରତିଷ୍ଠା ଦିବସ

**ଖଣ୍ଡପଡ଼ା,୨୫।୬(ସ୍ୱ.ପ୍ର.):** କଣ୍ଟିଲୋ ପାଣୁସାହୁ ପାଟଣାଠାରେ ଶନିଶ୍ଚର ଦେବଙ୍କ ୧୦ମ ବାର୍ଷିକ ମେଳା ଉତ୍ସବ ଏବଂ ବଟ ପିପ୍ପଳିଙ୍କ ବିବାହ ବାର୍ଷିକୀ ମଙ୍ଗଳବାର ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ମହିଳା ଓ ପୁରୁଷମାନେ ନୀଳମାଧବ ଜୀଉଙ୍କ ପାଦ ଦେଶରେ ପ୍ରବାହିତ ମହାନଦୀ ଘାଟରୁ କଳସରେ ଜଳପୂର୍ଣ୍ଣ କରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଶନିଶ୍ଚର ମନ୍ଦିର ପରିସରରେ ପହଞ୍ଚିଥିଲେ । ଯଜ୍ଞ ବେଦି ପରିସରରେ କଳସ ସ୍ଥାପନା ପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଅପରାହ୍ନ ସାଢ଼େ ୫ଟାରେ ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଯଜ୍ଞ ଦର୍ଶନ ପାଇଁ ସମାଗମ ହୋଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ପାଇଁ ବୃକ୍ଷ ରୋପଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ପ୍ରତି ବର୍ଷ ପାରମ୍ପରିକ ରୀତିରେ ବଟ ପିପ୍ପଳି ବୃକ୍ଷର ବିବାହ ଉତ୍ସବର ଆୟୋଜନ ସାଧାରଣରେ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିଛି। ଗ୍ରାମବାସୀଙ୍କ ପକ୍ଷରୁ ବାଲ୍ୟଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## ସରକାରୀ ବସ୍‌ର ଅନ୍‌ଲାଇନ ଟିକେଟ୍ ବୁକିଂ କାଉଣ୍ଟର ଦାବି

ଦଶପଲ୍ଲା,୨୫।୬ (ଡି.ଏନ.ଏ.)

ଓଡ଼ିଶା ସରକାରଙ୍କ ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବହୁ ହାଇଟେକ୍ (ଓଏସ୍‌ଆର୍‌ଟିସି) ବସ୍ ଚଳାଚଳ କରୁଛି। ଦଶପଲ୍ଲାର ମଧ୍ୟ ବହୁ ଯାତ୍ରୀ ଏହି ବସ୍ ଉପରେ ନିର୍ଭର କରିଥାନ୍ତି। ହେଲେ ଦଶପଲ୍ଲାରୁ ଫୁଲବାଣୀ ଯିବା ପାଇଁ ଟିକେଟ କାଟିଲେ ଅଧିକ ୪୦ରୁ ୫୦ ଟଙ୍କା ଦେବାକୁ ପଡୁଛି ବୋଲି କେତେକ ଯାତ୍ରୀ ଅଭିଯୋଗ କରିଛନ୍ତି। ଦଶପଲ୍ଲାରେ ସରକାରୀ ବସ୍‌ର ଅନ୍‌ଲାଇନ ଟିକେଟ୍ ବୁକିଂ କାଉଣ୍ଟର ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ସୂଚନାଯୋଗ୍ୟ ଦଶପଲ୍ଲାରୁ ଫୁଲବାଣୀ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯିବାକୁ ହେଲେ ନୟାଗଡରୁ ଟିକେଟ ବୁକିଂ କରିବାକୁ ପଡିଥାଏ। ଏଥିପାଇଁ ଯାତ୍ରୀଙ୍କୁ ଅଧିକ ୪୦/୫୦ ଟଙ୍କା ଦେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ଦଶପଲ୍ଲାଠାରେ ସରକାରୀ ବସ୍‌ର ଅନ୍‌ଲାଇନ ଟିକେଟ କାଉଣ୍ଟର ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଜବ ଢଙ୍ଗରେ ଠକେଇ

## ପକ୍କାଘର ଦେବାକୁ କହି ନେଇଗଲେ ସୁନାଚେନ୍, ଟଙ୍କା

ନୟାଗଡ଼ ଅଫିସ,୨୫।୬

ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଅଜବ ଢଙ୍ଗର ଠକେଇ ଘଟଣା ଦେଖିବାକୁ ମିଳିଥିଲା। ଜଣେ ଯୁବକ ପକ୍କା ଘର କରାଇଦେବାକୁ କହି ମହିଳାଙ୍କଠାରୁ ସୁନାଚେନ୍ ଓ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରେ ମହିଳା ଜଣକ ନିରୁପାୟ ହୋଇ ଜିଲାପାଳ ଓ ପୋଲିସରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ରଣପୁର ବ୍ଲକ ବାରଙ୍ଗଗାଡ଼ିଆ ଗ୍ରାମର ମମତା ଛୁଆଳସିଂଙ୍କ ସ୍ୱାମୀ ସୁରଟରେ ରହି କାର୍ଯ୍ୟ କରୁଥିବାବେଳେ ସେ ପିଲାମାନଙ୍କୁ ଧରି ଗ୍ରାମରେ ରୁହନ୍ତି। ମଙ୍ଗଳବାର ସକାଳ ୮ଟାରେ ଜଣେ ଯୁବକ ନିଜକୁ ଏକତାଳ ଗ୍ରାମର କହି ମମତାଙ୍କ ପାଖରେ ପହଞ୍ଚିଥିଲେ। ତୁମର ବିଜୁ ପକ୍କା ଘର ଯୋଜନାରେ କୋଠାଘର ଆସିଛି, ଘର ପାଇଁ ତୁମକୁ ୨ ଲକ୍ଷ ୩୦ ହଜାର ଟଙ୍କା ମିଳିବ, ସେଥିପାଇଁ ଜିଲପାଳଙ୍କ କାର୍ଯ୍ୟାଳୟରେ କିଛି ଲାଞ୍ଚ ଦେବାକୁ ପଡ଼ିବ ବୋଲି ଯୁବକ କହିଥିଲେ। ମମତା କେତେ ଟଙ୍କା ପଚାରିବାରୁ ସେ ୨୦ରୁ ୩୦ ହଜାର ଟଙ୍କା ବୋଲି କହିଥିଲେ। ତାଙ୍କ ପାଖରେ ଏତେ ଟଙ୍କା ନାହିଁ ବୋଲି ମମତା କହିବାରୁ ଯୁବକ ଜଣକ ତୁମ ପାଖରେ ଯାହା ଟଙ୍କା ଅଛି ଆଣ ଆଉ କିଛି ସୁନା ଜିନିଷ ଧରି ଆସିଲେ ବିକ୍ରି କରି ଟଙ୍କା ଦେବା ବୋଲି କହିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଝିଅ ସହ ମମତା।

ପରେ ମମତା ଓ ତାଙ୍କ ଝିଅ ବୁଲବୁଲି ଯୁବକଙ୍କ ବାଇକ୍‌ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳଙ୍କ ଅଫିସ ପରିସରରେ ପଡ଼ିଥିବା ବେଞ୍ଚରେ ବସି ଯୁବକ ଜଣକ ବୁଲବୁଲିଙ୍କୁ ରାଶନ କାର୍ଡ଼ ଓ ଭୋଟର କାର୍ଡ଼ର ଜେରକ୍ସ କରି ଆଣିବା ପାଇଁ କହିଥିଲେ। ବୁଲବୁଲି ଏହାକୁ ଜେରକ୍ସ କରିବା ପାଇଁ ବଜାରକୁ ଯାଇଥିଲେ। ଏହି ସମୟରେ ଯୁବକ ଜଣକ ଭିତରେ ଟଙ୍କା ଓ ସୁନାଚେନ୍ ଦେବାକୁ କହି ମମତାଙ୍କଠାରୁ ୩୨୦୦ ଟଙ୍କା ଓ ପାଖାପାଖି ୧.୫ ଭରିର ସୁନାଚେନ୍ ନେଇ ଯାଇଥିଲେ। ପରେ ସେ ବାହାରକୁ ଆସି ବାଇକ୍‌ରେ ଯାଉଥିବା ସମୟରେ ବୁଲବୁଲି କୁଆଡ଼େ ଯାଉଛ ବୋଲି ପଚାରିଥିଲେ। ଯୁବକ ଜଣକ ଷ୍ଟାମ୍ପପେପର ପାଇଁ ପାଖ ଦୋକାନକୁ ଯାଉଥିବା କହିଥିଲେ। ବୁଲବୁଲି ଆସି ମା'ଙ୍କୁ ପଚାରିବାରୁ ସେ ଯୁବକଙ୍କୁ ଟଙ୍କା ଓ ସୁନାଚେନ୍ ଦେଇଥିବା କହିଥିଲେ। ପରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ଯୁବକଙ୍କ ଦେଖା ମିଳି ନ ଥିଲା। ଟଙ୍କା, ସୁନା ହରାଇଥିବା ମହିଳାଙ୍କଠାରେ କାନ୍ଦିବା ଛଡା ଅନ୍ୟ ଉପାୟ ନ ଥିଲା। ଏହାଦେଖି ଜଣେ ବ୍ୟକ୍ତି ତାଙ୍କୁ ଆଶ୍ୱାସନା ଦେଇଥିଲେ। ପରେ ଏ ନେଇ ମମତା ଲିଖିତ ଭାବେ ଜିଲାପାଳ ଓ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଜୟଦୀପ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେହିଭଳି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ଯୁବକଙ୍କୁ ଗିରଫ କରାଯିବ ବୋଲି ସେ ସୂଚନା ଦେଇଥିଲେ।

## ପାଇଥିବା ଟଙ୍କା ଫେରାଇଲେ ଯୁବକ

ନୟାଗଡ଼ ଅଫିସ,୨୫।୬

ଜଣେ ଯୁବକ କୌଶଳ କରି ମହିଳାଙ୍କଠାରୁ ଟଙ୍କା, ସୁନା ଠକିନେଇଥିବା ବେଳେ ଏହାର ବିପରୀତ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକ ଟଙ୍କା ପାଇ ନିଜେ ରଖିବା ପରିବର୍ତ୍ତେ ଥାନାରେ ଦେଇଛନ୍ତି। ନୟାଗଡ଼ ଓଲଡ଼ଟାଉନର ଯୁବକ ଦେବାଶିଷ ପାତ୍ର ପୂର୍ବାହ୍ନ ୧୦ଟା ସମୟରେ ବଜାରକୁ ଆସୁଥିବା ବେଳେ ମାଉସୀ ମା' ଛକଠାରେ କିଛି ଟଙ୍କା ରବରରେ ବନ୍ଧା ହୋଇ ପଡ଼ିଥିବା ଦେଖିଥିଲେ। ପରେ ଏହାକୁ ଗଣିବାରୁ ୫୮୦୦ ଟଙ୍କା ବୋଲି ଜାଣିବାକୁ ପାଇଥିଲେ। ଅପରାହ୍ନରେ ଏହି ଟଙ୍କା ନେଇ ସେ ଟାଉନ ଥାନାରେ ଦେଇଥିଲେ। ସେ ଏହାକୁ ନିଜ ଫେସବୁକ୍‌ରେ ମଧ୍ୟ ପୋଷ୍ଟ କରିଛନ୍ତି। ଯାହାର ଉକ୍ତ ଟଙ୍କା ହୋଇଥିବ ଟାଉନ ଥାନରେ ଜଣାଇ ତାହା ଆଣିବା ପାଇଁ ସେ ଲେଖିଛନ୍ତି। ଉକ୍ତ ଟଙ୍କା ଯାହାର ସେ ପ୍ରମାଣ ଦେଖାଇ ନେଇପାରିବେ ବୋଲି ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି କହିଛନ୍ତି।

## ଓମ୍ ଶାନ୍ତି ଭଉଣୀଙ୍କୁ ତହସିଲଦାରଙ୍କ ଗାଳିଗୁଲଜ ଅଭିଯୋଗ

ଓଡ଼ଗାଁ,୨୫।୬(ସ୍ୱ.ପ୍ର.)

ଓଡ଼ଗାଁ ତହସିଲ ଅନ୍ତର୍ଗତ ସୁନାମୁହିଁଠାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ବା ଓମ୍‌ଶାନ୍ତି ଆଶ୍ରମ ବିବାଦକୁ ନେଇ ତହସିଲଦାର ଓ ତିନିଜଣ ଓମ୍‌ଶାନ୍ତି ଭଉଣୀଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହୋଇଛି। ସୂଚନା ଅନୁସାରେ ଓମ୍ ଶାନ୍ତି ଆଶ୍ରମ ଦଖଲକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ଏହାକୁ ନେଇ ସ୍ଥାନୀୟ ତହସିଲଦାରଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ଗତବର୍ଷ ଡିସେମ୍ବର ମାସରେ ଉଭୟ ପକ୍ଷଙ୍କୁ ଆଶ୍ରମ ପ୍ରବେଶ ଅଧିକାର ଥିବା ତହସିଲଦାର ତାଙ୍କ କୋର୍ଟ ରାୟରେ ପ୍ରକାଶ କରିଥିଲେ। ହେଲେ ସେହିଦିନଠାରୁ ୨ୟ ପକ୍ଷରେ ଥିବା କୌଶଲ୍ୟା ପାଣିଙ୍କ ସମେତ ଭଉଣୀମାନେ ଚାବି ପାଉ ନ ଥିବାରୁ ଆଶ୍ରମ ଭିତରକୁ ପ୍ରବେଶ କରିପାରୁ ନ ଥିଲେ। ସେମାନେ ଏ ନେଇ ବାରମ୍ବାର ସ୍ଥାନୀୟ ଥାନା ଓ ତହସିଲ ଅଫିସକୁ ଦୌଡୁଥିଲେ। ମଙ୍ଗଳବାର ଥାନା ଅଧିକାରୀଙ୍କୁ ଭେଟିଲା ପରେ ତହସିଲଦାରଙ୍କୁ ଭେଟିବାକୁ ଯାଇଥିଲେ। ତହସିଲଦାରଙ୍କ କୋର୍ଟ ରାୟକୁ ନେଇ କୁଆଡେ ସେମାନଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ତହସିଲଦାର ସେମାନଙ୍କୁ ଗାଳିଗୁଲଜ କରି ଅଫିସରୁ ବାହାର କରିଦେଇଥିବା ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ସେ କହିଥିଲେ, କାର୍ଯ୍ୟାଳୟ ଭିତରେ ତାଙ୍କ କୋର୍ଟ ରାୟ ସମ୍ପର୍କରେ ଓମ୍ ଶାନ୍ତି ଭଉଣୀମାନଙ୍କ ସହ ଯୁକ୍ତିତର୍କ ହେଉଥିବାବେଳେ ଅଫିସ ବାହାରେ ଏହାର ଫଟୋ ଉତ୍ତୋଳନ କରୁଥିବା ଜଣେ ଯୁବକଙ୍କୁ ସେ ଶୁଟିଂ ବନ୍ଦ କରିବାକୁ ତାଗିଦ୍ କରିବା ସହିତ କବାଟ ବନ୍ଦ କରିଦେଇଥିଲେ। ହେଲେ ଓମ୍ ଶାନ୍ତି ଭଉଣୀମାନଙ୍କୁ ସେ ବାହାରକରି ନ ଥିବା କହିଛନ୍ତି। ନ୍ୟାୟ ପାଇବା ନିମନ୍ତେ ଓମ୍ ଶାନ୍ତି ଭଉଣୀମାନେ ଜିଲାପାଳ, ଏସ୍‌ପି ଓ ଶରଣକୁଳ ଏସ୍‌ଡିପିଓଙ୍କୁ ଭେଟି ଦରଖାସ୍ତ କରିଥିବା ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପୂର୍ବତନ ବିଧାୟକଙ୍କ ସହାୟତା

ରଣପୁର,୨୫।୬(ସ୍ୱ.ପ୍ର.)

ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ଗତ ମାସ ୩ ତାରିଖରେ ଓଡିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ବହୁ ସଂଗଠନ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ସେହିପରି ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ରଣପୁରର ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ୧ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କୁ ସହାୟତା ଦେଉଛନ୍ତି ପୂର୍ବତନ ବିଧାୟକ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅବହେଳିତ ବାତରା ମଠ

ଅଜୟ କୁମାର ମହାରଣା
ଖଣ୍ଡପଡ଼ା,୨୫।୬

ନୟାଗଡ ଜିଲା ଖଣ୍ଡପଡା ବ୍ଲକଠାରୁ ମାତ୍ର ୧୨କି.ମି.ଦୂର ପୂର୍ବ-ଦକ୍ଷିଣ ନୟାଗଡ଼ ଜିଲା ସୀମାନ୍ତରେ ଅବସ୍ଥିତ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ମହୁଲପଡା ଗ୍ରାମ। ଏହି ଗ୍ରାମର ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଥିବା ବାତରା ମୁଣ୍ଡିଆ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇ ନ ଥିଲେ ମଧ୍ୟ ଏହା ଏକ ପର୍ଯ୍ୟଟନ କ୍ଷେତ୍ର ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ । ବୋଲଗଡ, ନୟାଗଡ ଓ ଖଣ୍ଡପଡା ବ୍ଲକ ସୀମାନ୍ତକୁ ଲାଗି ବହୁ ପ୍ରାଚୀନ ବାତରା ମଠ(ରଘୁନାଥ ଜୀଉ) ପରିସରରେ ଥିବା ପ୍ରାକୃତିକ ଝରଣା,ସବୁଜ ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଖଣ୍ଡପଡା ଦେବୋତ୍ତର ବିଭାଗ ଅଧୀନରେ ନ ଥିବା ଏହି ପୀଠର ଉନ୍ନତି ପାଇଁ କେବଳ ମଠ ନିକଟସ୍ଥ ମହୁଲପଡା ଗ୍ରାମବାସୀ ପ୍ରୟାସ ଜାରି ରଖିଛନ୍ତି । ପାହାଡ ଉପରେ ଥିବା ଏହି ମଠର ରକ୍ଷଣା ବେକ୍ଷଣ କରିବା ଗ୍ରାମବାସୀଙ୍କ ପକ୍ଷେ ଅସମ୍ଭବ ହୋଇ ପଡୁଛି । ଏହି ପୀଠକୁ ବିଭିନ୍ନ ପର୍ବ ପର୍ବାଣି ଯଥା ରାମ ନବମୀ, ପ୍ରତି ସଂକ୍ରାନ୍ତି ଓ ଗିରି ଗୋବର୍ଦ୍ଧନ ପୂଜା ସମୟରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆସୁଥିବା ବେଳେ ନୂଆ ବର୍ଷରେ ଶତାଧିକ ପର୍ଯ୍ୟଟକ ଦୂର ଦୂରାନ୍ତରୁ ଏଠାକୁ ବଣ ଭୋଜି କରିବାକୁ ଆସିଥାନ୍ତି। ଜିଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କ ଏହି ପୀଠ ସମ୍ପର୍କରେ ଜାଣିବା ସମ୍ଭବ ହେଉନାହିଁ। ଏହି ମଠରେ ରାମ, ଲକ୍ଷ୍ମଣ ଓ ମାତା ଜାନକୀଙ୍କ ବିଗ୍ରହ ପୂଜା ପାଉଛନ୍ତି । ଗ୍ରାମଠାରୁ ପ୍ରାୟ ଏକ କିଲୋମିଟର ଦୂର ପାହାଡ ଉପରେ ରଘୁନାଥ ଜୀଉଙ୍କ ବିଗ୍ରହ ଓ ନବ ନିର୍ମିତ ହନୁମାନ ଜୀଉଙ୍କ ମୂର୍ତ୍ତି ପୂଜା ପାଉଥିଲେ ମଧ୍ୟ ପାହାଡ ଉପରକୁ ସୁଗମ ରାସ୍ତା ନ ଥିବାରୁ ସେଠାକୁ ଯିବା କଷ୍ଟକର ହୋଇ ପଡୁଛି । ଗତ ୧୦ ବର୍ଷ ପୂର୍ବେ ଦିଲ୍ଲୀରୁ ଆସିଥିବା ଜାହ୍ନବୀ ବାଈ ଓ ମହାତ୍ମା ଆଦେଶାନନ୍ଦ ନାମକ ୨ଜଣ ମହନ୍ତ ଏହି ମଠରେ ରହି ପ୍ରଭୁଙ୍କ ସେବା କରୁଥିବା ବେଳେ ବିଭିନ୍ନ ଅଭାବ ଅସୁବିଧାରେ ଗତି କରୁଥିବା ଏହି ମଠର ପରିଚାଳନା କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇ ପଡିଥିଲା । ଫଳରେ ସଂପୃକ୍ତ ମହନ୍ତମାନେ ୭ବର୍ଷ ପୂର୍ବରୁ ଉକ୍ତ ପୀଠଛାଡି ଅନ୍ୟତ୍ର ଚାଲି ଯାଇଛନ୍ତି । ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ମହୁଲପଡା ଗ୍ରାମର ପ୍ରଫୁଲ୍ଲ ନାୟକ ସମ୍ପ୍ରତି ଏ ପୀଠର ମହନ୍ତ ଭାବରେ କାର୍ଯ୍ୟ ପରିଚାଳନା କରୁଛନ୍ତି ।



ମଠରେ ଥିବା ଶ୍ରୀଜୀଉଙ୍କ ବିଗ୍ରହ।



ପାହାଡ଼ ଉପରେ ଶୁଖିଲା ପଡ଼ିଥିବା ପୁଷ୍କରିଣୀ ଓ କୂଅ।

■ମିଳିନି ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା
■ଦେବୋତ୍ତର ବିଭାଗ ଅଧୀନରେ ନାହିଁ ମଠ
■ମହୁଲପଡ଼ା ଗ୍ରାମବାସୀ କରୁଛନ୍ତି ରକ୍ଷଣାବେକ୍ଷଣ

ଏହି ପୀଠ ସମ୍ପର୍କରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କୁହନ୍ତି ଏଠାରେ ଏକ ଗୁମ୍ଫା ରହିଥିଲା ଯେଉଁଠାରେ ବହୁ ମୁନି ଋଷି ବାସ କରୁଥିଲେ । ଗୁମ୍ଫା ମଧ୍ୟରେ ଏକ ଗହ୍ୱର ଥିବା ଓ ପ୍ରତି ସଂକ୍ରାନ୍ତି ମଧ୍ୟରାତ୍ରରେ ରଘୁନାଥଜୀଉଙ୍କ ଅନତି ଦୂର ପାହାଡ ପାଖରୁ ଖୋଳ,ତାଳ ତଥା ସଂକୀର୍ତ୍ତନ ହେଉଥିବା ଶବ୍ଦ ଶୁଣିବାକୁ ମିଳେ ବୋଲି ମଠ ଦାୟିତ୍ୱରେ ଥିବା ମହନ୍ତ କୁହନ୍ତି। ଠିକ୍ ସେହିପରି ରଘୁନାଥ ଜୀଉ ଆଞ୍ଚଳିକ କମିଟିର ସଦସ୍ୟ ଅବସରପ୍ରାପ୍ତ ଶିକ୍ଷକ ଭଗବାନ ପ୍ରଧାନ, ବୀର କିଶୋର ସ୍ୱାଇଁ, କାର୍ତ୍ତିକ ପୃଷ୍ଟି, ଅନାଦି ଚରଣ ସ୍ୱାଇଁ, ବିପିନ ବିହାରୀ ପୃଷ୍ଟି, ଗଦାଧର ପ୍ରଧାନ, ଦୁର୍ଯ୍ୟୋଧନ ପୃଷ୍ଟି, ଯୋଗେନ୍ଦ୍ର ପାତ୍ର, ରବୀନ୍ଦ୍ର ବେହେରା, ଶରତ ଚନ୍ଦ୍ର ନାୟକ, ମକରଧ୍ୱଜ ବେହେରାଙ୍କ ସମେତ ଅନ୍ୟାନ୍ୟ ଗ୍ରାମର କେତେକ ଲୋକ ମଧ୍ୟ ଘଟଣାର ସତ୍ୟତା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ପୀଠ ପାଇଁ ସରକାରଙ୍କ କୌଣସି ଅନୁଦାନ ମିଳୁ ନ ଥିବାରୁ ଉକ୍ତ ପୀଠଟି ଅବହେଳିତ ଅବସ୍ଥାରେ ପଡିରହିଛି । ମହୁଲପଡାବାସୀ ପ୍ରତି ମାସରେ ଠାକୁର ତଥା ମଠ ପରିଚାଳନା ପାଇଁ ମାତ୍ର ୧୪ କିଲୋ ଚାଉଳ ଓ ୪ଶହ ଟଙ୍କା ଦେଉଥିବା ବେଳେ ମଠର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିବା ମହନ୍ତ ନିୟମିତ ଗାଁକୁ ଗାଁ ବୁଲି ଭିକ୍ଷା କରି ଯାହା ଆଣନ୍ତି ସେଥିରେ କଷ୍ଟେ ମଷ୍ଟେ ପୂଜା ନୀତି ସମ୍ପନ୍ନ ହୋଇଥାଏ । ମାତ୍ର ତାହା ସବୁବେଳେ ସମ୍ଭବ ହୋଇ ନ ଥିବା ମହନ୍ତ ନାୟକ ସୂଚନା ଦେଇଥିଲେ। ପାହାଡ ଉପରେ ଥିବା ମଠକୁ ସବୁ ଦିନିଆ ରାସ୍ତାଟିଏ ନ ଥିବା ବେଳେ ପାଣି ଓ ବିଜୁଳି ଯୋଗାଣର ବ୍ୟବସ୍ଥା ହୋଇ ନାହିଁ । ଗ୍ରାମବାସୀ ପାହାଡ ଉପର ମଠ ସାମନାରେ ଏକ ପୋଖରୀ ଖନନ କରିଥିବା ବେଳେ କେବଳ ବର୍ଷା ଦିନେ ପାଣିମୁନ୍ଦେ ଦେଖିବାକୁ ମିଳିଥାଏ । ମାତ୍ର ଅନ୍ୟ ଋତୁରେ ସମ୍ପୂର୍ଣ୍ଣ ଶୁଖିଲା ପଡିଥିବା ପରିଲକ୍ଷିତ ହୋଇଥାଏ । ପୋଖରୀ ମଧ୍ୟରେ ଏକ କୂପ ଖନନ କରାଯାଇଥିବା ବେଳେ ସେ ପାଣି ପାନୀୟ ଉପଯୋଗୀ ନୁହେଁ। ତେଣୁ ଏଠାରେ ପାଣି ବିନା ନାନା ସମସ୍ୟା ଦେଖା ଦେଉ ଥିବାରୁ ଏକ ନଳ କୂଅ ଖନନର ଆବଶ୍ୟକତା ରହିଛି। ମଠ ନିକଟରେ ପ୍ରାକୃତିକ ଝରଣା ବହି ଯାଉଥିବା ବେଳେ ପାହାଡିଆ ରାସ୍ତାରେ ସେଠାକୁ ଯିବା କଷ୍ଟକର ହୋଇଥାଏ। ଗ୍ରାମବାସୀ ମିଳିତ ଭାବରେ ପାହାଡ ଉପରକୁ ରାସ୍ତା ନିର୍ମାଣ କରିଛନ୍ତି । ଏହି ରାସ୍ତାଟି ବର୍ଷାଦିନରେ ପାହାଡରୁ ପାଣି ଆସି ରାସ୍ତାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛି । ରଘୁନାଥ ଜୀଉ ଆଞ୍ଚଳିକ କମିଟିର ସଦସ୍ୟ ଅବସରପ୍ରାପ୍ତ ଶିକ୍ଷକ ଭଗବାନ ପ୍ରଧାନ ଏବଂ ଅନ୍ୟ ସଦସ୍ୟ କୁହନ୍ତି ଜିଲା ପ୍ରଶାସନ ଏହି ପୀଠ ପ୍ରତି ଆଦୌ ଦୃଷ୍ଟି ଦେଉ ନାହିଁ। ରାଜନେତାମାନେ ଖାଲି ପ୍ରତିଶ୍ରୁତି ଦେଇ ଯାଆନ୍ତି। ଗତ ୨୦୧୧-୧୨ରେ ପାହାଡ ଉପରେ ଥିବା ପୋଖରୀ ଖନନ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ହେଲେ କାମ ଠିକ ଭାବରେ କରା ନ ଯାଇ ବିଲ୍ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ବାତରା ମଠ ପାଖକୁ ରହିଥିବା ବାତରା ଜଙ୍ଗଲକୁ ମହୁଲପଡା, ଦରଦା, କୁଆହରା, ଜଗନ୍ନାଥପ୍ରସାଦ, ପାଟ ଚଣ୍ଡୀ ପ୍ରସାଦ, କୁମୁଟିସାହି, ମାଣିକାଗୋଡା, ଗୋବର୍ଦ୍ଧନପୁର ଆଦି ୮ ଅଞ୍ଚଳର ଗ୍ରାମବାସୀ ଜଙ୍ଗଲ ସୁରକ୍ଷା କମିଟି କରି ପରିବେଶକୁ ସୁରକ୍ଷିତ ରଖିଥିବା ବେଳେ ଏହି ପରିବେଶ ମଧ୍ୟରେ ଅନେକ ବନ୍ୟ ଜନ୍ତୁ ବାରହା, କୁଟୁରା, ମୟୂର, ଭାଲୁ ଆଦି ବନ୍ୟପ୍ରାଣୀ ବାସ କରୁଥିବା ଜଣାପଡିଛି । ତେବେ ଏଭଳି ଏକ ସୁନ୍ଦର ସବୁଜିମା ପରିବେଶ ମଧ୍ୟରେ ଥିବା ଅବହେଳିତ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ତଥା ବିକାଶ ଦିଗରେ ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।